NITIDIN
# ନିତିଦିନ
RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
SATURDAY
13 SEPTEMBER 2025
ଶନିବାର
୧୩ ସେପ୍ଟେମ୍ବର ୨୦୨୫
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 120 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୧୨୦ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

# ଆଜି ମଣିପୁର ଆସୁଛନ୍ତି ମୋଦୀ

## ହିଂସା ପରେ ପ୍ରଥମଥର ପାଦ ରଖିବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୧୨।୯/ଏଜେନ୍ସି:**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେପ୍ଟେମ୍ବର ୧୩ ଅର୍ଥାତ୍ ଆସନ୍ତାକାଲି ଜାତିଆଣ ହିଂସା ଅଧ୍ୟୁଷିତ ମଣିପୁର ଅଭିମୁଖେ ଗସ୍ତ କରିବେ । ଏଠାରେ ପ୍ରଧାନମନ୍ତ୍ରୀ ପ୍ରାୟ ୮୫୦୦ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ତଥା ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି । ତେବେ ମେ’ ୨୦୨୩ରୁ ମଣିପୁର

**କରିବେ ୮୫୦୦ କୋଟି ବ୍ୟୟବରାଦିତ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ**

ଅଶାନ୍ତ ହୋଇପଡ଼ିବା ପରଠାରୁ ପ୍ରଧାନମନ୍ତ୍ରୀ କିମ୍ବା କେନ୍ଦ୍ର ସରକାରଙ୍କ କୌଣସି ବଡ଼ ମନ୍ତ୍ରୀ କିମ୍ବା ନେତା ଏଠାକୁ ଆସିନାହାନ୍ତି । ସିଧାସଳଖ କହିଲେ ମଣିପୁର ହିଂସା ପରେ ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଥମ ମଣିପୁର ଗସ୍ତ ହେବାକୁ ଯାଉଛି । ମଣିପୁରରେ କୁକି ଏବଂ ମୈତେଇ ଜନଜାତି ମଧ୍ୟରେ ସାମ୍ପ୍ରଦାୟିକ ଦଙ୍ଗା ତଥା ହିଂସାକାଣ୍ଡ ମଣିପୁରକୁ ଅଶାନ୍ତ କରିଦେଇଥିଲା । ସମୟକ୍ରମେ ଏଠାରେ ପ୍ରାୟ ଉଭୟ ଗୋଷ୍ଠୀ ପକ୍ଷରୁ ମୃତ ସଦସ୍ୟଙ୍କ ସଂଖ୍ୟା ୨୬୦କୁ ବୃଦ୍ଧି ପାଇଥିଲା ।




ତେବେ ଗତ କିଛି ମାସ ମଧ୍ୟରେ ଉଭୟ ସମ୍ପ୍ରଦାୟ ମଧ୍ୟ କୌଣସି ହିଂସାକାଣ୍ଡ ଘଟିନାହିଁ । ମଣିପୁରକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି । ସୁତରାଂ ମଣିପୁରରେ ଏବେ କିଛି ମାତ୍ରାରେ ଶାନ୍ତି ରହିଛି ।

ଦିନକ ପୂର୍ବେ ମଣିପୁର ମୁଖ୍ୟ ସଚିବ ପୁନିତ କୁମାର ଗୋୟଲ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ମଣିପୁର ଗସ୍ତ ଏଠାରେ ଶାନ୍ତି ଓ ବିକାଶର ପଥ ପ୍ରଶସ୍ତ କରିବ । ପ୍ରଧାନମନ୍ତ୍ରୀ ଶନିବାର ମିଜୋରାମର ରାଜଧାନୀ ଆଇଜଲ୍‌ରୁ ବାହାରି ମଧ୍ୟାହ୍ନ ୧୨:୩୦ ସୁଦ୍ଧା ମଣିପୁରର ଚୁଡ଼ାଚାନ୍ଦପୁର ଠାରେ ପହଞ୍ଚିବେ । ସର୍ବପ୍ରଥମେ ଚୁଡ଼ାଚାନ୍ଦପୁରରେ ସେ ବିସ୍ଥାପିତ ଲୋକଙ୍କ ସହିତ ଆଲୋଚନା କରିବେ ଏବଂ ୭୩୦୦ କୋଟି ଟଙ୍କା ବ୍ୟୟବରାଦିତ ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ କରିବେ । ସେହିପରି ଅପରାହ୍ଣ ପ୍ରାୟ ୨:୩୦ମିନିଟ୍ ସମୟରେ ସେ ମୈତେଇ ବହୁଳ ଇମ୍ଫାଲ୍‌ର ୧୨୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ଏକ ସାଧାରଣ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ ।

ଏସବୁ ମଧ୍ୟରେ ଆଉ ଏକ ବଡ଼ ଖବର ସାମ୍ନାକୁ ଆସିଛି । ମୋଦୀଙ୍କ ମଣିପୁର ଗସ୍ତର ଦୁଇ ଦିନ ପୂର୍ବରୁ ଅର୍ଥାତ୍ ଗୁରୁବାର ଉଖ୍ରୁଲ ଜିଲ୍ଲା ଫୁଙ୍ଗ୍ୟାର ନିର୍ବାଚନମଣ୍ଡଳୀର ଅନ୍ୟୁନ ୪୩ ବିଜେପି ସଦସ୍ୟ ସମୂହ ଇସ୍ତଫା ଦେଇଛନ୍ତି । ଦଳ ଭିତରେ ଚାଲିଥିବା କାର୍ଯ୍ୟକୁ ନେଇ ସେମାନେ ଅତ୍ୟନ୍ତ ଚିନ୍ତିତ । ତୃଣମୂଳସ୍ତରର ନେତାଙ୍କ ପ୍ରତି ଦଳରେ ସମ୍ମାନ ନାହିଁ କି ସେମାନଙ୍କ ସହ ପରାମର୍ଶ କରାଯାଉନଥିବା ଅଭିଯୋଗ ପୂର୍ବକ ସେମାନେ ଇସ୍ତଫା ଦେଇଛନ୍ତି । ନାଗାବହୁଳ ଏହି ନିର୍ବାଚନମଣ୍ଡଳୀରେ ଇସ୍ତଫା ଦେଇଥିବା ବିଜେପି ସଦସ୍ୟଙ୍କ ମଧ୍ୟରେ ମଣ୍ଡଳ ସଭାପତି, ମହିଳା, ଯୁବ ଓ କିଷାନ ମୋର୍ଚ୍ଚା ମୁଖ୍ୟ ପ୍ରମୁଖ ରହିଛନ୍ତି ।

ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ ପ୍ରଧାନମନ୍ତ୍ରୀ ମୋଦୀ ସେପ୍ଟେମ୍ବର ୧୩ରୁ ୧୫ପର୍ଯ୍ୟନ୍ତ ୨ ଦିନିଆ ଗସ୍ତରେ ବିଭିନ୍ନ ରାଜ୍ୟକୁ ଗସ୍ତ କରିବେ, ଯେଉଁଥିରେ ମିଜୋରାମ, ମଣିପୁର, ଆସାମ, ପଶ୍ଚିମବଙ୍ଗ ଏବଂ ବିହାର ଭଳି ରାଜ୍ୟଗୁଡ଼ିକ ସାମିଲ ରହିଛନ୍ତି । ତେବେ ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ମିଜୋରାମରୁ ଆରମ୍ଭ ହେବ । ପ୍ରଧାନମନ୍ତ୍ରୀ ଆଇଜଲରେ ୯,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନେକ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବେ । ▶▶ ୫

# ଲାଞ୍ଚନେଇ ଧରାପଡ଼ିଲେ ତହସିଲଦାର

## ୨୦୧୯ରେ ହୋଇଥିଲେ ଓଏଏସ୍ ଟପ୍ପର୍



**କଟକ,୧୨।୯/ଏନ୍‌ଏନ୍‌ଏସ୍:**

ଲାଞ୍ଚନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ସମ୍ବଲପୁର ଜିଲ୍ଲା ବାମରା ତହସିଲଦାର ଅଶ୍ୱିନୀ କୁମାର ପଣ୍ଡା । ତହସିଲଦାର ଶ୍ରୀ ପଣ୍ଡା ୨୦୧୯ରେ ଓଏଏସ୍ ଟପ୍ପର୍ ହୋଇଥିଲେ ।

ସୂଚନା ମୁତାବକ ବାମରା ବ୍ଲକ ଗୋବିନ୍ଦପୁର ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କର ଏକ ଜମି ମ୍ୟୁଟେସନ୍ ଓ କିସମ ପରିବର୍ତ୍ତନ ପାଇଁ ଆବେଦନ କରିଥିଲେ । ତେବେ ଏହି କାମ କରିବା ପାଇଁ ଲାଞ୍ଚ ମାଗିଥିଲେ ତହସିଲଦାର ଶ୍ରୀ ପଣ୍ଡା । ଏନେଇ ଉକ୍ତ ବ୍ୟକ୍ତି ଜଣଙ୍କ ସମ୍ବଲପୁର ଭିଜିଲାନ୍ସରେ ଅଭିଯୋଗ କରିଥିଲେ । ଯୋଜନା ପ୍ରକାରେ ଶୁକ୍ରବାର ପୂର୍ବାହ୍ଣ ପ୍ରାୟ ୧୧ଟା ବେଳେ ଅଭିଯୋଗକାରୀ ୧୫ ହଜାର ଟଙ୍କା ନେଇ ତହସିଲଦାର ଅଶ୍ୱିନୀ କୁମାର ପଣ୍ଡାଙ୍କୁ ଦେଇଥିଲେ । ତହସିଲଦାର ଲାଞ୍ଚ ଅର୍ଥ ଗ୍ରହଣ କରିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ । ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି । ତହସିଲଦାର ଶ୍ରୀ ପଣ୍ଡାଙ୍କ ସହିତ ତାଙ୍କ ଡ୍ରାଇଭର୍ ପ୍ରବୀଣ କୁମାରଙ୍କୁ ନେଇ ଅଧିକ ପଚରାଉଚରା କରାଯିବା ସହ ଡ୍ରାଇଭର ପ୍ରବୀଣ କୁମାରଙ୍କୁ ଗିରଫ କରିଛି ଭିଜିଲାନ୍ସ । ତାଙ୍କ ମାଧ୍ୟମରେ ଲାଞ୍ଚ ନେଇଥିଲେ ତହସିଲଦାର । ଲାଞ୍ଚ ନେଇ ଧରାପଡ଼ିବା ପରେ ଅଶ୍ୱିନୀ କୁମାର ପଣ୍ଡାଙ୍କ ଭୁବନେଶ୍ୱରର ମେ’ ଫେୟାର୍ ରୋଡ୍‌ସ୍ଥିତ ବାସଭବନରେ ଚଢ଼ଉ କରାଯାଇଥିଲା । ସେଠାରୁ ଭିଜିଲାନ୍ସ ୪.୭୩ ଲକ୍ଷ ଟଙ୍କା ଜବତ କରିଛି । ଚଢ଼ଉ ଜାରି ରହିଥିବା ଜଣାପଡ଼ିଛି ।

### ଭିଜିଲାନ୍ସ ଜାଲରେ ଶ୍ରମ ଅଧିକାରୀ



**ନୟାଗଡ଼,୧୨।୯/ଏନ୍‌ଏନ୍‌ଏସ୍:**

ଶ୍ରମ କାର୍ଡ କରାଇ ଦେବା ପାଇଁ ଲାଞ୍ଚ ନେଉଥିବା ବେଳେ ନୟାଗଡ଼ ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ଜଣେ ବ୍ୟକ୍ତିଙ୍କଠାରୁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଛି । ବିରୁଡ଼ା ଗାଁର ଶ୍ରମିକ ନେତା ଭୁବନ ଚାନ୍ଦ ହାତୀଙ୍କ ଠାରୁ ସେ ୬ ହଜାର ଟଙ୍କା ଲାଞ୍ଚନେବା ବେଳେ ଧରାପଡ଼ିଥିଲେ । ଶ୍ରମ ଅଧିକାରୀ ଶ୍ରୀ ରାଉତ ଗୋଟିଏ ଶ୍ରମ କାର୍ଡ ପିଛା ୩୦୦ ଟଙ୍କା ଲେଖାଏଁ ଲାଞ୍ଚ ▶▶ ୫

# ଆଇଏଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ

**ଭୁବନେଶ୍ୱର,୧୨।୯/ଏନ୍‌ଏନ୍‌ଏସ୍:**

ଆଇଏଏସ୍ ସ୍ତରରେ ଛୋଟ ଅଦଳବଦଳ ହୋଇଛି । ବିଜୟ ଅମୃତ କୁଲାଙ୍ଗେ ପଶୁପାଳନ ଓ ପଶୁ ଚିକିତ୍ସା ସେବା ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଥିବା ବେଳେ ଅଞ୍ଜନା ପଣ୍ଡାଙ୍କୁ ଆୟୁଷ ନିର୍ଦ୍ଦେଶିକା ଭାବେ ବଦଳି ହୋଇଛି ।

**ଅଞ୍ଜନା ପଣ୍ଡାଙ୍କୁ ଆୟୁଷ ନିର୍ଦ୍ଦେଶିକା, କୁଲାଙ୍ଗେ ପଶୁପାଳନ ବିଭାଗ ନିର୍ଦ୍ଦେଶକ**

ଏନେଇ ଶୁକ୍ରବାର ରାଜ୍ୟ ସାଧାରଣ ପ୍ରଶାସନ ବିଭାଗରେ ବିଜ୍ଞପ୍ତି ପ୍ରକାଶ ପାଇଛି । ଅବକାରୀ କମିଶନର ପି. ଅନ୍ୱେଷା ରେଡ୍ଡୀ ଆଇଜିଆର୍ କଟକର ଅତିରିକ୍ତ ଦାୟିତ୍ୱ ତୁଲାଇବେ । ସେହିପରି ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ପଛୁଆ ବର୍ଗ ବିକାଶ ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ପରମଜିତ୍ ନାୟକଙ୍କୁ ଅବସ୍ଥାପିତ କରାଯାଇଛି । ତେବେ ବିଜୟ ଅମୃତ କୁଲାଙ୍ଗେ ପଶୁପାଳନ ଓ ପଶୁ ଚିକିତ୍ସା ସେବା ନିର୍ଦ୍ଦେଶକ ସହ ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ ।

**ଏକ୍ ପେଡ୍ ମା’ କେ ନାମ୍ ୨.୦**

# ଅଭିଯାନରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ



**ଭୁବନେଶ୍ୱର,୧୨।୯/ଏନ୍‌ଏନ୍‌ଏସ୍:**

ଏକ୍ ପେଡ୍ ମା’ କେ ନାମ୍ ୨.୦ ଅଭିଯାନ’ । ପରିବେଶ, ପ୍ରକୃତି ଧରିତ୍ରୀ ମା’ର ସୁରକ୍ଷା ପାଇଁ ଏକ ଦୃଢ଼ ସଂକଳ୍ପ । ଓଡ଼ିଶାରେ ୭୫ ଲକ୍ଷ ଚାରାରୋପଣର ମହତ ଲକ୍ଷ୍ୟ ନେଇ ୧୭ ସେପ୍ଟେମ୍ବର ୨୦୨୫ରେ ଆୟୋଜିତ ▶▶ ୫

**ରାଜ୍ୟବାସୀଙ୍କୁ ମିଳିବ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା**

# କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଆରମ୍ଭ ହେବ ଟ୍ରମା କେୟାର୍ ୟୁନିଟ୍

**ଭୁବନେଶ୍ୱର,୧୨।୯/ଏନ୍‌ଏନ୍‌ଏସ୍:**

ରାଜ୍ୟବାସୀଙ୍କୁ ମିଳିବ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା । ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଆଯାଉଛି ଅନେକ ପଦକ୍ଷେପ । ତେବେ କ୍ୟାପିଟାଲ୍ ହସ୍ପିଟାଲ୍ ପିଜିଆଇଏମ୍‌ଇଆର୍ ସମେତ ରାଜ୍ୟରେ ଅନେକ ସ୍ଥାନରେ ନବନିର୍ମିତ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଛି । ଯାହାକୁ ନେଇ ଆଖପାଖ ଜିଲ୍ଲାର ଅନେକ ଲୋକମାନେ ସ୍ୱାସ୍ଥ୍ୟ ସେବାରେ ଲାଭବାନ ହୋଇପାରିବେ । ଆସନ୍ତା ୧୭ ତାରିଖରେ ସାରା ଭାରତରେ ନୂତନ ଟ୍ରମା କେୟାର୍ ସେଣ୍ଟର୍ ଶୁଭାରମ୍ଭ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରରେ ଟ୍ରମା କେୟାର୍ ସେଣ୍ଟର୍ ପ୍ରସ୍ତୁତ ହୋଇରହିଛି । ଭର୍ଚୁଆଲ୍ ମୋଡ୍‌ରେ ଟ୍ରମା କେୟାର୍ ୟୁନିଟ୍ ଓ ଅନ୍ୟାନ୍ୟ ବିଭାଗକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ ବୋଲି ସୂଚନା




ମିଳିଛି । ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସ । ଏହି ଅବସରରେ ରାଜ୍ୟବାସୀଙ୍କୁ ଗୁଣାତ୍ମକ ଓ ଅତ୍ୟାଧୁନିକ ଚିକିତ୍ସା ଭେଟିଦେବେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି । ହସ୍ପିଟାଲ୍ ପରିସର ଏନେଇ ଜୋରଦାର୍ ଚାଲିଛି ପ୍ରସ୍ତୁତି । ୨୦୨୨ ମସିହାରେ କ୍ୟାପିଟାଲ୍ ହସ୍ପିଟାଲ୍ ପରିସରରେ ୮୫ କୋଟି ଟଙ୍କା ବ୍ୟୟ ଅଟକଳରେ ୫ ମହଲା ବିଶିଷ୍ଟ ଟ୍ରମା କେୟାର୍ ୟୁନିଟ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ବର୍ତ୍ତମାନ ଏହି ସେଣ୍ଟର୍ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ସେଠାରେ ମୋଟ ୨୦୦ ଶଯ୍ୟା ରହିଛି । ଏହି ୟୁନିଟ୍‌ରେ ଅସ୍ଥିଶଲ୍ୟ, ସର୍ଜରୀ, ମଡ୍ୟୁଲାର୍ ଓଟି, ପ୍ଲାଷ୍ଟିକ୍ ସର୍ଜରୀ, ନିଶ୍ଚେତକ ବିଭାଗ ଓ ବିଭିନ୍ନ ରୋଗୀ ୱାର୍ଡ ରହିଛି । ୪ଟି ଜରୁରୀକାଳୀନ ଓଟିର ବ୍ୟବସ୍ଥା ରହିବ । ୮ ଶଯ୍ୟା ବିଶିଷ୍ଟ ଟ୍ରମା ଆଇସିୟୁରେ ରେଡିଓ ଡାଇଗ୍ନୋଷ୍ଟିକ୍ ଚିକିତ୍ସା ସେବା ମିଳିବ । ଟ୍ରମା କେୟାର୍ ସେଣ୍ଟର୍‌ରେ ୪ଟି ଫ୍ଲୋର୍ ରହିଛି । ଯେଉଁଥିରେ ଆଇସିୟୁ ମଧ୍ୟରେ ୧୨୦ ଜଣ ରୋଗୀଙ୍କ ପାଇଁ ଦୈନିକ ଚିକିତ୍ସା ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ ବିଭାଗରେ ▶▶ ୫

**ନେପାଳକୁ ମିଳିଲା ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ**

# ଶପଥ ନେଲେ ସୁଶୀଳା କାର୍କି

**କାଠମାଣ୍ଡୁ, ୧୨।୯/ଏଜେନ୍ସି:**

ଶେଷରେ ନେପାଳକୁ ମିଳିଛି ନୂଆ ପ୍ରଧାନମନ୍ତ୍ରୀ । ଦେଶର ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ ସୁଶୀଳା କାର୍କି ଶୁକ୍ରବାର ଶପଥ ଗ୍ରହଣ କରିଛନ୍ତି । ଏଥିସହ ସୁଶୀଳା କାର୍କି ନେପାଳର ପ୍ରଥମ ମହିଳା ଅନ୍ତରୀଣ ପ୍ରଧାନମନ୍ତ୍ରୀ ହେବାର ଆଉ ଏକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ଏହାପୂର୍ବରୁ ସେ ନେପାଳର ପ୍ରଥମ ମହିଳା ମୁଖ୍ୟ ବିଚାରପତି ହେବାର ମଧ୍ୟ ଗୌରବ ହାସଲ କରିଥିଲେ । ତେବେ ଶୁକ୍ରବାର ରାତିରେ ରାଷ୍ଟ୍ରପତି ଭବନ ଶୀତଳ ନିବାସରେ ରାଷ୍ଟ୍ରପତି ▶▶ ୫



# ବଜ୍ରପାତରେ ୩ ମୃତ, ଜଣେ ଆହତ

**ରାୟଗଡ଼ା,୧୨।୯/ଏନ୍‌ଏନ୍‌ଏସ୍:**

ରାୟଗଡ଼ା ବ୍ଲକ ବିଷ୍ଣୁଗୁଡ଼ା ଗ୍ରାମରେ ଶୁକ୍ରବାର ବଜ୍ରପାତରେ ଜଣେ ମହିଳାଙ୍କ ସମେତ ୩ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି ଏବଂ ଜଣେ ମହିଳା ଗୁରୁତର ଭାବେ ଆହତ ହୋଇଛନ୍ତି । କପା ବାଡ଼ିରେ କାମ କରୁଥିବା ସମୟରେ ବଜ୍ରପାତ ହୋଇଥିଲା । ମୃତକଙ୍କ ମଧ୍ୟରେ ବିଷ୍ଣୁଗୁଡ଼ା ଗ୍ରାମର ମହିଳା କପା ଚାଷୀ ସମ୍ବାରୀ ପିଡ଼ିକା ଜଣା ପଡ଼ିଥିଲା ବେଳେ ଅନ୍ୟ ୨ଜଣ ଶ୍ରମିକଙ୍କ ପରିଚୟ ମିଳିପାରିନାହିଁ । ଆହତ ମହିଳାଙ୍କୁ ତୁରନ୍ତ ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନିଆଯାଇଛି ।

# ପୁଣି ଲଘୁଚାପ, ୧୫ ଯାଏ ବର୍ଷା

**ଭୁବନେଶ୍ୱର,୧୨।୯/ଏନ୍‌ଏନ୍‌ଏସ୍:**

ସୃଷ୍ଟିହେଲା ଲଘୁଚାପ । ପଶ୍ଚିମ କେନ୍ଦ୍ରୀୟ ଓ ପାର୍ଶ୍ୱବର୍ତ୍ତୀ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଶୁକ୍ରବାର ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପକୂଳରେ ଲଘୁଚାପ ସକ୍ରିୟ ରହିଛି । ଦକ୍ଷିଣ ଓଡ଼ିଶା ଓ ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଉପରେ ସକ୍ରିୟ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଆଜି ସକାଳେ ଲଘୁଚାପ ସୃଷ୍ଟି ହୋଇଛି । ତେବେ ଲଘୁଚାପ ପ୍ରଭାବରେ ୧୫ ତାରିଖ ଯାଏ ବର୍ଷା ଥିବା ବେଳେ ଆଗାମୀ ୪୮ ଘଣ୍ଟା ପ୍ରବଳ ବର୍ଷା ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜଣାପଡ଼ିଛି । ବିଶେଷ କରି ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ସାରା ରାଜ୍ୟରେ ଝଟକା ପବନ ୩୦-୪୦ କିମି ବେଗରେ ବହିବ । ଆଜି ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ବଜ୍ରପାତ ଓ ଝଡ଼ି ପବନ ପାଇଁ ୨ ଜିଲ୍ଲା ମାଲକାନଗିରି ଓ କୋରାପୁଟକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ସେହିପରି ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ ରାୟଗଡ଼ା, ନବରଙ୍ଗପୁର, ଗଜପତି, ଗଞ୍ଜାମ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଏହାସହ ଅନ୍ୟସବୁ ଜିଲ୍ଲାରେ ମଧ୍ୟମ ଧରଣର ବର୍ଷା, ବିଜୁଳି ଘଡ଼ଘଡ଼ି ସହ ଝଟକା ପବନ ୩୦-୪୦ କିମି ବେଗରେ ବହିବାର ସମ୍ଭାବନା ରହିଛି । ଆସନ୍ତାକାଲି (୧୩ ତାରିଖ)ରେ କୋରାପୁଟ, ମାଲକାନଗିରି, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରେ ▶▶ ୫

**ମନି ଲଣ୍ଡରିଂ ମାମଲା**

# ଅର୍ଚ୍ଚନା ନାଗଙ୍କ ଘର ସିଲ୍

**ଭୁବନେଶ୍ୱର,୧୨।୯/ଏନ୍‌ଏନ୍‌ଏସ୍:**

ଅର୍ଥ କାରବାରକୁ ନେଇ ଦୁଇ ବର୍ଷ ପୂର୍ବରୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ଅର୍ଚ୍ଚନା ନାଗଙ୍କ ଘରେ ପୁଣି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରେଡ୍ କରିଛି । ଇଡିର ସ୍ୱତନ୍ତ୍ର ଟିମ୍ ପକ୍ଷରୁ ଅର୍ଚ୍ଚନାଙ୍କ ଘରେ ଥିବା ଜିନିଷପତ୍ର ଯାଞ୍ଚ ସହ ଶୁକ୍ରବାର ଏହାକୁ ସିଲ୍ କରାଯାଇଛି । ଇଡି ଅର୍ଚ୍ଚନାଙ୍କୁ ପୂର୍ବରୁ ନୋଟିସ୍ ଜାରି କରି ଘର ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଶୁକ୍ରବାର ସତ୍ୟବିହାରସ୍ଥିତ ଜି +୨ ବିଲ୍ଡିଂକୁ ମନି ଲଣ୍ଡରିଂ ଆଇନ -୨୦୦୨ ଆଧାରରେ ଆଟାଚ୍ କରିଛି । ଅର୍ଚ୍ଚନା ନାଗ ଏହି ଘଟଣାରେ ଉପସ୍ଥିତ ନଥିଲେ, କିନ୍ତୁ ତାଙ୍କ ପିତା ଏବଂ ଅନ୍ୟାନ୍ୟ ପରିବାର ସଦସ୍ୟମାନେ ଘରରେ ଉପସ୍ଥିତ ଥିଲେ । ଅର୍ଚ୍ଚନା ନାଗଙ୍କ ବିରୋଧରେ ଏହି ମାମଲା ୨୦୨୨ରୁ ଚାଲିଆସୁଛି । ତାଙ୍କ ଉପରେ ହନିଟ୍ରାପ୍ ଏବଂ ବ୍ୟବସାୟିକ ଅପହରଣର ଅଭିଯୋଗ ଲଗାଯାଇଛି । ଏହି ଘଟଣାରେ ଇଡି ପୂର୍ବରୁ ବି ଆକ୍ସନ ନେଇଥିଲା ଏବଂ ଏବେ ଘରକୁ ସିଲ୍ କରିବା ଦ୍ୱାରା ମାମଲାରେ ନୂଆ ଟ୍ୱିଷ୍ଟ ଆସିଛି ।

ସୂଚନାଯୋଗ୍ୟ, ଅର୍ଚ୍ଚନା ଓ ଅନ୍ୟମାନଙ୍କ ବିରୋଧରେ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜା ନୟାପଲ୍ଲୀ ଥାନାରେ ଏତଲା ଦେଇଥିଲେ । ଆଇପିସିର



**ସତ୍ୟନଗରସ୍ଥିତ ଜି +୨ ବିଲ୍ଡିଂ ଆଟାଚ୍**


ବିଭିନ୍ନ ଦଫା ସହ ଆଇଟି ଆକ୍ଟରେ ପୁଲିସ ଅର୍ଚ୍ଚନା ଓ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲା । ଏଥିସହ ଖଣ୍ଡଗିରି ଥାନାରେ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ଏତଲା ଆଧାରରେ ଅର୍ଚ୍ଚନା ଓ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା । ୨୦୨୨, ଅକ୍ଟୋବର ୬ରେ ଅର୍ଚ୍ଚନା ଗିରଫ ହୋଇ ଜେଲ୍ ଯାଇଥିଲେ । ଅର୍ଚ୍ଚନାଙ୍କ ବେଆଇନ ▶▶ ୫

**ରୌପ୍ୟନଗରୀ କଟକ ସହରରେ ଚହଟିଲାଣି ପାର୍ବଣର ବାସ୍ନା**

# ଏଥର ଚମକିବ ୩୬ ଚାନ୍ଦି ମେଢ଼

**କଟକ,୧୨।୯/ଏନ୍‌ଏନ୍‌ଏସ୍:**

ବିଘ୍ନବିନାଶକ ପ୍ରଭୁ ଶ୍ରୀଗଣେଶଙ୍କ ପୂଜାଠାରୁ ଆରମ୍ଭ ହୁଏ ପାର୍ବଣ ଋତୁ । କଟକ ସହରରେ ଦ୍ୱିତୀୟ ପର୍ଯ୍ୟାୟ ଗଣେଶ ଭସାଣି ଶେଷ ହୋଇଥିଲା ବେଳେ ଆସନ୍ତା ରବିବାର ତୃତୀୟ ତଥା ଶେଷ ପର୍ଯ୍ୟାୟ ଭସାଣି ଅନୁଷ୍ଠିତ ହେବ । ତେବେ ଦୁଇ ପର୍ଯ୍ୟାୟ ଗଣେଶ ପୂଜା ଭସାଣି ଯେଭଳି ଯାକଜମକରେ ଏଥର ପାଳିତ ହୋଇଛି ତାକୁ ପରଖିଲେ ଶାରଦୀୟ ଦୁର୍ଗାପୂଜା ବେଶ୍ ଜମିବ ବୋଲି ଅନୁମାନ କରାଯାଇପାରେ । ଗଣେଶ ପୂଜା ପରେ କଟକ ସହରର ସମସ୍ତ ପୂଜା କମିଟି ତତ୍ପର ହୋଇ ଉଠି ଶାରଦୀୟ ଦୁର୍ଗାପୂଜା ପାଇଁ । ଏଥର ବି ସେପରି ହୋଇଛି । କଟକ ନଗର ପୂଜା କମିଟି, ଶାନ୍ତି କମିଟି, ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପକ୍ଷରୁ ପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ହଜାର ବର୍ଷର ସହର କଟକରେ ଶାରଦୀୟ ପୂଜାକୁ ସ୍ମରଣୀୟ କରିବା ପାଇଁ ପୂଜା କମିଟିଗୁଡ଼ିକ ଅଣ୍ଟାଭିଡ଼ି କାମରେ ଲାଗିଯାଇଛନ୍ତି । ପୁଣ୍ୟତୋୟା ମହାନଦୀ ଓ କାଠଯୋଡ଼ି କୂଳରୁ ମାଟି ଉଠିଥିଲା ବେଳେ ମୃଣ୍ମୟ ମୂର୍ତ୍ତି ଗଢ଼ିବାରେ ଲାଗି ପଡ଼ିଛନ୍ତି କାରିଗର । କେତେକ ସ୍ଥାନରେ ମୂର୍ତ୍ତିଗୁଡିକ ଏକମାଟିଆ ହୋଇ ସାରିଥିବା ବେଳେ ଆଉ



କେତେକ ସ୍ଥାନରେ ସରିଲାଣି ଦୋମାଟିଆ କାର୍ଯ୍ୟ । ସେହପରି ପ୍ରମୁଖ ପୂଜା କମିଟିଗୁଡ଼ିକ ତୋରଣ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି । ଏଥିପାଇଁ ଏବେ ଚାଲିଛି ବାଉଁଶ କଟା କାର୍ଯ୍ୟକ୍ରମ । ଆସନ୍ତା ୨୨ତାରିଖ ଠାରୁ ମା’ଙ୍କ ପୀଠରେ ଶାରଦୀୟ ନବରାତ୍ରୀ ଆରମ୍ଭ ହେଉଛି । ଚଳିତବର୍ଷ ୧୭୬ ମଣ୍ଡପରେ ପୂଜା ପାଇବେ ମା’ ଦୁର୍ଗା ଓ ଶିବପାର୍ବତୀ । କଟକ ମହାନଗର ଅଞ୍ଚଳରେ ଚଳିତବର୍ଷ ୧୭୬ଟି ମେଢ଼ରେ ପୂଜା

**୧୭୬ ମଣ୍ଡପରେ ପୂଜା ପାଇବେ ମା’ ଦୁର୍ଗା ଓ ଶିବପାର୍ବତୀ**

**ଗୋପାଳଜିଉ ଲେନ୍ ମଠସାହି ଓ ଯୋବ୍ରାରେ ନୂଆକରି ଚାନ୍ଦି, ତେଲେଙ୍ଗାବଜାର ଓ ବୟାଳିଶମୌଜାରେ ପିତ୍ତଳ ଓ ରାଉସପାଟଣାରେ କାଚ ମେଢ଼**

ହେବ । ହଜାର ବର୍ଷର ଐତିହ୍ୟ ସମ୍ପନ୍ନ ସହର ବାଉନ ବଜାର, ତେପନ ଗଳିର ସହର କଟକର ଗର୍ବ ଓ ଗୌରବ ହେଉଛି ବିଶ୍ୱ ପ୍ରସିଦ୍ଧ ତାରକସୀ କାର୍ଯ୍ୟ ଓ ଶାରଦୀୟ ପୂଜା । ପୂର୍ବରୁ କଟକ ସହର କେବଳ ମାତ୍ର କେତୋଟି ଚାନ୍ଦି ମେଢ଼କୁ ନେଇ ଦୀର୍ଘ ବର୍ଷ ଗର୍ବ କରି ଆସୁଥିଲା । ଏବେ କିନ୍ତୁ ସେ ଅବସ୍ଥା ନାହିଁ । ନିୟମିତ ବ୍ୟବଧାନରେ ବର୍ଷକୁ ବର୍ଷ ବଢ଼ୁଛି ଚାନ୍ଦିମେଢ଼ ସଂଖ୍ୟା । ଗତବର୍ଷ କଟକରେ ୩୪ ଚାନ୍ଦିମେଢ଼ ନିର୍ମାଣ କରାଯାଇଥିଲା । ଏଥର ଏହି ତାଲିକାରେ ଗୋପାଳଜିଉ ଲେନ୍ ମଠସାହି ଓ ଯୋବ୍ରା ଯୋଡ଼ି ହୋଇଯାଇଛି । ଅର୍ଥାତ୍ ଚଳିତବର୍ଷ କଟକର ଦୁର୍ଗାପୂଜାରେ ୩୬ଟି ଚାନ୍ଦି ମେଢ଼ ଶୋଭାବର୍ଦ୍ଧନ କରିବ । ଏତଦ୍ ବ୍ୟତୀତ ତେଲେଙ୍ଗାବଜାର ଓ ବୟାଳିଶମୌଜାରେ ପିତ୍ତଳ ଏବଂ ରାଉସପାଟଣାରେ କାଚ ମେଢ଼ ନିର୍ମାଣ କରାଯାଇଛି । ଅପରପକ୍ଷେ ଅନେକ ମେଢ଼ରେ ସୁନା ବ୍ୟବହାର ମଧ୍ୟ ହୋଇଛି । ମଙ୍ଗଳବାଗ ଓ ଚୌଧୁରୀ ବଜାର ସୁନା ମେଢ଼ ଆଡ଼କୁ ଗତି କରୁଛି । ସେହିପରି ଜରିମେଢ଼ କାରୀଗରମାନେ ମଧ୍ୟ ମେଢ ତିଆରିରେ ଲାଗି ପଡ଼ିଛନ୍ତି । ଶହେରୁ ଅଧିକ ପୂଜାମଣ୍ଡପରେ ଶୋଭାପାଇବ ଜରି ଓ ଜମ୍ଭୁରାରେ ସୂକ୍ଷ୍ମ କାରୁକାର୍ଯ୍ୟ ଭରା ସୁନେଲି, ରୁପେଲି ମେଢ଼ । ଶରତରେ କାଶତଣ୍ଡୀର ସମ୍ଭାର ପାଇଁ ଏବେ ଧରଣୀ ହସୁଛି । କାଠଯୋଡ଼ି ଓ ମହାନଦୀର ପଠାରେ କାଶତଣ୍ଡୀ ଫୁଲ ସୁଲୁସୁଲୁ ପବନରେ ଦୋଳିଖେଳୁ ଥିଲା ବେଳେ ମା’ଦୁର୍ଗାଙ୍କ ଆବାହନ ପାଇଁ ପୂଜା ମଣ୍ଡପଗୁଡ଼ିକରେ ପ୍ରସ୍ତୁତି ଜୋର୍ ଧରିଛି । ଶାରଦୀୟ ପୂଜା ପାଇଁ ହଜାର ବର୍ଷର କଟକ ସହର ଚଳଚଞ୍ଚଳ ହୋଇଉଠିଛି । ରୌପ୍ୟନଗରୀ କଟକ ସହରରେ ଏବେ ପାର୍ବଣର ବାସ୍ନା ଚହଟିଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

# ବିବେକାନନ୍ଦ କେନ୍ଦ୍ରରେ ବିଶ୍ୱ ଭ୍ରାତୃତ୍ୱ ଦିବସ

**ବ୍ରହ୍ମପୁର,୧୨।୯/ଏନ୍‌ଏନ୍‌ଏସ୍:** ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ବ୍ରହ୍ମପୁର ଶାଖା ପକ୍ଷରୁ ବିଶ୍ୱ ଭ୍ରାତୃତ୍ୱ ଦିବସ ସ୍ଥାନୀୟ ଗଞ୍ଜାମ କଳା ବିକାଶ ପରିଷଦ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିବେକାନନ୍ଦ କେନ୍ଦ୍ରର ଅଖିଳ ଭାରତୀୟ ସମ୍ପାଦକ ଭାନୁଦାସ ଜୀ, ବକ୍ତା ରୂପେ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ବ୍ରହ୍ମପୁର ଶାଖାର ନଗର ସଞ୍ଚାଳକ ଡ. ତାରା ପ୍ରସାଦ ଦାଶ ମଞ୍ଚାସୀନ ଥିଲେ। ପ୍ରଫେସର ଲକ୍ଷ୍ମୀ ନାରାୟଣ ନାୟକ ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡ. ତାରା ପ୍ରସାଦ ଦାଶ ବିବେକାନନ୍ଦ କେନ୍ଦ୍ରର ପରିଚୟ ଓ ଏହାର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ବିଶ୍ୱ ଭ୍ରାତୃତ୍ୱ ଦିବସର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଶ୍ରୀ ଭାନୁଦାସ ଜି ତାଙ୍କ ବକ୍ତବ୍ୟରେ ସ୍ୱାମୀ ବିବୋନନ୍ଦଙ୍କ ବ୍ୟକ୍ତିତ୍ୱ ଓ ବାର୍ତ୍ତା ଆଲୋଚନା କରିବା ସହ ସମସ୍ତ ହିନ୍ଦୁ ସଂଗଠିତ ହେବା ଓ ହିନ୍ଦୁତ୍ୱକୁ ନେଇ ଗର୍ବ କରିବା ଆବଶ୍ୟକ ବୋଲି କହିଥିଲେ। ଏହି ଉତ୍ସବରେ ଉଦ୍ଦିଷ୍ଟ ଜାଗ୍ରତ ପ୍ରତିଯୋଗିତାର କୃତି ବିଦ୍ୟାର୍ଥୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଡ. ଶଙ୍କର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଲିଆରେ ଦୁର୍ଗାପୂଜା ଉପଲକ୍ଷେ ଶୁଭଖୁଣ୍ଟି ସ୍ଥାପନ

**ବୁଗୁଡା,୧୨।୯/ଏନ୍‌ଏନ୍‌ଏସ୍:** ବୁଗୁଡା ବ୍ଲକ ଗୋଲିଆ ଗ୍ରାମର ବଡସାହିରେ ମା’ ଦୁର୍ଗାଙ୍କ ସପ୍ତମୀ ପୂଜା ଉପଲକ୍ଷେ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମବାସୀଙ୍କ ଦ୍ୱାରା ବାଦ୍ୟ ବାଜଣା ସହ ଶୁଭଖୁଣ୍ଟିକୁ ଗ୍ରାମ୍ୟ ପରିକ୍ରମା ପୂର୍ବକ ପ୍ରସ୍ତାବିତ ଦୁର୍ଗା ମଣ୍ଡପଠାରେ ସ୍ଥାପନ କରାଯାଇଛି। ଉକ୍ତ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମରେ ପୁରୋହିତ ବିଭୁତି ଭୂଷଣ ହୋତା ଯଥା ରୀତିନୀତି ପ୍ରକାରେ ପୂଜାପାଠ ସମ୍ପାଦନ କରିଥିଲେ। କର୍ତ୍ତା ଭାବେ ନବୀନ ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ । ଦୁର୍ଗାପୂଜା କମିଟି ସଭାପତି ସୁନୀଲ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ କମିଟି ସଦସ୍ୟମାନେ ସହଯୋଗ କରିଥିଲେ।



# ଶ୍ରୀଗୁଣ୍ଡିଚା ଭଜନ ସମାରୋହ

**କବିସୂର୍ଯ୍ୟନଗର,୧୨।୯/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ୱାର୍ଡ ନଂ ୧୬ ଗୌଡ଼ ସାହି ବାସିନ୍ଦା ବିଜେପି ନେତା ରାମପ୍ରସାଦ ମହାରଣାଙ୍କ ମାଆ ସ୍ୱର୍ଗତ ମହାଲକ୍ଷ୍ମୀ ମହାରଣାଙ୍କ ଦ୍ୱାଦଶାହରେ ଶ୍ରୀଗୁଣ୍ଡିଚା ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସେ ଜଣେ ଧର୍ମପରାୟଣ, ଶାନ୍ତ, ପରପୋକାରୀ, ମହିୟସୀ ମହିଳା ଥିଲେ । କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ କବିସୂର୍ଯ୍ୟନଗର ଗୌଡ଼ ସାହି ସ୍ଥିତ ସ୍ୱର୍ଗତ ମହାଲକ୍ଷ୍ମୀ ମହାରଣାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଶୋକ ପ୍ରାର୍ଥନା କରିଥିଲେ। ସାଥିରେ ଥିଲେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପିତାମ୍ବର ସେଠି, କବିସୂର୍ଯ୍ୟନଗର ମଣ୍ଡଳ ସଭାପତି ଅଶୋକ କୁମାର ଜେନା, ଆସିକା ସାଂସଦ ପ୍ରତିନିଧି ଶ୍ରୀକାନ୍ତ ମହାପାତ୍ର, ଯୁବନେତା ରାମପ୍ରସାଦ ମହାରଣା, ବିଶ୍ୱଜିତ ମହାପାତ୍ର, ବି ଶଙ୍କର ପାତ୍ର, ଅଜୟ ପାତ୍ର ପ୍ରମୁଖ। ଏହି ଅବସରରେ ଶ୍ରୀଗୁଣ୍ଡିଚା ଭଜନ ସମାରୋହ ଲାୟନ୍ସ କ୍ଲବ ସଭାପତି କୃପାସିନ୍ଧୁ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଆୟୋଜକ ଯୁବ ସମାଜସେବୀ, ଶିଳ୍ପଉଦ୍ୟୋଗୀ ରାମ ପ୍ରସାଦ ମହାରଣା ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଝିଅ କଲ୍ୟାଣୀ, କଳ୍ପନା, ମଞ୍ଜୁଳା, ସଂଯୁକ୍ତା, ରୋହିଣୀ, ଶ୍ୟାମଲାଲ ଓ କ୍ୱାଇଁ ବିଦ୍ୟାଧର, ରାମଚନ୍ଦ୍ର, ଗଦାଧର, ସୁରେଶ, ପ୍ରଫୁଲ୍ଲ, ସଞ୍ଜୟ ଏବଂ ନାତିନାତୁଣୀ ସୁଦିପ, ଶିଖା, ମୋନାଲିସା, ଶିବାନୀ, ବସୁମତୀ, ଅବିନାଶ, ସ୍ୱାଗତିକା, ସଉାନ୍ଧି, ଅଂଶୁମାନ, ଲୁସି, ମିଶି, ଶୁଭାଙ୍ଗି, ଅନୁଷ୍କା, ଅରୁଣ ଆଦି ବନ୍ଧୁବାନ୍ଧବ ଉପସ୍ଥିତ ରହି ଅମର ଆତ୍ମାର ସଦଗତି କାମନା କରିଥିଲେ। କଣ୍ଠଶିଳ୍ପୀ ବବ୍ରୁବାହାନ, ସାମନ୍ତରାୟ, ବିଚିତ୍ର, ବିଶାଖା, ପିଙ୍କି ପାତ୍ରଙ୍କ ଭଜନ ଏବଂ ବାଦ୍ୟଯନ୍ତ୍ରରେ ସୁବାସ ବେହେରା, ସୁବାସ ଦାସ ଓ ଉଦଘୋଷକ ବଳରାମ ପୋଲାଇଙ୍କ ପ୍ରଦର୍ଶନ ଚିତାକର୍ଷକ ଥିଲା।



# ଅଜଣା ସରୀସୃପ କାମୁଡ଼ାରେ ନାବାଳକ ମୃତ

**ପାତ୍ରପୁର,୧୨।୯/ଏନ୍‌ଏନ୍‌ଏସ୍:** ଜରଡା ଥାନା ଅନ୍ତର୍ଗତ ଅଣ୍ଡଅଣ୍ଡା ଗ୍ରାମର ଜଣେ ନାବାଳକଙ୍କ ବିଷାକ୍ତ ସରୀସୃପ କାମୁଡାରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ମୃତକ ନାବାଳକ ଜଣକ ପାତ୍ରପୁର ବ୍ଲକ ବୁରାତାଳ ପଞ୍ଚାୟତ ଅନ୍ତର୍ଗତ ଅଣ୍ଡଅଣ୍ଡା ଗ୍ରାମର ବିର ଶବରଙ୍କ ପୁଅ ସରୋଜ ଶବର (୧୩) ବୋଲି ଜଣାପଡିଛି। ଆଜି ସକାଳେ ନାବାଳକ ଜଣକ ଗ୍ରାମ ନିକଟରେ ଥିବା ନାଳକୁ ଗାଧୋଇବା ପାଇଁ ଯାଇଥିବା ସମୟରେ କୌଣସି ବିଷାକ୍ତ ସରିସୃପ କାମୁଡ଼ି ଥିବା ନେଇ ସରୋଜ ପରିବାର ବର୍ଗଙ୍କୁ ଜଣାଇଥିଲେ । ଖବର ଶୁଣିବା ପରେ ପରିବାର ବର୍ଗ ତୁରନ୍ତ ପାତ୍ରପୁର ମେଡ଼ିକାଲ ଚିକିତ୍ସା ନିମନ୍ତେ ଆଣିଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ସରୋଜଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ଜରଡା ଥାନା ପୁଲିସ ପାତ୍ରପୁର ମେଡ଼ିକାଲରେ ପହଞ୍ଚି କେସ ନଂ ୧୩/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ପଠାଯାଇଥିବା ଜରଡା ଥାନା ଏସଆଇ ଦୁର୍ଯ୍ୟୋଧନ ନାୟକ ସୂଚନା ଦେଇଛନ୍ତି।

# ନାଳରେ ବୁଡ଼ି ଯୁବକ ମୃତ

**କନ୍ଧମାଳ,ଫିରିଙ୍ଗିଆ, ୧୨।୯/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା ଡାଗାର ସୁଗା ଗାଁରେ ଜଣେ ୨୨ ବର୍ଷୀୟ ଯୁବକ ନାଳରେ ଗାଧୋଇବାକୁ ଯାଇ ପାଣିରେ ବୁଡି ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ସୂଚନା ଅନୁସାରେ ଜି ଉଦୟଗିରି ଥାନା କୁର୍ମିଙ୍ଗିଆ ଗାଁର ଇମରାନ ପ୍ରଧାନ ନାମକ ୨୨ ବର୍ଷୀୟ ଯୁବକ ନିଜ ପିଇସି ଘର କଟ୍ରିଙ୍ଗିଆ ପଞ୍ଚାୟତର ଡାଗାରସୁଗା ଗାଁକୁ କୁଣିଆ ଆସିଥିଲେ । ଶୁକ୍ରବାର ଦିନ ପ୍ରାୟ ୧୧ଟା ସମୟରେ ଗାଁର ଜଣେ ଯୁବକଙ୍କ ସହ ମିଶି ଗାଁରେ ଥିବା ନାଳକୁ ଗାଧୋଇବାକୁ ଯାଇ ଅସାବଧାନତା ବଶତଃ ପାଣିରେ ବୁଡି ଯାଇ ବାହାରି ପାରିନଥିଲେ । ଅନ୍ୟ ଜଣେ ଯୁବକ ଘଟଣା ବିଷୟରେ ମୃତ ଯୁବକର ପିଇସିଙ୍କର ପରିବାରକୁ ଜଣାଇବା ପରେ ଘଟଣା ସ୍ଥଳରେ ପହଞ୍ଚି ତୁରନ୍ତ ତାଙ୍କୁ ପାଣିରୁ ଉଦ୍ଧାର କରି ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ମେଡିକାଲରେ ଡାକ୍ତର ମୃତ ଘୋଷଣା କରିଥିଲେ । ଘଟଣାକୁ ନେଇ ମୃତ ଯୁବକଙ୍କ ପିଇସି ଗୋଛାପଡ଼ା ଥାନାରେ ଲିଖିତ ଭାବରେ ଜଣାଇବା ପରେ ଗୋଛାପଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡିଛି। ଅନ୍ୟପଟେ ମୃତ ଯୁବକଙ୍କ ପରିବାର ଲୋକେ ଫୁଲବାଣୀ ମେଡିକାଲକୁ ପହଞ୍ଚିଥିବା ବେଳେ ଆସନ୍ତା କାଲି ଶବ ବ୍ୟବଛେଦ କରାଯିବ ବୋଲି ଗୋଛାପଡ଼ା ଥାନା ତରଫରୁ ସୂଚନା ମିଳିଛି।

# ଟ୍ରକ୍ ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

## ଟ୍ରକ୍ ଡ୍ରାଇଭର୍ ଅଟକ

**ବ୍ରହ୍ମପୁର,୧୨।୯/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ବଡ ବଜାର ଥାନା ଅନ୍ତର୍ଗତ ଫାଷ୍ଟ ଗେଟ୍ ଡୁଡୁମା କଲୋନୀ ନିକଟରେ ସଡକ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ମହିଳାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ମହିଳା ଜଣକ ସ୍ଥାନୀୟ ସରକାରୀ ଆଇଟିଆଇ ନିକଟସ୍ଥ ରାଜୀବନଗର ଅଞ୍ଚଳର ସବିତା ପଣ୍ଡା(୩୮) ଏବଂ ଗୁରୁତର ଆହତ ତାଙ୍କ ସ୍ୱାମୀ ବୋଲି କୁହାଯାଉଛି। ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ପଳାଇ ଯିବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ଧରି ପୁଲିସ୍‌ରେ ଜିମା ଦେଇଥିଲେ। ପୁଲିସ୍ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଗୁରୁତର ଆହତଙ୍କୁ ଚିକିତ୍ସା ନିମନ୍ତେ ପଠାଇଥିବା ଜଣାପଡିଛି। ଘଟଣା ପରେ ଲୋକଙ୍କ ଗହଳି ଯୋଗୁଁ କିଛି ସମୟ ପାଇଁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ମିଳିଥିବା ସୂଚନା ପ୍ରକାରେ ଆଜି ମଧ୍ୟାହ୍ନରେ ସ୍ଥାନୀୟ ସରକାରୀ ଆଇଟିଆଇ ନିକଟ ରାଜୀବନଗର ଅଞ୍ଚଳର ସବିତା ପଣ୍ଡା ଓ ତାଙ୍କ ସ୍ୱାମୀ ସ୍କୁଟି(ନଂ-ଓଡି୩୨-୮୮୬୯)ରେ କୌଣସି କାମରେ ଯାଉଥିଲେ। ଫାଷ୍ଟ ଗେଟ୍ ଡୁଡୁମା କଲୋନୀ ନିକଟରେ ଦ୍ରୁତ ଗତିରେ ଆସୁଥିବା ଏକ ମାଲ ବୋଝେଇ ଟ୍ରକ୍(ନଂ-ଓଡି୦୭ଏଜି-୫୯୪୧) ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସ୍କୁଟିରୁ ପଡି ସାବିତ୍ରୀଙ୍କ ସ୍ୱାମୀ ଆହତ ହୋଇଥିଲେ। ସାବିତ୍ରୀ ତଳେ ପଡିଯାଇଥିବା ବେଳେ ତାଙ୍କ ଉପରେ ମାଡି ଯାଇଥିଲା ଟ୍ରକ୍। ଘଟଣାସ୍ଥଳରେ ହିଁ ସାବିତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରୁ ଟ୍ରକ୍ ଡ୍ରାଇଭର ଗାଡି ଚଳାଇ ପଳାଇଯିବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ଧରିଥିଲେ। ଏନେଇ ପୁଲିସ୍‌କୁ ସୂଚନା ଦିଆଯାଇଥିଲା। ବଡ ବଜାର ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ଡ୍ରାଇଭରକୁ ଉଦ୍ଧାର କରିଥିଲା। ଗୁରୁତରଙ୍କୁ ବ୍ରହ୍ମପୁର ବଡ ମେଡିକାଲ ଚିକିତ୍ସା ପାଇଁ ପଠାଯାଇଥିଲା। ମୃତ ମହିଳାଙ୍କ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି। ଘଟଣା ପରେ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପ୍ରକାଶ ପାଇଥିଲା। କିଛି ସମୟ ପାଇଁ ରାସ୍ତା ଜାମ ହୋଇପଡିଥିଲା। ଉଭୟ ପଟରୁ ଗାଡି ମୋଟର ଯିବା ଆସିବାରେ ସମସ୍ୟା ସୃଷ୍ଟି ହୋଇଥିଲା। ପରେ ପୁଲିସ୍ ଓ ଟ୍ରାଫିକ୍ ପୁଲିସ୍ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଟ୍ରକ୍ ଡ୍ରାଇଭରଙ୍କ ଦ୍ରୁତ ଗତିରେ ଗାଡି ଚାଳନା ଯୋଗୁଁ ଦୁର୍ଘଟଣା ଘଟିଥିବା କୁହାଯାଉଛି। ପୁଲିସ୍ ଏନେଇ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ସ୍କୁଟି, ଟ୍ରକ୍‌କୁ ଜବତ କରିଥିବା ସୂଚନା ମିଳିଛି। ଡ୍ରାଇଭରକୁ ଅଟକ ରଖି ଘଟଣାର ତଦନ୍ତ କରୁଛି ପୁଲିସ୍।





## ଗୋପାଳପୁର, ଅନୁଗୁଳ ଓ ତାଳଚେରକୁ ହେବ ରେଳ ସଂଯୋଗ

# ସରକାରଙ୍କ ପଦକ୍ଷେପକୁ ମିଳିତ କ୍ରିୟାନୁଷ୍ଠାନ କମିଟିର ସ୍ୱାଗତ

**ବ୍ରହ୍ମପୁର,୧୨।୯/ଏନ୍‌ଏନ୍‌ଏସ୍:** ଗୋପାଳପୁରଠାରୁ ତାଳଚେର ଭାୟା ଆସିକା, ବୁଗୁଡ଼ା, ନୟାଗଡ ହୋଇ ତାଳଚେରକୁ ରେଳ ସଂଯୋଗ ନେଇ ହେଉଥିବା ପଦକ୍ଷେପକୁ ଦକ୍ଷିଣ ଓଡିଶା ରେଳପଥ ବିକାଶ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ୱାଗତ କରାଯାଇଛି। ମାଲ ପରିବହନରେ ଫାଇନାଲ ସର୍ଭେ ପାଇଁ ମିଳିଛି ଅନୁମୋଦନ । ଏଥିପାଇଁ ଡିପିଆର(ଡିଟେଲ ପ୍ରୋଜେକ୍ଟ ରିପୋର୍ଟ) ପ୍ରସ୍ତୁତ କରିବାକୁ ପୂର୍ବତଟ ରେଳପଥକୁ ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି। ପୂର୍ବରୁ ଏଥିନେଇ ବହୁବାର ଆନ୍ଦୋଳନ ହୋଇଥିଲା। ଗୋପାଳପୁରଠାରୁ ରେଢ଼ାଖୋଲ, ତାଳଚେର ଓ ରାୟଗଡା ରେଳପଥ ନେଇ ହୋଇଥିବା ଦାବି ମଧ୍ୟରୁ ମାନ୍ୟବର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କେବଳ ତାଳଚେରକୁ ରେଳପଥ ସଂଯୋଗୀକରଣ ଦିଗରେ ପଦକ୍ଷେପ ନେଇଥିବା ବେଳେ ଗୋପାଳପୁରରୁ ରେଢ଼ାଖୋଲ ମଧ୍ୟ ତ୍ୱରାନ୍ୱିତ କରିବା ପାଇଁ ଓଆର୍‌ଆଇଡିଆଇଏଲ୍‌ର ସର୍ଭେକୁ ନେଇ ବିଚାର ବିମର୍ଷ ଚାଲିଛି। ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକୁ ଶୀଘ୍ର ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଜଣାଇଥିବା ନେଇ ସୂଚନା ମିଳିଛି । ଦକ୍ଷିଣ ଓଡ଼ିଶାର ପ୍ରମୁଖ ବିଦ୍ୱାଣୀମାନଙ୍କ ଦ୍ୱାରା ଓଡ଼ିଶା ତଥା ଦେଶର ପ୍ରଥମ ଭାଷା ଭିତ୍ତିକ ରାଜ୍ୟ ଗଠନ ହୋଇଥିଲା । ସେମାନଙ୍କ ଅବଦାନ ସାରା ବିଶ୍ୱରେ ସର୍ବତ୍ର ପୂଜିତ। ଦକ୍ଷିଣ ଓଡ଼ିଶାରେ ଭରପୂର ପ୍ରାକୃତିକ ସମ୍ପଦ ରହିଥିଲେ ମଧ୍ୟ ଆଜି ଦକ୍ଷିଣ ଓଡ଼ିଶାବାସୀ ପ୍ରତ୍ୟେକ କ୍ଷେତ୍ରରେ ଅବହେଳିତ ଓ ନିଷ୍ପେସିତ। ଦକ୍ଷିଣ ଓଡ଼ିଶାରେ ବସବାସ କରୁଥିବା ଆଦିବାସୀ ଓ ଅଧିବାସୀ ମାନଙ୍କ ସର୍ବନିମ୍ନ ମୌଳିକ ଆବଶ୍ୟକତା ଆଜି ସୁଦ୍ଧା ପୂରଣ ହୋଇ ପରିଲାନାହିଁ। ଭାରତ ସ୍ୱାଧୀନ ହେବାର ପ୍ରାୟ ୮୦ ବର୍ଷ ଅତିକ୍ରାନ୍ତ ହେବା ପରେ ମଧ୍ୟ ଦକ୍ଷିଣ ଓଡ଼ିଶାରେ କୌଣସି କ୍ଷେତ୍ରରେ ବିଶେଷ ଉଲ୍ଲେଖନୀୟ ବିକାଶ ହୋଇନାହିଁ। ବିଳମ୍ବରେ ହେଲେ ମଧ୍ୟ କେନ୍ଦ୍ରମନ୍ତ୍ରୀ ନେଇଥିବା ପଦକ୍ଷେପକୁ ମିଳିତ କ୍ରିୟାନୁଷ୍ଠାନର କମିଟିର ଆବାହକ ସରୋଜ ରଞ୍ଜନ ପଟ୍ଟନାୟକ, ଗଂଜାମ ଜିଲ୍ଲା ବିକାଶ ମଞ୍ଚର ଆବାହକ ରାଜେନ୍ଦ୍ର ପଣ୍ଡା ଓ ବିଭିନ୍ନ ଗଣ ସଂଗଠନ ପକ୍ଷରୁ କେନ୍ଦ ମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇଛନ୍ତି।

## ନାବାଳିକା ଦୁଷ୍କର୍ମ ମାମଲା

# ଅଭିଯୁକ୍ତକୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

**ଫୁଲବାଣୀ,୧୨।୯/ଏନ୍‌ଏନ୍‌ଏସ୍:** ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟର ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଏକ ୧୪ ବର୍ଷିୟା ନାବାଳିକାର ଦୁଷ୍କର୍ମ ମାମଲାର ବିଚାର ୧୭ ଜଣ ସାକ୍ଷୀ ଡ଼ାକ୍ତରୀ ରିପୋର୍ଟ ଆଧାରରେ ବିଚାର କରି ଦାରିଙ୍ଗିବାଡ଼ି ଥାନା ଅଂଚଳର ହର୍ମି ମଲିକ (୨୭ ବର୍ଷ) କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧୬,୦୦୦ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି। ଜୋରିମାନା ଅନାଦେୟ ଆଉ ଅଧିକ ୧ବର୍ଷ ୯ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ତରଫରୁ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ। ସୂଚନା ଅନୁସାରେ ପୀଡ଼ିତା ୧.୯.୨୦୨୪ରେ ଡ୍ରେସ୍ କିଣିବା ପାଇଁ ଦାରିଙ୍ଗିବାଡ଼ି ବଜାରକୁ ଯାଉଥିଲା। ଏହି ସମୟରେ ଅଭିଯୁକ୍ତ ଅଟୋ ରିକ୍ସା ନେଇ ପୀଡ଼ିତାକୁ ବଜାରରେ ଛାଡି ଦେବି କହି ଜୋର୍ ଜବରଦସ୍ତିକରି ଅଟୋ ରିକ୍ସାରେ ବସାଇ ପାଙ୍ଗାଳି ଜଙ୍ଗଲ ଆଡ଼କୁ ନେଇ ଦୁଷ୍କର୍ମ କରିଥିଲା ଏବଂ ଏ କଥା କାହାରିକୁ କହିଲେ ଜୀବନରେ ମାରିଦେବି ବୋଲି ଧମକ ଦେଇଥିଲା । ତା’ପରେ ପିଡୀତାକୁ ଅଟୋ ରିକ୍ସାରେ ବସାଇ ଗାଆଁ ପାଖରେ ଛାଡ଼ି ଦେଇ ଚାଲିଯାଇଥିଲା। ପୀଡ଼ିତା ଘର ଲୋକ ମାନଙ୍କୁ ଏସବୁ ଘଟଣା କହିବାରୁ ସେମାନେ ପିଡୀତାକୁ ଥାନାକୁ ନେଇଥିଲେ ଏବଂ ଦାରିଙ୍ଗିବାଡ଼ି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାଧିକାରୀ ଥାନା କେଶ୍ ନମ୍ବର ୧୪୪ ରେ ରେଜିଷ୍ଟ୍ରେସନ କରି ଏସ୍ ଆଇ ଲକ୍ଷ୍ମୀ ମାଝୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ସେ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟରେ ହାଜର କରାଇଥିଲେ। ଆଜି ବିଚାରପତି ଉକ୍ତ ରାୟ ପ୍ରକାଶ କରିଛନ୍ତି। ପୀଡ଼ିତାକୁ କ୍ଷତି ପୂରଣ ବାବଦକୁ ଛଅ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲ୍ଲା ଲିଗାଲ୍‌ଏଡ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଅତିରିକ୍ତ ସରକାରୀ ଓକିଲ ଜି. ସୂର୍ଯ୍ୟପ୍ରକାଶଙ୍କୁ ସମ୍ବର୍ଦ୍ଧନା

**ଆସିକା,୧୨।୯/ଏନ୍‌ଏନ୍‌ଏସ୍:** ରାଜ୍ୟ ପୁଲିସ ଅପରାଧ ନିରାକରଣ ବିଭାଗ ଆନୁକୂଲ୍ୟରେ ମହିଳା ଓ ଶିଶୁ ସୁରକ୍ଷା ନିମନ୍ତେ ଭୁବନେଶ୍ୱରସ୍ଥିତ ପୋଲିସ ଭବନରେ ଆୟୋଜିତ ରାଜ୍ୟସ୍ତରୀୟ କର୍ମଶାଳାରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପାଇଁ ଆସିକାର ଅତିରିକ୍ତ ସରକାରୀ ଓକିଲ (ଏପିପି) ଜି.ସୂର୍ଯ୍ୟପ୍ରକାଶ ରାଓ ସମ୍ବର୍ଦ୍ଧିତ ହୋଇଥିଲେ। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। ଏହି ଅବସରରେ କ୍ୟାଡର ଅତିରିକ୍ତ ପିପି (ଅତିରିକ୍ତ ଅଭିଯୋଜକ) ସୁରେଶ ଚନ୍ଦ୍ର ପାତ୍ର, ସରକାରୀ ଓକିଲ ଦ୍ୱାରିକାନାଥ ପରିଡା, ଶିବଶଙ୍କର ମହାନ୍ତି, ଚିନ୍ତାମଣି ମେକାପ୍, ପ୍ରଶାନ୍ତ କୁମାର ଦାଶ, ସଂଜୀବ କୁମାର ପାଣିଗ୍ରାହୀ, ନାରାୟଣ ଜେନା, ବି.ମୋହନ ରାଓ ଦୋରା ପ୍ରମୁଖ ରାଜ୍ୟସ୍ତରୀୟ କର୍ମଶାଳାରେ ସମ୍ବର୍ଦ୍ଧିତ ହୋଇଥିବା ଅତିରିକ୍ତ ସରକାରୀ ଓକିଲ (ଏପିପି) ଜି.ସୂର୍ଯ୍ୟପ୍ରକାଶ ରାଓଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ ପୂର୍ବକ ଭବ୍ୟ ସମ୍ବର୍ଦ୍ଧନା, ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଥିଲେ।



## ଏମ୍‌ଏସ୍‌ଏମ୍‌ଇ ବୈଠକରେ ସମୀକ୍ଷାକଲେ ମନ୍ତ୍ରୀ

# ଜିଲ୍ଲାରେ ଶିଳ୍ପର ବିକାଶକୁ ପ୍ରାଥମିକତା ଦିଆଯିବ

**ବ୍ରହ୍ମପୁର,୧୨।୯/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଷ୍ଟେସନ୍ ରୋଡସ୍ଥିତ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷରେ ଆଜି ଏମ୍‌ଏସ୍‌ଏମ୍‌ଇ (ସୁକ୍ଷ୍ମ, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ) ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମତ୍ସ୍ୟ ଓ ପଶୁ ସମ୍ପଦ, ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗଦେଇ ସମୀକ୍ଷା କରିଥିଲେ। ଗଞ୍ଜାମ ଜିଲ୍ଲାରେ ଶିଳ୍ପର ବିକାଶ ଦିଗରେ ନିଆଯିବ ପଦକ୍ଷେପ। ପ୍ରତି ବ୍ଲକ ସ୍ତରରେ ନୂଆଁ ଶିଳ୍ପ ଗଠନ କରାଯିବା ପାଇଁ ସରକାର ପ୍ରାଥମିକତା ଦେବେ ବୋଲି ଉଭୟ ମନ୍ତ୍ରୀ କହିଛନ୍ତି। ଯାହାଦ୍ୱାରା ଜିଲ୍ଲାରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଯେଉଁମାନେ ଶିଳ୍ପ ଉଦ୍ଦେଶ୍ୟରେ ଜମି ହାତେଇ କିଛି ନ କରି ରଖିଛନ୍ତି, ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମତ୍ସ୍ୟ ଓ ପଶୁ ସମ୍ପଦ, ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ କହିଛନ୍ତି। ମାସକ ଭିତରେ ରିପୋର୍ଟ ପ୍ରଦାନ ପାଇଁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସିଧାସଳଖ କହିଛନ୍ତି। ବ୍ରହ୍ମପୁର ପାଟର ଜିଆଇ ଟ୍ୟାଗ ପାଇଁ ପଦକ୍ଷେପ ନିଆଯିବ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି। ଗଞ୍ଜାମ ଜିଲ୍ଲାରେ କିଆ ଚାଷୀଙ୍କ ଉନ୍ନତି ଏବଂ ଚାଷର ବିକାଶ, ଅଗ୍ରଗତି ପାଇଁ କେଓ୍ୱଡା ବୋର୍ଡ ଗଠନ ପାଇଁ ପଦକ୍ଷେପ ନିଆଯିବ ବୋଲି ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଜେନା କହିଛନ୍ତି। ଆଜିର ଏହି ସମୀକ୍ଷା ବୈଠକରେ ବିଭାଗୀୟ ନିର୍ଦ୍ଦେଶକ, ଜିଲ୍ଲାପାଳଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।



# ମେକ୍ ମାଇକେଲ୍ ସଂସ୍କୃତ ମହାବିଦ୍ୟାଳୟ ନୂତନ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା

**ଆସିକା,୧୨।୯/ଏନ୍‌ଏନ୍‌ଏସ୍:** ସଂସ୍କୃତ ଶିକ୍ଷାର ବିକାଶ ଲାଗି ଆସିକା ସହରର ନିରଞ୍ଜନ ନଗରରେ ସ୍ଥାପିତ ମେକ୍ ମାଇକେଲ୍ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜର ଯୁକ୍ତତିନି(ଶାସ୍ତ୍ରୀ) ପ୍ରଥମ ବର୍ଷ ଓ ମେକ୍ ମାଇକେଲ୍ ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ୨ ପ୍ରଥମ ବର୍ଷ (ଉପଶାସ୍ତ୍ରୀ ପ୍ରଥମ ବର୍ଷ) ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ମେକ୍ ମାଇକେଲ୍ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟ ଓ ମେକ୍ ମାଇକେଲ୍ ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦାଶ, ଅଧ୍ୟାପକ ସନାତନ ପଣ୍ଡା, ଅଧ୍ୟାପକ ଶିଶିର କୁମାର ମିଶ୍ର, ଅଧ୍ୟାପକ ବାବାନାଥ ମିଶ୍ର, ଅଧ୍ୟାପକ ମନୋରଞ୍ଜନ ସାହୁ, ଅଧ୍ୟାପିକା କବିତା କୁମାରୀ ଦାସ, ପ୍ରଧାନ ପଣ୍ଡିତ ପ୍ରଦୀପ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ନବାଗତ ଶାସ୍ତ୍ରୀ ଓ ଉପଶାସ୍ତ୍ରୀ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏକାଗ୍ରତା, ଧୈର୍ଯ୍ୟ ଓ କଠିନ ପରିଶ୍ରମରେ ସଫଳତା ମିଳିଥାଏ, ତେଣୁ ବିଦ୍ୟାର୍ଥୀମାନେ ଭଲ ପାଠପଢି ପିତାମାତା ଓ ଗୁରୁଜନଙ୍କ ସ୍ୱପ୍ନକୁ ସାକାର କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷାନୁଷ୍ଠାନର କର୍ମଚାରୀ ଟୁନା ମହାରଣା ଓ ପ୍ରଦୀପ କୁମାର ଷଡଙ୍ଗୀ ସକ୍ରିୟ ସହଯୋଗ କରିଥିଲେ। ଯୁକ୍ତ ଦୁଇ ଉପଶାସ୍ତ୍ରୀ ଏବଂ ଯୁକ୍ତ ତିନି ଶାସ୍ତ୍ରୀ ପାଠ୍ୟକ୍ରମର ନବାଗତ ବିଦ୍ୟାର୍ଥୀମାନେ ଉପସ୍ଥିତ ଥିବା ଲକ୍ଷ୍ୟ କରାଯାଇଥିଲା।




# ଦେବୀଙ୍କ ଆଗମନକୁ ସୂଚାଉଛି କାଶତଣ୍ଡୀର ସମ୍ଭାର

**ପୁରୁଷୋତ୍ତମପୁର,୧୨।୯/ଏନ୍‌ଏନ୍‌ଏସ୍:** ବର୍ତ୍ତମାନ ପାର୍ବଣ ଋତୁ ଆରମ୍ଭ ହୋଇଯାଇଛି। ଆଉ ମାତ୍ର ୨ ଦିନ ପରେ ମା’ଙ୍କ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ହୋଇଯିବ। ଧରାବତରଣ କରିବେ ମା’ ଜଗତଜନନୀ ମା’ ଦୁର୍ଗା। ଏନେଇ ଚଳଚଞ୍ଚଳ ହୋଇ ଉଠିଛି ସହର ଠାରୁ ଗ୍ରାମାଞ୍ଚଳ । ତେବେ ମନରେ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଛି ଯେ ମା’ଙ୍କ ଆଗମନର ବାର୍ତ୍ତା ନେଇ ଆସିଛି କି କାଶତଣ୍ଡୀ। ଶରତ ଋତୁର ଆଗମନରେ କାଶତଣ୍ଡି ଫୁଲର ମନୋରମ ସମ୍ଭାରରେ ପ୍ରକୃତିରାଣୀ ସଜେଇ ହେବାରେ ଲାଗିଛି । ନଦୀ, ନାଳ ପଠା, ପୋଖରୀ, ହୁଡା ଓ ଧାନକ୍ଷେତ୍ରରେ ଏବେ ବ୍ୟାପକ ଭାବେ କାଶତଣ୍ଡିର ମନୋରମ ଉପସ୍ଥିତି ପ୍ରକୃତିପ୍ରେମୀଙ୍କ ମନରେ ଆହ୍ଲାଦ ଭରିଦେଇଛି । ଶରତ ଋତୁରେ ଏହି ଫୁଲ ବ୍ୟାପକ ଭାବେ ଫୁଟୁଥିବା ବେଳେ ପ୍ରାୟ ଦେଢ ମାସ ରହିବା ପରେ ଏହା କ୍ରମଶଃ ମଉଳି ଯାଇଥାଏ। ପ୍ରବଳ ଖରାର ଝାଞ୍ଜି ଏବଂ ଲଗାଣ ମୁଷଳ ଧାରା ବର୍ଷାର ଅବସାନ ପରେ ଏବେ କାଶ ତଣ୍ଡି ହସି ଉଠିଛି । ଗାଁ ଗହଳିର ସାମାଜିକ ଜୀବନରେ କାଶତଣ୍ଡୀର ମହତ୍ତ୍ୱ ସବୁଠାରୁ ଅଲଗା ଆଉ ଅନନ୍ୟ । ଶୁଭ୍ର ସ୍ୱଚ୍ଛତାର ବାର୍ତ୍ତା ବହନ କରୁଥିବା ଏଇ କାଶତଣ୍ଡୀକୁ ନା କିଏ ରୋପଣ କରେ ନା କିଏ ତାର ଯତ୍ନ ନେଇଥାଏ । ଆପଣାଛାଏଁ ଶାରଦୀୟ ଅଭିନନ୍ଦନର ପୁଷ୍ପଗୁଚ୍ଛ ଧରି ଶରତ ଋତୁର ପ୍ରାରମ୍ଭରେ ଦେଖାଦେଇ ପୁଣି କୁଆଡେ ଉଭେଇଯାଏ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆଗୁଆ ପଦାର୍ପଣ କରିଥିବା କାଶତଣ୍ଡୀ ମା’ଙ୍କ ଆଗମନର ବାର୍ତ୍ତା ଦେଉଛି। ସିଂହବାହିନୀ ମା’ ଦୁର୍ଗା ବିଜୟ ଦଶମୀରେ ବିଜୟ ମଣ୍ଡିତ ହୋଇ ସମସ୍ତଙ୍କୁ ଦର୍ଶନ ଦେବେ । ଏହି ଆନନ୍ଦପ୍ରଦ ଶୁଭ ମୁହୂର୍ତ୍ତକୁ ଅପେକ୍ଷାରେ ରହିଛନ୍ତି ଜନସମାଜ । ଯେଉଁ ଆଡେ ଦେଖିଲେ କେଣ୍ଡା କେଣ୍ଡା ହୋଇ ଝୁଲୁଥିବା କାଶ ତଣ୍ଡୀର ଶୁଭ୍ର, ସ୍ୱଚ୍ଛ ରୂପ ଏକ ଉତ୍ସବମୟ ପରିବେଶ ସୃଷ୍ଟି କରୁଛି । ଏହା ହିଁ ହାସ୍ୟମୟୀ ଲାସ୍ୟମୟୀ ପ୍ରକୃତିର ଜନସମାଜର ଅବଦାନ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ପବନରେ କାଶତଣ୍ଡି ଫୁଲ ଲଉଡି ଭାଙ୍ଗୁଥିବା ଦୃଶ୍ୟ ବହୁ ପ୍ରକୃତିପ୍ରେମୀଙ୍କୁ ଆନମନା କରିଦେଉଛି।



# ବେତାରସିଂ ଗୁଳିକାଣ୍ଡ ଘଟଣା: ୩ ଗିରଫ

**ବୁଗୁଡା, ୧୨।୯/ଏନ୍‌ଏନ୍‌ଏସ୍:** ବୁଗୁଡ଼ା ଥାନା ଅନ୍ତର୍ଗତ ବେତାରସିଂ ଗ୍ରାମର ଏକ ଭୋଜିରେ ଗଣ୍ଡଗୋଳ ଏବଂ ଗୁଳିକାଣ୍ଡ ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଘଟଣାରେ ବ୍ୟବହୃତ ଗୋଟିଏ ପିସ୍ତଲ ଏବଂ ଦୁଇଟି ବାଇକ ଜବତ କରିଥିବା ଜଣାଯାଇଛି। ଗିରଫ ଅଭିଯୁକ୍ତ ତିନିହେଁ ହେଲେ ବେତାରସିଂ ଗ୍ରାମର ସିଲୁ ଭୂୟାଁ(୩୦) ଓ ରାଜା ଜେନା (୨୮) ଏବଂ ବୁଗୁଡା ରଘୁନାଥ ସାହିର ରାଜା ସାହୁ (୩୦)। ଏ ନେଇ ବୁଗୁଡା ଥାନାରେ କେସ୍ ନଂ ୫୭୨/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ଗତ ୧୦ ତାରିଖ ରାତିରେ ବେତାରସିଂ ଗାଁ ନୂଆଁସାହିର ଗଣେଶ ମେଢ ବିସର୍ଜନ ପରେ ଏକ ଭୋଜିର ଆୟୋଜନ ହୋଇଥିଲା। ସେହି ଭୋଜିରେ ବେତାରସିଂ ଗ୍ରାମର ପାଣ୍ଡବ ଚରଣ ସ୍ୱାଇଁଙ୍କ ସହ ଏହି ତିନି ଜଣ ମଦ ପିଇ ଗଣ୍ଡଗୋଳ କରି ଫେରିଥିଲେ। ପରେ ରାଜା ସାହୁ ଓ ସିଲୁ ଭୂୟାଁ ପିସ୍ତଲ ସହ ବୁଲେଟରେ ଏବଂ ରାଜା ଜେନା ପଲସର ଗାଡିରେ ଯାଇ ପାଣ୍ଡବଙ୍କ ଘରେ ପହଞ୍ଚିଥିଲେ। ସେଠାରେ ସେମାନେ ପାଣ୍ଡବଙ୍କୁ ଗାଳିଗୁଲଜ କରିବା ସହ ସିଲୁ ତାଙ୍କ ଉପରକୁ ଗୁଳିମାଡ କରିଥିଲା। ଗୁଳିଟି ଲକ୍ଷ୍ୟଚ୍ୟୁତ ହୋଇ ସେ ବସିଥିବା ଚେୟାରରେ ବାଜିବା ସହ ତାହା କଣା ହୋଇ କାନ୍ଥରେ ବାଜିଥିଲା। ଗୁଳି ଫୁଟିବା ଶବ୍ଦ ଶୁଣି ଆଖପାଖରେ ଥିବା ଲୋକେ ସେଠାରେ ପହଞ୍ଚି ଯିବାରୁ ସେ ତିନିହେଁ ସେଠାରୁ ପୁଣି ଧମକ ଦେଇ ପଳାଇ ଆସିଥିଲେ। ଏ ନେଇ ପାଣ୍ଡବ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏସ୍‌ଆଇ ଜ୍ୟୋତିଶ୍ରୀ ସାହୁଙ୍କ ଦ୍ୱାରା ଘଟଣାର ତଦନ୍ତ କରାଯାଇ ସେମାନଙ୍କୁ ଗିରଫ ସହ କୋର୍ଟଚାଲାଣ କରାଯାଇଛି।

## ଆସ୍ଥା ଓ ବିଶ୍ୱାସର ପ୍ରତୀକ ଭଗବାନ ସ୍ୱାମୀ ଆୟାପ୍ପା

# ଆଧ୍ୟାତ୍ମିକ ପରିବେଶରେ ଚାଲିଛି ମାନସିକଧାରୀଙ୍କ ପୂଜାର୍ଚ୍ଚନା

**ଆସିକା,୧୨।୯/ଏନ୍‌ଏନ୍‌ଏସ୍:** ଆସିକା ଅଞ୍ଚଳର ପ୍ରାୟ ୯ ଜଣ ଦୀକ୍ଷାଗ୍ରହଣକାରୀ ସ୍ୱାମୀ ଆୟାପ୍ପା ମାନସିକଧାରୀ ଭକ୍ତ ଏକ ଅଧ୍ୟାତ୍ମିକ ପରିବେଶ ମଧ୍ୟରେ ଅତ୍ୟନ୍ତ ନିଷ୍ଠାର ସହ ୧ ନମ୍ବର ୱାର୍ଡର ରଘୁନାଥନଗର ସ୍ଥିତ ଅସ୍ଥାୟୀ ଆଶ୍ରମରେ ପୂଜାର୍ଚ୍ଚନାରେ ନିମଗ୍ନ ରହୁଥିବା ଦେଖିବାକୁ ମିଳୁଛି । ଆସିକା ଅଞ୍ଚଳର ଆୟାପ୍ପା ଭକ୍ତମାନେ ଦୀର୍ଘ ୪୧ଦିନ ଧରି ନୀତି ଓ ନିଷ୍ଠାର ସହ ପୂଜାର୍ଚ୍ଚନା କରିବା ପରେ ଆସନ୍ତା ଅକ୍ଟୋବର ମାସ ୧୭ ତାରିଖରୁ ଭଗବାନ ଆୟାପ୍ପାଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିବା ପାଇଁ ଯାତ୍ରା ଆରମ୍ଭ କରିବେ ବୋଲି ଜଣାପଡିଛି। କେରଳର ସାବରୀମାଳା ଦର୍ଶନ ପାଇଁ ଆସିକା ଅଞ୍ଚଳର ଆୟାପ୍ପା ଦିକ୍ଷା ନେଇଥିବା ପ୍ରାୟ ୯ ଜଣ ଶ୍ରଦ୍ଧାଳୁଭକ୍ତ ସଂକଳ୍ପ ନେଇ କଳାଲୁଗା ପରିଧାନ ପୂର୍ବକ ସ୍ୱାମୀ ଆୟାପ୍ପାଙ୍କ ପୂଜାର୍ଚ୍ଚନା କରୁଛନ୍ତି। କେରଳର ସାବରୀମାଳାରେ ଭଗବାନ ଆୟାପ୍ପା ସ୍ୱାମୀଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା ଓ ଭୋଗ ଚଢାଇଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଆୟାପ୍ପା ସ୍ୱାମୀଙ୍କୁ ବିଶ୍ୱାସ ଓ ଭକ୍ତିର ପ୍ରତୀକ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି । ବ୍ରତ ଧାରୀମାନେ ସାକାହାରୀ ଭୋଜନ କରିବା ସହ ନିଜ ଘର ଛାଡି ନିଜ ନିଜର ସଂଘର ଗୁରୁସ୍ୱାମୀଙ୍କ ଆଶ୍ରମରେ ରହିଥାନ୍ତି । ଯେଉଁମାନଙ୍କ ମୁଖରେ କେବଳ “ସ୍ୱାମୀ ଶରଣଂ ଆୟାପ୍ପା” ଭଳି ଭକ୍ତିବାଣୀ ଶୁଣିବାକୁ ମିଳିଥାଏ । ଶ୍ରଦ୍ଧାଳୁ ଭକ୍ତମାନେ ବିଶ୍ୱାସର ସହ ଏହି ବ୍ରତକୁ ପାଳନ କରିବା ସହ ଆସିକା ଆୟାପ୍ପା ଆଶ୍ରମର ମୁଖ୍ୟଗୁରୁ ତଥା ଗୁରୁସ୍ୱାମୀ ଶ୍ୟାମ ସୁନ୍ଦର ଆଚାରୀଙ୍କ ନୀତି, ନିୟମ ଓ ଉପଦେଶକୁ ଭକ୍ତମାନେ ପାଳନ କରିଥାନ୍ତି ।

ଆସିକା ଏନ୍‌ଏସି ଅଧିନସ୍ଥ ରଘୁନାଥ ନଗରର ଏକ ଅସ୍ଥାୟୀ ପୂଜା ମଣ୍ଡପରେ ଆୟାପ୍ପା ଭକ୍ତ ଗୁରୁସ୍ୱାମୀ ଶ୍ୟାମସୁନ୍ଦର ଆଚାରୀଙ୍କ ନେତୃତ୍ୱରେ ଆୟାପା ସ୍ୱାମୀ ଭକ୍ତ ନିଗମାନନ୍ଦ ମହାନ୍ତି, ସୂର୍ଯ୍ୟନାରାୟଣ ନାହାକ, ଆଶିଷ୍ କୁମାର ସ୍ୱାଇଁ, ଆକାଶ ନାହାକ, ଇନ୍ଦ୍ରଜିତ୍ ଜେନା, ସୋମନାଥ ଆଚାରୀ, ସୁନିଲ୍ ରାଓ, ସୁନିଲ୍ ଆଚାର୍ଯ୍ୟ, ଗଣେଶ ଆଚାରୀ ପ୍ରମୁଖ ଦୀକ୍ଷା ଗ୍ରହଣ କରିଥିବା ବେଳେ ସେମାନେ ଆସନ୍ତା ଅକ୍ଟୋବର ୧୭ ତାରିଖରୁ କେରଳ ଯାତ୍ରା କରିବେ ବୋଲି ଜଣାପଡିଛି। ଆସନ୍ତା ଅକ୍ଟୋବର ୨୦ ତାରିଖରେ କେରଳର ସାବରିମାଳାରେ ଭଗବାନ ଆୟାପ୍ପା ସ୍ୱାମୀଙ୍କୁ ଭକ୍ତମାନେ ଦର୍ଶନ ଓ ପୂଜାର୍ଚ୍ଚନା କରିବା ପରେ ଆସିକା ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାପଡିଛି।



ନିତିଦିନ NITIDIN



# ନୂଆଦିଲ୍ଲୀରେ ଜେପି ନଡ୍ଡାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୨।୯/ଏନ୍‌ଏନ୍‌ଏସ୍‌:** ଆଜି ନୂଆଦିଲ୍ଲୀଠାରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶା ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ, ସ୍ୱାସ୍ଥ୍ୟସେବା ବ୍ୟବସ୍ଥା, ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପରିଯୋଜନା ଓ ଭବିଷ୍ୟତ ରୂପରେଖ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା।

### କର୍ଣ୍ଣାଟକ ସମ୍ମିଳନୀରେ ବାଚସ୍ପତି ସୁରମା ପାଢ଼ୀ

# ୬୨ ବୈଠକ ଦିବସ ପରିଚାଳନା କରିବାରେ ଓଡ଼ିଶା ବିଧାନସଭାର ରେକର୍ଡ

**ଭୁବନେଶ୍ୱର,୧୨।୯/ଏନ୍‌ଏନ୍‌ଏସ୍‌:** ଓଡ଼ିଶା ଚଳିତ ବିଧାନସଭାରେ ୬୨ଟି ବୈଠକ ଦିବସ ପରିଚାଳନା କରିବାର ରେକର୍ଡ଼ ସ୍ଥାପନ କରିଛି। ଏହା ଜାତୀୟ ହାରଠାରୁ ବହୁତ ଅଧିକ। କର୍ଣ୍ଣାଟକର ବେଙ୍ଗାଲୁରୁ ଠାରେ ଆୟୋଜିତ ଏକାଦଶ ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘ ଭାରତୀୟ ଆଞ୍ଚଳିକ ସମ୍ମିଳନୀରେ ଯୋଗଦେଇ ବାଚସ୍ପତି ସୁରମା ପାଢ଼ୀ 'ବିଧାନସଭା ଗୃହରେ ବିତର୍କ ଓ ଆଲୋଚନା : ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସଭାଜନରେ ସହାୟକ' ଶୀର୍ଷକ ଆଲୋଚନାଚକ୍ରରେ ଏଭଳି ବକ୍ତବ୍ୟ ଉପସ୍ଥାପନ କରିଛନ୍ତି। ତିନିଦିନିଆ ସମ୍ମିଳନୀରେ ଲୋକସଭାର ବାଚସ୍ପତି ଓମ୍ ବିର୍ଲା, ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ, କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା, ବାଚସ୍ପତି ୟୁ. ଟି, ଖାଦେର ଫରିଦ୍, ବିଭିନ୍ନ ରାଜ୍ୟର ବାଚସ୍ପତି ଓ ଉପବାଚସ୍ପତି ଯୋଗଦେଇଛନ୍ତି। ଏହି ଅବସରରେ ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ବିଧାନସଭା ହେଉଛି ଗଣତନ୍ତ୍ରର କେନ୍ଦ୍ର, ପବିତ୍ର ସ୍ଥାନ, ଯେଉଁଠାରେ ଜନସାଧାରଣଙ୍କ ଆଶା, ଆକାଂକ୍ଷା ଓ ସମସ୍ୟାର ସମାଧାନ ଓ ଏହାର ନିରାକରଣ ସମ୍ଭବ ହୋଇଥାଏ। ବିତର୍କ ମାଧ୍ୟମରେ ସହମତି ପ୍ରକାଶ ପାଏ, ସଂଶୋଧନ ହୁଏ ଓ ଏଠାରେ ସାଧାରଣ ଲୋକଙ୍କର ସ୍ୱର ପ୍ରତିଫଳିତ ହୁଏ। ସଂସଦୀୟ ପରମ୍ପରାରେ ବିତର୍କ ଓ ଆଲୋଚନା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏହା ହେଉଛି ଗଣତନ୍ତ୍ରର ଜୀବନରେଖା। ଜନପ୍ରତିନିଧିମାନଙ୍କର ଉତ୍ତରଦାୟିତ୍ୱବୋଧ ଏଥିରେ ପ୍ରତିଫଳିତ ହୋଇଥାଏ।




ଶ୍ରୀମତୀ ପାଢ଼ୀ ଆହୁରି କହିଛନ୍ତି ଯେ, ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ବିଧାନସଭାରେ ବିଭିନ୍ନ ବିଷୟରେ ଦୀର୍ଘ ସମୟ ଧରି ବିତର୍କ ହୋଇଛି। ୨୦୦୩ରେ ଓଡ଼ିଶା ସହରାଞ୍ଚଳ ପୁଲିସ ବିଲ୍ ଉପରେ ୬ ଘଣ୍ଟା ଧରି ଆଲୋଚନା ହୋଇଥିବାବେଳେ ଏହି ନିକଟରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ୨୦୨୪ ଉପରେ ରାତିସାରା ବିତର୍କ ଜାରି ରହିଛି। ଏହି ବିତର୍କଗୁଡ଼ିକ ଆମର ଭାବପ୍ରବଣତା ସହିତ ବିଷୟର ଗମ୍ଭିରତା ଏବଂ ନିଷ୍ପତ୍ତିରେ ପହଞ୍ଚିବା ପୂର୍ବରୁ ଧୈର୍ଯ୍ୟର ସହ ଚିନ୍ତନର ପ୍ରତିଶ୍ରୁତିବଦ୍ଧତାକୁ ପ୍ରମାଣିତ ଦେଉଛି। ଲୋକସଭା ବାଚସ୍ପତି ଶ୍ରୀ ବିର୍ଲା ସମ୍ମିଳନୀ ଅବସରରେ ଅନୁଷ୍ଠିତ ବିଭିନ୍ନ ଅଧିବେଶନରେ ଅଧ୍ୟକ୍ଷତା କରିବା ପାଇଁ ୫ଟି ରାଜ୍ୟର ବାଚସ୍ପତିଙ୍କୁ ମନୋନୀତ କରିଥିବାବେଳେ ସେଥିମଧ୍ୟରେ ଓଡ଼ିଶାର ବାଚସ୍ପତି ଶ୍ରୀମତୀ ପାଢ଼ୀ ସ୍ଥାନୀତ ହେବା ଓଡ଼ିଶା ପାଇଁ ଗୌରବର ବିଷୟ।

### 'ବିତର୍କ ଓ ଆଲୋଚନା ଆମ ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳ ମନ୍ତ୍ର'

ସମ୍ମିଳନୀରେ ଅଂଶଗ୍ରହଣ କରି ଉପବାଚସ୍ପତି ଶ୍ରୀ ଭବାନୀଶଙ୍କର ଭୋଇ କହିଛନ୍ତି ଯେ ବିଧାନସଭା ଭିତରେ ଅର୍ଥପୂର୍ଣ୍ଣ ବିତର୍କ ଏବଂ ଆଲୋଚନା ମାଧ୍ୟମରେ ଗଣତନ୍ତ୍ର ଶକ୍ତିଶାଳୀ ହୁଏ । ଆମର ଗୃହ ହେଉଛି ଗଣତନ୍ତ୍ରର ମନ୍ଦିର । ବିଧାନସଭାର ପ୍ରକୃତ ଶକ୍ତି ବିଚାରବିମର୍ଶର ଗୁଣବତ୍ତା ଏବଂ ମର୍ଯ୍ୟାଦା ଉପରେ ପର୍ଯ୍ୟବେଶିତ । ଆମେ ସବୁବେଳେ ଏହା ଉପରେ ଗୁରୁତ୍ୱ ଦେବା ଉଚିତ ଯେ ଆମର ଅଧିକାର ଲୋକଙ୍କଠାରୁ ଆସିଥାଏ, ସେମାନଙ୍କର ବିଶ୍ୱାସ ସର୍ବଦା ଆମର ବିତର୍କକୁ ମାର୍ଗଦର୍ଶନ କରିବା ଉଚିତ। ଉକ୍ତ ସମ୍ମିଳନୀରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ମଧ୍ୟ ଯୋଗଦେଇଛନ୍ତି।

### ମହିଳା କଂଗ୍ରେସର ସଦସ୍ୟତା ଅଭିଯାନ ସଭା

# 'ଜନନୀ ଆଗରେ ଦୁନିଆ ନତମସ୍ତକ'



**ଭୁବନେଶ୍ୱର,୧୨।୯/ଏନ୍‌ଏନ୍‌ଏସ୍‌:** ଜାତୀୟ ମହିଳା କଂଗ୍ରେସ ଆନୁକୂଲ୍ୟରେ ଆରମ୍ଭ ହୋଇଛି ମହିଳା ସଦସ୍ୟତା ଗ୍ରହଣ ଅଭିଯାନ। ସଦସ୍ୟତା ଅଭିଯାନ ବର୍ତ୍ତମାନ ସାରା ଦେଶର ସମସ୍ତ ରାଜ୍ୟରେ ବେଶ ଜୋରସୋରରେ ଚାଲିଛି । ସେଇ ପରିପେକ୍ଷୀରେ ପ୍ରଦେଶ ମହିଳା କଂଗ୍ରେସ ତରଫରୁ କଂଗ୍ରେସ ଭବନଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଉଦବୋଧନ ଦେଇ କଂଗ୍ରେସର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ ଜନନୀ ଆଗରେ ସମସ୍ତ ବ୍ରହ୍ମାଣ୍ଡ ନତମସ୍ତକ, ଜନନୀ ହେଉଛି ସୃଷ୍ଟିକର୍ତ୍ତା। ତେଣୁ ଦଳର ନାରୀଶକ୍ତି ଯଦି ନିଜକୁ ଉପଯୋଗ କରେ, ଆମେ କଂଗ୍ରେସକୁ ସବୁଠୁ ଶକ୍ତିଶାଳୀ ଦଳ କରିବା ସହିତ ଦେଶକୁ ମଧ୍ୟ ବିକଶିତ କରିବା ସମ୍ଭବ। ଆମକୁ ସଦସ୍ୟତା ଗ୍ରହଣ ତୃଣମୂଳ ସ୍ତରରୁ କରିବାକୁ ପଡ଼ିବ। ତେବେ ଯାଇ ଆମ ଦଳର ମୂଳଦୁଆ ଶକ୍ତିଶାଳୀ ହେବ। ମହିଳା କଂଗ୍ରେସକୁ କିଭଳି ସୁଦୃଢ଼ କରାଯିବ ଏବଂ ଆହୁରି ଅଧିକ ଶକ୍ତିଶାଳୀ କରାଯିବା ସହ ଅଧିକରୁ ଅଧିକ ମହିଳାମାନଙ୍କୁ କଂଗ୍ରେସ ସଂଗଠନ ସହ ଯୋଡ଼ା ଯାଇ ପାରିବ ସେ ବିଷୟରେ ପିସିସି ସଭାପତି ଭକ୍ତ ଚରଣ ଦାସ ଆଲୋକପାତ କରିଥିଲେ। ସେ ମଧ୍ୟ ଭୋଟ ଚୋରି ପ୍ରସଙ୍ଗ ଓ ସମ୍ବିଧାନ ବଞ୍ଚାଅ ବିଷୟରେ ପ୍ରତି ଘରେ ବାର୍ତ୍ତା କିପରି ପହଞ୍ଚିବ ସେ ବିଷୟରେ ଅବଗତ କରିଥିଲେ।

ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି କହିଥିଲେ ଯେ ମହିଳା କଂଗ୍ରେସ ସଦସ୍ୟତା ଗ୍ରହଣ ଅଭିଯାନ ପୂରା ଦମ୍‌ରେ ଚାଲିଛି। ପ୍ରତ୍ୟେକ ସଦସ୍ୟ ଏଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରୁଛନ୍ତି ଏବଂ ଆମେ ଅତିଶୀଘ୍ର ଲକ୍ଷ୍ୟ ହାସଲ କରିବୁ ବୋଲି ପ୍ରକାଶ କରିଥିଲେ। ଏଆଇସିସି ପକ୍ଷରୁ ମିଡ଼ିଆ ଲିଙ୍କରେ କେମିତି ସଦସ୍ୟତା ଗ୍ରହଣ କରାଯାଏ ତାହା ପ୍ରଦର୍ଶିତ କରିବା ସହ ସଭାନେତ୍ରୀ ସଦସ୍ୟତା ଅଭିଯାନରେ କ'ଣ ସବୁ ଅସୁବିଧାର ସାମ୍ନା କରିବାକୁ ପଡୁଛି ସଦସ୍ୟାମାନଙ୍କୁ ଜଣାଇବାକୁ ଅନୁରୋଧ କରିଥିଲେ।

# ରାୟଗଡ଼ା ପୌରାଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

**ରାୟଗଡ଼ା,୧୨।୯/ଏନ୍‌ଏନ୍‌ଏସ୍‌:** ୨୪ ଜଣ କାଉନସିଲର ଦ୍ୱାରା ଗଠିତ ରାୟଗଡ଼ା ପୌରସଂସ୍ଥାର ପୌରାଧକ୍ଷା ଶୁଭ୍ରା ପଣ୍ଡାଙ୍କ ବିରୋଧରେ ୧୯ କାଉନସିଲର୍ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ଶ୍ରୀମତୀ ପଣ୍ଡା ପ୍ରାୟ ୩ ବର୍ଷ ହେଲା କାଉନସିଲର୍‌ଙ୍କ ମତକୁ ଅଣଦେଖା କରିବା ଓ ନିଜ ସ୍ୱାର୍ଥ ପାଇଁ ପଦବୀରେ ଅପବ୍ୟବହାର କରିବା ଆଦି ଅଭିଯୋଗ ହୋଇଛି। ଏନେଇ ଆଜି ୧୯ ଜଣ କାଉନସିଲର ଅନାସ୍ଥା ପ୍ରସ୍ତାବ ଆଣି ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ପୂର୍ବତନ ରାଜ୍ୟସଭା ସାଂସଦ ଏନ ଭାସ୍କର ରାଓ କିଛି ଦିନ ତଳେ ବି ଜେଡିରୁ ଇସ୍ତଫା ଦେଇଥିଲେ। ଇସ୍ତଫା ଦେବା ପରେ ଶ୍ରୀ ରାଓଙ୍କ ସମର୍ଥିତ ନିର୍ବାଚିତ ପ୍ରତିନିଧିମାନେ ଏହି ପଦକ୍ଷେପ ନେଇଛନ୍ତି। ରାୟଗଡ଼ା ପୌରସଂସ୍ଥାର ଉପାଧକ୍ଷା ଶୁଭ୍ରା ପଣ୍ଡା ବିଜେଡି ଜିଲ୍ଲା ସଭାପତି ଜଗନ୍ନାଥ ସାରକା ଓ ସୁଧୀର ଦାସଙ୍କ ସମର୍ଥକ ଭାବେ ଜଣାଶୁଣା। ଶୁଭ୍ରା ପଣ୍ଡା ପରାପରିଷଦର ୩ ନମ୍ବର ୱାର୍ଡ ର କାଉନସିଲର। ସେ ଦାୟିତ୍ୱ ନେବା ପର ଠାରୁ ଜଗନ୍ନାଥ-ସୁଧୀର ଗୋଷ୍ଠୀ ପ୍ରରୋଚନାରେ କାଉନସିଲର ମାନଙ୍କ ବିରୋଧରେ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇ ଆସୁଥିଲା।

# ସର୍ବଭାରତୀୟ ବୈଠକରେ ଯୋଗଦେଲେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ

**ଭୁବନେଶ୍ୱର,୧୨।୯/ଏନ୍‌ଏନ୍‌ଏସ୍‌:** ଦେଶର ଶ୍ରମିକ ଭାଇଭଉଣୀମାନଙ୍କ ସମୁଚିତ ଉନ୍ନତି, ସୁରକ୍ଷା ଏବଂ ସୁଯୋଗ ସୁନିଶ୍ଚିତ କରିବା ପାଇଁ ଶ୍ରମ ନୀତିନିୟମରେ ବ୍ୟାପକ ସୁଧାର ଅଣାଯିବାର ଆବଶ୍ୟକତା ସମ୍ପର୍କିତ ଏକ ସର୍ବଭାରତୀୟସ୍ତରୀୟ ବୈଠକ ଆଜି କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡ଼ଃ ମନସୁଖ ମାଣ୍ଡଭ୍ୟ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ରାଜ୍ୟର ବିଭାଗୀୟ ମନ୍ତ୍ରୀଙ୍କ ସହିତ ଓଡ଼ିଶାର ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଆରୁମୁଗମ ଏବଂ ଶ୍ରମ କମିଶନର ଇନ୍ଦ୍ରମଣି ତ୍ରିପାଠୀ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ୨୦୪୭ ସ୍ୱପ୍ନକୁ ସାକାର କରିବାକୁ ହେଲେ ଶ୍ରମିକ ଭାଇଭଉଣୀମାନଙ୍କ ସାମଗ୍ରିକ ଓ ସମୟୋଚିତ ବିକାଶକୁ ସୁନିଶ୍ଚିତ କରିବା ନିତାନ୍ତ ଆବଶ୍ୟକ। ସମୟର ଆହ୍ୱାନକୁ ସ୍ୱୀକାର କରି ଏକ ସମାବେଶୀ ଓ ସମନ୍ୱିତ ଶାସନ ବ୍ୟବସ୍ଥା ପ୍ରଚଳନ କରିବା ପାଇଁ କେନ୍ଦ୍ର ସରକାର ସଂକଳ୍ପବଦ୍ଧ। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କ ସହ ସମୁଚିତ ସମନ୍ୱୟ ରକ୍ଷା କରି ଶ୍ରମ ନୀତିନିୟମରେ ବ୍ୟାପକ ସୁଧାର ଆଣିବା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି, ଯାହା ଦେଶର ଶ୍ରମିକ ଭାଇଭଉଣୀଙ୍କ ଜୀବନରେ ଆଶାତୀତ ଉନ୍ନତି ଆଣିବାରେ ସାହାଯ୍ୟ କରିବ ବୋଲି କେନ୍ଦ୍ର ମନ୍ତ୍ରୀ ଡ଼ଃ ମାଣ୍ଡଭ୍ୟ ଆଶା ବ୍ୟକ୍ତ କରିଛନ୍ତି। ଶ୍ରମିକ ସଂସ୍ଥାନଗୁଡିକ ପାଇଁ ଏକକ ପଞ୍ଜୀକରଣ ବ୍ୟବସ୍ଥା ପ୍ରଚଳନ, ଲାଇସେନ୍ସର ମାନ୍ୟତା ସମୟ ବୃଦ୍ଧି ଏବଂ ସ୍ୱୟଂଚାଳିତ ପୁନଃନବୀକରଣ ବ୍ୟବସ୍ଥା ପ୍ରଚଳନ, ଶ୍ରମ ବଜାରରେ ମହିଳାମାନଙ୍କ ଅଂଶଗ୍ରହଣ ବୃଦ୍ଧି ପାଇଁ ସମାବେଶୀ ନୀତି ଓ ସୁରକ୍ଷିତ କାର୍ଯ୍ୟ ପରିବେଶର ନିର୍ମାଣର ଆବଶ୍ୟକତା ଉପରେ ବିଷଦ ଆଲୋଚନା ହୋଇଥିଲା। ତା ସହିତ କର୍ମଚାରୀମାନଙ୍କୁ ନିଯୁକ୍ତି ପତ୍ର ବାଧ୍ୟତାମୂଳକ କରିବା ଦ୍ୱାରା ସେମାନଙ୍କ ମଧ୍ୟରେ କାର୍ଯ୍ୟ କରିବାକୁ ଅଧିକ ଆଗ୍ରହ ସୃଷ୍ଟି ହେବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା।

ଡିଜିଟାଲ ରୁପାନ୍ତୀକରଣ ସମ୍ପର୍କରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। କେନ୍ଦ୍ର ମନ୍ତ୍ରୀ ଡ଼ଃ ମାଣ୍ଡଭ୍ୟ ନ୍ୟାସନାଲ କ୍ୟାରିଅର ସର୍ଭିସ ଏବଂ ଇ-ଶ୍ରମ ପ୍ଲାଟଫର୍ମଗୁଡିକର ଅଧିକରୁ ଅଧିକତର ଡିଜିଟାଇଜେସନ ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମଚାରୀଙ୍କ ପାଇଁ 'ଏକଥର ସୁରକ୍ଷିତ, ସଦା ସୁରକ୍ଷିତ' ନୀତି ପ୍ରଣୟନ କରିବାକୁ ପ୍ରସ୍ତାବ ରଖିଥିଲେ, ଯାହା ଶ୍ରମିକମାନଙ୍କୁ ଜୀବନ ଜୀବିକାକୁ ଅଧିକ ସୁରକ୍ଷିତ କରିବାରେ ସହାୟକ ହେବ ବୋଲି ସେ କହିଥିଲେ। ବୈଠକରେ ଶ୍ରମିକ ଭାଇଭଉଣୀମାନଙ୍କ ପାଇଁ ପ୍ରଚଳିତ ଆଇନ କାନୁନ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଶ୍ରୀ ସିଂହଖୁଣ୍ଟିଆ କେନ୍ଦ୍ର ସରକାରଙ୍କ ସୁଧାର ଅନୁଚିନ୍ତାର ଉଚ୍ଚ ପ୍ରଶଂସା କରି କହିଥିଲେ ଯେ ଏହି ସୁଧାର ଗୁଡ଼ିକ ଦେଶ ନିର୍ମାଣ କରୁଥିବା ଶ୍ରମିକ ଭାଇଭଉଣୀମାନଙ୍କ ଜୀବନ ଓ ଜୀବିକାରେ ବ୍ୟାପକ ସକାରାତ୍ମକ ପରିବର୍ତ୍ତନ ନେଇ ଆସିବ। ଓଡ଼ିଶା ଏହି ପରିବର୍ତ୍ତନ ଓ ପ୍ରଗତିର ଯାତ୍ରାକୁ ପୂର୍ଣ୍ଣ ସମର୍ଥନ କରିବ। ଶ୍ରମିକ ଭାଇଭଉଣୀମାନଙ୍କ ବାସ୍ତବ ଓ ସର୍ବାଙ୍ଗୀନ ଉନ୍ନତି ସହିତ ଓଡ଼ିଶା ତଥା ଦେଶର ବାସ୍ତବ ଉନ୍ନତି ସାଧିତ ହେବ ବୋଲି ସେ କହିଛନ୍ତି। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ କେନ୍ଦ୍ର ସରକାରଙ୍କୁ ଖୁବ ଶୀଘ୍ର ସୁଚିନ୍ତିତ ମତାମତ ପ୍ରଦାନ କରିବା ପାଇଁ କେନ୍ଦ୍ର ମନ୍ତ୍ରୀ ଡ଼ଃ ମାଣ୍ଡଭ୍ୟ ପରାମର୍ଶ ଦେଇଛନ୍ତି। ଶ୍ରମ ସୁଧାର ନୀତିନିୟମର ସଫଳତା କେନ୍ଦ୍ର, ରାଜ୍ୟ ଓ ସ୍ଥାନୀୟ ପ୍ରଶାସନର ସମାନ ଭାଗିଦାରୀ ଉପରେ ନିର୍ଭର କରେ ବୋଲି ସେ କହିଛନ୍ତି।

### ବନ ବିଭାଗ ମଞ୍ଜୁରୀ କ୍ଷେତ୍ରରେ ପ୍ରତିବନ୍ଧକ ଦୂର ପାଇଁ ବୈଠକ

# ଆନ୍ତଃବିଭାଗୀୟ ସମନ୍ୱୟକୁ ସୁଦୃଢ଼ କରିବାକୁ ଗୁରୁତ୍ୱ

**ଭୁବନେଶ୍ୱର,୧୨।୯/ଏନ୍‌ଏନ୍‌ଏସ୍‌:** ବିଭିନ୍ନ ଜନକଲ୍ୟାଣମୂଳକ ପ୍ରକଳ୍ପଗୁଡିକୁ ବନ ବିଭାଗ ମଞ୍ଜୁରୀ ପ୍ରଦାନ କ୍ଷେତ୍ରରେ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ସଂକ୍ରାନ୍ତରେ ତ୍ୱରିତ ନିଷ୍ପତ୍ତି ଗ୍ରହଣ ପାଇଁ ପଥ ପ୍ରଶସ୍ତ କରିବା ଉଦ୍ଦେଶ୍ୟରେ ଆଜି ଏକ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ବରିଷ୍ଠ ଅଧିକାରୀ ଅତିରିକ୍ତ ପିସିସିଏଫ୍ (ନୋଡାଲ୍) କେ.ମୁରୁଗେସନ, , ସିସିଏଫ୍ (ନୋଡାଲ୍) ଏ. କେ. କର, ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ତଥା ସ୍ୱତନ୍ତ୍ର ସଚିବ ଲିଙ୍ଗରାଜ ଓତା, ନିର୍ଦ୍ଦେଶକ, ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଜେ.ପି. ମହାକୁଡ, ମୁଖ୍ୟ ଇଞ୍ଜିନିୟର ( ନିର୍ମାଣ), ଦକ୍ଷିଣ ପୂର୍ବ ରେଳବାଇ ବିଜୟ କୁମାର , ବୀରେନ୍ଦ୍ର ସିଂହ, ଆଞ୍ଚଳିକ ଅଧିକାରୀ, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଏବଂ ପ୍ରକଳ୍ପଗୁଡିକର ପ୍ରତିନିଧିମାନେ ଯୋଗ ଦେଇଥିଲେ। ବୈଠକରେ ଆନ୍ତଃବିଭାଗୀୟ ସମନ୍ୱୟକୁ ସୁଦୃଢ଼ କରିବା, ପ୍ରକ୍ରିୟାଗୁଡ଼ିକୁ ସୁଗମ କରିବା ଏବଂ ସାମ୍ବିଧାନିକ ମାନଦଣ୍ଡ ସହିତ ସମୟୋଚିତ ଅନୁପାଳନ ସୁନିଶ୍ଚିତ କରିବା ଉପରେ ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସାହୁ ଗୁରୁତ୍ୱାରୋପ କରିଥିଲେ। ସେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ବିଭାଗୀୟ ବନ ଅଧିକାରୀ ଏବଂ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟରେ ସମ୍ଭାବ୍ୟ ପ୍ରତିବନ୍ଧକଗୁଡ଼ିକୁ ସକ୍ରିୟ ଭାବରେ ଚିହ୍ନଟ ଏବଂ ଦୂର କରିବାକୁ ନିର୍ଦ୍ଦେଶ ଦେଇଥିଲେ ଯାହା ଦ୍ୱାରା ପ୍ରକଳ୍ପଗୁଡ଼ିକ ଅଯଥାରେ ଅଟକି ରହିବ ନାହିଁ। ଜଙ୍ଗଲ ସଂରକ୍ଷଣ ମାନଦଣ୍ଡ ସହିତ ସାଲିସ କରାଯିବ ନାହିଁ ଏବଂ ବିକାଶ ପ୍ରକ୍ରିୟା ଅଟକି ରହିବ ନାହିଁ ବୋଲି ସ୍ପଷ୍ଟ ବାର୍ତ୍ତା ଦେବା ସହିତ ବିକାଶମୂଳକ ଆବଶ୍ୟକତାକୁ ପରିବେଶଗତ ପ୍ରାଥମିକତା ସହିତ ସନ୍ତୁଳନ କରିବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ ।

ଏହି ଉଚ୍ଚସ୍ତରୀୟ ସମନ୍ୱୟ ବୈଠକରେ ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣର ୭ଟି ଅନୁସନ୍ଧାନକାରୀ ଖନନ ପ୍ରକଳ୍ପର ସ୍ଥିତି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା ।ଦକ୍ଷିଣ ପୂର୍ବ ରେଳବାଇର ଦୁଇଟି ରେଳ ପ୍ରକଳ୍ପର ସ୍ଥିତି ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସାହୁ ରାଜଧାନୀ କ୍ଷେତ୍ର ରିଙ୍ଗ ରୋଡ୍ ରାମେଶ୍ୱରରୁ ଗୋବିନ୍ଦପୁର ଏବଂ ଗୋବିନ୍ଦପୁରରୁ ଟାଙ୍ଗୀ ନିର୍ମାଣ ପାଇଁ ଏବଂ ନେଭେଲି ଲିଗନାଇଟ୍ କର୍ପୋରେସନ (ଏନଏଲସି) ଅଧୀନରେ ଉଡ଼ା ପାଉଁଶ ଡାଇକ୍ ପ୍ରକଳ୍ପ ପାଇଁ ପ୍ରତିବନ୍ଧକ ଦୂର କରିବାକୁ ବନାଞ୍ଚଳ ଅଧିକାରୀମାନଙ୍କୁ କହିଥିଲେ। ରାଉରକେଲା, ଅନୁଗୁଳ ଏବଂ ସମ୍ବଲପୁରର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଏବଂ ରାଉରକେଲା, ରାଇରଙ୍ଗପୁର, ବାରିପଦା, କଟକ, ସୁନ୍ଦରଗଡ଼, ଝାରସୁଗୁଡା, କେଉଁଝର ଏବଂ ବୋନାଇ ବନ ଡିଭିଜନର ବନାଞ୍ଚଳ ଅଧିକାରୀମାନେ ଭର୍ଚୁଆଲ୍ ଭାବରେ ସମନ୍ୱୟ ବୈଠକରେ ଯୋଗ ଦେଇଥିଲେ।

### ସାର ସମସ୍ୟା ନେଇ ବର୍ଷିଲା ବିଜେଡି

# ୧୫ରେ ରାଜଭବନ ଆଗରେ ଗଣଧାରଣା

**ଭୁବନେଶ୍ୱର,୧୨।୯/ଏନ୍‌ଏନ୍‌ଏସ୍‌:** ଚାଷୀଙ୍କ ପାଇଁ ସାର ନିଅଣ୍ଟ, ଅଥଚ ପର୍ଯ୍ୟାପ୍ତ ପରିମାଣରେ ସାର ମହଜୁଦ୍ ରହିଛି ବୋଲି ମିଛ କହୁଛନ୍ତି ରାଜ୍ୟ ସରକାର। ସମବାୟ ବିଭାଗର ତଥ୍ୟ ଗଣମାଧ୍ୟମ ଆଗରେ ପ୍ରସ୍ତୁତ କରି ରାଜ୍ୟରେ ସାର ଅଭାବ ଥିବାର ପ୍ରମାଣ ଦେଇଛି ବିଜେଡି। ଯଦି ସାର ସମସ୍ୟାର ତୁରନ୍ତ ସମାଧାନ ନହୁଏ ତାହେଲେ, ଆସନ୍ତା ୧୫ରେ ବିଜେଡି ରାଜଭବନ ସମ୍ମୁଖରେ ଧାରଣା ଦେବ। ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ ଦାସବର୍ମା ଓ ବିଧାୟକ ତଥା ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସାର ଯୋଗାଣକୁ ବ୍ୟବସ୍ଥିତ କରିବା ଓ ସାରର କଳାବଜାରୀ ରୋକିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଶ୍ରୀ ଦାସବର୍ମା କହିଥିଲେ ସାର ନିଅଣ୍ଟ ସ୍ଥିତି ଯୋଗୁ କୃଷକମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ରାଜରାସ୍ତାକୁ ଓହ୍ଲାଉଛନ୍ତି। ଗତକାଲି ମୁଖ୍ୟମନ୍ତ୍ରୀ ସାର ସମସ୍ୟା ଉପରେ ସମୀକ୍ଷା କରିବା ପରେ ରାଜ୍ୟରେ ଆବଶ୍ୟକ ପରିମାଣର ସାର ମହଜୁଦ ରହିଛି ବୋଲି କହିଥିଲେ। ପୂର୍ବରୁ ମଧ୍ୟ ସେ ସମୀକ୍ଷା କରିବା ପରେ ସାର ମହଜୁଦ ଥିବା କଥା କହିଥିଲେ। କିନ୍ତୁ, ସାର ନମିଳିବା କାରଣରୁ ରାଜ୍ୟର ବିଭିନ୍ନ ସ୍ଥାନରେ କୃଷକମାନେ ରାଜରାସ୍ତାରେ ଆନ୍ଦୋଳନ କରିବା ଖବର ବିଭିନ୍ନ ଗଣମାଧ୍ୟମରେ ନିୟମିତ ଭାବରେ ପ୍ରକାଶ ପାଇ ଆସୁଛି। ସରକାର ସମସ୍ୟାର ସମାଧାନ ନକରି କେବଳ ସମୀକ୍ଷା ନାଁରେ ସାରର ଅଭାବ ନାହିଁ ବୋଲି ମିଥ୍ୟା ଦାବି କରୁଛନ୍ତି।




ଶ୍ରୀ ଦାସବର୍ମା ଆହୁରି କହିଥିଲେ ଯେ ସମବାୟ ବିଭାଗରେ, ସାରର ସ୍ଥିତି ଓ ବଣ୍ଟନ ପ୍ରକ୍ରିୟାକୁ ନେଇ ନିକଟରେ ହୋଇଥିବା ଏକ ସମୀକ୍ଷା ବୈଠକରେ ଦିଆଯାଇଥିବା ତଥ୍ୟ ଅନୁଯାୟୀ ସରକାରଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣରେ ସାର ମହଜୁଦ ଦାବି ଏକ ପ୍ରହସନ ବୋଲି ସ୍ପଷ୍ଟ ପ୍ରମାଣିତ ହେଉଛି। ଏହି ବୈଠକରେ ଆସିଥିବା ତଥ୍ୟ ଅନୁଯାୟୀ ଗଞ୍ଜାମ ଜିଲ୍ଲାରେ ୧୯, ୫୬୧ ମେଟ୍ରିକ ଟନ୍ ସାର ପାଇଁ ଆବଶ୍ୟକତା ଥିଲା ବେଳେ ସରକାରଙ୍କ ତରଫରୁ ମାତ୍ର ୧୦, ୬୪୦ ମେଟ୍ରିକ ଟନ୍ ସାର ପ୍ରଦାନ କରାଯାଇଛି। ଭଦ୍ରକ ଜିଲ୍ଲାରେ ୬୧୮୮ ମେଟ୍ରିକ ଟନ ମଧ୍ୟରୁ ମାତ୍ର ୮୬୩ ମେଟ୍ରିକ ଟନ ସାର ମିଳିଛି। ବାଲେଶ୍ୱର ଜିଲ୍ଲାରେ ୨୬୦୦ ମେଟ୍ରିକ ଟନ ସାର ଆବଶ୍ୟକତା ଥିଲା ବେଳେ ମାତ୍ର ୯୦୦ ମେଟ୍ରିକ ଟନ ସାର ମିଳିଛି। ସେହିପରି ଅନୁଗୁଳ ଜିଲ୍ଲାରେ ୮୧୦୦ ମେଟ୍ରିକ ଟନ ସାର ଆବଶ୍ୟକତା ଥିଲା ବେଳେ ୪୯୫୪ ମେଟ୍ରିକ ଟନ ସାର ମିଳିଛି। ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାର ସାର ସ୍ଥିତି ଅତ୍ୟାବଶ୍ୟକୀୟ ପରିମାଣ ଠାରୁ ବହୁତ କମ ପରିମାଣର ସାର ମିଳି ପାରିଛି। ଦୁଃଖ ଓ ପରିତାପର ବିଷୟ ଯେ ସରକାର ସ୍ଥିତିକୁ ସାମ୍ନା କରିବା ପରିବର୍ତ୍ତେ ମିଥ୍ୟା ଦାବି ମାଧ୍ୟମରେ ରାଜ୍ୟର କୃଷକ ସମାଜକୁ ଭୁଆଁ ବୁଲାଉଛନ୍ତି। ଏହାଛଡ଼ା ସାର ଯୋଗାଉଥିବା କମ୍ପାନୀମାନେ ରାଜ୍ୟକୁ ସାର ଯୋଗାଇବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି ଯେଉଁଥିପାଇଁ ସମସ୍ୟା ଅଧିକ ଗମ୍ଭୀର ହୋଇଛି।

ପ୍ରମିଳା ମଲ୍ଲିକ କହିଥିଲେ ଯେ ରାଜ୍ୟର ୭୦ ପ୍ରତିଶତ ଲୋକଙ୍କ ଜୀବିକା କୃଷି ଉପରେ ନିର୍ଭର କରେ। ସରକାରଙ୍କ ବେପରୁଆ ମନୋଭାବ ଯୋଗୁ ସାରର ନିଅଣ୍ଟ ସ୍ଥିତି ସୃଷ୍ଟି ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ କେନ୍ଦ୍ର ରସାୟନ ଓ ସାର ମନ୍ତ୍ରୀକୁ ଚିଠି ଲେଖି ତାଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। କିନ୍ତୁ କୌଣସି ସମାଧାନର ରାସ୍ତା ବାହାରି ନାହିଁ। ପ୍ରାୟ ସାତ ବର୍ଷ ପୂର୍ବେ କେନ୍ଦ୍ର ସରକାରଙ୍କ ଦ୍ୱାରା ତାଳଚେର ସାର କାରଖାନା କାର୍ଯ୍ୟ ଆରମ୍ଭ ହୋଇଥିଲା ଓ ଏହି କାରଖାନା ୩୬ ମାସରେ କାର୍ଯ୍ୟକ୍ଷମ ହେବ ବୋଲି କୁହାଯାଇଥିଲା। କିନ୍ତୁ ସାତ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ସାର କାରଖାନା କାର୍ଯ୍ୟକ୍ଷମ ହୋଇନାହିଁ। କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ଷମତା ହାସଲ କରିବା ବିଜେପିର କାମ। ତେଣୁ ରାଜ୍ୟର କୃଷକ ସମାଜର ସ୍ୱାର୍ଥରକ୍ଷା ପାଇଁ ବିଜୁ ଜନତା ଦଳ ସ୍ୱର ଉତ୍ତୋଳନ କରିବ। ସାର ସମସ୍ୟାର ତୁରନ୍ତ ସମାଧାନ ଦାବିରେ ଆଗାମୀ ୧୫ ତାରିଖରେ ବିଜୁ ଜନତା ଦଳ ତରଫରୁ ରାଜଭବନ ସମ୍ମୁଖରେ ଧାରଣା ଦେବ। ଯଦି ସାର ସମସ୍ୟା ଲାଗି ରହେ, ରାଜ୍ୟର ପ୍ରତି ବ୍ଲକରେ ବିଜେଡି ଆନ୍ଦୋଳନ କରିବ।

# ପ୍ରଫୁଲ୍ଲ ମଲ୍ଲିକ ବିଜେଡିରୁ ନିଲମ୍ବିତ



**କାମାକ୍ଷାନଗର,ଭୁବନେଶ୍ୱର,୧୨।୯/ଏନ୍‌ଏନ୍‌ଏସ୍‌:** କାମାକ୍ଷାନଗର ନିର୍ବାଚନମଣ୍ଡଳୀର ଚାରିଥରର ବିଧାୟକ ତଥା ପୂର୍ବତନ ଖଣି, ଇସ୍ପାତ ଓ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ବିଜେଡିରୁ ନିଲମ୍ବନ କରାଯାଇଛି। ବିଜେଡି ସଭାପତିଙ୍କ ନିର୍ଦ୍ଦେଶରେ ଉପସଭାପତି ପ୍ରତାପ ଜେନାଙ୍କ ଦସ୍ତଖତ ସମ୍ବଳିତ ପତ୍ର ଜରିଆରେ ଗଣମାଧ୍ୟମକୁ ଏହି ସୂଚନା ଦିଆଯାଇଛି।

ପ୍ରକାଶ ଯେ ବିଜେଡି ପରିଚାଳନାକୁ ନେଇ ଗୁରୁବାର ଶ୍ରୀ ମଲ୍ଲିକ ବିଜେଡି ଉପରେ ବର୍ଷିଥିଲେ। ସେ କହିଥିଲେ ଯେ ଆଗକୁ ଯଦି ଦଳ ଠିକ୍ ଭାବେ ନଚାଲେ ତାହେଲେ ଦଳଠୁ ଦୂରେଇ ଯିବି। ବିଜେଡି ସଠିକ୍ ଭାବେ ବିରୋଧୀ ଦଳର ଭୂମିକା ନିର୍ବାହ କରୁନାହିଁ। ପୂର୍ବ ବିଚାର ଧାରାରେ ଦଳ ନାହିଁ। ଦଳକୁ ସଙ୍ଗଠିତ କରିବାକୁ ପଡ଼ିବ। ମାତ୍ର ବିଚ୍ୟୁତି ଦେଖୁଛି। ଦଳରେ ଥିଲେ ବି କୌଣସି ସାଂଗଠନିକ କାର୍ଯ୍ୟକ୍ରମରେ ଯୋଗ ଦେଉନି। ଯଦି ଭବିଷ୍ୟରେ ଯଦି ଦଳ ଠିକ ନଚାଲେ ଦଳ ଠୁ ଦୂରେଇ ଯିବି ବୋଲି ସେ କହିଥିଲେ। ଏହାଛଡ଼ା ସେ କହିଥିଲେ ଯେ ଦଳରେ ବରିଷ୍ଠ ନେତାଙ୍କ ପରାମର୍ଶ ଗ୍ରହଣ କରାଯାଉନାହିଁ। ମୋ ସହିତ ବି କେହି ଆଲୋଚନା କରିନାହାନ୍ତି। ପୁରୁଣା ଢାଞ୍ଚାରେ ଦଳ ଚାଲିବା ଦରକାର। ତେବେ ବର୍ତ୍ତମାନ୍ ନୂଆ ବିଜେଡି ଗଠନର ସମୟ ନୁହେଁ। ପୁରୁଣା ବିଜେଡ଼ିକୁ ସଠିକ୍ ଭାବେ ଚଳାଇବାକୁ ପଡ଼ିବ ବୋଲି ସେ ପରାମର୍ଶ ଦେଇଥିଲେ। ତେବେ ପ୍ରଫୁଲ୍ଲଙ୍କୁ ଜବାବ୍ ଦେଇ ଦଳର ବରିଷ୍ଠ ବିଜେଡି ନେତା ପ୍ରତାପ ଜେନା ସେ ଜଣେ ଶତାବ୍ଦୀର ବଡ଼ ସୁବିଧାବାଦୀ ନେତା ବୋଲି କହିଥିଲେ। ଅନ୍ୟପକ୍ଷରେ ଗତକାଲି ଶ୍ରୀ ମଲ୍ଲିକ ବିଜେଡି ବିରୋଧରେ ବିଷୋଦଗାର କରିଥିବାବେଳେ ଆଜି ତାଙ୍କୁ ଦଳରୁ ନିଲମ୍ବନ କରାଯାଇଛି।

### 'ଇସ୍ତଫା ପତ୍ର ପାଇବା ପରେ ନିଲମ୍ବନ'

ବିଜେଡିରୁ ମୁଁ ଗତକାଲି ଇସ୍ତଫା ଦେଇଛି। ବ୍ୟକ୍ତିଗତ କାରଣରୁ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଉପସଭାପତି ଦେବୀ ମିଶ୍ରଙ୍କୁ ନିଜର ଇସ୍ତଫା ପତ୍ର ପଠାଇଥିଲି। ଏହି ଇସ୍ତଫା ପତ୍ର ପାଇବା ପରେ ନିଲମ୍ବନ କରାଯାଇଛି। ଗଣମାଧ୍ୟମ ଆଗରେ ଏଭଳି ପ୍ରତିକ୍ରିୟା ରଖିଛନ୍ତି ବରିଷ୍ଠ ରାଜନେତା ପ୍ରଫୁଲ୍ଲ ମଲ୍ଲିକ ।ସେ କହିଛନ୍ତି ଯେ ବିଜେଡିର ପ୍ରେସବିଜ୍ଞପ୍ତି ପ୍ରକାଶ ପାଇବା ପୂର୍ବରୁ ମୁଁ ଦଳର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇସାରିଥିଲି। କିଛି ମାସ ହେବ ବିଜେଡି ବିରୋଧୀ ଦଳ ଭାବେ ଠିକରେ ଦାୟିତ୍ୱ ନିର୍ବାହ କରୁନଥିବା ଓ ଦଳର ନୀତି ଆଉ ଆଦର୍ଶରେ ବିଚ୍ୟୁତ ହେଉଥିବା କହି ଚର୍ଚ୍ଚାରେ ଥିଲେ ପ୍ରଫୁଲ୍ଲ। ଏନେଇ ନିଜର ବ୍ୟକ୍ତିଗତ କାରଣ ଯୋଗୁ ଦଳରୁ ଇସ୍ତଫା ଦେଇଥିବା ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି। ତେବେ ଆଗାମୀ ସମୟରେ ସାମାଜିକ ସେବା ଜାରି ରହିବା ସହ ନିଜ ଅଞ୍ଚଳର ଉନ୍ନତି ପାଇଁ କାମକରିବାକୁ ପ୍ରସ୍ତୁତ ଥିବା କହିଥିବା ବେଳେ କେଉଁ ଅନ୍ୟ ରାଜନୀତିକ ଦଳକୁ ଯିବା ପ୍ରସଙ୍ଗରେ ମୁହଁ ଫେରାଇଛନ୍ତି ପ୍ରଫୁଲ୍ଲ। ବର୍ତମାନ ପର୍ଯ୍ୟନ୍ତ ଅନ୍ୟ କୌଣସି ଦଳକୁ ଯିବାର ଭାବିନି। ତେଣୁ ସେ ବିଷୟରେ ସମୟ ଆସିଲେ ଜଣାଇବେ ବୋଲି ପ୍ରଫୁଲ୍ଲ କହିଛନ୍ତି। ୨୦୦୪, ୨୦୦୯, ୨୦୧୪ ଓ ୨୦୧୯ରେ ବିଜେଡି ତରଫରୁ କାମାକ୍ଷାନଗରରେ ପ୍ରଫୁଲ୍ଲ କୁମାର ମଲ୍ଲିକ ଚାରି ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏହା ସହିତ ଢେଙ୍କାନାଳ ଜିଲ୍ଲା ବିଜେଡି ସଭାପତି, ଗଞ୍ଜାମ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ଭାବେ ଦଳ ପାଇଁ କାର୍ଯ୍ୟ କରିଥିଲେ ପ୍ରଫୁଲ୍ଲ ମଲ୍ଲିକ।

# ୧୪ରୁ ପୁଣି ଆରମ୍ଭ ହେବ ବୈଷ୍ଣୋଦେବୀ ଯାତ୍ରା



**ଜମ୍ମୁ, ୧୨।୯/ଏଜେନ୍ସି:** ଗତ ୧୭ ଦିନ ଧରି ବନ୍ଦ ରହିଥିବା ମା' ବୈଷ୍ଣୋଦେବୀଙ୍କ ପବିତ୍ର ଯାତ୍ରା ପୁଣିଥରେ ଆରମ୍ଭ ହେବାକୁ ଯାଉଛି। ରିପୋର୍ଟ, ଅନୁସାରେ ଆସନ୍ତା ୧୪ରୁ ଜମ୍ମୁ କାଶ୍ମୀରରେ ବୈଷ୍ଣୋଦେବୀଙ୍କ ଯାତ୍ରା ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଫଳରେ ଏବେ ଭକ୍ତମାନେ ପୁଣି ଥରେ ମାତାଙ୍କ ଦରବାରରେ ଯୋଗ ଦେଇପାରିବେ। ଦୀର୍ଘ ସମୟ ଅପେକ୍ଷା ପରେ, ଭକ୍ତମାନଙ୍କ ମଧ୍ୟରେ ଆଶା ରହିଛି ଯେ ସେମାନେ ମାତାରାଣୀଙ୍କ ଦର୍ଶନ କରିବାର ସୁଯୋଗ ପାଇବେ। ଆଗକୁ ନବରାତ୍ରୀ ଥିବାବେଳେ ଏହି ଖବର ଭକ୍ତଙ୍କ ମଧ୍ୟରେ ଉତ୍ସାହ ଖେଳାଇଦେଇଛି। ପ୍ରକାଶ, ଅଗଷ୍ଟ ୨୬ ତାରିଖରେ ପ୍ରବଳ ବର୍ଷା ଯୋଗୁଁ ତ୍ରିକୁଟ ପାହାଡ଼ରେ ଏକ ବଡ଼ ଭୂସ୍ଖଳନ ହୋଇଥିଲା। ଏହି ଦୁର୍ଘଟଣାରେ ୩୪ ଜଣ ଭକ୍ତଙ୍କ ମୃତ୍ୟୁ ହୋଇଥିଲା ଏବଂ ଅନେକ ଆହତ ହୋଇଥିଲେ। ଦୁର୍ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ପ୍ରଶାସନ ଏବଂ ବୈଷ୍ଣୋଦେବୀ ଶ୍ରାଇନ୍ ବୋର୍ଡ ପକ୍ଷରୁ ଯାତ୍ରାକୁ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେବେଠାରୁ ଏହି ରାସ୍ତା ସମ୍ପୂର୍ଣ୍ଣ ବନ୍ଦଥିଲା। ଏହି କାରଣରୁ ହଜାର ହଜାର ଭକ୍ତ କଟରାରେ ଅପେକ୍ଷାରେ ରହିଛନ୍ତି ଏବଂ ଯାତ୍ରା ଆରମ୍ଭ ହେବା ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଅନେକ ଭକ୍ତ କହିଛନ୍ତି ଯେ ସେମାନେ କେବଳ ସେତେବେଳେ ନିଜ ଘରକୁ ଫେରିବେ ଯେତେବେଳେ ସେମାନେ ମାତାଙ୍କ ଦର୍ଶନ କରିବେ।

**ପାକିସ୍ତାନ୍‌ର ପଞ୍ଜାବ ପ୍ରଦେଶରେ ଜଳପ୍ରଳୟ**

# ଡଙ୍ଗା ଓଲଟି ୧୦ରୁ ଊର୍ଦ୍ଧ୍ୱ ମୃତ

**ଇସ୍‌ଲାମାବାଦ୍, ୧୨।୯/ଏଜେନ୍ସି:** ପାକିସ୍ତାନରେ ଆସିଥିବା ପ୍ରଳୟଙ୍କାରୀ ବନ୍ୟାରେ ପଞ୍ଜାବ ପ୍ରଦେଶ ମାତ୍ରାଧିକ କ୍ଷତିଗ୍ରସ୍ତ ହୋଇଛି। ପ୍ରଭାବିତ ଅଞ୍ଚଳରେ ବନ୍ୟାପାଣିରୁ ଲୋକଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି। ତେବେ ଶୁକ୍ରବାର ଏପ୍ରକାର ଏକ ଉଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ଏକ ଭୟଙ୍କର ଅଘଟଣ ଘଟିଥିବା ସମ୍ପର୍କରେ ସୂଚନା ମିଳିଛି। ରିପୋର୍ଟ ଅନୁସାରେ ଉଦ୍ଧାରକାରୀ ଦଳ ବନ୍ୟାଘେରରେ ରହିଥିବା ପୀଡିତଙ୍କୁ ଉଦ୍ଧାର କରିବା ପାଇଁ ଏକ ଅପରେସନ୍ ଚଳାଇଥିବା ବେଳେ ଉଦ୍ଧାରକାରୀଙ୍କ ଏକ ଡଙ୍ଗାଟି ଓଲଟିପଡିଥିଲା। ବାସ୍ତବରେ ଏହି ଡଙ୍ଗାରେ ପୀଡିତଙ୍କୁ ବସାଇ ସୁରକ୍ଷିତ ସ୍ଥାନକୁ ଅଣାଯିବା କାର୍ଯ୍ୟ ଚାଲିଥିବା। କିନ୍ତୁ ଆଜିର ଏହି ଦୁର୍ଭାଗ୍ୟଜନକ ଘଟଣା ଯୋଗୁ ଡଙ୍ଗାରେ ଥିବା ପ୍ରାୟ ୧୦ ସାଧାରଣ ଲୋକ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ମଧ୍ୟରେ କିଛି ପିଲା ବି ଅଛନ୍ତି। ମୁଲତାନ, ବାହାୱାଲନଗରରେ ଏହି ଉଦ୍ଧାର ଉଦ୍ୟମ ଚାଲୁଥିବା ବେଳେ ଏପରି ଅଘଟଣ ଘଟିଛି। ଦକ୍ଷିଣ ପଞ୍ଜାବ ବନ୍ୟାରେ ପ୍ରଭାବିତ ହୋଇଥିବା ବେଳେ ବୋଟ୍ ଓଲଟିବା ପରେ ୪୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି। ପ୍ରକାଶ, ସତ୍‌ଲେଜ, ରାବି ଏବଂ ଚେନାବ ନଦୀର ଜଳସ୍ତର ବଢିବା ଫଳରେ ପାକିସ୍ତାନ ପଞ୍ଜାବ ବନ୍ୟାଜଳ ଘେରରେ ରହିଛି। ୪୫୦୦ରୁ ଅଧିକ ଗାଁ ଜଳବନ୍ଦୀ ହୋଇପଡିଥିବା ବେଳେ ପ୍ରାୟ ୪୦ ଲକ୍ଷ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ୨୦ ଲକ୍ଷ ଲୋକ ବାସହରା ହୋଇପଡିଛନ୍ତି। ୧୦ ଲକ୍ଷରୁ ଅଧିକ ପଶୁଙ୍କୁ ବନ୍ୟା ପାଣିରୁ ସୁରକ୍ଷିତ ଉଦ୍ଧାର କରି ସ୍ଥାନାନ୍ତରିତ କରାଯାଇଛି।

# ଭୁଶୁଡ଼ିଲା ପଥର ଖଣି, ୫ ଶ୍ରମିକ ମୃତ

**କୋଲକାତା, ୧୨।୯/ଏଜେନ୍ସି:** ଶୁକ୍ରବାର ଅପରାହ୍ନରେ ପଶ୍ଚିମବଙ୍ଗର ବୀରଭୂମି ଜିଲ୍ଲାର ନାଲହାଟିର ବାହାଦୁରପୁର ଠାରେ ଥିବା ଏକ ପଥର ଖଣିରେ ଭୂସ୍ଖଳନ ହୋଇଛି। ଏଥିରେ ୫ ଶ୍ରମିକ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୪ ଶ୍ରମିକଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶ୍ରମିକମାନେ ଖଣିରୁ ପଥର ଖନନ ତଥା ବାହାର କରୁଥିବା ସମୟରେ ବଡ଼ବଡ଼ ପଥର ଅତଡାଗୁଡ଼ିକ ଧସିପଡିଥିଲା। ଭୂସ୍ଖଳନ ସମୟରେ ଖଣି ଭିତରେ ପ୍ରାୟ ୧୨ ଶ୍ରମିକ କାମ କରୁଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଶ୍ରମିକମାନେ ଅପରାହ୍ନରେ ଖଣିରୁ ପଥର



ବାହାର କରିବା କାମ କରୁଥିଲେ। ହଠାତ୍ ଖଣିର ଏକ ଅଂଶ ଭୁଶୁଡ଼ି ପଡ଼ିଥିଲା। ଶ୍ରମିକମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ସେହି ସମୟରେ ଖଣିରେ ୧୦-୧୨ ଜଣ ଶ୍ରମିକ କାମ କରୁଥିଲେ। ୯ଜଣ ଶ୍ରମିକ ଭଗ୍ନାବଶେଷ ତଳେ ପୋତି ହୋଇଯାଇଥିଲେ। ଖବର ପାଇବା ପରେ କିଛି ଲୋକ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସମସ୍ତ ଶ୍ରମିକଙ୍କୁ ଚିକିତ୍ସା ପାଇଁ ରାମପୁରହାଟ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତର ୫ଜଣଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇବା ପରେ ନାଲହାଟି ପୁଲିସ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହା ସହିତ, ନିୟମ ଅନୁଯାୟୀ ଖଣିରୁ ପଥର ବାହାର କରାଯାଉଥିଲା କି ନାହିଁ ତାହା ମଧ୍ୟ ତଦନ୍ତ କରାଯାଉଛି। କୁହାଯାଉଛି ଯେ ବର୍ଷା ସମୟରେ ପ୍ରବଳ ବର୍ଷା ଯୋଗୁଁ ଅନେକ ପଥର ଖଣିରେ ପାଣି ଜମା ହୋଇଯାଇଥିଲା। ଅଞ୍ଚଳର ମାଟି ମଧ୍ୟ ନରମ ହୋଇଯାଇଥିଲା। ଏହା ମଧ୍ୟ ଭୂମି ଦବିବାର ଏକ କାରଣ ହୋଇପାରେ।

# ସିକ୍କିମ୍‌ରେ ଭୂସ୍ଖଳନ: ୪ ମୃତ, ୩ ନିଖୋଜ

**ଗାଙ୍ଗଟକ୍, ୧୨।୯/ଏଜେନ୍ସି:** ପଶ୍ଚିମ ସିକ୍କିମ୍‌ର ଉପର ରିମ୍ବି ପ୍ରାନ୍ତରେ ଶୁକ୍ରବାର ଏକ ଭୟଙ୍କର ଭୂସ୍ଖଳନ ହୋଇଥିବା ବେଳେ ଏଥିରେ ୪ଜଣ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ମୃତକଙ୍କ ମଧ୍ୟରେ ଜଣେ ମହିଳା ମଧ୍ୟ ସାମିଲ ଥିବା ଜଣାପଡିଛି। ସେହିପରି ଏହି ଦୁର୍ଘଟଣାରେ ଅନ୍ୟ ୩ଜଣ ନିଖୋଜ ହୋଇଯାଇଥିବା ବେଳେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଅନ୍ୟ ୨ଜଣ



ଉଦ୍ଧାର ପାଇଥିବା କୁହାଯାଉଛି। ସିକ୍କିମର ୟାଙ୍ଗଥାଙ୍ଗ ଅଞ୍ଚଳରେ ଏହି ଅଘଟଣ ଘଟିଛି। ଗତ କିଛି ଦିନ ଧରି ଏହି ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିବା ଫଳରେ ଆଖପାଖ ନଦୀଗୁଡ଼ିକରେ ପ୍ରଖର ଜଳସ୍ରୋତ ଆସିଛି। ଏହିକ୍ରମେ ହୁମେ ନଦୀରେ ବନ୍ୟା ଆସିବାରୁ ଆଜିର ଏହି ଭୂସ୍ଖଳନ ହୋଇଥିବା କୁହାଯାଉଛି। ଜିଲ୍ଲା ଏସ୍‌ପି ଗେଜିଂ ଶେରିଂ ଶେରପା ଭୂସ୍ଖଳନ ବିଷୟରେ ସୂଚନା ଦେଇ କହିଛନ୍ତି ଯେ ଶୁକ୍ରବାର ଭୋର ସମୟରେ ୟାଙ୍ଗଥାଙ୍ଗ୍ ଗ୍ରାମବାସୀମାନେ ଶୋଇଥିବା ବେଳେ ପ୍ରବଳ ବର୍ଷା ଯୋଗୁଁ ପାହାଡ ଫାଟି ଏକ ବଡ ଭୂସ୍ଖଳନ ହୋଇଥିଲା। ଯାହା ଫଳରେ ପାଣି ସହିତ ଭଗ୍ନାବିଶେଷ ଏବଂ ପଥର, ମାଟିକାଦୁଅ ଆଦି ମାଡି ଆସିଥିଲା ଏବଂ ସେମାନଙ୍କ ଘରକୁ ଭସାଇନେଇଥିଲେ। ଅନ୍ୟପକ୍ଷେ ପାଣି ଯୋଗୁଁ ହୁମେ ନଦୀ ଫୁଲି ଉଠିବାରୁ ପାଣି ମାଡି ଆସି ଘରଗୁଡିକ ଭାସିଯାଇଛି। ନିଖୋଜ ଥିବା ତିନି ଜଣଙ୍କୁ ଠାବ କରିବାକୁ ଖୋଜାଖୋଜି ଜାରିରହିଛି। ନେପାଳ ପୁଲିସ୍, ସଶସ୍ତ୍ର ସୀମାବଳ, ଉଦ୍ଧାରକାରୀ ଦଳ ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାରକାର୍ଯ୍ୟ ଜାରି ରହିଛି ବୋଲି ଶେରପା କହିଛନ୍ତି।

# କାଠମାଣ୍ଡୁରେ ଭାରତୀୟ ତୀର୍ଥଯାତ୍ରୀଙ୍କ ବସ୍ ଉପରେ ଆକ୍ରମଣ

## ଲୁଟିନେଲେ ମୋବାଇଲ୍, ଟଙ୍କା ସମେତ ଅନ୍ୟାନ୍ୟ ସାମଗ୍ରୀ



**କାଠମାଣ୍ଡୁ, ୧୨।୯/ଏଜେନ୍ସି:** ନେପାଳରେ ଚାଲିଥିବା ଅଶାନ୍ତି ମଧ୍ୟରେ, ରାଜଧାନୀ କାଠମାଣ୍ଡୁ ଠାରେ ଆନ୍ଧ୍ରପ୍ରଦେଶର ଏକ ତୀର୍ଥଯାତ୍ରୀଙ୍କ ଏକ ଦଳ ଉପରେ ଆକ୍ରମଣ ହୋଇଛି। ତେବେ ସୌଭାଗ୍ୟବଶତଃ ତୀର୍ଥଯାତ୍ରୀଙ୍କର ସେପରି ବିଶେଷ କ୍ଷୟକ୍ଷତି ହୋଇନାହିଁ। ରିପୋର୍ଟ ଅନୁସାରେ କାଠମାଣ୍ଡୁ ଦେଇ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବସ୍ ଉପରେ କିଛି ଦୁର୍ବୃତ୍ତମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ ଏବଂ ମାରଧର କରିବା ପୂର୍ବକ ସେମାନଙ୍କ ଜିନିଷପତ୍ର ଲୁଟି ନେଇଥିଲେ। ଏହି ଘଟଣାରେ ଅନେକ ତୀର୍ଥଯାତ୍ରୀ ଆହତ ମଧ୍ୟ ହୋଇଥିବା ଜଣାପଡିଛି। ପୁଲିସ ଅନୁଯାୟୀ, ତୀର୍ଥଯାତ୍ରୀମାନେ କାଠମାଣ୍ଡୁର ପଶୁପତିନାଥ ମନ୍ଦିର ଦର୍ଶନରୁ ଫେରୁଥିବା ସମୟରେ ସେମାନଙ୍କ ବସ୍ ଉପରେ ଆକ୍ରମଣ ହୋଇଥିଲା। ଆକ୍ରମଣକାରୀମାନେ ବସ୍ ଉପରେ ପଥର ଫିଙ୍ଗି ଏହାର ଝରକା ଭାଙ୍ଗି ଦେଇଥିଲେ ଏବଂ ଯାତ୍ରୀମାନଙ୍କ ବ୍ୟାଗ୍, ନଗଦ ଟଙ୍କା ଏବଂ ମୋବାଇଲ୍ ଫୋନ୍ ଆଦି ଲୁଟି ନେଇଥିଲେ। ଏହି ଘଟଣାରେ ୭ରୁ ୮ଜଣ ଯାତ୍ରୀ ଆହତ ହୋଇଥିଲେ। ତେବେ ନେପାଳୀ ସେନା କର୍ମଚାରୀମାନେ ସହଯୋଗ କରିବାକୁ ଆଗେଇ ଆସିଥିଲେ। ସେମାନେ ଦୁର୍ବୃତ୍ତଙ୍କ ଠାରୁ ଭାରତୀୟ ତୀର୍ଥଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ପରେ ସମସ୍ତ ଫସି ରହିଥିବା ଯାତ୍ରୀଙ୍କୁ ଭାରତ ସରକାର କାଠମାଣ୍ଡୁରୁ ଦିଲ୍ଲୀକୁ ବିମାନରେ ସ୍ଥାନାନ୍ତରିତ କରିବାର ବ୍ୟବସ୍ଥା କରିଥିଲେ। ଅନ୍ୟପକ୍ଷେ କ୍ଷତିଗ୍ରସ୍ତ ବସ୍‌ଟି ୟୁପିର ମହାରାଜଗଞ୍ଜ ନିକଟସ୍ଥ ସୋନୌଲି ସୀମାରେ ପହଞ୍ଚିଥିବା ଜଣାପଡିଛି।

ନେପାଳରେ ହିଂସା ଏବଂ ଉତ୍ତେଜନା ଭାରତୀୟ କର୍ତ୍ତୃପକ୍ଷଙ୍କୁ ୟୁପି, ବିହାର ଏବଂ ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳରେ ସୁରକ୍ଷା ଏବଂ ସତର୍କତା ବୃଦ୍ଧି କରିବାକୁ ପ୍ରେରଣା ଦେଇଛି। ସୀମା ପାର କୌଣସି ଅପ୍ରୀତିକର ଘଟଣା କିମ୍ବା ଅବୈଧ ଗତିବିଧିକୁ ପ୍ରତିହତ କରିବା ପାଇଁ ତିନୋଟି ରାଜ୍ୟର ସୀମାନ୍ତ ଜିଲ୍ଲାଗୁଡ଼ିକ ହାଇ ଆଲର୍ଟରେ ଅଛନ୍ତି। ସୀମାର ଉଭୟ ପାର୍ଶ୍ୱର କର୍ତ୍ତୃପକ୍ଷଙ୍କ ଦ୍ୱାରା ନାଗରିକତା କାର୍ଡ ଯାଞ୍ଚ ପରେ କେବଳ ଭାରତରେ ଫସି ରହିଥିବା ନେପାଳୀ ନାଗରିକମାନଙ୍କୁ ସୀମା ପାର କରିବାକୁ ଅନୁମତି ଦିଆଯାଉଛି।

## ଜେନ୍-ଜେଡ୍ ବିକ୍ଷୋଭରେ ଭାରତୀୟ ମହିଳା ମୃତ

**ନୂଆଦିଲ୍ଲୀ, ୧୨।୯/ଏଜେନ୍ସି:** ନେପାଳରେ ଜେନ୍-ଜେଡ୍ ଆନ୍ଦୋଳନ ସମୟରେ, ଜଣେ ଭାରତୀୟ ମହିଳା ମୃତ୍ୟୁବରଣ କରିଛନ୍ତି। ରିପୋର୍ଟ ଅନୁସାରେ ଗାଜିଆବାଦର ଏକ ପରିବାର ପଶୁପତିନାଥ ମନ୍ଦିର ଦର୍ଶନ ପାଇଁ କାଠମାଣ୍ଡୁ ଯାଇଥିଲେ। ସେଠାରେ ସେମାନେ ଏକ ପଞ୍ଚତାରକା ହୋଟେଲରେ



ରହିଥିଲେ। କିନ୍ତୁ ଠିକ୍ ଏହି ସମୟ ବେଳକୁ କାଠମାଣ୍ଡୁରେ ଜେନ୍-ଜେଡ୍ ଆନ୍ଦୋଳନ ଆରମ୍ଭ ହୋଇଥିଲା। ବିକ୍ଷୋଭକାରୀମାନେ ଏହି ସମୟରେ କାଠମାଣ୍ଡୁରେ ଥିବା ଉକ୍ତ ବିଳାସପୂର୍ଣ୍ଣ ହୋଟେଲ୍‌ଟିକୁ ନିଆଁ ଲଗାଇଦେଇଥିଲେ। ଏହି ସମୟରେ ପରିବାରର ଜଣେ ମହିଳା ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ମୃତ ମହିଳାଙ୍କ ନାମ ରାଜେଶ ଗୋଲା ଏବଂ ସେ ନିଜ ସ୍ୱାମୀ ରାମବୀର ସିଂହ ଗୋଲା ଏବଂ ନିଜ ପିଲା ତଥା ପରିବାରର ଅନ୍ୟ ସଦସ୍ୟଙ୍କ ସହ ଏହି ହୋଟେଲ୍‌ରେ ରହୁଥିଲେ। ପରିବାରର ଅନ୍ୟ ସମସ୍ତ ସଦସ୍ୟ ସୁରକ୍ଷିତ ଭାବେ ହୋଟେଲ୍ ରୁମ୍‌ରୁ ବାହାରିବାରେ ସଫଳ ହୋଇଥିବା ବେଳେ ରାଜେଶ ଗୋଲା କିନ୍ତୁ ରହିଯାଇଥିଲେ। ପତ୍ନୀ ରାଜେଶଙ୍କୁ ବାହାରକୁ ଆଣିବାକୁ ରାମବୀର ଚେଷ୍ଟା କରିଥିଲେ ଏବଂ ଝରକା ବାଟେ ବାହାର କରିଥିଲେ। କିନ୍ତୁ ଏହି ସମୟରେ ରାଜେଶ ଭୟରେ ରାମବୀରଙ୍କ ହାତ ଛାଡିଦେଇଥିଲେ। ଫଳରେ ଦ୍ୱିତୀୟ ମହଲାରୁ ଖସିପଡି ରାଜେଶ ଗୁରୁତର ହୋଇପଡିଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ନେପାଳ ହିଂସାକାଣ୍ଡ: ମୃତ୍ୟୁସଂଖ୍ୟା ୫୧ ଛୁଇଁଲା

**କାଠମାଣ୍ଡୁ, ୧୨।୯/ଏଜେନ୍ସି:** ଗୋଟିଏ ପଟେ ନେପାଳରେ ସ୍ୱାଭାବିକ ସ୍ଥିତି ଫେରୁଥିବା ବେଳେ ଅନ୍ୟପଟେ ହିଂସାଜନିତ ମୃତ୍ୟୁସଂଖ୍ୟା ବଢ଼ିବା ଚିନ୍ତା ବଢ଼ାଇଛି। ରିପୋର୍ଟ ଅନୁସାରେ ଗତ ୨ ଦିନ (ସୋମବାର ଏବଂ ମଙ୍ଗଳବାର) ଧରି ଘଟିଥିବା ହିଂସାକାଣ୍ଡରେ ଶୁକ୍ରବାର ସୁଦ୍ଧା ମୃତ୍ୟୁସଂଖ୍ୟା ୫୧ ଛୁଇଁଛି। ନେପାଳ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏହି ରିପୋର୍ଟରେ କୁହାଯାଇଛି ଯେ ବିଦ୍ରୋହ ଏବଂ ହିଂସା ସମୟରେ ୩୦ ଜଣଙ୍କ ମୃତ୍ୟୁ କେବଳ ସେନାକର୍ମୀଙ୍କ ଗୁଳିମାଡ ଯୋଗୁ ହୋଇଥିବା



ବେଳେ ୨୧ ଜଣଙ୍କ ମୃତ୍ୟୁ ନିଆଁରେ ପୋଡି, ଆହତ ଏବଂ କ୍ଷତାକ୍ତ ପରେ ଚିକିତ୍ସାଧିନ ଅବସ୍ଥାରେ ହୋଇଛି। ନେପାଳରେ ଆଭ୍ୟନ୍ତରୀଣ ସରକାର ଗଠନ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ନେପାଳର ପରବର୍ତ୍ତୀ ଶାସକ ଭାବେ କିଏ ଦାୟିତ୍ୱ ନେବେ ସେନେଇ କିଛି ମାତ୍ରାରେ ବିବାଦ ଏବେ ବି ରହିଛି। କିନ୍ତୁ ଏହାକୁ ନେଇ କୌଣସି ବଡ଼ଧରଣର ସମସ୍ୟା ନାହିଁ। ହସ୍ତଗତ ହୋଇଥିବା ଏକ ରିପୋର୍ଟ ଅନୁସାରେ ସୁଶୀଳା କାର୍କି ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ତେବେ ଭଲକଥା ହେଉଛି ଯେ, କାଠମାଣ୍ଡୁରେ ଜଳିଥିବା ବିଦ୍ରୋହର ନିଆଁ ଏବେ ଧିରେ ଧିରେ ଲିଭିବାରେ ଲାଗିଛି। କାଠମାଣ୍ଡୁରେ ସ୍ଥିତି ସୁଧୁରୁଛି ଏବଂ ଶାନ୍ତି ଫେରୁଛି। ଏବେ ମାତ୍ର ଅଳ୍ପ କିଛି ସ୍ଥାନରେ ହିଁ କର୍ଫ୍ୟୁ ଜାରି ରହିଛି, ଅନେକ ସ୍ଥାନରେ କର୍ଫ୍ୟୁ କୋହଳ କରାଯାଇଛି। କର୍ଫ୍ୟୁ କୋହଳ ପରେ ଭାରତ-ନେପାଳ ସୀମାରେ ଥିବା ଚେକ୍‌ପୋଷ୍ଟରେ ଲୋକଙ୍କୁ ଯାଞ୍ଚ କରି ଛଡାଯାଉଛି। ସେପଟେ ଦେଶର ନିରପତ୍ତା ଓ ଶାନ୍ତି ପାଇଁ ନେପାଳ ସେନା ପକ୍ଷରୁ ପ୍ରୟାସ ଜାରି ରହିଛି।

# ଉପରାଷ୍ଟ୍ରପତି ଭାବେ ଶପଥ ନେଲେ ସିପି ରାଧାକ୍ରିଷ୍ଣନ୍



**ନୂଆଦିଲ୍ଲୀ, ୧୨।୯/ଏଜେନ୍ସି:** ଭାରତର ୧୫ତମ ଉପରାଷ୍ଟ୍ରପତି ଭାବେ ତଥା ରାଜ୍ୟସଭା ଅଧ୍ୟକ୍ଷ ଭାବେ ଶୁକ୍ରବାର ଶପଥ ଗ୍ରହଣ କରିଛନ୍ତି ସିପି ରାଧାକ୍ରିଷ୍ଣନ୍। ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଧାକ୍ରିଷ୍ଣନ୍‌ଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ସବୁଠୁ ବଡ଼କଥା ହେଉଛି, ଆଜିର ଏହି ଶପଥ ସମାରୋହରେ ବିଦାୟୀ ଉପରାଷ୍ଟ୍ରପତି ଜଗଦୀପ ଧନଖଡ ମଧ୍ୟ ସାମିଲ ହୋଇଥିଲେ। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ୨୧ ଜୁଲାଇରେ ନିଜ ପଦରୁ ଇସ୍ତଫା ଦେବା ଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଅର୍ଥାତ୍ ପ୍ରାୟ ୫୦ଦିନରୁ ଅଧିକ ସମୟ ଧରି କୌଣସି ସରକାରୀ କିମ୍ବା ସର୍ବସାଧାରଣ କାର୍ଯ୍ୟକ୍ରମରେ ଧନଖଡଙ୍କୁ ଦେଖିବାକୁ ମିଳିନଥିବା ବେଳେ ଆଜି କିନ୍ତୁ ସପତ୍ନୀକ ଦେଖିବାକୁ ମିଳିଥିଲା। ସେ ନିଜ ପତ୍ନୀ ସୁଦେଶ ଧନଖଡଙ୍କ ସହ ଶପଥ ସମାରୋହରେ ସାମିଲ ହୋଇଥିଲେ।

ରାଧାକ୍ରିଷ୍ଣନ୍‌ଙ୍କ ଶପଥଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ହମିଦ୍ ଅନସାରୀ, ଭେଙ୍କୟା ନାଇଡୁ, କ୍ୟାବିନେଟ

**ପତ୍ନୀଙ୍କ ସହ ଯୋଗଦେଲେ ଧନଖଡ଼**

ମନ୍ତ୍ରୀ ଏବଂ ରାଜ୍ୟସଭାରେ ବିରୋଧୀ ଦଳ ନେତା ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖର୍ଗେ ପ୍ରମୁଖ ଉତ୍ସବରେ ଯୋଗ ଦେଇଥିଲେ। ସେହିପରି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ଏବଂ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ୍‌ଙ୍କ ଅନେକ ନେତା ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ତେବେ ନେତା ମନ୍ତ୍ରୀମାନଙ୍କ ସିଟିଂ ଆରେଜମେଣ୍ଟକୁ ନେଇ ସାମାନ୍ୟ ସମସ୍ୟା ଦେଖିବାକୁ ମିଳିଥିଲା।

ଶପଥ ସମାରୋହ ପରେ ପରେ ରାଧାକ୍ରିଷ୍ଣନ୍ ସଂସଦରେ ଦଳର ଫ୍ଲୋର ନେତାମାନଙ୍କ ସହିତ ଏକ ବୈଠକ କରିଥିଲେ। ତେବେ ତୃଣମୂଳ କଂଗ୍ରେସ, ବିଜୁ ଜନତା ଦଳ (ବିଜେଡି), ଏନ୍‌ସିପି (ଏସ୍‌ପି) ଏବଂ ଶିବସେନା (ୟୁବିଟି) ସାଂସଦମାନେ ସଂକ୍ଷିପ୍ତ ନୋଟିସ୍ ଦେଇ ବୈଠକରୁ ବାହାରିଯାଇଥିଲେ। ରାଧାକ୍ରିଷ୍ଣନ୍ ବୈଠକରେ ବିରୋଧୀ ସାଂସଦଙ୍କୁ ଗୃହକାର୍ଯ୍ୟରେ ସମର୍ଥନ କରିବାକୁ ଅନୁରୋଧ କରିଥିଲେ। ସଂସଦ ଭବନରେ, ରାଧାକ୍ରିଷ୍ଣନ୍‌ଙ୍କୁ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ, ରାଜ୍ୟମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏବଂ ଏଲ. ମୁରୁଗାନ ଏବଂ ରାଜ୍ୟସଭା ସଚିବ-ଜେନରାଲ ପି.ସି. ମୋଦୀ ପ୍ରମୁଖ ସ୍ୱାଗତ କରିଥିଲେ।

# ଚାର୍ଲି କିର୍କଙ୍କ ହତ୍ୟାକାରୀ ଗିରଫ

**ୱାଶିଂଟନ୍, ୧୨।୯/ଏଜେନ୍ସି:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘନିଷ୍ଠ ସହଯୋଗୀ ତଥା ୩୧ ବର୍ଷୀୟ କଞ୍ଜରଭେଟିଭ୍ ଆକ୍ଟିଭିଷ୍ଟ ଚାର୍ଲି କିର୍କ୍‌ଙ୍କୁ ଗୁଳିକରି ହତ୍ୟା କରିଥିବା ଅଭିଯୁକ୍ତକୁ ଗିରଫ କରାଯାଇଛି। ଗିରଫଦାରୀ ସମ୍ପର୍କରେ ନିଜେ ଟ୍ରମ୍ପ୍ ସୂଚନା ଦେଇଛନ୍ତି। ଟ୍ରମ୍ପ୍ କହିଛନ୍ତି, ଅଭିଯୁକ୍ତକୁ ଧରାଇବାରେ ତାହାର ଜଣେ ନିକଟତର ବ୍ୟକ୍ତି ପୁଲିସକୁ ସୂଚନା ଦେଇଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଫକ୍ସ ନ୍ୟୁଜ୍ ସହ କଥାବାର୍ତ୍ତା ସମୟରେ କହିଛନ୍ତି, 'ମୁଁ ବହୁତ ଆଶାବାଦୀ ଯେ ଆମେ ସଠିକ୍ ଅଭିଯୁକ୍ତକୁ ଧରିଛୁ। ସେ ଏବେ ହେପାଜତରେ ଅଛି।' ଅନ୍ୟପକ୍ଷେ ନ୍ୟୁୟର୍କ ପୋଷ୍ଟ ଅନୁଯାୟୀ, ଚାର୍ଲି କିର୍କ ହତ୍ୟା ମାମଲାର ସନ୍ଦିଗ୍ଧ ଅଭିଯୁକ୍ତକୁ ଟାଇଲର ରବିନସନ ଭାବରେ ଚିହ୍ନଟ କରାଯାଇଛି।

୩୧ ବର୍ଷୀୟ ଚାର୍ଲି 'ଟର୍ଣ୍ଣିଂ ପଏଣ୍ଟ ୟୁଏସ୍‌ଏ' ଏବଂ 'ୟୁଥ୍ ଇନ୍ ଆମେରିକା' ଭଳି ସଂସ୍ଥାଗୁଡ଼ିକର ପ୍ରତିଷ୍ଠାତା ଥିଲେ। ତେବେ ଓରେମର ଉଟାହ ଭ୍ୟାଲି ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏକ ଜନସଭାକୁ ଚାର୍ଲି ସମ୍ବୋଧିତ କରୁଥିବା ବେଳେ ତାଙ୍କୁ କେହିଜଣେ ଦୁର୍ବୃତ୍ତ ଗୁଳିମାଡ଼ କରିଥିଲା। ଗୁଳିଟି ଚାର୍ଲିଙ୍କ ବେକରେ ବାଜିଥିଲା ଏବଂ ଘଟଣାସ୍ଥଳରେ ହିଁ ସେ ଟଳିପଡିଥିଲେ। ଚାର୍ଲି ଏକ ଚୌକିରେ ବସି ମାଇକ୍ରୋଫୋନ୍ ଯୋଗେ ନିଜ ଭାଷଣ ଦେଉଥିବା



ବେଳେ ପ୍ରାୟ ୨୦୦ ମିଟର ଦୂରତାରେ ଥିବା ଏକ ବିଲ୍ଡିଂର ଛାତ ଉପରୁ ଅଭିଯୁକ୍ତଜଣକ ଗୁଳି ଚଳାଇଥିଲା। ଏଥିରୁ ଗୁଳି ଚଳାଇଥିବା ଦୁର୍ବୃତ୍ତଜଣକ ପେଶାଦାର ସୁଟର ହୋଇପାରେ ବୋଲି ଏଫ୍‌ବିଆଇ ଅନୁମାନ କରୁଛି। ଏଫ୍‌ବିଆଇ ଏହି ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକ ଜବତ କରିଥିଲା ଓ ପରେ ପରେ ଅଭିଯୁକ୍ତର ଏକ ଫଟୋ ମଧ୍ୟ ଜାରି କରାଯାଇଥିଲା। ପ୍ରକାଶ, ଚାର୍ଲି ଜଣେ ପୋଡକାଷ୍ଟର ଭାବେ ସେ ଯୁବପିଢିଙ୍କ ମଧ୍ୟରେ ବେଶ୍ ପରିଚିତ ଥିଲେ। ପ୍ରକାଶ, ଚାର୍ଲିଙ୍କ ସମ୍ମାନାର୍ଥେ ଆମେରିକାରେ ରାଷ୍ଟ୍ରୀୟ ଶୋକ ପାଳନ ସହ ଜାତୀୟ ପତାକାକୁ ରବିବାର ସନ୍ଧ୍ୟା ୬ଟା ଯାଏ ଅର୍ଦ୍ଧନମିତ ରଖିବାକୁ ଟ୍ରମ୍ପ୍ ନିର୍ଦ୍ଦେଶ ଦେଇଛନ୍ତି।

# ସହିଦ୍‌ନଗର ଶୋ'ରୁମ୍‌ରେ ବ୍ରାଇଡାଲ୍ ଶୋ' କ୍ୟାମ୍ପେନ୍‌ର ଶୁଭାରମ୍ଭ କଲା ମାଲାବାର୍ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍

**ଭୁବନେଶ୍ୱର, ୧୨।୯/ଏଜେନ୍ସି:** ବିଶ୍ୱର ସର୍ବବୃହତ୍ ଏବଂ ସର୍ବାଧିକ ବିଶ୍ୱସ୍ତ ଅଳଙ୍କାର ସମୂହ ମଧ୍ୟରୁ ଅନ୍ୟତମ 'ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସ' ଏହାର ସହିଦ୍‌ନଗର ସ୍ଥିତ ଶୋ'ରୁମ୍‌ରେ ବ୍ରାଇଡାଲ୍ ଶୋ' କ୍ୟାମ୍ପେନ୍‌ର ଶୁଭାରମ୍ଭ କରିଛି। ନିଜର ଫ୍ଲାଗସିପ୍ ବ୍ରାଇଡାଲ୍ ଜ୍ୱେଲାରୀ କ୍ୟାମ୍ପେନ୍‌ର ଅଂଶବିଶେଷ ଭାବେ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସ ଚଳିତ ବର୍ଷ ସୁନା, ହୀରା, ପୋଲ୍‌କି, ମୂଲ୍ୟବାନ ମଣିପଥର ଏବଂ ଅନ୍ୟାନ୍ୟ ଅଳଙ୍କାରଗୁଡ଼ିକର ଏକ ସ୍ୱତନ୍ତ୍ର ସଂଗ୍ରହର ସମାହାରକୁ ନେଇ ନିଜ ଗ୍ରାହକଙ୍କ ନିକଟରେ ଉପସ୍ଥିତ ହୋଇଛି।

ଏହି ଶୋ' କୃତିକ୍ ସାହୁ, ଏ. ରାମେଶ୍ୱରୀ (ଲେଖିକା, ଅଭିନେତ୍ରୀ) ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍‌ର ଅନ୍ୟାନ୍ୟ ପରିଚାଳନା କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏତଦ୍‌ବ୍ୟତୀତ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ଏକ ଆଗୁଆ ବୁକିଂ ସୁବିଧା ମଧ୍ୟ ପ୍ରଦାନ କରୁଛି, ଯାହା ଅଧୀନରେ ଗ୍ରାହକମାନେ ସର୍ବନିମ୍ନ ୧୦% ଅଗ୍ରିମ ଦେଇ ନିଜ ମନପସନ୍ଦର ଅଳଙ୍କାରଗୁଡ଼ିକୁ ଆଗୁଆ ବୁକ୍ କରିପାରିବେ ଏବଂ ବୁକ୍ ହୋଇଥିବା ହାର (%) କିମ୍ବା ପ୍ରଚଳିତ ହାର (%) ଅନୁସାରେ ସେହି ଅଳଙ୍କାରକୁ ପାଇପାରିବେ, ଯାହାକି ଅପେକ୍ଷାକୃତ କମ୍‌ମୂଲ୍ୟ ହେବ।

ବ୍ରାଇଡାଲ୍ ଶୋ'ର ଶୁଭାରମ୍ଭ ସମ୍ପର୍କରେ ମତାମତ ଦେଇ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଛନ୍ତି, "ପ୍ରତିବର୍ଷ ଆମେ ପ୍ରଚଳନ କରୁଥିବା ଅନନ୍ୟ ଡିଜାଇନ୍ ନୂତନତ୍ୱ ଏବଂ ଆକର୍ଷଣୀୟ ଅଫର ଯୋଗୁଁ ବ୍ରାଇଡାଲ୍ ଶୋ' ଅଭିଯାନ ନୂତନ ଯୁଗର ବଧୂମାନଙ୍କ ମଧ୍ୟରେ ସବୁଠାରୁ ଲୋକପ୍ରିୟ ବଧୂ ଅଳଙ୍କାର କ୍ୟାମ୍ପେନ୍ ଭାବରେ ଉଭା ହୋଇଛି। ବିଭିନ୍ନ ଅଞ୍ଚଳରେ ନୂତନ




ଯୁଗର ବଧୂମାନଙ୍କୁ ଉତ୍କୃଷ୍ଟ ଡିଜାଇନ୍ ପ୍ରଦାନ କରିବାର ଆମର ଲକ୍ଷ୍ୟ ସହିତ, ଆମେ କିଛି ପ୍ରକୃତରେ ଅସାଧାରଣ ବଧୂ ଅଳଙ୍କାର ସଂଗ୍ରହ ମଧ୍ୟ ଆରମ୍ଭ କରିଛୁ। ଆମର ଗୁଣବତ୍ତା ଏବଂ ପବିତ୍ରତା ନିଶ୍ଚିତତା ସହିତ, ଆମର ବଧୂ ଅଳଙ୍କାର ସଂଗ୍ରହ ବଧୂମାନଙ୍କୁ ଆକର୍ଷିତ କରିବା ଜାରି ରଖିବ।"

ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍ସ 'ୱାନ୍ ଇଣ୍ଡିଆ ୱାନ୍ ଗୋଲ୍ଡ ରେଟ୍' ଯୋଜନା ପରି ପଦକ୍ଷେପ ମାଧ୍ୟମରେ ଗ୍ରାହକମାନଙ୍କୁ ଅସାଧାରଣ ମୂଲ୍ୟ ଏବଂ ସେବା ପ୍ରଦାନ କରିବାକୁ ପ୍ରତିବଦ୍ଧ, ଯାହା ଭାରତର ସମସ୍ତ ମାଲାବାର ଶୋ'ରୁମ୍‌ରେ ସୁନା ପାଇଁ ସ୍ଥିର ମୂଲ୍ୟ ସୁନିଶ୍ଚିତ କରିଥାଏ। କମ୍ପାନୀ ଏହାର ଗ୍ରାହକମାନଙ୍କୁ ମାଲାବାର ପ୍ରତିଶ୍ରୁତି ପ୍ରଦାନ କରେ, ଯେଉଁଥିରେ ନେଟ୍ ଓଜନ, ପଥର ଓଜନ ଏବଂ ପଥର ଚାର୍ଜ ଉପରେ ବିସ୍ତୃତ ସୂଚନା ସହିତ ସ୍ୱଚ୍ଛ ମୂଲ୍ୟ ଅନ୍ତର୍ଭୁକ୍ତ। ଗ୍ରାହକମାନେ ଅଳଙ୍କାର ଉପରେ ଜୀବନବ୍ୟାପୀ ମାଗଣା ରକ୍ଷଣାବେକ୍ଷଣ, ପୁରୁଣା ଅଳଙ୍କାର ବିନିମୟ ସମୟରେ ସୁନା ପାଇଁ ୧୦୦% ମୂଲ୍ୟ ଏବଂ ସୁନାର ଶୁଦ୍ଧତା ପ୍ରମାଣିତ କରୁଥିବା ଏଚ୍‌ୟୁଆଇଡି ହଲ୍‌ମାର୍କ ମଧ୍ୟ ଲାଭ କରନ୍ତି। ଏହା ସହିତ, ବ୍ରାଣ୍ଡ୍ ୨୮ଟି ଲ୍ୟାବ୍ ପରୀକ୍ଷଣ ମାଧ୍ୟମରେ ଗୁଣବତ୍ତା ନିଶ୍ଚିତତା ସହିତ ଆଇଜିଆଇ-ଜିଆଇଏ ପ୍ରମାଣିତ ହୀରା ମଧ୍ୟ ଉପଲବ୍ଧ କରାଇଥାଏ। ଏହା ସହିତ, ସମସ୍ତ ଅଳଙ୍କାର ଉପରେ ଏକ ବାଏବ୍ୟାକ୍ ଗ୍ୟାରେଣ୍ଟି ଏବଂ ୧ ବର୍ଷର ମାଗଣା ବୀମା କଭରେଜ୍ ସହ ଅନୁମୋଦିତ ଉତ୍ସରୁ ସୁନାର ଦାୟିତ୍ୱପୂର୍ଣ୍ଣ ସୋର୍ସିଂ, ଉପଯୁକ୍ତ ମଜୁରୀ, ସୁବିଧା ସହିତ ନ୍ୟାୟପୂର୍ଣ୍ଣ ବ୍ୟବହାର ଏବଂ କର୍ମଚାରୀମାନଙ୍କ ପାଇଁ ଏକ ଭଲ କାର୍ଯ୍ୟ ପରିବେଶ ମଧ୍ୟ ସୁନିଶ୍ଚିତ କରିଥାଏ।

**ମାଲାବାର୍ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ବିଷୟରେ:**

ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ୧୯୯୩ ମସିହାରେ ପ୍ରତିଷ୍ଠିତ ହୋଇଥିଲା ଏବଂ ଏହା ମାଲାବାର ଗ୍ରୁପ୍‌ର ଏକ ପ୍ରମୁଖ ବିବିଧ ଭାରତୀୟ ବ୍ୟବସାୟିକ ସଂଗଠନର ପ୍ରମୁଖ କମ୍ପାନୀ। ବାର୍ଷିକ ୬.୨ ବିଲିଅନ ଡଲାରର କାରବାର ସହିତ, କମ୍ପାନୀ ବର୍ତ୍ତମାନ ବିଶ୍ୱସ୍ତରରେ ୬ଷ୍ଠ ସର୍ବବୃହତ୍ ଅଳଙ୍କାର ଖୁଚୁରା ବିକ୍ରେତା ଏବଂ ଡେଲୋଇଟ୍‌ର ବିଳାସମୟ ଗୁଡ୍ସ ୱାର୍ଲ୍ଡ ରାଙ୍କିଂରେ ୧୬ତମ ସ୍ଥାନିତ ବ୍ରାଣ୍ଡ୍। ଏହାର ୧୩ଟି ଦେଶରେ ୪୦୦+ ରୁ ଅଧିକ ଶୋ'ରୁମର ଏକ ଦୃଢ଼ ଖୁଚୁରା ନେଟୱାର୍କ ଅଛି ଯାହା ଭାରତ, ମଧ୍ୟପ୍ରାଚ୍ୟ, ଦୂର ପୂର୍ବ, ଆମେରିକା, ୟୁକେ, କାନାଡା ଏବଂ ଅଷ୍ଟ୍ରେଲିଆରେ ବିସ୍ତାରିତ ବହୁବିଧ କାର୍ଯ୍ୟାଳୟ, ଡିଜାଇନ୍ କେନ୍ଦ୍ର, ପାଇକାରୀ ୟୁନିଟ୍ ଏବଂ କାରଖାନା ସହିତ ବିସ୍ତାରିତ ହୋଇଛି।

ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ଏକ ଅନଲାଇନ୍ ଶୋ'ରୁମ୍ www.malabargoldanddiamonds.com ମଧ୍ୟ ପ୍ରଦାନ କରେ ଯାହା ଗ୍ରାହକମାନଙ୍କୁ ସେମାନଙ୍କ ଘରୁ ଯେକୌଣସି ସମୟରେ ଏବଂ ଯେକୌଣସି ଦିନ ସେମାନଙ୍କର ପ୍ରିୟ ଅଳଙ୍କାର କ୍ରୟ କରିବାର ସୁଯୋଗ ପ୍ରଦାନ କରେ। ଇଏସ୍‌ଜି (ପରିବେଶିକ, ସାମାଜିକ ଏବଂ ପ୍ରଶାସନ) ଏବଂ ସିଏସ୍‌ଆର୍ ଏହାର ସ୍ଥାପନା ଦିନଠାରୁ ଗୋଷ୍ଠୀର ପ୍ରାଥମିକ ପ୍ରତିବଦ୍ଧତା ହୋଇଛି। ମାଲାବାର ଗ୍ରୁପ୍‌ର ମୁଖ୍ୟ କେନ୍ଦ୍ରିତ କ୍ଷେତ୍ରଗୁଡ଼ିକ ହେଉଛି ସ୍ୱାସ୍ଥ୍ୟ, ଗୃହ, କ୍ଷୁଧାମୁକ୍ତ ବିଶ୍ୱ, ଶିକ୍ଷା, ପରିବେଶ ଏବଂ ମହିଳା ସଶକ୍ତିକରଣ, ଯାହା ଏହାର ମୂଳ ବ୍ୟବସାୟରେ ଦାୟିତ୍ୱ ଏବଂ ସ୍ଥିରତାର ନୀତିକୁ ଏକୀକୃତ କରିଥାଏ।

ନିତିଦିନ NITIDIN



# ଖୋଲିଲା 'ଥିଲେ ଦିଅ ନଥିଲେ ନିଅ' କେନ୍ଦ୍ର




**ଓଡ଼ଗାଁ,୧୨।୯/ଏନ୍ଏନ୍ଏସ୍:** ଓଡ଼ଗାଁ ଏନ୍ଏସି ସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରାଙ୍ଗଣରେ 'ଥିଲେ ଦିଅ, ନଥିଲେ ନିଅ' କେନ୍ଦ୍ର ଖୋଲାଯାଇଛି। ଏନ୍ଏସିର କନିଷ୍ଠ ଯନ୍ତ୍ରୀ ସତ୍ୟନାରାୟଣ ସାହୁଙ୍କ ଉଦ୍ୟମ ଏବଂ ସ୍ଥାନୀୟ ତହସିଲଦାର ଡ଼.ମାନସ ରଞ୍ଜନ ଭୋଇଙ୍କ ସହଯୋଗରେ ଏହି କେନ୍ଦ୍ର ଖୋଲାଯାଇଛି। ଏହାର ଉଦ୍ଦେଶ୍ୟ ହେଉଛି ଯେ କୌଣସି ବ୍ୟକ୍ତିଙ୍କର ଅବ୍ୟବହୃତ ହୋଇ ପଡ଼ିଥିବା ଜିନିଷ ଏହିଠାରେ ପ୍ରଦାନ କରିବେ ଏବଂ ଯେଉଁ ବ୍ୟକ୍ତିବିଶେଷଙ୍କ ଏହି ଜିନିଷର ଆବଶ୍ୟକତା ଥିବ ସେମାନେ ଏହିଠାରୁ ନେଇପାରିବେ। ଯେମିତିକି ବ୍ୟବହାର ଉପଯୋଗୀ ପ୍ୟାଣ୍ଟସାର୍ଟ, ଚପଲ୍, ଜୋତା ଓ ଶାଢ଼ୀ ଇତ୍ୟାଦି। କେନ୍ଦ୍ର ଖୋଲାଯିବା ପରେ ଜନସାଧାରଣ ସ୍ୱେଚ୍ଛାକୃତ ଭାବେ ଆଗ୍ରହର ସହ ଜିନିଷ ପ୍ରଦାନ କରିବାର ଦେଖାଯାଉଛି ଓ ଆବଶ୍ୟକତା ଥିବା କିଛି ବ୍ୟକ୍ତି ମଧ୍ୟ ଆଗ୍ରହର ସହ ଏଠାରୁ ଜିନିଷ ବାଛି ନେଉଥିବାର ଦେଖାଯାଇଥିଲା। ଏହା ଦ୍ୱାରା ଗରିବ ଏବଂ ନିରାଶ୍ରୟ ବ୍ୟକ୍ତି ବିଶେଷ ଉପକୃତ ହେଉଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଆଗାମୀ ଦିନରେ ଫିଙ୍ଗାହେଉଥିବା ବ୍ୟବହାର ଉପଯୋଗୀ ଜିନିଷକୁ ସଂଗ୍ରହ କରି କାର୍ଯ୍ୟରେ ଲାଗିବାର ବ୍ୟବସ୍ଥା କରାଯିବ ବୋଲି ଯନ୍ତ୍ରୀ ଶ୍ରୀ ସାହୁ ସୂଚନା ଦେଇଛନ୍ତି।

## ଛାତ୍ର କନ୍ଦଳ

# ୨ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ



**ବୋଲଗଡ଼,୧୨।୯/ଏନ୍ଏନ୍ଏସ୍:** ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଧିନ ହାଟବସ୍ତସ୍ଥିତ ପଞ୍ଚାଗଡ଼ ଅନଙ୍ଗ ନରେନ୍ଦ୍ର ମହାବିଦ୍ୟାଳୟର ଦୁଇ ଗୋଷ୍ଠୀ ଛାତ୍ରଙ୍କ ମଧ୍ୟରେ ବଚସା ଓ ପରେ ଅପହରଣ, ଧାରୁଆ ଅସ୍ତ୍ରରେ ହାଣିବା ଓ ବନ୍ଧୁକରୁ ଫାଙ୍କା ଗୁଳି ଚାଳନା ପରି ଅଭାବନୀୟ ଘଟଣା ଘଟିଯାଇଛି। ପ୍ରକାଶ ଯେ ହାଟବସ୍ତ ଛକରେ ବୁଧବାର ରାତି ୮ଟାରେ ଫାଙ୍କା ଗୁଳିମାଡ଼ କରି ୨ ଯୁବକଙ୍କୁ ଅପହରଣ କରାଯାଇଥିଲା ଓ ପରେ ସେମାନଙ୍କୁ ଅପହରଣକାରୀମାନେ ଧାରୁଆ ଅସ୍ତ୍ରରେ ହାଣି ଗୁରୁତର କରିଥିଲେ। ଗୁରୁତର ଦୁଇ ଯୁବକ ହେଲେ ବଡ଼କୁମାରୀ ଗ୍ରାମର ମାନସ ଜେନା ଓ ଦୀପକ ପରିଡ଼ା। ଉଭୟଙ୍କୁ ଗୁଳିମାଡ଼ ସହ ଧାରୁଆ ଅସ୍ତ୍ରରେ ଆକ୍ରମଣ ହୋଇଛି।

ଗୁରୁତର ପରେ ଉଭୟଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ରାଜସୁନାଖଳା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଦୁହିଁଙ୍କ ସ୍ୱାସ୍ଥ୍ୟାବସ୍ଥା ଉଦ୍‌ବେଗଜନକ ହେବାରେ ସେମାନଙ୍କୁ ଭୁବନେଶ୍ୱର ସ୍ଥିତ ଏକ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ପଠାଇ ଦିଆଯାଇଛି। ଘଟଣାସ୍ଥଳରେ ବୋଲଗଡ଼ ପୁଲିସ ଅନୁସନ୍ଧାନ ଜାରିରଖିଛି। ଘଟଣାରେ ସମ୍ପୃକ୍ତ ସନ୍ଦେହରେ ୨ ଜଣ ଯୁବକଙ୍କୁ ବୋଲଗଡ଼ ଥାନା ପୁଲିସ ଅଟକ ରଖିଛି ଓ ପଚରାଉଚରା କରୁଛି। ସୂଚନା ମୁତାବକ ରାତି ପ୍ରାୟ ୮ଟାରେ ବାଙ୍କୋଇ ଅଞ୍ଚଳର ୧୦ରୁ ୧୨ ଜଣ ଯୁବ ଗୋଷ୍ଠୀ ବଡ଼କୁମାରୀ ଗାଁକୁ ଗୋଟିଏ ଗୋଷ୍ଠୀ ଯୁବକଙ୍କୁ ଆକ୍ରମଣ କରିବାକୁ ଆସୁଥିଲେ। ସେହି ସମୟରେ ହାଟବସ୍ତ ଛକରେ ବଡ଼କୁମାରୀ ଗ୍ରାମର ଅଭୟ ଜେନାଙ୍କ ପୁଅ ମାନସ ଜେନା (୨୨) ଓ ଦିଲ୍ଲୀପ ପରିଡ଼ାଙ୍କ ପୁଅ ଦୀପକ ପରିଡ଼ା (୨୧) ଦୁଇ ଯୁବକଙ୍କୁ ବନ୍ଧୁକ ଓ ଧାରୁଆ ଅସ୍ତ୍ର ଦେଖାଇ ଅପହରଣ କରିନେଇଥିଲେ। କୌଣସି ସୂତ୍ରରୁ ସୂଚନା ପାଇବା ପରେ ତୁରନ୍ତ ବୋଲଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅପହରଣକାରୀମାନେ ଦୁଇ ଯୁବକଙ୍କୁ ଧରି ଭାପୁର ଅଞ୍ଚଳକୁ ଚାଲିଯାଉଥିଲେ। ଭାପୁର ବ୍ଲକ ସୀମାନ୍ତ ବୋଲଗଡ଼ ଥାନା ପାଟବନ୍ଧଠାରେ ବୋଲଗଡ଼ ପୁଲିସ ପହଞ୍ଚିବା ପୂର୍ବରୁ ଅପହରଣକାରୀ ଧାରୁଆ ଅସ୍ତ୍ରଶସ୍ତ୍ରରେ ୨ଯୁବକଙ୍କ ହାତ ଓ ମୁଣ୍ଡକୁ ଆକ୍ରମଣ କରିବା ସହ ମାନସ ଜେନାଙ୍କ ପଛ ପଟ ପିଠା ଅଂଶକୁ ଗୁଳି କରି ଛାଡ଼ି ଚାଲିଯାଇଥିଲେ। ସୂଚନା ପାଇ ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ପୁଲିସ ସମସ୍ତ ଅଞ୍ଚଳ ନାକାବନ୍ଦୀ କରିଥିଲା। ଏପରିକି ଅପହରଣକାରୀମାନେ ଖସିଯିବା ପାଇଁ ଫତେଗଡ଼ ପୁଲିସ ଉପରକୁ ୨ରାଉଣ୍ଡ ଗୁଳି ଚଳାଇ ସେହି ଥାନା ଅଞ୍ଚଳ ବାଲିଆପାଟ ଧାନ ଜମି ମଧ୍ୟରେ ଲୁଚିଥିଲେ। ଅନ୍ୟମାନେ ଖସିଯାଇଥିବା ବେଳେ ୨ଜଣଙ୍କୁ ରାତି ପ୍ରାୟ ୧ଟା ସମୟରେ ବୋଲଗଡ଼ ପୁଲିସ ପକ୍ଷରୁ କାବୁ କରାଯାଇଥିଲା। ସେହି ରାତିରେ ଅପରାଧୀମାନଙ୍କୁ ଧରିବା ପାଇଁ ଖୋର୍ଦ୍ଧା ଟାଉନ, ଖୋର୍ଦ୍ଧା ସଦର, ବେଗୁନିଆ ଥାନା, ଫତେଗଡ଼ ପୁଲିସ, ବାଘମାରି ଓ ବୋଲଗଡ଼ ଥାନା ପୁଲିସ ସହ ଏକ ପ୍ଲାଟୁନ ଫୋର୍ସ ଅଞ୍ଚଳରେ ମୁତୟନ ହୋଇଥିଲେ। ମାନସ ଜେନାଙ୍କ ପିଠାରୁ ଗୋଟିଏ ଗୁଳି ସଫଳତାର ସହ ଡାକ୍ତରମାନେ ବାହାର କରିଛନ୍ତି। ବୋଲଗଡ଼ ଥାନା ନିରୀକ୍ଷକ ସ୍ନିଗ୍ଧାମୟୀ ବରାଳଙ୍କ ସୂଚନା ଅନୁଯାୟୀ ବାଙ୍କୋଇ ମହାବିଦ୍ୟାଳୟ ପରିସରରେ ଗତ ୩ତାରିଖ ଦିନ ବାଙ୍କୋଇ ଅଞ୍ଚଳ କିଛି ଯୁକ୍ତ୨ ଛାତ୍ରଙ୍କ ସହ ବଡ଼କୁମାରୀ ଗ୍ରାମ କିଛି ଯୁକ୍ତ ୩ ଛାତ୍ର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାକୁ ନେଇ ମୌଖିକ ଭାବେ କଲେଜ ଯୁକ୍ତ୨ ଓ ଯୁକ୍ତ ୩ ଅଧ୍ୟକ୍ଷ ବାଙ୍କୋଇ ଫାଣ୍ଡିକୁ ଏ ସମ୍ପର୍କରେ ଜଣାଇଥିଲେ। ପରେ ୨ଗୋଷ୍ଠୀର ଛାତ୍ରଙ୍କ ଅଭିଭାବକମାନେ ଏହାର ଆଶୁ ସମାଧାନ ପାଇଁ ୧୧ ତାରିଖ ସ୍ଥିର କରିଥିଲେ। ଏହା ମଧ୍ୟରେ ଦୁଇ ଗୋଷ୍ଠୀର ଛାତ୍ରମାନଙ୍କୁ ବାଦ୍ ଦେଇ ୨ଅଞ୍ଚଳର ଅଣଛାତ୍ର ଯୁବକମାନେ ଉଭୟଙ୍କ ମଧ୍ୟରେ କଡ଼ା ମୁକାବିଲା ପାଇଁ ଛକଛକି ହେଉଥିଲେ। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବାଙ୍କୋଇ ଗ୍ରାମର ସିଲୁ ଛୋଟରାୟ ରହିଥିବା ଓ ଏହି ଅଭିଯୁକ୍ତ ଦ୍ୱାରା ବନ୍ଧୁକ ଚାଳନା ହେଉଥିଲା ବୋଲି ପୁଲିସ ସୂଚନା ଦେଇଛି। ବୋଲଗଡ଼ ଥାନାରେ ଅଟକ ରହିଥିବା ୨ଜଣ ଯୁବକଙ୍କୁ ବାଙ୍କୋଇ ଫାଣ୍ଡିର ପୂର୍ବତନ ନିରୀକ୍ଷକ ତୁଷାରକାନ୍ତ ନାୟକ ଓ ବୋଲଗଡ଼ ଥାନା ନିରୀକ୍ଷିକା ଘଟଣା ସମ୍ପର୍କରେ ଜେରା ଚାଲୁ ରଖିଛନ୍ତି। ବୁଧବାର ରାତିଠାରୁ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ, ଖୋର୍ଦ୍ଧା ଏସପି ବିବେକାନନ୍ଦ ଶର୍ମା,ଖୋର୍ଦ୍ଧା ଏସଡିପିଓ ଅନିଲ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଘଟଣା ଉପରେ ନଜର ରଖିଛନ୍ତି। ଗୁରୁତର ମାନସ ଜେନାଙ୍କ ବଡ଼ଭାଇ ନିହାର କୁମାର ଜେନାଙ୍କ ଏତଲାକ୍ରମେ ବୋଲଗଡ଼ ଥାନା ପୁଲିସ କେସ ନଂ୨୦୭/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ସବ୍ ଜୋନ୍‌ସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ



**ଚାରିଛକ,୧୨।୯/ଏନ୍ଏନ୍ଏସ୍:** ନିମାପଡ଼ା ବ୍ଲକ ଚାରିଛକସ୍ଥିତ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ଦ୍ୱାରା ଆୟୋଜିତ ସବ୍ ଜୋନ୍‌ସ୍ତରୀୟ କବାଡ଼ି, ଖୋଖୋ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନ ଉତ୍ସବ ନିକଟସ୍ଥ ତୁଳସୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ପ୍ରତିଯୋଗିତା ଉତ୍ସବ ପ୍ରାରମ୍ଭରୁ ତୁଳସୀପୁର ଗ୍ରାମର କନକଦୁର୍ଗା ମନ୍ଦିରରୁ କ୍ରୀଡ଼ା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ମଶାଲ ଶୋଭାଯାତ୍ରା ବାହାରି କ୍ରୀଡ଼ା ଉତ୍ସବ ସ୍ଥଳରେ ପହଞ୍ଚିଥିଲା। ନିମାପଡ଼ା ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟକୁ ୪ଟି ଜୋନ୍‌ରେ ବିଭକ୍ତ କରାଯାଇଛି।

ଚାରିଛକ ସବ୍-ଜୋନ୍ କ୍ରୀଡ଼ା ସଂଗଠନର ସଂଯୋଜକ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କ୍ରୀଡ଼ା ଉତ୍ସବରେ ମୁଖ୍ୟଅତିଥି ଭାବେ ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ର, ମୁଖ୍ୟବକ୍ତା ଭାବେ ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନନ୍ଦିତା ସାହୁ, ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ନାୟକ, ବ୍ରଜ କିଶୋର ସାହୁ, ଡେଜି ରାୟ, ଦ୍ୱିଜବର ମୁଦୁଲି, ନିରଞ୍ଜନ କର, ଦାମୋଦର ମିଶ୍ର, କୈଳାସ ଚନ୍ଦ୍ର ସାହୁ, ସବିତା ମହାନ୍ତି, ରଣଜିତ କେଶରୀ ନାୟକ, ପ୍ରଭାତ କୁମାର ଦାଶ, ରବୀନ୍ଦ୍ର କୁମାର ତ୍ରିପାଠୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, କ୍ରୀଡ଼ା ଶିକ୍ଷକ, ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ। କୁନି କୁନି ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ଏହି ଅବସରରେ ଶାରୀରିକ ଶିକ୍ଷା ଶିକ୍ଷକ ରାଜକିଶୋର ସାହୁ, ହରେକୃଷ୍ଣ ଚୌଧୁରୀ, ବିଚିତ୍ରାନନ୍ଦ ବେହେରା, ମୁରଲୀଧର ପ୍ରଧାନ, ନେତ୍ରାନନ୍ଦ ବାରିକଙ୍କ ସମେତ ସମସ୍ତ ଶାରୀରିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥିଙ୍କ ଦ୍ୱାରା କ୍ରୀଡ଼ା ପତାକା ଉତ୍ତୋଳନ ପରେ କ୍ରୀଡ଼ା ଶିକ୍ଷକ କ୍ରୀଡ଼ା ଆରମ୍ଭ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ସଙ୍କେତ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ତ୍ରିଲୋଚନ କର ସଂଯୋଜନା କରିଥିବାବେଳେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷକ ମୁରଲୀଧର ପ୍ରଧାନ ଧନ୍ୟବାଦ୍ ଦେଇଥିଲେ।

# ଏବିଭିପିର ନୂତନ କ୍ୟାମ୍ପସ୍ ୟୁନିଟ୍ ଘୋଷଣା



**କଣ୍ଟିଲୋ,୧୨।୯/ଏନ୍ଏନ୍ଏସ୍:** ବିଶ୍ୱର ସର୍ବବୃହତ୍ ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, (ଏବିଭିପି) ତରଫରୁ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ଆଜି ୨୦୨୫-୨୬ ଶିକ୍ଷା ବର୍ଷ ନିମନ୍ତେ ନୂତନ କ୍ୟାମ୍ପସ୍ ୟୁନିଟ୍ ଗଠନ ହୋଇଯାଇଛି। ପ୍ରକାଶ ଯେ ନୟାଗଡ଼ ଜିଲ୍ଲା ସହ ସଂଯୋଜକ ମଙ୍ଗୁଲି ବେହେରାଙ୍କ ଉପସ୍ଥିତିରେ କ୍ୟାମ୍ପସ ୟୁନିଟ୍‌ର ନୂତନ କର୍ମକର୍ତ୍ତା ଓ ଅନ୍ୟ ସଦସ୍ୟମାନଙ୍କ ନାମ ଘୋଷଣା କରାଯାଇଛି। ଏଥିରେ ସଭାପତି ଭାବେ ସୂର୍ଯ୍ୟକାନ୍ତି ସ୍ୱାଇଁ, ଉପସଭାପତି ଭାବେ ରାଜେଶ ନାୟକ, ଲକ୍ଷ୍ମୀପ୍ରିୟା ପ୍ରଧାନ, ସଚ୍ଚିଦାନନ୍ଦ ସ୍ୱାଇଁ, ସମ୍ପାଦକ ଭାବେ ଚନ୍ଦନ ନାୟକ, ସହ-ସମ୍ପାଦକ ଭାବେ ମିଳନ ପ୍ରଧାନ, ଏସ୍ଏଫ୍ଏସ୍ ପ୍ରମୁଖ ସୁମେଶ ମହାରଣା, ଏନ୍ଏସ୍ଏସ୍ ପ୍ରମୁଖ ଚିନ୍ମୟ ପଣ୍ଡା, ଏନ୍‌ସିସି ପ୍ରମୁଖ ଶୁଭଲକ୍ଷ୍ମୀ ଖଟୁଆ, ସହ-ପ୍ରମୁଖ ଭାବେ ଦୀପା ମନ୍ତ୍ରୀ, କୁନି ସାହୁ ପ୍ରମୁଖ ମନୋନୀତ ହୋଇଛନ୍ତି। ୧୫ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀଙ୍କୁ କ୍ୟାମ୍ପସ୍ ୟୁନିଟ୍‌ରେ ନୂତନ ଦାୟିତ୍ୱ ମିଳିଛି। ଆଗାମୀ ଦିନରେ କ୍ୟାମ୍ପସ୍‌ରେ ଥିବା ସମସ୍ତ ସମସ୍ୟାର ସମାଧାନ ପାଇଁ ନୂତନ ଦାୟିତ୍ୱ ପାଇଥିବା ବିଦ୍ୟାର୍ଥୀମାନେ ଛାତ୍ରଛାତ୍ରୀମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ସମ୍ପର୍କରେ ରାଜ୍ୟ କାର୍ଯ୍ୟାଳୟ ସମ୍ପାଦକ ବୃନ୍ଦାବନ ସୂଚନା ଦେଇଛନ୍ତି।

# ନାବାଳିକା ଦୁଷ୍କର୍ମ ଘଟଣାରେ ଯୁବକ ଗିରଫ

**ଓଡ଼ଗାଁ,୧୨।୯/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଶରଣକୁଳ ଥାନା ଗୋଡ଼ିପଡ଼ା ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ କରି ଦୁଷ୍କର୍ମ ଅଭିଯୋଗରେ ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଦୁଇ ବର୍ଷ ତଳେ ଗୋଡ଼ିପଡ଼ା ଅଞ୍ଚଳର ଜଣେ ନାବାଳିକାଙ୍କୁ କିଏ ଅପହରଣ କରି ନେଇଥିଲା। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ନାବାଳିକାର ପତା ମିଳିନଥିଲା। ପରେ ଗୋଡ଼ିପଡ଼ା ହରିଜନସାହିର ଭୋବନା ନାହାକଙ୍କ ପୁଅ ସୁଜଳ ନାହାକ (୨୦) ଜଣେ ନାବାଳିକାକୁ ଅପହରଣ କରି ନେଇଥିବା ଜଣାପଡ଼ିଥିଲା। ଯୁବକ ନାବାଳିକାକୁ ୨ବର୍ଷ ଧରି ବାହାରେ ରଖିବା ପରେ ତାକୁ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖୁଥିଲା। କିଛି ଦିନ ତଳେ ସୁଜଳ ନାବାଳିକାକୁ ସାଙ୍ଗରେ ଧରି ଘରକୁ ଫେରିଥିଲା। ସେତେବେଳକୁ ନାବାଳିକାର ବୟସ ୧୮ ବର୍ଷ ହୋଇଥିଲା। ଏଥିପାଇଁ ସେ ଯୌତୁକ ଦାବିକରି ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେଇ ଆସୁଥିବା ଝିଅର ମାଆ ଶରଣକୁଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶରଣକୁଳ ପୁଲିସ ଘଟଣାର ତଦନ୍ତକରି ପୋକ୍ସୋ ଆକ୍ଟରେ ଯୁବକଙ୍କୁ ଗିରଫକରି ଗତକାଲି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ପୁଲିସ୍ ଆଇନ ୩୦ ଧାରା ୯୦ ଦିନ ପର୍ଯ୍ୟନ୍ତ ବଳବତ୍ତର

**ପୁରୀ,୧୨।୯/ଏନ୍ଏନ୍ଏସ୍:** ପୁଲିସ ଆଇନର ୩୦ ଧାରା ପୁରୀ ଜିଲ୍ଲାରେ ଲାଗୁ କରାଯାଇଛି। ଏହା ଅଗଷ୍ଟ ୨୫ଠାରୁ ନଭେମ୍ବର ୨୨ ତାରିଖ ୯୦ ଦିନ ପର୍ଯ୍ୟନ୍ତ ପୁରୀ ଜିଲ୍ଲାର ସମସ୍ତ ପୁଲିସ ଷ୍ଟେସନ ଅଞ୍ଚଳ, ପୁରୀ ମ୍ୟୁନିସିପାଲିଟି, ପିପିଲି, କୋଣାର୍କ ଓ ନିମାପଡ଼ା ଏନ୍ଏସି ଅଞ୍ଚଳରେ ବଳବତ୍ତର ରହିବ। ଏହି ସମୟ ମଧ୍ୟରେ ବିନା ଅନୁମତିରେ ସଭା, ଶୋଭାଯାତ୍ରା, ମାଇକ ବ୍ୟବହାରକୁ ବେଆଇନ ଘୋଷଣା କରାଯାଇଛି ବୋଲି ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

# ତ୍ରିଲୋଚନ କାନୁନ୍‌ଗୋଙ୍କ ଜୟନ୍ତୀରେ ଗଣଦୌଡ଼



**କଣ୍ଠାପଡ଼ା,୧୨।୯/ଏନ୍ଏନ୍ଏସ୍:** ମହାନ ଜନନେତା ତ୍ରିଲୋଚନ କାନୁନ୍‌ଗୋଙ୍କର ୮୬ତମ ଜନ୍ମତିଥି ପାଳନ ଅବସରରେ ଏକ ଗଣଦୌଡ଼ କଣ୍ଠାପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଉଦୟନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପର୍ଯ୍ୟନ୍ତ ହୋଇଯାଇଛି। ଏଥିରେ ବହୁସଂଖ୍ୟାରେ ଛାତ୍ରଛାତ୍ରୀମାନଙ୍କ ସହିତ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ମହଲ, ବର୍ତ୍ତମାନର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଯତୀନ୍ଦ୍ରନାଥ ବରାଳ, କଣ୍ଠାପଡ଼ା ପଞ୍ଚାୟତ ସରପଞ୍ଚ ନିର୍ମଳ କୁମାର ସାହୁ, ସମିତି ସଭ୍ୟ ପବିତ୍ରମୋହନ ସ୍ୱାଇଁ, ଯୁବ ସମାଜସେବୀ ପବିତ୍ର ମୋହନ ପ୍ରଧାନ, ଶିକ୍ଷକ ଶ୍ରୀଧର ବେହେରା, ୱାର୍ଡସଭ୍ୟ କମଳାକାନ୍ତ ସାହୁ, ଧରଣୀଧର ସ୍ୱାଇଁ, ବବୁଆ ପ୍ରମୁଖ ଗଣଦୌଡ଼ କାର୍ଯ୍ୟକ୍ରମରେ ସାମିଲ ଥିଲେ। ପରେ ପରେ ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପରିସରରେ ଅମର ଆତ୍ମାଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ସାମ୍ବାଦିକ ରବି ଦାସ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଓ ବରିଷ୍ଠ ଶିକ୍ଷାବିତ୍ ଓ ବରିଷ୍ଠ ଭାଷାବିତ୍‌ମାନେ ଜନନେତାଙ୍କ ସ୍ମୃତିଚାରଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବକ୍ତୃତା ପ୍ରତିଯୋଗିତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ସହିତ ଶିକ୍ଷକ ଓ କର୍ମଚାରୀଙ୍କ ଦ୍ୱାରା ସ୍ମୃତି ସ୍ୱରୂପ ବୃକ୍ଷରୋପଣ କରାଯାଇଥିଲା।

# କଲେଜ ପ୍ରତିଷ୍ଠାତାଙ୍କୁ ଶ୍ରଦ୍ଧାଞ୍ଜଳି

**ଖଣ୍ଡପଡ଼ା,୧୨।୯/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ସହରାଞ୍ଚଳର ମହିଳା ମହାବିଦ୍ୟାଳୟ ପରିସରରେ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠାତା ସଭାପତି ଦିବଂଗତ ପୂର୍ବତନ ବିଧାୟକ ଅରୁଣ ପଟ୍ଟନାୟକଙ୍କ ୨୯ତମ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। କଲେଜ ପରିସର ମଧ୍ୟରେ ଥିବା ପ୍ରତିମୂର୍ତ୍ତିରେ ମହାବିଦ୍ୟାଳୟ ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ର, ବରିଷ୍ଠ ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତିଙ୍କ ସମେତ ଅନ୍ୟ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀମାନଙ୍କ ସହିତ ଶତାଧିକ ଛାତ୍ରୀ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ୧୯୯୨ ମସିହାରେ ସ୍ୱର୍ଗତ ପଟ୍ଟନାୟକ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ଏକମାତ୍ର ମହିଳା ଉଚ୍ଚ ଶିକ୍ଷା ଅନୁଷ୍ଠାନ ଭାବେ ଏହି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପଦକ୍ଷେପ ନେଇଥିଲେ। ଏହି ଉଦ୍ୟମ ସମଗ୍ର ଅଞ୍ଚଳ ପାଇଁ ନାରୀ ଶିକ୍ଷାର ପ୍ରସାର ଦିଗରେ ଏକ ମାଇଲ ଖୁଣ୍ଟ ଥିଲା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ନଳକୂପ ନିର୍ମାଣରେ ନିମ୍ନମାନର ଯନ୍ତ୍ରାଂଶ ବ୍ୟବହାର ଅଭିଯୋଗ

**ନୟାହାଟ,୧୨।୯/ଏନ୍ଏନ୍ଏସ୍:** ନୟାହାଟ ଅଞ୍ଚଳରେ ନିର୍ମାଣ ହୋଇଥିବା ନଳକୂପଗୁଡ଼ିକରେ ନିମ୍ନମାନର ନଳକୂପ ଯନ୍ତ୍ରାଂଶ ବ୍ୟବହାର କରାଯାଇଥିବା ସାଧାରଣରେ ଅଭିଯୋଗ ହେଉଛି। ଗ୍ରାମାଞ୍ଚଳରେ ବସାଯାଇଥିବା ସରକାରୀ ନଳକୂପରେ ନିମ୍ନମାନର ୱାସର୍, ସିଟିବଲ୍, ପଞ୍ଜରା, ରଡ୍ ଏବଂ ପ୍ଲାଷ୍ଟିକ୍ ପାଇପ ବ୍ୟବହାର ଯୋଗୁଁ ସେଗୁଡ଼ିକ ଅଳ୍ପ ଦିନରେ ଅଚଳ ହୋଇପଡୁଛି। ଏଥିରେ ବ୍ୟାପକ ଦୁର୍ନୀତି ହୋଇଥିବା ଜଣେ ସରକାରୀ କର୍ମଚାରୀ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଏହିସବୁ ସାମଗ୍ରୀ ବିକ୍ରି କରୁଥିବା ସଂସ୍ଥାକୁ ଠାବ କରାଯାଇ ଚଢ଼ଉ କରିବାକୁ ସାଧାରଣରେ ଦାବି ହେଉଛି।

## ୧୦ ବର୍ଷ ଧରି ଗୋଟିଏ ସ୍ଥାନରେ ୪ ସୁପରଭାଇଜର୍

# କାର୍ଯ୍ୟକାରୀ ହେଉନି ବଦଳି ନୀତି

**ଅସ୍ତରଙ୍ଗ,୧୨।୯/ଏନ୍ଏନ୍ଏସ୍:** ଶୈଶବର ବିକାଶ, ଗର୍ଭବତୀ, ପ୍ରସୂତିଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଧ୍ୟାନ ସହ ଶିଶୁମାନଙ୍କୁ ଅପୃଷ୍ଟିରୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟର ସମସ୍ତ ବ୍ଲକରେ ସମନ୍ୱିତ ଶିଶୁ ବିକାଶ ବିଭାଗ କାର୍ଯ୍ୟ କରୁଛି। ଅଙ୍ଗନବାଡି କେନ୍ଦ୍ର ଗୁଡିକର ସୁପରିଚାଳନା ପାଇଁ ବିଭିନ୍ନ ସ୍ଥାନରେ ସେକ୍ଟରମାନ ଖୋଲାଯାଇଛି। ସେକ୍ଟର୍‌ଗୁଡ଼ିକ ନିୟମିତ ପରିଦର୍ଶନ, ଅଙ୍ଗନବାଡ଼ି କେନ୍ଦ୍ରର ଖାତା ପତ୍ର ଯାଞ୍ଚ, ଛତୁଆ ଏବଂ ପୃଷ୍ଟିକର ଖାଦ୍ୟ ପଦାର୍ଥ ବଣ୍ଟନରେ ସ୍ୱଚ୍ଛତା ଆଦି ଏକାଧିକ ଦାୟିତ୍ୱ ସୁପରଭାଇଜର୍‌ମାନଙ୍କ ଉପରେ ନ୍ୟସ୍ତ ଅଛି। କିନ୍ତୁ କାକଟପୁର ବ୍ଲକ ସମନ୍ୱିତ ଶିଶୁବିକାଶ ବିଭାଗ ଅଧିନରେ ବାଲିଦୋକାନ, ଜଳେଶ୍ୱରପଡ଼ା, ବାଙ୍ଗୁରୀଗାଁ, କୁଣ୍ଢେଇ, କାକଟପୁର, କଟକଣା, ପାଟସୁନ୍ଦରପୁର ଆଦି ୭ଟି ସେକ୍ଟର ପାଇଁ ୬ ଜଣ ଲେଡି ସୁପରଭାଇଜର ଅଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣ ଲେଡି ସୁପରଭାଇଜର ଆଜକୁ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏଠାରେ ଆସ୍ଥାନ ଜମାଇଥିଲେ ମଧ୍ୟ ସେମାନଙ୍କର ଅନ୍ୟତ୍ର ବଦଳି ହେଉନାହିଁ ବୋଲି ଅଭିଯୋଗ ହେଉଛି। ସୁପରଭାଇଜର୍‌ମାନଙ୍କ ବଦଳି ୩ ବର୍ଷ ଅନ୍ତରରେ ହେବାର ନିୟମ ଥିବା ବେଳେ ରାଜନୈତିକ ଛତ୍ରଛାୟା ତଳେ ରହି ଏହି ୪ ଲେଡି ସୁପରଭାଇଜର ଗୋଟିଏ ସ୍ଥାନରେ ୧୦ ବର୍ଷରୁ ଅଧିକ ସମୟ ବିତାଇଲେଣି। ଏମାନଙ୍କ ବଦଳି ହେଉନଥିବାରୁ ସେକ୍ଟର ଅଧିନରେ ଥିବା ଏକାଧିକ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକ ମନମାନିରେ ଚାଲିଛି। ଏ ନେଇ ବହୁ ଅଭିଯୋଗ ଜିଲ୍ଲା କାର୍ଯ୍ୟାଳୟରେ ପହଞ୍ଚିଥିଲେ ମଧ୍ୟ ଅଭିଯୋଗକୁ ଚପାଇ ଦିଆଯାଉଛି। ବହୁ ସ୍ଥାନରେ କେନ୍ଦ୍ର ପରିଚାଳନାକୁ ନେଇ ଅଭିଭାବକ ମହଲରେ ଅସନ୍ତୁଷ୍ଟ ପ୍ରକାଶ ପାଇଛି। ଗୋଟିଏ ସ୍ଥାନରେ ସୁପରଭାଇଜର୍‌ମାନେ ବର୍ଷ ବର୍ଷ ଧରି କାର୍ଯ୍ୟ କରିବା ଫଳରେ ଦୁର୍ନୀତି ଆପଣା ଛାଏଁ ବଢ଼ିଚାଲିଛି ବୋଲି ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ପୁରୀ ଜିଲ୍ଲାପାଳ ଏଦିଗରେ ଦୃଷ୍ଟି ଦେଇ କାକଟପୁର ବ୍ଲକରେ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଆସ୍ଥାନ ଜମାଇଥିବା ସୁପରଭାଇଜର୍‌ମାନଙ୍କ ଅନ୍ୟତ୍ର ବଦଳି ପାଇଁ ଅଭିଭାବକ ମହଲରେ ଦାବି ହୋଇଛି।

# ମାଗଣା ଚକ୍ଷୁ ଚିକିତ୍ସା ଶିବିର



**ଓଡ଼ଗାଁ,୧୨।୯/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ କୋମଣ୍ଡ ପଞ୍ଚାୟତ କାର୍ଯ୍ୟାଳୟଠାରେ କଟକ ଅର୍ବାନ ହସ୍ପିଟାଲ ଓ କୋମଣ୍ଡ ପଞ୍ଚାୟତର ମିଳିତ ସହଯୋଗରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଓ ସ୍ୱାସ୍ଥ୍ୟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୨୫ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୫ ଜଣଙ୍କର ମୋତିଆବିନ୍ଦୁ ଅସ୍ତ୍ରୋପଚାର ନିମନ୍ତେ ଆଜି ଅପରାହ୍ଣରେ କଟକ ଆଇ ହସ୍ପିଟାଲକୁ ନିଆଯାଇଛି ଓ ୧୦୩ ଜଣଙ୍କୁ ଚଷମା ପ୍ରଦାନ କରାଯାଇଛି। କୋମଣ୍ଡ ସରପଞ୍ଚ ଦୀପିକା ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିବାବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ସେଠୀ, ସମାଜସେବୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଉପସ୍ଥିତରହି ସମସ୍ତଙ୍କୁ ଉତ୍ସାହିତ କରିବା ସହିତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। କଟକ ଅର୍ବାନ ହସ୍ପିଟାଲର ଡାକ୍ତର ମହମ୍ମଦ ଜାଭେଦ୍, କ୍ୟାମ୍ପ ମ୍ୟାନେଜର ଚନ୍ଦ୍ରରାଜ୍ ଭଞ୍ଜ, ଟେକ୍ନିସିଆନ୍ ପ୍ରଶାନ୍ତ କୁମାର ବେହେରା ରୋଗୀମାନଙ୍କର ଡାଇବେଟିସ୍, ଆଖି ଓ ରକ୍ତଚାପ ପରୀକ୍ଷା କରିବା ସହିତ ଶିବିରାର୍ଥୀଙ୍କୁ ଔଷଧ ବିତରଣ କରି ଆବଶ୍ୟକ ପରାମର୍ଶ ଦେଇଥିଲେ।

**ନିତି ଭାରତୀ**
ଅବସରକୁ ଭଲ ପାଅ ନାହିଁ । ଗୋଟିଏ ମିନିଟ୍ ମଧ୍ୟ ସମୟ ନଷ୍ଟ କରନାହିଁ । ସାହସୀ ହୁଅ, ସତ୍ୟକୁ ଅନୁଭବ କର ।
**- ସ୍ୱାମୀ ଶିବାନନ୍ଦ**

NITIDIN
ନିତିଦିନ
ଶନିବାର , ୧୩ ସେପ୍ଟେମ୍ବର, ୨୦୨୫

# ବିଚାରଶୀଳତା ଓ ମନୁଷ୍ୟ



ଅଧ୍ୟାପକ ଗୋପବନ୍ଧୁ

ସୁପ୍ରସିଦ୍ଧ ଦାର୍ଶନିକ ଆରିଷ୍ଟୋଟଲ ମନୁଷ୍ୟର ସଂଜ୍ଞା ଦେବାକୁ ଯାଇ କହିଛନ୍ତି ଏମାନେ ହେଉଛନ୍ତି 'ବିଚାର ବୁଦ୍ଧିସମ୍ପନ୍ନ ପ୍ରାଣୀ ।' ଏକଥା ମନକୁ ସେ କହି ନାହାନ୍ତି । ଅନେକ ଅନୁଧ୍ୟାନ ଓ ଅନୁଶୀଳନ ପରେ ସେ ଏକଥା କହିଛନ୍ତି । ମନୁଷ୍ୟ ବିଶ୍ୱର ଶ୍ରେଷ୍ଠତମ ଜୀବ । ଏଇଥିପାଇଁ ଶ୍ରେଷ୍ଠ, ଯେହେତୁ ତା' ନିକଟରେ ବିଚାର ବୁଦ୍ଧିସମ୍ପନ୍ନତା ଗୁଣ ରହିଛି । ସେ ଯାହା କରେ, ବୁଝି ବିଚାରି କରେ । କାର୍ଯ୍ୟ କରିବା ପୂର୍ବରୁ ସେ ଭଲ ମନ୍ଦକୁ ତଉଲେ । ଏ ଗୁଣ ତା'ର ଅନ୍ତର୍ନିହିତ । ପ୍ରତ୍ୟେକ କ୍ଷେତ୍ରରେ ଯେ କୌଣସି ପରିସ୍ଥିତିରେ ତା'ର ଏ ଗୁଣ ପ୍ରତିକ୍ରିୟାଶୀଳ ହୁଏ । ତା'ର ପ୍ରତ୍ୟେକ ସିଦ୍ଧାନ୍ତ ମୂଳରେ ଏହି ଗୁଣ କାମ କରେ । ବିଚାର ବୁଦ୍ଧି ଗୁଣରୁ ତର୍କକ୍ଷମ ହେବା, କାରଣିକତା ସମ୍ବନ୍ଧରେ ଅବଗତ ହେବା, ବୈଜ୍ଞାନିକ ଅନୁସନ୍ଧାନର ବଶବର୍ତ୍ତୀ ହେବା ପ୍ରଭୃତି ଅନ୍ୟାନ୍ୟ ଗୁଣ ନିଃସୃତ ହୁଏ । ଏହା ଏପରି ଏକ ଗୁଣ, ଯାହା ଭଲ-ମନ୍ଦ, ଉଚିତ୍-ଅନୁଚିତ୍, ଘଟଣା ପ୍ରବାହରୁ ଭବିଷ୍ୟତ କାର୍ଯ୍ୟ ଇତ୍ୟାଦିର ସୂଚନା ମଧ୍ୟ ପ୍ରଦାନ କରେ । କେବଳ ସେତିକି ନୁହେଁ, ଏହା ସହିତ ସୃଜନଶୀଳତା, ସୁନ୍ଦରତାର ଭାବନା, ନୈତିକତାର ଓ ମାନବିକତାର ଚେତନା ମଧ୍ୟ ଜାଗ୍ରତ କରେ । ଏହି ଗୁଣ ଯୋଗୁଁ ସେ ନିଜକୁ ଅନ୍ୟାନ୍ୟ ପ୍ରାଣୀଠାରୁ ପୃଥକ୍ କରେ ଓ ନିଜର ଶ୍ରେଷ୍ଠତାକୁ ସ୍ଥାପନ କରେ ।

ଭାରତୀୟ ଦର୍ଶନରେ ପାଖାପାଖି ସମାନ ଅର୍ଥରେ ଏହାକୁ ବୁଦ୍ଧି ବିବେକ, ଅନ୍ତର୍ନିହିତ ଚେତନା ଓ ଅନ୍ତର୍ଦୃଷ୍ଟି ଭାବେ ଉଲ୍ଲେଖ କରାଯାଇଛି । ଯୋଗଜ ଜ୍ଞାନ ଏହାର ଉନ୍ନତ ପରିପ୍ରକାଶ । ସେ ପ୍ରାଚ୍ୟ ହେଉ କି ପାଶ୍ଚାତ୍ୟ ହେଉ, ସମସ୍ତ କ୍ଷେତ୍ରରେ ମନୁଷ୍ୟର ବୌଦ୍ଧିକତାର ପ୍ରୟୋଗ ସାଧାରଣ ବିଷୟ । ମନୁଷ୍ୟ ଯେଉଁ କାର୍ଯ୍ୟ କରେ ଓ ଯାହା ବି କୁହେ, ବୁଝି ବିଚାରି କରେ । ନିଜ ବୁଦ୍ଧିର ପ୍ରୟୋଗ କରି ସେ ଯାହା କହୁଛି ବା କରୁଛି, ତା'ର ପରବର୍ତ୍ତୀ ପରିଣତି କ'ଣ ହେବ, ସେ ବିଷୟରେ ପ୍ରଥମେ ଅବଗତ ହୁଏ । ତେବେ ସମସ୍ତେ ସମାନ ଭାବେ ବିଚାର ବୁଦ୍ଧିସମ୍ପନ୍ନ ଓ ସମସ୍ତେ ସମାନ ଭାବେ ବୁଦ୍ଧି ବିବେକର ପ୍ରୟୋଗ କରନ୍ତି ବୋଲି କହିବା ଭୁଲ୍ । ଏଥିରେ ମାତ୍ରାର ପ୍ରଭେଦ ରହିଛି । ତଥାପି ବିଚାର ବୁଦ୍ଧିସମ୍ପନ୍ନ ହେବା ମନୁଷ୍ୟର ଏକ ମୌଳିକ ଗୁଣ, ଯାହା ତାକୁ ଅନ୍ୟାନ୍ୟ ପ୍ରାଣୀଠାରୁ ପୃଥକ୍ କରାଏ । ଏହା ବିନା ସେ ମନୁଷ୍ୟ ପଦବାଚ୍ୟ ହୋଇ ପାରିବ ନାହିଁ ।

ସ୍ୱାମୀ ବିବେକାନନ୍ଦଙ୍କ ନିକଟରେ ଏ ଗୁଣ ପ୍ରଖର ଥିଲା । ତେଣୁ ସେ ବିବେକାନନ୍ଦ ହୋଇଗଲେ- ବିବେକ+ଆନନ୍ଦ । ବିବେକ ହେଉଛି ଅନ୍ତର୍ନିହିତ ଚେତନା ବା ଜ୍ଞାନ । ଯେଉଁମାନଙ୍କ ମଧ୍ୟରେ ଅନ୍ତର୍ନିହିତ ଚେତନା ଯେତେ ଅଧିକ ଜାଗ୍ରତ ହୋଇଥାଏ, ସେମାନେ ସେତେ ବିଚାର ବୁଦ୍ଧିସମ୍ପନ୍ନ ହୋଇଥାନ୍ତି । ଅଭ୍ୟାସ ବଳରେ ଏହି ଚେତନାକୁ ଅଧିକ ଜାଗ୍ରତ ଓ ପ୍ରଖର କରାଯାଇ ପାରେ । ଯୋଗୀମାନଙ୍କ କ୍ଷେତ୍ରରେ ଏହା ଅଧିକ ମାତ୍ରାରେ ଦେଖା ଦିଏ । ନିର୍ବୋଧମାନଙ୍କ କ୍ଷେତ୍ରରେ ଏହା ନିମ୍ନ ସ୍ତରରେ ଥାଏ । ଯୋଗୀମାନେ ବିଭିନ୍ନ ପ୍ରକାର ଘଟଣା ପ୍ରବାହକୁ ଗଭୀର ଭାବେ ଅନୁଧ୍ୟାନ କରି କାର୍ଯ୍ୟ-କାରଣ ନିୟମର ଅନୁସରଣରେ ଭବିଷ୍ୟତରେ କ'ଣ ହେବାକୁ ଯାଉଛି, ତାହାର ପୂର୍ବ ସୂଚନା ଦେଇ ପାରନ୍ତି । ଏହା ଏକ ଅନୁମାନ ପ୍ରକ୍ରିୟା । ତେଣୁ ଏ ଦକ୍ଷତା କୌଣସି ଐଶ୍ୱରିକ ଆଶୀର୍ବାଦ ଯୋଗୁଁ ନୁହେଁ, ବରଂ ନିଜସ୍ୱ ବିଚାର ବୁଦ୍ଧିର ପ୍ରୟୋଗ ଓ ଅଭ୍ୟାସ ବଳରେ ପ୍ରାପ୍ତ ହୋଇଥାନ୍ତି । ଘଟଣା ପ୍ରବାହର ଅନୁଶୀଳନରୁ ସେମାନେ ଏ ଦକ୍ଷତା ପ୍ରାପ୍ତ ହୁଅନ୍ତି । ମୂଳରେ ରହିଛି ବିଚାର ବୁଦ୍ଧିସମ୍ପନ୍ନତା ଗୁଣ ।

କମ୍ପ୍ୟୁଟର୍ ହ୍ୟାଙ୍ଗ୍ ବା ପ୍ରତିକ୍ରିୟା ଶୂନ୍ୟ ହେବା ଭଳି ବେଳେବେଳେ ମନୁଷ୍ୟର ବିଚାର ବୁଦ୍ଧିସମ୍ପନ୍ନତାକୁ ମଧ୍ୟ ହ୍ୟାଙ୍ଗ୍ ବା ପ୍ରତିକ୍ରିୟା ଶୂନ୍ୟ କରି ଦିଆଯାଇ ପାରେ । ଏପରି କ୍ଷେତ୍ରରେ ମନୁଷ୍ୟର ଏହି ଗୁଣ ଆଉ କାମ କରେ ନାହିଁ । ସେ ବିଚାର କରିବା ଛାଡ଼ି ଦିଏ । ଭୁଲ୍ ହେଲେ ବି ମେଣ୍ଢା ସଦୃଶ ଅନ୍ୟର ପ୍ରଦର୍ଶିତ ମାର୍ଗରେ ପରିଚାଳିତ ହୁଏ । ସେ ବିବେକ ଶୂନ୍ୟ ହୋଇଯାଏ ଓ ହିତାହିତ ଜ୍ଞାନ ହରାଇ ବସେ । ଏହି ପ୍ରକାର ଅବସ୍ଥା ଅତ୍ୟଧିକ ଉତ୍ତେଜନା ଓ ଉତ୍କଣ୍ଠା ସମୟରେ ଦେଖା ଦିଏ । ଏହିପରି କ୍ଷେତ୍ରରେ ସେ ଭୁଲ୍ କରି ବସେ । ଅତ୍ୟଧିକ ଉତ୍ତେଜନା ଯୋଗୁଁ ଜଣେ ଆଉ ଜଣକୁ ମାରିଦେବାର ଦେଖାଯାଏ । ସେହିପରି ଅତ୍ୟଧିକ ଉତ୍କଣ୍ଠା ଯୋଗୁଁ କେତେକ ଅସାମାଜିକ କାର୍ଯ୍ୟ କରିବାର ମଧ୍ୟ ଦେଖାଯାଏ । ତେଣୁ ମନୁଷ୍ୟର ବିଚାର ବୁଦ୍ଧିସମ୍ପନ୍ନତା ଗୁଣ ସର୍ବଦା କ୍ରିୟାଶୀଳ ଥାଏ ବୋଲି କହିହେବ ନାହିଁ । ଯେତେବେଳେ ଏହି ମୌଳିକ ଗୁଣ ସୁପ୍ତ ଅବସ୍ଥାକୁ ଚାଲିଯାଏ, ସେତେବେଳେ ତା'ର ପ୍ରାଣୀତ୍ୱ ଗୁଣ ଜାଗିଉଠେ । ସେ ପଶୁତୁଲ୍ୟ ବ୍ୟବହାର ପ୍ରଦର୍ଶନ କରେ । ବେଳେବେଳେ କିଛି ଭ୍ରାନ୍ତ ବିଷୟକୁ ବାରମ୍ବାର କହି ଏପରି ଭାବେ ତା' ମୁଣ୍ଡରେ ପୂରାଇ ଦିଆଯାଏ ଯେ ସେ ଭୁଲ୍ ବିଷୟକୁ ଠିକ୍ ଭାବି ବସେ ଓ ତଦନୁଯାୟୀ ପ୍ରତିକ୍ରିୟା ପ୍ରକାଶ କରେ- ତିନି ଢୁଣ୍ଡରେ ଛେଳି କୁକୁର ସଦୃଶ ।

ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ଓ କୁସଂସ୍କାର ବେଳେବେଳେ ମନୁଷ୍ୟର ଏ ମହନୀୟ ଗୁଣକୁ ପ୍ରତିକ୍ରିୟା ଶୂନ୍ୟ କରି ପକାଏ । ସମାଜ ଯାହାକୁ ଅନୁସରଣ କରେ, ବ୍ୟକ୍ତି ତାକୁ ଅନ୍ଧ ଭାବେ ଅନୁସରଣ କରି ଚାଲେ । ଏଗୁଡ଼ିକ ଠିକ୍ କି ଭୁଲ୍, ଉଚିତ୍ କି ଅନୁଚିତ୍, ସମାଜ ପାଇଁ ଲାଭଦାୟକ କି କ୍ଷତିକାରକ ଇତ୍ୟାଦିର ବିଚାର କରେ ନାହିଁ । ବୁଦ୍ଧି ବିବେକ ଶୂନ୍ୟ ଭାବେ ଅନ୍ୟମାନେ ଯାହା କରନ୍ତି, ବ୍ୟକ୍ତି ମଧ୍ୟ ତାହା କରି ଚାଲେ । ଯେଉଁମାନଙ୍କ ନିକଟରେ ବିଚାର ବୁଦ୍ଧିସମ୍ପନ୍ନତା ଗୁଣ ସକ୍ରିୟ ଥାଏ, ସେମାନେ ଏଗୁଡ଼ିକୁ ବିରୋଧ କରିଥାନ୍ତି ଓ ଦୂରୀକରଣ ପାଇଁ ଚେଷ୍ଟା କରିଥାନ୍ତି । ସମାଜ ଅନେକ ପ୍ରକାର ଅନ୍ଧବିଶ୍ୱାସର ବଶବର୍ତ୍ତୀ । ସଂସ୍କୃତି ନାମରେ ମଧ୍ୟ ଅନେକ କୁସଂସ୍କାର ପ୍ରଚଳିତ ରହିଛି । ଏଗୁଡ଼ିକୁ ଦୂର କରିବାର ଏକମାତ୍ର ମାଧ୍ୟମ ହେଉଛି ନିଜ ମଧ୍ୟରେ ଥିବା ବିଚାର ବୁଦ୍ଧିସମ୍ପନ୍ନତା ଗୁଣକୁ ଆହୁରି ପ୍ରଖର କରିବା ଓ ସମାଜ ଅନୁସରଣ କରୁଥିବା ବିଷୟଗୁଡ଼ିକୁ ଏହାର କଷଟି ପଥରରେ ତଉଲିବା । ଉପଲବ୍ଧି କରିବା ଯେ ଏଗୁଡ଼ିକ କେତେ ଯଥାର୍ଥ । ଅନ୍ଧ ଅନୁସରଣ ମାନବୀୟ ଲକ୍ଷଣ ନୁହେଁ । ଏହା ତା'ର ମୌଳିକ ଗୁଣର ପରିପନ୍ଥୀ । ତା'ର ବ୍ୟକ୍ତିତ୍ୱ ବିକାଶରେ ବାଧକ ।

ମନୁଷ୍ୟର ବିଚାର ବୁଦ୍ଧିସମ୍ପନ୍ନ ଗୁଣକୁ ସର୍ବାଧିକ ଭାବେ ବ୍ୟାହତ କରିଥାଏ ଧର୍ମ । ଭାରତୀୟ ସମାଜରେ ପ୍ରଚଳିତ ଜାତିବାଦ ମଧ୍ୟ ଏହାର ପ୍ରତିବନ୍ଧକ । ଧର୍ମ ସ୍ୱାଧୀନ ଭାବେ ଚିନ୍ତା କରିବାର ଅଧିକାରକୁ ଛଡ଼ାଇ ନିଏ । ଧର୍ମ ପୁସ୍ତକ ଓ ଏହାର ନୀତି ନିୟମ ଭିତରେ ମନୁଷ୍ୟର ଚିନ୍ତାକୁ ବାନ୍ଧି ରଖିବାକୁ ଚେଷ୍ଟା କରେ । ଫଳରେ ମନୁଷ୍ୟର ବୁଦ୍ଧି ବିବେକ ଗୋଟିଏ ରୁଦ୍ଧ କୋଠରୀରେ ଆବଦ୍ଧ ହୋଇଯାଏ । ସଂସ୍କୃତି ଓ ପରମ୍ପରାର ଆଳରେ ଏହାକୁ ବନ୍ଦୀ କରାଯାଏ । ଯେଉଁମାନେ ନିଜସ୍ୱ ବିଚାର ବୁଦ୍ଧିର ପ୍ରୟୋଗରେ ନୂତନ ଦିଗ୍‌ଦର୍ଶନ ଦିଅନ୍ତି, ସେମାନଙ୍କୁ ଧର୍ମଦ୍ରୋହୀ ଆଖ୍ୟା ଦିଆଯାଏ । ଧର୍ମ ସୁରକ୍ଷା ନାମରେ କିଛି ଅନ୍ଧ ଭକ୍ତ ସୃଷ୍ଟି କରାଯାଏ । ଏମାନଙ୍କ ବିଚାରଶୀଳତାକୁ ବନ୍ଦ କରାଯାଇ ଆଜ୍ଞାବହ ଘାତକରେ ପରିଣତ କରାଯାଏ । ଯେଉଁମାନେ ଧର୍ମ ବାହାରେ ପ୍ରଗତିଶୀଳ ମତ ପୋଷଣ କରନ୍ତି, ତାଙ୍କ ଉପରେ ଅତ୍ୟାଚାର କରି ତାଙ୍କୁ ଭୟଭୀତ କରିବା ପାଇଁ ଏମାନଙ୍କୁ ବ୍ୟବହାର କରାଯାଏ । ବେଳେବେଳେ ତାଙ୍କୁ ହତ୍ୟା ମଧ୍ୟ କରାଯାଏ । ଜାତିବାଦ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା ଦେଖା ଦିଏ । ଏହା ଯେ ଏକ ଭ୍ରାନ୍ତ ବ୍ୟବସ୍ଥା ଓ ଏହାକୁ ଉଠାଇବା କଥା ଯେଉଁମାନେ କୁହନ୍ତି, ସେମାନେ ସମାଜଦ୍ରୋହୀ ଭାବେ ବିବେଚିତ ହୁଅନ୍ତି । ଏଠାରେ ମଧ୍ୟ ପ୍ରଗତିଶୀଳ ଓ ମୁକ୍ତ ଚିନ୍ତନକୁ ବ୍ୟାହତ କରାଯାଏ । ଆଗକୁ ବଢ଼ିବାର ବାଟକୁ ଅବରୋଧ କରଯାଏ । ଉଗ୍ର ଧାର୍ମିକ ଓ ଜାତିଗତ ଭାବନା ଏହି ଗୁଣର ପରିପନ୍ଥୀ ।




ସାମାଜିକ ବିକାଶ ପାଇଁ ଆରିଷ୍ଟୋଟଲ ମନୁଷ୍ୟର ମୌଳିକତା ସମ୍ବନ୍ଧୀୟ ଦେଇଥିବା ଉକ୍ତିର ଉପଲବ୍ଧି ଅତ୍ୟନ୍ତ ଜରୁରୀ । ମୁକ୍ତ ଚିନ୍ତନ ତା'ର ଅଧିକାର । ଏ ଦିଗରେ ପ୍ରତିବନ୍ଧକ ସୃଷ୍ଟି କଲେ ମନୁଷ୍ୟର ମୌଳିକତା ବାଧାପ୍ରାପ୍ତ ହେବା ସ୍ୱାଭାବିକ । ଜନ୍ମ ଆଧାରରେ ପ୍ରାପ୍ତ ବିଚାର ବୁଦ୍ଧିସମ୍ପନ୍ନତା ଗୁଣ ତାକୁ ମୁକ୍ତ ଚିନ୍ତନ ଓ ପ୍ରଗତିଶୀଳତାର ଭାବନା ପ୍ରଦାନ କରେ । ଏହି ଗୁଣ ବିନା ସେ ପଶୁଠାରୁ କୌଣସି ପ୍ରକାରେ ଭିନ୍ନ ନୁହେଁ ।■

**ଅବସରପ୍ରାପ୍ତ ଦର୍ଶନ ବିଭାଗ ଅଧ୍ୟାପକ**
**ବାରିପଦା, ମୟୂରଭଞ୍ଜ**
**ମୋ: ୭୦୦୮୯୭୬୧୮୦**

# ବସ୍ତ୍ର ହରଣ



ବିଜୟ ଦାସ

ବସ୍ତ୍ର ହରଣ କହିଲେ ଦୁଇଟି ଅର୍ଥକୁ ବୁଝାଏ । ପ୍ରଥମଟି, ପିନ୍ଧିଥିବା ବସ୍ତ୍ରକୁ କେହି କାଢ଼ି ଦେବା ବା ଉଲଗ୍ନ କରିବା ଓ ଅନ୍ୟଟି ବସ୍ତ୍ର ଚୋରି କରିବା । ଏହାର ନିଦର୍ଶନ ଓ ପ୍ରମାଣ ଆମେ ମହାଭାରତରୁ ପାଇ ପାରିବା । କୁରୁ ସଭାରେ ଦ୍ରୌପଦୀଙ୍କ ବସ୍ତ୍ର ହରଣ ପ୍ରଥମ କଥାକୁ ପ୍ରତିସିଦ୍ଧ କରାଏ ଓ ଶ୍ରୀକୃଷ୍ଣଙ୍କର ଗୋପୀମାନଙ୍କ ବସ୍ତ୍ର ଚୋରି କରି ହଟହଟା କରିବାର କଥା ଦ୍ୱିତୀୟ ଅର୍ଥକୁ ବୁଝାଏ । ବିବସ୍ତ୍ର କରିବାର ପାପରୁ ନିଶ୍ଚେ ମହାଭାରତ ଯୁଦ୍ଧର ଅୟମାରମ୍ଭ ହୋଇଥିଲା । ଏହା କେତେ ଯେ ଜଘନ୍ୟ ଓ ଅପମାନସୂଚକ, ତାହା ନିଶ୍ଚେ ଆମେ ଅବଗତ । ଏହାର ପରିଣାମ ସ୍ୱରୂପ, ଭୟଙ୍କର ପରିସ୍ଥିତି ଉପୁଜିଛି, ତାହା ସର୍ବଜନ ବିଦିତ । ଅନ୍ୟ ଘଟଣାରେ ଗୋପୀମାନଙ୍କ ସହ ରାସଲୀଳା ରଚିବା ଓ ଯମୁନାରେ ନିବସ୍ତ୍ର ହୋଇ ଗୋପୀମାନଙ୍କ ସ୍ନାନ କରିବା ଘଟଣାରେ ଶ୍ରୀକୃଷ୍ଣଙ୍କର ବସ୍ତ୍ର ଚୋରି କରି କଦମ୍ବ ଡାଳରେ ସ୍ଥାନିତ କରିବା ନିଶ୍ଚେ ଲଜ୍ଜାକର ଘଟଣା ଥିଲା । ମାତ୍ର ଏହା ଭୟଙ୍କର ନଥିଲା ଏଇଥିପାଇଁ ଯେ ଶୃଙ୍ଗାର ରସର ଅନନ୍ୟ ଉଦାହରଣ କୃଷ୍ଣଲୀଳାର । ପୁଣି ଏହି ଗୋପୀମାନେ ଯେ ମୁନି ଋଷିଙ୍କର ସ୍ୱରୂପ, ତାହା ମଧ୍ୟ ବିଚାର୍ଯ୍ୟ ।

ସାଧାରଣତଃ ବସ୍ତୁ, ବସ୍ତ୍ର ଓ ବସ୍ତ୍ୟ ହେଉଛି ମାନବ ଜୀବନ ଧାରଣର ଅନନ୍ୟ ଉପାଦାନ । ବସ୍ତୁ ମଧ୍ୟରେ ଖାଦ୍ୟପଦାର୍ଥ ଓ ଆବଶ୍ୟକୀୟ ଜିନିଷପତ୍ର, ବସ୍ତ୍ର ମଧ୍ୟରେ ଲଜ୍ଜା ନିବାରଣ ସକାଶେ ପୋଷାକ ପରିଚ୍ଛଦ ଓ ବସ୍ତ୍ୟ ମଧ୍ୟରେ ବାସଗୃହ, ଯାହାକି ସାଧାରଣତଃ ରୁଟି, କପଡ଼ା ଓ ଘର ବୋଲି କୁହାଯାଏ- ଏହି ତିନିଟି ଜିନିଷ ମୂଳ ଆବଶ୍ୟକତା । ଅନ୍ୟ ଦୁଇଟିକୁ ବାଦ୍ ଦେଇ ଆମେ ଆମର ପ୍ରସଙ୍ଗ ଏହି ବସ୍ତ୍ର ହରଣରେ ବସ୍ତ୍ର ଉପରେ ମନୋନିବେଶ କରିବା । ଆସିଛୁ ଲଙ୍ଗଳା, ଯିବୁ ତୁ ଲଙ୍ଗଳାର ଅର୍ଥ ନିବସ୍ତ୍ରରେ ଜନ୍ମ ଓ ବିବସ୍ତ୍ରରେ ମୃତ୍ୟୁ । ମଝିରେ କେବଳ ବସ୍ତ୍ରର ଆବଶ୍ୟକତା ଲଜ୍ଜା ନିବାରଣ ପାଇଁ । ପୁଣି ଏ ଲଜ୍ଜା ଅନ୍ୟର ଦୃଷ୍ଟି ପାଇଁ, କାରଣ ନିଜେ ନିଜର ଶରୀରର ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗକୁ ଦେଖୁଥାଇଁ ଓ ଏଥକୁ ଲଜ୍ଜା ନାହିଁ । ଏହା କେବଳ ଅନ୍ୟର ଦୃଷ୍ଟିରୁ ନିଜକୁ ବଞ୍ଚାଇବା ପାଇଁ ଉଦ୍ଦିଷ୍ଟ । କଥା ଉଠେ- ହାତ, ପାଦ, ମୁଖ ପାଇଁ ବସ୍ତ୍ରର ଆବଶ୍ୟକତା ନଥାଏ ସତ, ମାତ୍ର ଅନେକ ସମୟରେ ବାହ୍ୟ ସଂକ୍ରମଣ ପାଇଁ ତାହାର ମଧ୍ୟ ଆବରଣ ଦରକାର । ମୁଖ୍ୟତଃ ଯୌନାଙ୍ଗ, ଗୁପ୍ତାଙ୍ଗ ଓ କାମ ଉଦ୍ଦୀପକ ଶରୀରର ଆକର୍ଷଣ ନହେବା ପାଇଁ, ବିକର୍ଷଣ ପାଇଁ ହିଁ ବସ୍ତ୍ରର ଆବଶ୍ୟକତା ରହିଛି ।

ସାଧୁ ସନ୍ଥ, ନିର୍ବିକାର ପୁରୁଷମାନଙ୍କ ପାଇଁ ହୁଏତ ଏହାର ବ୍ୟବହାର କମ୍ । କାରଣ କାମନା ବାସନା ରହିତ ହେଲେ ଶରୀରର ଆକର୍ଷଣ କୌଣସି ମହତ୍ତ୍ୱ ରଖେ ନାହିଁ । ଶରୀର ଏକ ମହାର୍ଘ ବସ୍ତ୍ର ଆତ୍ମା ପାଇଁ ବୋଲି ଯିଏ ବୁଝି ସାରିଛି, ତା' ପାଇଁ ବାହ୍ୟ ଘୋଡ଼ଣିର ଆବଶ୍ୟକତା ନାହିଁ । ଏପରିକି ଖରା ବର୍ଷା କାକରର କୌଣସି ପ୍ରତିକୂଳ ପ୍ରଭାବ ବି ପଡ଼ିବାର ନାହିଁ । ଏଥକୁ ବସ୍ତ୍ର ହରଣର ପ୍ରସଙ୍ଗ ମଧ୍ୟ କୌଣସି ଅର୍ଥ ରଖେ ନାହିଁ । ଅପର ପକ୍ଷରେ, ଆଜିର ସମାଜରେ ବସ୍ତ୍ର ହରଣର ଦୁଇଟି ଦିଗ । ପ୍ରଥମଟି, ବେଶ୍ ଜଣାଶୁଣା । ଅନ୍ୟ ଦ୍ୱାରା କାହାର ଶରୀରରୁ ବସ୍ତ୍ର ଓହ୍ଲାଇ ଦେବା, ଯେମିତିକି ଦୁଃଶାସନର ଦ୍ରୌପଦୀଙ୍କ ବସ୍ତ୍ର ହରଣ ଇତ୍ୟାଦି । ବଳାତ୍କାର, ଧର୍ଷଣ ପ୍ରଭୃତି ଯେଉଁ ଅମାନୁଷିକ ଅଘଟଣମାନ ଘଟି ଚାଲିଛି, ଏଥିରେ ଏହି ବସ୍ତ୍ର ହରଣ କଥା ନିଶ୍ଚେ ଉଲ୍ଲେଖଯୋଗ୍ୟ । କିନ୍ତୁ ଦ୍ୱିତୀୟଟି ବେଶ୍ ଗୁରୁତ୍ୱପୂର୍ଣ୍ଣ, ଯାହା ଲୋକ ଲୋଚନରେ ପ୍ରତିଭାତ, ଅଥଚ ଆମେ ବିଶେଷ ଧ୍ୟାନ ଦେଇ ନାହାନ୍ତି । ତାହା ହେଉଛି ନିଜେ ନିଜର ବସ୍ତ୍ର ହରଣ କରିବା ବା କରାଇବା । ସୃଦୃଶ୍ୟ, ସ୍ୱୟଂସଂପୂର୍ଣ୍ଣ ଅଙ୍ଗବସ୍ତ୍ର ଓ ପୋଷାକକୁ କାଟି କୁଟି ଛୋଟ କରିଦେବା, ସ୍ୱଳ୍ପ ବସ୍ତ୍ର ପରିଧାନ କରିବା ମଧ୍ୟ ବସ୍ତ୍ର ହରଣ । ଏଥିରେ କ'ଣ ଅଙ୍ଗ ପ୍ରଦର୍ଶନର ଲୁକ୍କାୟିତ ଇଚ୍ଛା ନାହିଁ କି ? ଉନ୍ମୁକ୍ତ ଯୌବନ ପ୍ରଦର୍ଶନ ଏକ ବିକାର ମାନସିକତା । ବିପରୀତଲିଙ୍ଗୀଙ୍କୁ ଆକର୍ଷଣ କରିବାକୁ ଏହା ଯଥେଷ୍ଟ ନୁହେଁ କି ?

ଯେତେ ଯେତେ ଯୌନ ବ୍ୟଭିଚାରର ଘଟଣାମାନ ଘଟୁଛି, ସେଥିପାଇଁ ଏହି ସ୍ୱୟଂଚାଳିତ ବସ୍ତ୍ର ହରଣ ମଧ୍ୟ ଦାୟୀ । ଲଜ୍ଜା ନିବାରଣ ପାଇଁ ଉଦ୍ଦିଷ୍ଟ ବସ୍ତ୍ରକୁ ଯଦି ପରିହାର କରାଯାଏ ଏବଂ ତା'ର ପ୍ରତିବଦଳରେ ସ୍ୱଳ୍ପ ବସ୍ତ୍ର ପରିଧାନପୂର୍ବକ ଯୌନ ଉଦ୍ଦୀପନା ସୃଷ୍ଟି କରାଯାଏ, ତା'ହେଲେ ଦୋଷ କାହାର ? ଫେସନ ବା ନୂଆ ଶୈଳୀ ତଥା ମୁକ୍ତ ଅଧିକାରର ଦୁହାଇ ଦେଇ ଯଦି ଅପସଂସ୍କୃତିକୁ ଆପଣେଇବା, ତେବେ 'ଆପଣା ହସ୍ତେ ଜିହ୍ୱା ଛେଦି, କେ ଅଛି ତା'ର ପ୍ରତିବାଦୀ ?' ବକ୍କଳ ବସ୍ତ୍ରଠାରୁ ପତ୍ର ବସ୍ତ୍ରରେ ଆରମ୍ଭ ହୋଇଥିବା ଲଜ୍ଜା ନିବାରଣର ତରିକା ନିଶ୍ଚେ ରେଶମ ବସ୍ତ୍ର ପର୍ଯ୍ୟନ୍ତ ବିକଶିତ ହୋଇଛି । ଏହା କେବଳ ଶରୀରକୁ ଢାଙ୍କିବା ପାଇଁ ନୁହେଁ, ବରଂ ସୌନ୍ଦର୍ଯ୍ୟ ବୃଦ୍ଧିର ଏକ ମୁଖ୍ୟ ଉପାଦାନ ।'

ପୁଣି ବସ୍ତ୍ର ଏକ ବୟସର, ଏକ ବୃତ୍ତିର, ଏକ ଲିଙ୍ଗ ନିର୍ଦ୍ଧାରଣର ପରିଚାୟକ । ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀଙ୍କଠାରୁ ଖେଳାଳି, କର୍ମଜୀବୀଙ୍କ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ପ୍ରକାରର ବସ୍ତ୍ର ହିଁ ଚିହ୍ନଟ କରିପାରେ ବ୍ୟକ୍ତିର ବ୍ୟକ୍ତିତ୍ୱକୁ । ସମାଜ କର୍ମ ପାଇଁ ସମାନ ପୋଷାକ ନିର୍ଦ୍ଧାରଣ ନିଶ୍ଚେ ଏକ ସୁସ୍ଥ ଓ ଅଗ୍ରଣୀ ସଭ୍ୟତାକୁ ଦର୍ଶାଇ ଥାଏ । ଏହା କିନ୍ତୁ ଗ୍ରହଣୀୟ ରଙ୍ଗ ଓ ସ୍ୱାସ୍ଥ୍ୟ ହିତକର ପଦାର୍ଥରେ ନିର୍ମିତ ହେବା ଆବଶ୍ୟକ । ଖୋଲା ଦେହ ହୁଏତ ବ୍ୟକ୍ତିଗତ ସ୍ତରରେ ଏକ ଆବଶ୍ୟକତା ହୋଇପାରେ, ମାତ୍ର ସମାଜ ପାଇଁ ବର୍ଜିତ । ତା' ନହେଲେ ପଶୁ ପକ୍ଷୀଙ୍କଠାରୁ ମଣିଷର ଗୁରୁତ୍ୱ କିପରି ବେଶୀ ରହିବ ! କେମିତି ଏକ ସୁସ୍ଥ ସମାଜରେ ସାମାଜିକ ପ୍ରାଣୀ ବୋଲି ମନୁଷ୍ୟ ଡିଣ୍ଡିମ ପିଟିବ ! ସତ କଥା କହିବାକୁ ଗଲେ, ବସ୍ତ୍ର ହରଣ ଏକ ସାମାଜିକ ବିକୃତି । କାରଣ ବସ୍ତ୍ର ହିଁ ଆମର ସମ୍ମାନ ଓ ସମ୍ଭ୍ରମତା । ପୂଜାରେ ମଧ୍ୟ 'ବସ୍ତ୍ରାଭାବେ ସୁତ୍ରଂ ଦଦ୍ୟାତ' ବୋଲି ପ୍ରତୀକାତ୍ମକ ଭାବେ ବସ୍ତ୍ରର ଗୁରୁତ୍ୱକୁ ପ୍ରତିପାଦନ କରେ ।■




# ବସ୍ତ୍ର ପ୍ରଦାନ

କୋଟି ବସ୍ତ୍ର ଦେଇ ପ୍ରଭୁ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କର ମାନ ରକ୍ଷା କରିଥିଲେ ସେତେବେଳେ, ଯେତେବେଳେ କୁରୁସଭାରେ ତାଙ୍କୁ ବିବସ୍ତ୍ର କରାଯାଉଥିଲା । ଏହି ବସ୍ତ୍ର ପ୍ରଦାନ ଏକ କାହାଣୀର ଦୃଶ୍ୟ ନୁହେଁ, ବରଂ ଏକ ମାର୍ମିକ ଦର୍ଶନ ଓ ଉପଦେଶ ଭଗବାନଙ୍କର । ଏହା ହେଉଛି ସଂପୂର୍ଣ୍ଣ ସମର୍ପଣର ବାର୍ତ୍ତା । ପ୍ରଭୁଙ୍କ ପ୍ରତି ସଂପୂର୍ଣ୍ଣ ବିଶ୍ୱାସର ଗାଥା । ବୁଭୁକ୍ଷୁର କ୍ଷୁଧା ନିବାରଣ ପାଇଁ ଖାଦ୍ୟପେୟ ଦାନ ପରେ ବସ୍ତ୍ର ପ୍ରଦାନର ପ୍ରାଥମିକତା ରହିଛି । ଏପରିକି କୌଣସି କର୍ମକର୍ମାଣିରେ, ଶ୍ରାଦ୍ଧ ଓ ପୂଜାରେ ତଣ୍ଡୁଳ ଇତ୍ୟାଦି ଖାଦ୍ୟଦାନ ପରେ ବସ୍ତ୍ରଦାନ ଅପରିହାର୍ଯ୍ୟ । ମଣିଷ ସମାଜରେ ବସ୍ତୁ, ବସ୍ତ୍ର ଓ ବସ୍ତ୍ୟ (ଘର)ର ଆବଶ୍ୟକତା ମୂଳତଃ ଏକ ଏକ ଅପରିହାର୍ଯ୍ୟ ଅଂଶବିଶେଷ । ବାସଶୂନ୍ୟ ମଣିଷମାନଙ୍କର ଖୋଲା ଆକାଶ ତଳେ ରହଣି ପାଇଁ ଖାଦ୍ୟ ସହିତ ବସ୍ତ୍ର ପ୍ରଦାନ ମହତ କାର୍ଯ୍ୟ ବୋଲି ପରିଗଣିତ କରାଯାଏ । ବିଶେଷତଃ ଶୀତ ସମୟରେ ବସ୍ତ୍ର ପ୍ରଦାନ ଏକ ଉତ୍ସବ ପରି କିଛି କିଛି ସ୍ୱେଚ୍ଛାସେବୀ ଓ ଅନୁଷ୍ଠାନ ମନେ କରନ୍ତି । ଏହାର ପ୍ରମୁଖ ଲକ୍ଷ୍ୟ ହେଉଛି ନିବସ୍ତ୍ର ମଣିଷକୁ ବସ୍ତ୍ର ଦେଇ ତା'ର ଶରୀର ରୂପକ ପୋଷାକକୁ ସୁରକ୍ଷିତ ରଖିବା । ଆମର ଏହି ଶରୀରର ଆଚ୍ଛାଦନ ବିଭୁ ପ୍ରଦତ୍ତ ବସ୍ତ୍ର ନୁହେଁ ତ ଆଉ କ'ଣ ! ଶରୀର ଭିତରେ ଚାଲୁଥାଏ ଜୀବନ ଓ ସୂକ୍ଷ୍ମ ବିଚାରରେ ଏକ ଆତ୍ମା । ଏସବୁର ସଂରକ୍ଷଣ ପାଇଁ ଏକ ସୁନ୍ଦର ବସ୍ତ୍ରର ଆଚ୍ଛାଦନ ହୋଇଥାଏ ଜନ୍ମରୁ । ବସ୍ତ୍ର ଏକ ସୌନ୍ଦର୍ଯ୍ୟ ଓ ସୁନ୍ଦର ନିର୍ମାଣ । ଏହା ପୁଣି ଘରର ଚାରି କାନ୍ଥ ପରି ସହନଶୀଳ । ଯେତେ ଯେତେ ବାହ୍ୟ ଆକ୍ରମଣକୁ ପ୍ରତିହତ କରିବାକୁ ଓ ପ୍ରତିରୋଧ କରିବାକୁ ଏ ବସ୍ତ୍ର ସକ୍ଷମ ।

ଆମ ଭାରତୀୟ ପରମ୍ପରା କାହିଁକି, ବିଶ୍ୱର ଅନେକ ପରମ୍ପରାରେ ବସ୍ତ୍ର ପ୍ରଦାନ ଏକ ମହାର୍ଘ ଉପକ୍ରମ । ଅତିଥି ଦେବତାଙ୍କୁ ସମ୍ଭାଷଣପୂର୍ବକ ବସ୍ତ୍ର ପ୍ରଦାନ ଏକ ପରମ୍ପରା । ଆମ ସଂସ୍କୃତିରେ ଶୁଭ ଓ ଅଶୁଭ କ୍ରିୟା କର୍ମରେ ବସ୍ତ୍ର ପ୍ରଦାନ ହେଉଛି ପ୍ରମୁଖ ଉପକ୍ରମ । ଯେ କୌଣସି ସଭା ସମିତିରେ ଅତିଥି ସମ୍ବର୍ଦ୍ଧନାଠାରୁ ପୂଜ୍ୟପୂଜାଙ୍କୁ ସମ୍ମାନ ଜଣାଇବା ଇତ୍ୟାଦିରେ ଅଙ୍ଗ ବସ୍ତ୍ର ପ୍ରଦାନ ଏକ ସମ୍ମାନସୂଚକ ପଦକ୍ଷେପ । ଆମ ପରମ୍ପରାରେ ପୂଜାପାଠରେ ମଧ୍ୟ ବସ୍ତ୍ର ପ୍ରଦାନ ପ୍ରଚଳିତ । କିଛି ନହେଲେ ପ୍ରତୀକାତ୍ମକ ଭାବେ ସୂତାକୁ ମଧ୍ୟ ବସ୍ତ୍ର ସ୍ୱରୂପ ବିଚାର କରି ପ୍ରଦାନ କରାଯାଏ ।

ଆଉ ଓଡ଼ିଆ ଘରର ବସ୍ତ୍ର ପ୍ରଦାନ ମଧ୍ୟ ଏକ ଉତ୍ସବ, ଯାହାକୁ ପ୍ରଥମାଷ୍ଟମୀ ବା ପଢୁଆଁ ଅଷ୍ଟମୀ କୁହାଯାଏ । ଘରର ପ୍ରଥମ ଜନ୍ମିତ ସନ୍ତାନକୁ ସମ୍ମାନ ଜଣାଇ ଏପରି ବସ୍ତ୍ର ପ୍ରଦାନ ଉତ୍ସବ । ଏଥିରେ ଏକ ଗୂଢ଼ ରହସ୍ୟ ରହିଛି । ପ୍ରଥମ ସନ୍ତାନଟି ପର ପିଢ଼ିର ମୁଖିଆ ହେବ ବୋଲି ଶିରପା ପରି ବସ୍ତ୍ର ପ୍ରଦାନ କରାଯାଏ । ଏହି ଶିରପା କଥାରୁ ମନେପଡ଼େ ଯେ ଯେତେବେଳେ କୌଣସି ବ୍ୟକ୍ତିଙ୍କୁ ରାଜ ଦରବାରରେ ଏକ ଦାୟିତ୍ୱ ଦିଆଯାଏ, ସେତେବେଳେ ଅଙ୍ଗବସ୍ତ୍ର ସହିତ ମୁକୁଟ ବା ଶିରୋପାରେ ଭୂଷିତ କରାଯାଏ । ବସ୍ତ୍ର ପ୍ରଦାନର ଉତ୍ସବ ପ୍ରଥମାଷ୍ଟମୀରେ ଏହି ବସ୍ତ୍ର ପ୍ରଦାନ ଅବସରରେ ଏକ ସମ୍ପର୍କକୁ ଦୃଢ଼ କରାଯାଏ । ତାହା ହେଉଛି ମାମୁଘର ସହ ଭଣଜାର ସମ୍ପର୍କ । ଏପରିକି ଜ୍ୟେଷ୍ଠା କନ୍ୟା ଯଦି ବିବାହିତା, ତେବେ ମଧ୍ୟ ଜ୍ୟେଷ୍ଠ ସନ୍ତତି ହିସାବରେ ନୂତନ ବସ୍ତ୍ର ଏହି ପରିପ୍ରେକ୍ଷୀରେ ପ୍ରଦାନ କରାଯାଏ ।

କେହି କେହି ଏହାକୁ ଶୀତ ଆସିବା ପୂର୍ବରୁ ବସ୍ତ୍ର ସଂରକ୍ଷଣ ନିମିତ୍ତ ଏକ ସୁପ୍ତ କାରଣ ବୋଲି କୁହନ୍ତି । ସେ ଯାହାହେଉ, ବସ୍ତ୍ର ପ୍ରଦାନ ଏକ ବାହାନା ହେଉ ନା କାହିଁକି, ଆମ ସଂସ୍କୃତିରେ ଲଜ୍ଜା ନିବାରଣର ଏକ ସ୍ୱତନ୍ତ୍ର ମାଧ୍ୟମ । ବସ୍ତ୍ର ହେଉଛି ସଂସ୍କୃତିର ପରିଚାୟକ । ଏହା ସତ୍ୟ ନୁହେଁ ଯେ ଯିଏ ଯେତେ ଦାମିକା ବସ୍ତ୍ର ପିନ୍ଧିଲା, ସେ ସେତେ ସମ୍ଭ୍ରାନ୍ତ । ସୂତା ପିନ୍ଧୁଥିବା, ଖଦଡ଼ ବସ୍ତ୍ର ବ୍ୟବହାର କରୁଥିବା କେତେ କେତେ ମହାମନୀଷୀଙ୍କଠାରୁ କ'ଣ କେହି ଅଧିକ ସମ୍ଭ୍ରାନ୍ତ ନା ବେଶୀ ସଂସ୍କୃତିସମ୍ପନ୍ନ ? ଏବେ ଖଦଡ଼ର ବ୍ୟବହାର ତ ଏକ ବହୁମୂଲ୍ୟ ବସ୍ତ୍ରର ପରିଧାନ ବୋଲି ବିଶ୍ୱାସ ।

ବସ୍ତ୍ର ଆଦାନ ପ୍ରଦାନ ଏକ ପାରିବାରିକ ସମ୍ପର୍କର ଚିହ୍ନ । ଯେପରିକି ବିବାହ କାର୍ଯ୍ୟରେ ଯୋଗ ଦେଲେ ମୁଁ କିଛି ଉପଢୌକନ ଦେବି ବର କନ୍ୟାଙ୍କୁ ଓ ବିଦାୟ ଦେଲା ବେଳେ ସେମାନେ ମଧ୍ୟ ମୋତେ ବସ୍ତ୍ର ଦେଇ ବିଦା କରିବେ । ଏହା ହିଁ ତ ସମ୍ପର୍କର ସୂତା । ସେ ସୂତାରେ ତିଆରି ବସ୍ତ୍ର କେବେ ଚିରିବାର ନାଆଁ ଧରେନି । କାରଣ ମନରେ, ହୃଦୟରେ ଲାଖି ହୋଇଯାଏ, ଜଡ଼େଇ ଯାଏ ଭଲ ପାଇବାର ବସ୍ତ୍ର । ଅନେକ କଥା କାହାଣୀରେ ଅମଳିନ ବସ୍ତ୍ରର କଥା କୁହାଯାଇଛି । ମାତା ସୀତାଙ୍କୁ ଯେଉଁ ଅମ୍ଳାନ ବସ୍ତ୍ର ପ୍ରଦାନ କରିଥିଲେ ମାତା ଅନୁସୂୟା । ଅତ୍ରି ଋଷିଙ୍କ ପତ୍ନୀ ମାତା ଅନୁସୂୟାଙ୍କର ଏହି ଅମ୍ଳାନ ବସ୍ତ୍ର ହେଉଛି ମାଆ ଦୁର୍ଗାଙ୍କର ବସ୍ତ୍ର । ଏହା ଅଗ୍ନିସ୍ନାତ । ଚଉଦ ବର୍ଷ ପାଇଁ ବନବାସ ସମୟରେ ମାତା ସୀତା ଏହାକୁ ବ୍ୟବହାର କରୁଥିଲେ । ବସ୍ତ୍ର ପ୍ରଦାନର ଦୁଇଟି ଅମୂଲ୍ୟ ଘଟଣା ହେଲା ପ୍ରଥମତଃ ଶ୍ରୀକୃଷ୍ଣଙ୍କର ଦ୍ରୌପଦୀଙ୍କୁ କୋଟିବସ୍ତ୍ର ପ୍ରଦାନ ଓ ଅନ୍ୟଟି ମାତା ଅନୁସୂୟାଙ୍କର ସୀତାଙ୍କୁ ଅମ୍ଳାନ ବସ୍ତ୍ର ଦେବା ।■

**ପୋଖରୀପୁଟ, ଭୁବନେଶ୍ୱର**
**ମୋ: ୯୩୪୮୮୯୩୭୫୨**

# ଗୋଇଠା ମାରି ବିଷ୍ଟୁ ହେବା

ଦୁନିଆରେ ନିଜକୁ ଶ୍ରେଷ୍ଠ ଦେଖାଇବାକୁ ସମସ୍ତେ କିଛି ନା କିଛି ଉଦ୍ୟମ କରିଥାନ୍ତି । ଆଉ ଏଇ ଶ୍ରେଷ୍ଠ ହେବାର ମୋହ ବେଳେବେଳେ କେବଳ ନିଜକୁ ନୁହେଁ, ନିଜର ପ୍ରିୟ ପରିଜନ, ଏମିତିକି ଗୋଟିଏ ଦେଶର ସବୁ ଲୋକଙ୍କ ପାଇଁ କାଳ ପାଲଟି ଯାଏ, ଠିକ୍ ଯେମିତି ଏବେ ପାଲଟୁଛି ନୋବେଲ୍ ଶାନ୍ତି ପୁରସ୍କାର ଆଶାୟୀ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଯୋଗୁଁ ଆମେରିକା ନିମନ୍ତେ । ମାଗା (ଆମେରିକାକୁ ପୁଣିଥରେ ମହାନ କରିବା) ଏବଂ ନୋବେଲ୍ ପୁରସ୍କାର ପାଇଁ ତାଙ୍କ ନାମ ଉତ୍‌ଥାପନ କରିବାକୁ ମିତ୍ର ରାଷ୍ଟ୍ର ଭାରତ ଉପରେ ଚାପ ପକାଇବା ଉଦ୍ଦେଶ୍ୟରେ ରୁଷିଆରୁ ତୈଳ ଆମଦାନୀକୁ ଆଳ କରି ଏହା ଉପରେ ଲାଗୁ କଲେ ଢେର୍ ଅଧିକ ପରିମାଣର ଅର୍ଥାତ୍ ୫୦ ପ୍ରତିଶତ ଟାରିଫ୍ । ଫଳ ହେଲା ଏୟା ଯେ ଭାରତ ଦୁଇଟିଯାକ କଥାରୁ କିଛି ଗୋଟିଏ ହେଲେ କଲାନାହିଁ, ଓଲଟା ନିଜ ଦେଶ ଭିତରେ ବିରୋଧୀମାନଙ୍କ କଥା ତ ଭିନ୍ନ ନିଜ ଦଳ ତରଫରୁ ମଧ୍ୟ ଏବେ ସମାଲୋଚନାର ଶିକାର ଟ୍ରମ୍ପ୍ । ଆଉ ଏହାକୁ ଲୁଚାଇବାକୁ ଏବେ ପୁଣିଥରେ ଭାରତକୁ ଶାନ୍ତିର ଅଲିଭ୍ ଶାଖା ପ୍ରଦାନ କରିବାକୁ ଆଗେଇ ଆସିଛନ୍ତି ମହାନ ଆମେରିକୀୟ ରାଷ୍ଟ୍ରପତି ଟ୍ରମ୍ପ୍, ଯାହା କୋଉ ଜେଜ ଅମଳର ଘଣ୍ଟାର ପେଣ୍ଡୁଲମ୍ ଭଳି ତାଙ୍କ ମାନସିକତାର ଦୋଳାୟମାନ ଅବସ୍ଥାକୁ ସୂଚାଉଛି । ତେବେ ଉଲ୍ଲେଖଯୋଗ୍ୟ ଯେ ପ୍ରଥମେ ଭାରତକୁ ତାଙ୍କର ମିତ୍ର ରାଷ୍ଟ୍ର କହିବାର ମାତ୍ର ଚାରି ଦିନର ବ୍ୟବଧାନ ପରେ ଏହି ଆମେରିକାର ରାଷ୍ଟ୍ରପତି ପୁଣିଥରେ ନିଜର ସ୍ୱରକୁ ସମାନ ରଖି ଦ୍ୱିତୀୟ ଥର ପାଇଁ କହିଛନ୍ତି କି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ତାଙ୍କର ବନ୍ଧୁତା ସବୁବେଳେ ରହିବ ଏବଂ ଭାରତ ସହିତ ଆମେରିକାର ଏକ ସ୍ୱତନ୍ତ୍ର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି । ଅର୍ଥାତ୍, ଥରେ ଗୋଇଠା ମାରି ସାରିବା ପରେ ଟ୍ରମ୍ପ୍ ଏବେ ସୁଦ୍ଧା ଦୁଇ ଥର ବିଷ୍ଟୁ ହୋଇ ସାରିଲେଣି । ଏଥିରୁ ଯେଉଁ ସୂଚନା ମିଳୁଛି ଯେ ଭାରତ ଓ ଆମେରିକା ମଧ୍ୟରେ ଅଟକି ରହିଥିବା ବାଣିଜ୍ୟିକ କାରବାର ସମ୍ପର୍କିତ ରାଜିନାମା ଉପରେ ଆଲୋଚନା ଖୁବ୍ ଶୀଘ୍ର ପୁଣିଥରେ ଆରମ୍ଭ ହେବାକୁ ଯାଉଛି, ତାହା ହୁଏତ ଭାରତୀୟ ରପ୍ତାନୀକାରୀଙ୍କ କାନକୁ ମଧୁର ସଙ୍ଗୀତ ଭଳି ଶୁଭିପାରେ, ଯେଉଁମାନଙ୍କ ମଧ୍ୟରୁ କେତେକ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୫୦ ପ୍ରତିଶତ ଟାରିଫ୍ ଏବଂ ଅନୁଦାନ ଅବରୋଧ ଦୀର୍ଘଦିନ ପର୍ଯ୍ୟନ୍ତ ବଜାୟ ରହିଲେ କ୍ଷତିଗ୍ରସ୍ତ ହେବେ । ଟାରିଫ୍ ଉପରେ ଆମେରିକୀୟ କୋର୍ଟର ନିର୍ଦ୍ଦେଶନାମା ଏବଂ ଯଥାଶୀଘ୍ର ଏହି ଆଦେଶର ଏକ ସମୀକ୍ଷା କରିବା ପାଇଁ ଏହାର ସୁପ୍ରିମ୍‌କୋର୍ଟର କୁଣ୍ଠାଭାବକୁ ବିଚାରକୁ ନେଲେ ଟ୍ରମ୍ପ୍ ନିଜେ ହୁଏତ ଚାପଗ୍ରସ୍ତ ହୋଇଯିବେ, କାରଣ ତାଙ୍କର ମୁଲଚାଲ କରିବାର ସାଧନ- ଟାରିଫ୍ ଏ ପର୍ଯ୍ୟନ୍ତ ସୁଦ୍ଧା ସନ୍ଦେହର କୁହୁଡ଼ି ବାହାରକୁ ଯାଇ ପ୍ରତିଷ୍ଠିତ ହୋଇ ପାରିନାହିଁ ।

ଏଥିରେ କୌଣସି ଦ୍ୱିରୁକ୍ତି ନାହିଁ ଯେ ବ୍ରାଜିଲ ସହିତ ଭାରତ ଉପରେ ଅଧିକ ହାରର ଟାରିଫ୍ ଲଗାଯିବା ସମ୍ପର୍କିତ ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବରେ ଟ୍ରମ୍ପ୍‌ଙ୍କ ଉପରେ ନିର୍ଭର କରିବ । ତେଣୁ ତାଙ୍କ ଶୁଭ ଦୃଷ୍ଟିରେ ରହିବା ପାଇଁ ଭାରତକୁ ୟୁକ୍ରେନ୍‌ର ରାଷ୍ଟ୍ରପତି ଭୋଲୋଦିମିର୍ ଜେଲେନ୍‌ସ୍କିଙ୍କ ଭଳି ଖୋସାମତି କରିବାର ଆବଶ୍ୟକତା ରହିଥିବା ନେଇ ଯେ କେହି ବି ଏକ ଭଲ ପରାମର୍ଶ ଦେଇ ପାରନ୍ତି । ଅବଶ୍ୟ ପ୍ରଥମ ଥର ତାଙ୍କ ଉପରେ ବିରକ୍ତି ପ୍ରକାଶ କରାଯିବା ପରେ ଉପରୋକ୍ତ ୟୁକ୍ରେନୀୟ ନେତା ଦ୍ୱିତୀୟ ଥର ପାଇଁ ହ୍ୱାଇଟ୍ ହାଉସ୍ ଆସିବା ବେଳକୁ ତାଙ୍କ ସାଙ୍ଗରେ ୟୁରୋପ୍ ଏବଂ ୟୁକେର ଅନେକ ନେତାଙ୍କ ସମର୍ଥନ ରହିଥିଲା । ତେଣୁ ଟ୍ରମ୍ପ୍‌ଙ୍କୁ ଖୋସାମତି କରିବାରେ କିଛି ଅସୁବିଧା ନାହିଁ, ପରନ୍ତୁ ବାଣିଜ୍ୟିକ କାରବାର ନେଇ ଆଲୋଚନା ହେବା ବେଳେ ଲୋହିତ ରେଖାକୁ ଭାରତ ଅତିକ୍ରମ କରିବା ଉଚିତ ନୁହେଁ, ଯେଉଁଥିରେ ରୁଷିଆରୁ ରିହାତି ଦରରେ ତେଲ କିଣିବା ନେଇ ଫାଟ ସୃଷ୍ଟି ହୋଇଛି, ଯାହାକି ୟୁକ୍ରେନ୍ ସହିତ ରୁଷିଆ ଯୁଦ୍ଧ କରିବା ପରଠାରୁ ଭାରତ ଖର୍ଦ୍ଦି କରି ଆସୁଛି ଏବଂ ଏହା ଦେଶର ଅର୍ଥନୀତି ପାଇଁ ଯଥେଷ୍ଟ ମହତ୍ତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇ ସାରିଛି । ସେହି ତୈଳର ଦରକୁ ଯଦିଓ ବର୍ତ୍ତମାନର ବଜାର ଦର ସହିତ ତୁଳନା କଲେ, ସେପରି ବିଶେଷ କିଛି କମ୍ ନୁହେଁ, ତେବେ ଭାରତ-ଆମେରିକା ସମ୍ପର୍କ ମଧ୍ୟରେ ତାହା ଏକ ସମ୍ମାନର ପ୍ରଶ୍ନ ହୋଇ ସାରିଛି ଏବଂ ଯେ ପର୍ଯ୍ୟନ୍ତ ସମସ୍ତ ପ୍ରକାରର ବାଣିଜ୍ୟିକ ପ୍ରସଙ୍ଗର ସମାଧାନ ହୋଇ ନ ସାରିଛି, ସେଯାଏଁ ଭାରତ ଏହି ଖର୍ଦ୍ଦିର ପ୍ରସ୍ତାବକୁ ତ୍ୟାଗ କରିବା ଉଚିତ ନୁହେଁ ।

ପୁନଶ୍ଚ, କେବଳ ଅଧିକ ହାରର ଟାରିଫ୍ ଏକମାତ୍ର ପ୍ରସଙ୍ଗ ନୁହେଁ ଭାରତ-ଆମେରିକାର ସମ୍ପର୍କ କ୍ଷେତ୍ରରେ ଫାଟ ସୃଷ୍ଟି କରିବା ପାଇଁ । ଏହା ବାଦ୍ ଆମେରିକା ଭାରତ ବିରୁଦ୍ଧରେ ଭିସା ଏବଂ ଏକ ଟିକସ ଲାଗୁ କରିବା ଉପରେ ଗୁରୁତ୍ୱାରୋପ କରିବାକୁ ମସୁଧା ଚଳାଇଛି, ଯାହା ସଫ୍ଟୱେର ରପ୍ତାନୀ ଏବଂ ତଟୀୟ ଠିକାକାମକୁ ପ୍ରଭାବିତ କରିପାରେ । ସାମଗ୍ରୀଗୁଡ଼ିକର ରପ୍ତାନୀ କ୍ଷେତ୍ରରେ ଭାରତ ଉଦ୍‌ବୃତ୍ତ ଲାଭ ଅର୍ଜନ କରୁଛି ଯେତେବେଳେ କି ଆମେରିକା ସେବାଗୁଡ଼ିକ କ୍ଷେତ୍ରରେ ଭାରତଠାରୁ ତାହା ଅଧିକ ଅର୍ଜନ କରୁଛି ବୋଲି ଦେଖାଇବା ହୁଏତ ଟ୍ରମ୍ପ୍‌ଙ୍କୁ ଅସଲ ଛବି ଦେଖାଇବାରେ ସକ୍ଷମ ହୋଇପାରେ । ଆଗାମୀ ସମୟରେ ରାଷ୍ଟ୍ରପତି ଟ୍ରମ୍ପ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଯେଉଁ ଭିଡିଓ ଫୋନ୍ କଲ୍‌ଗୁଡ଼ିକ ହେବାକୁ ଯାଉଥିବା କୁହାଯାଉଛି, ସେ ସମୟରେ ତାଙ୍କ କାନରେ ଏକଥା ପକାଇବା ହୁଏତ ଅଧିକ ଗୁରୁତ୍ୱ ବହନ କରିପାରେ । ଆଉ ଏହା କେବଳ ବାଣିଜ୍ୟ ବ୍ୟବସାୟଜନିତ କାରବାରର ସମାଧାନ ଯାହାକି ସ୍ୱଳ୍ପ ସମୟ ଭିତରେ କରାଯିବା ଉପରେ ପର୍ଯ୍ୟବସିତ ହେବ ବୋଲି କୁହାଯାଉଛି, ସେତିକିରେ ସୀମିତ ରହିବା ଉଚିତ ନୁହେଁ । ରଣନୀତିକ ଭାଗିଦାରୀଠାରୁ ଆରମ୍ଭ କରି ପ୍ରତିରକ୍ଷା ଏବଂ ତୈଳ ଓ ଗ୍ୟାସ୍ ଖର୍ଦ୍ଦିଠାରୁ ବାଣିଜ୍ୟିକ କାରବାର ଉପରେ ଟାରିଫ୍ ପର୍ଯ୍ୟନ୍ତ ସମସ୍ତ ପ୍ରସଙ୍ଗ ଉପରେ ଆମେରିକା ସହିତ ଆଲୋଚନା କରାଯିବାର ଆବଶ୍ୟକତା ରହିଛି । ଭାରତ ସ୍ମରଣ ରଖିବା ଉଚିତ ଯେ ଟାରିଫ୍‌କୁ କମ୍ କରିବା ପାଇଁ କୃଷି ଏବଂ ଦୁଗ୍ଧଚାଷ କ୍ଷେତ୍ରକୁ ସୁରକ୍ଷା ପ୍ରଦାନ କରୁଥିବା କେତେକ ଲୋହିତ ରେଖାକୁ କୌଣସି ପରିସ୍ଥିତିରେ ମଧ୍ୟ ଅତିକ୍ରମ କରିବା ଅନୁଚିତ । ଆମେରିକାର ରାଷ୍ଟ୍ରପତି ଭାରତ ପାଇଁ ଗୋଟିଏ ଦ୍ୱାର ଦେଖୁଥିବା ବେଳେ ତିଆନ୍‌ଜିନ୍‌ଠାରେ ଏହା ପାଇଁ ଏକାଧିକ ଦ୍ୱାର ଦେଖିବା ପରେ ପଛଘୁଞ୍ଚା ଦେବାକୁ ବାଧ୍ୟ ହୋଇଛନ୍ତି, ଯାହା ଭାରତ ମନେ ରଖିବା ସଙ୍ଗେ ସଙ୍ଗେ ଆମେରିକା ସହିତ ସବୁକିଛି ଠିକ୍‌ଠାକ୍ କରିବାକୁ ଏବେ ସମୟ ଅନୁକୂଳ ରହିଥିବା ଗ୍ରହଣ କରି ସମ୍ପର୍କର ପ୍ରତ୍ୟେକ ଦିଗ ଉପରେ ବିଶଦ ଆଲୋଚନା କରିବା ବିଧେୟ ।■

# ସେବକର ଅଭିମାନ

ଭଲ କାମଟିଏ କଲେ ମିଳିଥାଏ ପ୍ରଶଂସା । ପ୍ରଶଂସା ପାଇଲେ ସେହି କାର୍ଯ୍ୟ କରିବାକୁ ପ୍ରେରଣା ମିଳିଥାଏ । ସେହି ପ୍ରେରଣାରୁ କିଛି ମଣିଷଙ୍କ ଭିତରେ ସୃଷ୍ଟି ହୁଏ ସ୍ୱାଭିମାନ । ସେହି ସ୍ୱାଭିମାନ ସଫଳତାର ଉଚ୍ଚତର ସେପାନରେ ପହଞ୍ଚାଇ ଥାଏ । ମାତ୍ର କେବେ କେବେ ପ୍ରଶଂସା ମଣିଷ ଭିତରେ ସ୍ୱାଭିମାନ ବଦଳରେ ସୃଷ୍ଟି କରିଥାଏ ଅଭିମାନ । ଅଭିମାନ ଆସିଲେ କାର୍ଯ୍ୟ ଦକ୍ଷତା କମିଯାଏ । ସଫଳତା ନୁହେଁ; ବରଂ ବିଫଳତା ଆଡ଼କୁ ଖସି ଖସି ଆସେ ମଣିଷ । କାହାରି ନିନ୍ଦା ବା ପ୍ରଶଂସା ଶୁଣି ଆମେ ନିଜ ସ୍ଥିତିରେ ରହିବା ଉଚିତ୍ । ଆଜି ଅନେକ ମଣିଷ ପ୍ରଶଂସା ପାଇବା ପାଇଁ କେତେ କେତେ ଯୋଜନା ମଧ୍ୟ କରୁଛନ୍ତି । ହେଲେ ପ୍ରଶଂସାର ନିଶା ଟିକିଏ ବି ଥିଲେ ଈଶ୍ୱରୀୟ ଦରବାରର ଦ୍ୱାର ବନ୍ଦ ହୋଇଯାଏ ।

ସେଦିନ ଲଙ୍କାର ରଣାଙ୍ଗନ । ବୀର ଲକ୍ଷ୍ମଣ ମେଘନାଦ ସହ ଯୁଦ୍ଧ କରି ଚେତା ହରାଇ ଆହତ ଅବସ୍ଥାରେ ଶୋଇଥିଲେ । ଶକ୍ତିଭେଦ ହୋଇଥିଲା ତାଙ୍କର । ଭାଇକୁ ହରାଇବାର ଦୁଃଖରେ ଶୋକାତୁର ଥିଲେ ପ୍ରଭୁ ଶ୍ରୀରାମ । ରାବଣର ରାଜବୈଦ୍ୟ ସୁଷେଣଙ୍କ ସହ ଯୋଗାଯୋଗ କରାଗଲା ଲକ୍ଷ୍ମଣଙ୍କ ସୁସ୍ଥତା ନେଇ । ରାଜବୈଦ୍ୟ ପରାମର୍ଶ ଦେଲେ ହିମାଳୟରୁ ବିଶଲ୍ୟକରଣୀ ବୃକ୍ଷ ଆଣିବା ପାଇଁ । ତାହା ପୁଣି ରାତିକ ଭିତରେ । ସ୍ୱଳ୍ପ ସମୟ ମଧ୍ୟରେ ଲଙ୍କାରୁ ହିମାଳୟ ଯାତ୍ରା କରି ବିଶଲ୍ୟକରଣୀ ବୃକ୍ଷ ନେଇ ଫେରିବା ଅସମ୍ଭବ ଥିଲା କୌଣସି ମନୁଷ୍ୟ ପକ୍ଷେ । ସେଭଳି ଏକ ଦୁଃସାହସିକ କାର୍ଯ୍ୟ କରିବାର ସାମର୍ଥ୍ୟ ଥିଲା କେବଳ ହନୁମାନଙ୍କର । ଏତିକି ବେଳେ ହନୁମାନଙ୍କ ଭିତରେ ସେବକ ଭାବରେ ଅଭିମାନ ଆସିଗଲା । ପ୍ରଭୁ ଶ୍ରୀରାମଙ୍କ ଆଜ୍ଞା ନେଇ ବାହାରିଲେ ହନୁମାନ । ଘାତ ପ୍ରତିଘାତ ସହି ହିମାଳୟରେ ପହଞ୍ଚିଲେ । ବିଶଲ୍ୟକରଣୀ ତ ପାଇଲେ ନାହିଁ । ଗନ୍ଧମାର୍ଦ୍ଦନ ପର୍ବତକୁ ଉଠାଇ ଆଣିଲେ । ଆକାଶ ମାର୍ଗରେ ଆସୁ ଥାଆନ୍ତି । ଅପର ପକ୍ଷରେ ଅଯୋଧ୍ୟାର ନନ୍ଦିଗ୍ରାମରେ ଅତନ୍ଦ୍ର ନୟନରେ ଭାଇ ଭରତ ରାମଙ୍କ ଫେରିବା ବାଟକୁ ଚାହିଁ ଦିନ ଗଣୁଥିଲେ । ଚଉଦ ବର୍ଷ ପର୍ଯ୍ୟନ୍ତ ଅଯୋଧ୍ୟାକୁ ସୁରକ୍ଷା ଦେବା ଦାୟିତ୍ୱ ଥିଲା ଭରତଙ୍କର । ଆକାଶ ମାର୍ଗରେ ବେଗବାନ୍ ହନୁମାନଙ୍କର ରୂପକୁ ଦେଖି ଭାବିଲେ କେହି ଅସୁର ଅଯୋଧ୍ୟାକୁ ଆକ୍ରମଣ କରିବାକୁ ଚେଷ୍ଟା କରୁଛି । ବାଟୁଳି ମାରିଲେ । ସେହିଠାରେ ଚେତା ହରାଇ ପଡ଼ିଗଲେ ମହାବୀର ହନୁମାନ । ଚେତା ଫେରିବା ପରେ ଉଭୟଙ୍କ ପରିଚୟ ହେଲା । ପୁଣି ଯାତ୍ରା ଆରମ୍ଭ କଲେ ହନୁମାନ । ଠିକଣା ସମୟରେ ପହଞ୍ଚି ଲକ୍ଷ୍ମଣଙ୍କୁ ବିପଦ ମୁକ୍ତ କଲେ ।

ଗୋଟିଏ ପାଖରେ ବୀର ଲକ୍ଷ୍ମଣ । ଅନ୍ୟ ପାଖରେ ମହାବୀର ହନୁମାନ । ଏକ ସମୟରେ ଚେତା ହରାଇ ପଡ଼ିଥିଲେ । କାରଣ ଉଭୟଙ୍କ ଭିତରେ ସୂକ୍ଷ୍ମ ଅହମିକା ବସା ବାନ୍ଧିଥିଲା । ନିଜକୁ ପ୍ରଭୁଙ୍କର ପାଖ ଲୋକ ଭାବିଥିଲେ । ଭରତ କିନ୍ତୁ ଥିଲେ ବହୁ ଦୂରରେ । ସେ ମଧ୍ୟ ଥିଲେ ପ୍ରଭୁ ଭକ୍ତ । ଚେତାଶୂନ୍ୟ ଲକ୍ଷ୍ମଣଙ୍କୁ ଉଦ୍ଧାର କଲାବାଲା ହନୁମାନ ମଧ୍ୟ ଚେତା ହରାଇଲେ ଭରତଙ୍କ ନିକଟରେ- ପ୍ରଭୁଙ୍କ ନିକଟରେ ଥାଅ କି ଦୂରରେ । ଅହଙ୍କାରକୁ ହୃଦୟରେ ଧରି ତାଙ୍କର ଯେତେ ପାଖରେ ଥିଲେ ମଧ୍ୟ ଯୋଜନ ଯୋଜନ ଦୂରରେ ଅଛେ ବୋଲି ଜାଣିବାକୁ ହେବ ।■

ପଦାରବିନ୍ଦ

ଗଜଲକ୍ଷ୍ମୀ ପୂଜା ନିମନ୍ତେ ପ୍ରସ୍ତୁତି

# ଡିଜେ ଓ ଭାଇବ୍ରେଟର୍ ସମ୍ପୂର୍ଣ୍ଣ ନିଷେଧ ନିଷ୍ପତ୍ତି



ନିଷ୍ପତ୍ତି ମାନିବାକୁ ନେଇ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ

**କେନ୍ଦ୍ରାପଡ଼ା,୧୨।୯/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ାର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାର ସଫଳ ଆୟୋଜନ ନେଇ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ମ୍ୟୁନିସିପାଲିଟି ଟାଉନ ହଲ୍‌ଠାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ ନାୟକ, ମ୍ୟୁନିସିପାଲିଟି ଚେୟାରମ୍ୟାନ ସରିତା ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗୀତ ସେଠୀ, ଜିଲ୍ଲାପାଳ ରଘୁରାମ ଆର ଆୟାର, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କାଟାରିଆ, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସମେତ ସମସ୍ତ ଲାଇନ ବିଭାଗୀୟ ଅଧିକାରୀ,ପୂଜା କମିଟି ଉପସ୍ଥିତ ଥିଲେ। ଆଇନ୍ ଶୃଙ୍ଖଳା, ଅନୁମତି ପତ୍ର ପ୍ରଦାନ,ରାସ୍ତା ଘାଟ ମରାମତି, ସ୍ୱାସ୍ଥ୍ୟସେବା, ପରିମଳ, ଆଲୋକ ଯୋଗାଣ, ଜଳ ଯୋଗାଣ,ଅଗ୍ନିନିରାପକ ବ୍ୟବସ୍ଥା ସମେତ ଅନ୍ୟାନ୍ୟ ବିଷୟ ବସ୍ତୁ ଉପରେ ଆଲୋକପାତ ହୋଇଥିଲା । ସିଙ୍ଗଲଓ୍ୱିଣ୍ଡ ଅନୁମତି ପତ୍ର ପ୍ରଦାନ ନିମନ୍ତେ ବ୍ୟବସ୍ଥା କରିବାକୁ ପୂଜା କମିଟି ପ୍ରସ୍ତାବ ଦେଇଛନ୍ତି। ଏହା ସହିତ ଡିଜେ ସାଉଣ୍ଡ, ଭାଇବ୍ରେଟରକୁ ସଂପୂର୍ଣ ବନ୍ଦ କରାଯାଇଛି । ଭସାଣ ଦୁଇଦିନ ମଦ ଦୋକାନ ସଂପୂର୍ଣ ବନ୍ଦ ରହିବ। ସହରରେ ସଂପୂର୍ଣ ଷ୍ଟ୍ରିଟ୍‌ଲାଇଟ ବ୍ୟବସ୍ଥା ଇତ୍ୟାଦି ସଂକ୍ରାନ୍ତରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ପୂଜାକୁ ସଫଳତାର ସହ ଆୟୋଜନ ପାଇଁ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଅକ୍ଟୋବର ୬ରୁ କେନ୍ଦ୍ରାପଡାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇ ୧୩ ଓ ୧୪ରେ ଭସାଣ ଉତ୍ସବ ଅନୁଷ୍ଠିତ ହେବ। ଏଥିନିମନ୍ତେ ପ୍ରଶାସନିକସ୍ତରୀୟ ଏକ ପ୍ରସ୍ତୁତି ବୈଠକ ପୂଜା କମିଟି ଏବଂ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଚଳିତବର୍ଷ ଲକ୍ଷ୍ମୀପୂଜା ଭସାଣରେ ଡିଜେ ଏବଂ ଭାଇବ୍ରେଟରକୁ ସମ୍ପୂର୍ଣ୍ଣ ନିଷେଧ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ପୂଜା ପର୍ବରୁ ସହରର ରାସ୍ତାଘାଟ ମରାମତି ସହିତ ଆଲୋକୀକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରତିବର୍ଷ ବୈଠକରେ ପ୍ରଶାସନ ତରଫରୁ ଏଭଳି ନିଷ୍ପତ୍ତି ନିଆଯାଇଥାଏ। ଡିଜେକୁ ସମ୍ପୂର୍ଣ୍ଣ ଆଇନଗତ ବାରଣ ଥିବା ସତ୍ତ୍ୱେ ଭସାଣ ଉତ୍ସବରେ ଡିଜେ ବ୍ୟବହାର କରାଯାଇଥାଏ। ଯାହା ଫଳରେ କି ସହରାଞ୍ଚଳର ବସବାସ କରୁଥିବା ବହୁ ହୃଦଘାତ ରୋଗୀ, କ୍ୟାନ୍ସର ରୋଗୀ ଏବଂ ଦୂରାରୋଗ୍ୟରେ ପଡିଥିବା ରୋଗୀମାନେ କେତେଯେ ଅସୁବିଧା ଭୋଗ କରିଥାନ୍ତି ତାହା ସେମାନେ ଏବଂ ସେମାନଙ୍କର ପରିବାର ଜାଣିଥାନ୍ତି। ଏପରିକି ଏହି ରୋଗୀମାନେ ଭସାଣ ଉତ୍ସବ ୨ ଦିନରେ କେନ୍ଦ୍ରାପଡା ଛାଡି ନିଜର ବନ୍ଧୁବାନ୍ଧବ ଘରକୁ ଡିଜେ ଶବ୍ଦ ଭୟରେ ପଳେଇଯାଇଥାନ୍ତି। ଏଥିସହିତ ରାସ୍ତାଘାଟ ମରାମତି ପାଇଁ ଜିଲ୍ଲାପାଳ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପୂଜା ପୂର୍ବରୁ ମରାମତି ଓ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥାନ୍ତି। ଏହା କିଛି ନୂଆ କଥା ନୁହେଁ ବିଭାଗୀୟ ଅଧିକାରୀଙ୍କ ଅପାରଗତା ଯୋଗୁଁ ଭସାଣୀ ପର୍ଯ୍ୟନ୍ତ ମଧ୍ୟ ରାସ୍ତାଘାଟ ମରାମତି ହେଉଥିବାର ପ୍ରତିବର୍ଷ ଦେଖିବାକୁ ମିଳେ। ତେଣୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ନା ମାନନ୍ତି ବିଭାଗୀୟ ଅଧିକାରୀ ନା ପୂଜା କମିଟି। ଏହାକୁ ମଧ୍ୟ ତଦାରଖ କରିବାକୁ ଜିଲ୍ଲାପାଳ କେବେ ସମୀକ୍ଷା କରିନାହାଁନ୍ତି। ତେଣୁ ସାପଶିଡି ଖେଳରେ ସାଧାରଣ ଲୋକେ ବଳି ପଡିଥାନ୍ତେ। ଏହା ପ୍ରତିବର୍ଷ ଦେଖିବାକୁ ମିଳୁଛି ଏବଂ ଚଳିତ ବର୍ଷ ମଧ୍ୟ ଏହା ଘଟିବ ବୋଲି ଆଶଙ୍କା ଦେଖାଦେଇଛି।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ କାର୍ଡ ବଣ୍ଟନ



**କୁଆଖିଆ,୧୨।୯/ଏନ୍ଏନ୍ଏସ୍:** ରସୁଲପୁର ବ୍ଲକ୍‌ର ଅଗ୍ରଣୀ ବାପୁଜୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପରିଚୟ ପତ୍ର ବଣ୍ଟନ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏହାକୁ ଯାଜପୁର ଜିଲ୍ଲା ପୁଲିସ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନ୍‌ଗୋ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଡିଓ ସତ୍ୟାନନ୍ଦ ଦାସ, ମୁଖ୍ୟ ବକ୍ତା ଭାବେ ମଞ୍ଚର ଉପସଭାପତି ପ୍ରବୋଧ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଡ. ରଶ୍ମୀ ରଞ୍ଜନ ପଶାୟତ, ଯୋଗଦେଇ ଅବସର ନାଗରିକଙ୍କ ଭୂମିକା ଉପରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ଜଳଧର ସାହୁ ସଭାପତିତ୍ୱ କରିଥିବା ବେଳେ ବାଗ୍ମୀ ପ୍ରହଲ୍ଲାଦ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ବଟକୃଷ୍ଣ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସହ ସମ୍ପାଦକ ଆନନ୍ଦ ଚନ୍ଦ୍ର ସାହୁ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ବାପୁଜୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଶିକ୍ଷା ବିତ ବୈଦେହ୍ର ନାଥ ସାହୁ, ବାଗ୍ମୀ ପ୍ରହଲ୍ଲାଦ ପଣ୍ଡାଙ୍କୁ ଉତ୍ସବରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉତ୍ସବ ରେ ଉପ ସଭାପତି ଅର୍ଜୁନ ଚରଣ ସାହୁ, ଉପଦେଷ୍ଟା ବିଜୟ ଦାସ, ଯୋଗେନ୍ଦ୍ର ପଣ୍ଡା, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ବାସୁଦେବ ପଲେଇ, ଲକ୍ଷ୍ମୀଧର ପଣ୍ଡା, ନରହରି ପଣ୍ଡା, ଅଭିମନ୍ୟୁ ସାହୁ, ଶଙ୍କର୍ଷଣ ସାହୁ, ପ୍ରମୁଖ ସହଯୋଗ କରିଥିଲେ।୪୩ ଜଣ ବରିଷ୍ଠ ନାଗରିକଙ୍କୁ ପୁଲିସ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା।

## ମୋବାଇଲ୍ ଟାୱାର୍ ପାଇଁ ଦାବିପତ୍ର



**ତାଳଚେର,୧୨।୯/ଏନ୍ଏନ୍ଏସ୍:** କୌଣସି ଉପାନ୍ତ ଏରିଆ ନୁହଁ, ତାଳଚେର ଉପଖଣ୍ଡ କଣିହାଁ ବ୍ଲକ୍ ବଡ଼ତ୍ରିବିଡ଼ା ପଞ୍ଚାୟତ ହରିଚନ୍ଦନପୁରରେ ମୋବାଇଲ ଟାୱାର ନଥିବାରୁ ପଞ୍ଚାୟତବାସୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ଆଜି ଏସମ୍ପର୍କରେ ଅଲ୍‌ଓଡ଼ିଶା ହ୍ୟୁମାନ ରାଇଟସ୍ ସଭାପତି ଡ. ଦେବେନ୍ଦ୍ର ସିଂହଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ଉପଜିଲ୍ଲାପାଳ ସମୀର ଜେନାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ସହ ଆଲୋଚନା କରିଥିଲେ। ଏଥିନେଇ ଶ୍ରୀ ସିଂହ ଦୁଃଖ ପ୍ରକାଶ କରିବା ସହ ଛାତ୍ରଛାତ୍ରୀମାନେ ଅନ୍‌ଲାଇନ ପାଠପଢ଼ାରୁ ବଞ୍ଚିତ ହେବା, ଆମ୍ବୁଲାନ୍ସ ସେବା ଯୋଗାଯୋଗ ବ୍ୟାହାତ ଓ ମୋବାଇଲ ଟାୱାର ନଥିବାରୁ ସମସ୍ତ ସରକାରୀ ଯୋଜନାରୁ ବଞ୍ଚିତ ହେବାକୁ ନେଇ ସରକାର ତୁରନ୍ତ ଏଥିପାଇଁ ଦୃଷ୍ଟି ଦେବାକୁ ନିବେଦନ କରିଛନ୍ତି। ପ୍ରକାଶ, ଏହି ପଞ୍ଚାୟତବାସୀମାନେ ନେଟ୍‌ୱାର୍କ ନଥିବାରୁ ଛାତ ଉପରେ, ଗଛ ଉପରେ ଓ ବିଭିନ୍ନ ସ୍ଥାନକୁ ଯାଇ ଫୋନ୍‌ଯୋଗେ କଥାବାର୍ତ୍ତା ଆଦାନ ପ୍ରଦାନ କରି ଆସୁଛନ୍ତି। ତେଣୁ ତୁରନ୍ତ ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

## ଉନ୍ନୟନ କାର୍ଯ୍ୟର ତାଲିକା ପ୍ରଦାନ



**ତାଳଚେର,୧୨।୯/ଏନ୍ଏନ୍ଏସ୍:** ତାଳଚେର ପୌରାଞ୍ଚଳର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ, ଡିଏମ ଫଣ୍ଡରୁ କରିବା ପାଇଁ ଏକ ତାଲିକା ପ୍ରସ୍ତୁତ କରି ନଗରପାଳ ଓ ନିର୍ବାହୀଅଧିକାରୀଙ୍କୁ ବିଜେପି ପକ୍ଷରୁ ପ୍ରଦାନ କରାଯାଇଛି। ଅନୁଗୁଳ ଜିଲ୍ଲାରେ ବାର୍ଷିକ ୩ଶହକୋଟିରୁ ଊର୍ଦ୍ଧ୍ୱଟଙ୍କା କେନ୍ଦ୍ର ସରକାରଙ୍କ ରାଷ୍ଟ୍ରାୟତ ଉଦ୍ୟୋଗ ଜିଲ୍ଲା ଖଣିଜପାଣ୍ଠିରୁ ଜମା କରିଥାନ୍ତି। ଉକ୍ତ ପାଣ୍ଠିରୁ ତାଳଚେର ପୌରାଞ୍ଚଳର ବିକାଶ ପାଇଁ ବିଜେପି ପକ୍ଷରୁ ଉନ୍ନୟନ କାର୍ଯ୍ୟର ଏକ ସୂଚୀ ପ୍ରସ୍ତୁତ କରାଯାଇ ବିଜେପି ମିଡ଼ିଆସେଲ ସଂଯୋଜକ ପର୍ଶୁରାମ ବାରିକ, ଢେଙ୍କାନାଳ ସାଂସଦଙ୍କ ପ୍ରତିନଧି, ମଣ୍ଡଳସଭାପତି ରାଜେଶ ଦଲେଇ ନଗରପାଳ ପବିତ୍ର ଭୂତିଆ ଓ ନିର୍ବାହୀ ଅଧିକାରୀଙ୍କ ସାକ୍ଷତକରି ସୂଚୀ ପ୍ରଦାନ କରିଥିଲେ। ତାଳଚେର ପୌରାଞ୍ଚଳରେ ଜଗନ୍ନାଥ ପାର୍କ, ପଶ୍ଚିମେଶ୍ୱର ମନ୍ଦିର, ଆଖଣ୍ଡଳମଣି ମନ୍ଦିର, ଟାଉନହତା, ବ୍ରାହ୍ମଣୀନଦୀରେ ବୋଟ ଚଳାଇବା, ଟାଉନ ମଧ୍ୟରେ ଥିବା ହତା ଗୁଡ଼ିକର ପୁନଃ ବିକାଶ, ସ୍ୱରାଜ ବ୍ୟବସ୍ଥାକୁ ଠିକ କରି ପୌରବାସୀଙ୍କ ସ୍ୱଚ୍ଛଜଳ ପ୍ରଦାନ, ବିଭିନ୍ନ ୱାର୍ଡ଼ରେ କଲ୍ୟାଣୀମଣ୍ଡପ ନିର୍ମାଣ, ଶ୍ମଶାନଘାଟକୁ ଯିବାକୁ ରହିଥିବା କଲଭର୍ଟ ନିର୍ମାଣ ଆଦି ବହୁ ଉନ୍ନୟନ ମୂଳକକାର୍ଯ୍ୟର ତାଲିକା ଦିଆଯାଇଛି ବୋଲି ବିଜେପି ପକ୍ଷରୁ ସୂଚନା ଦିଆଯାଇଛି।

## ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ



**ଆଳି,୧୨।୯/ଏନ୍ଏନ୍ଏସ୍:** ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଆହ୍ୱାନକ୍ରମେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଲକ୍ଷ୍ମୀ ବରାହ ମହାବିଦ୍ୟାଳୟର ୧୦ ଜଣ କର୍ମଚାରୀ ଆନ୍ଦୋଳନରେ ବସିଛନ୍ତି। କର୍ମଚାରୀମାନେ ଖରା ବର୍ଷାରେ ଆନ୍ଦୋଳନ ଜାରି ରଖିଥିବା ବେଳେ ରାଜ୍ୟ ସରକାର ସେମାନଙ୍କ ଦାବିକୁ କର୍ଣ୍ଣପାତ କରୁନାହାଁନ୍ତି। ଏହି ଆନ୍ଦୋଳନରେ ଲକ୍ଷ୍ମୀବରାହ ମହା ବିଦ୍ୟାଳୟର ଶ୍ରାବଣୀ ଜେନା, ସମୀର ବିଶ୍ୱାଳ, ବିଜୟ ବେହେରା, ରବିନ୍ଦ୍ର ବାରିକ, ବିଭୁତି ଭୂଷଣ ବାରିକ, ସୌଭାଗ୍ୟ ନାୟକ ପ୍ରମୁଖ ୧୦ କର୍ମଚାରୀ ଅନୁଦାନ ଦାବିରେ ଆନ୍ଦୋଳନ ଜାରି ରଖିଛନ୍ତି। ରାଜ୍ୟର ୪୮୮ ଓ ୬୬୨ ବର୍ଗର କଲେଜ ପରିଚାଳନା ପରିଷଦ ଦ୍ୱାରା ନିଯୁକ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ରାଜ୍ୟ ସରକାର ଶେଷଥର ପାଇଁ ୨୦୦୮ ମସିହାରେ ଅନୁଦାନ ପ୍ରଦାନ କରିଥିଲେ। ୨୦୦୮ ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଅଧ୍ୟପିକା ଏବଂ କର୍ମଚାରୀମାନଙ୍କୁ ସରକାରୀ ଅନୁଦାନ ପରିସର ଭୁକ୍ତ କରିବା ପାଇଁ ସଂଘ ବାରମ୍ବାର ସରକାରଙ୍କୁ ଦାବି ସତ୍ତ୍ୱେ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ତେଣୁ ଏହି ଆନ୍ଦୋଳନ ଜାରି ରହିଛି।

## ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳାଙ୍କ ଧାରଣା




**ଢେଙ୍କାନାଳ,୧୨।୯/ଏନ୍ଏନ୍ଏସ୍:** ଢେଙ୍କାନାଳ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଜଣେ ମହିଳା ଧାରଣା ଦେଇଛନ୍ତି। ମହିଳାଙ୍କ ଅଭିଯୋଗ ଅନୁଯାୟୀ ଦେଉଳ ସାହି ଅଞ୍ଚଳର ଜଣେ ଯୁବକ ମହିଳାଙ୍କ ପୁଅଙ୍କ ଠାରୁ ଟଙ୍କା ନେଇ ତାଙ୍କୁ ଏକ କାର କିଣେଇ ଦେବା ପାଇଁ କହିଥିଲେ। ଅଢେଇ ଲକ୍ଷ ଟଙ୍କା ନେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନା କାର ଦେଉଛନ୍ତି ନା ଟଙ୍କା ମାଗିଲେ ଟଙ୍କା ଫେରସ୍ତ କରୁଛନ୍ତି। ଏ ସମ୍ପର୍କରେ ଟାଉନ ଥାନାରେ ବୋରାପଦା ଅଞ୍ଚଳର ବାସନ୍ତୀ ସ୍ୱାଇଁ ନାମକ ମହିଳା ଅଭିଯୋଗ କରିଥିଲେ। ଏହା ସହିତ ମଧ୍ୟ ବିଭିନ୍ନ ସମୟରେ ଏସ୍‌ପିଙ୍କ କାର୍ଯ୍ୟାଳୟ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ମଧ୍ୟ ଟଙ୍କା ଫେରସ୍ତ ପାଇବାରେ ବିଫଳ ହୋଇଥିଲେ। ଆଜି ଏନେଇ ମହିଳା ଜଣଙ୍କ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ପୁଲିସ ତାଙ୍କୁ ବୁଝାଇଥିଲେ ମଧ୍ୟ ମହିଳା ଜଣଙ୍କ ନିଜ ଜିଦ୍‌ରେ ଅଟଳ ଥିଲେ।

## ଅଫିସ୍‌ରେ ପଶୁଛି ଶୌଚାଳୟ ପାଣି, କାର୍ଯ୍ୟ ବ୍ୟାହତ



**ଯାଜପୁର,୧୨।୯/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟରେ ଗତ ଚାରିରୁ ପାଞ୍ଚ ମାସ ଧରି ଦିନରାତ୍ରି ପ୍ରଥମ ମହଲାର ଅଫିସ୍‌ର ଶୌଚାଳୟର ପାଣି ଛାତ ଉପରୁ ତଳକୁ ପଡୁଛି ଓ କାନ୍ଥ ବାଟ ଦେଇ ପାଣି ଅଫିସ ଭିତରେ ପଶୁଛି। ଏବଂ ଛାତ ଉପର ଭାଗରେ ଥିବା ବିମ୍ ଦ୍ୱାରା ପାଣି ସକ୍ କରି ବୁନ୍ଦା ବୁନ୍ଦା ଶୌଚଳୟର ମଇଳା ପାଣି ଗ୍ରାଉଣ୍ଡ ଫ୍ଲୋରରେ ଥିବା ଯାଜପୁର ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ କାର୍ଯ୍ୟାଳୟରେ ପାଣି କାର୍ଯ୍ୟରତ କର୍ମଚାରୀମାନଙ୍କ ଉପରେ ପଡ଼ିବା ସଙ୍ଗେ ସଙ୍ଗେ ଅନ୍ୟ କର୍ମଚାରୀ ତାଙ୍କ ଅଫିସ କାର୍ଯ୍ୟରେ ଆସିଲେ ସେମାନଙ୍କ ଉପରେ ମଧ୍ୟ ମଇଳା ପାଣି ପଡୁଥିବାର ଦେଖିବାକୁ ମିଳୁଛି । ଏବଂ ଜିଲ୍ଲାର କୋଣ ଅନୁକୋଣରୁ ସାମ୍ବାଦିକ ବନ୍ଧୁମାନେ ନିଜ ନିଜର ବ୍ୟକ୍ତିଗତ ଅଫିସ କାର୍ଯ୍ୟରେ ଆସିଲେ ମଧ୍ୟ ସେମାନେ ମଧ୍ୟ ଏହି ମଇଳା ପାଣି ତାଙ୍କ ଉପରେ ପଡୁଥିବାର ସମାନ ଅଭିଯୋଗ ଆସୁଛି। ଏହି ଶୌଚାଳୟର ମଇଳା ପାଣି ଲୋକମାନଙ୍କ ଉପରେ ପଡ଼ିବା ଦ୍ୱାରା ଅଫିସ କାର୍ଯ୍ୟରେ ବ୍ୟାଘାତ ହେବା ସଙ୍ଗେ ସଙ୍ଗେ ନାନାଦି ଚର୍ମ ରୋଗରେ ଶିକାର ହେବାର ଦେଖିବାକୁ ମିଳୁଛି। ଏହି ସମସ୍ୟା ଆଗକୁ ମୁଣ୍ଡ ବିନ୍ଧାର କାରଣ ସାଜିପାରେ ବୋଲି କର୍ମଚାରୀ, ବୁଦ୍ଧିଜୀବୀ ଓ ସାମ୍ବାଦିକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ସମସ୍ୟାର ସମାଧାନ କରିବା ପାଇଁ ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନେବାକୁ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଦାବି କରାଯାଇଛି।

## ବିଡିଓଙ୍କ ଅନୁପସ୍ଥିତିରେ ପଞ୍ଚାୟତସମିତି ବୈଠକ



**ନାଉଗାଁ,୧୨।୯/ଏନ୍ଏନ୍ଏସ୍:** ନାଉଗାଁ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଉକ୍ତ ବ୍ଲକ୍‌ର ଅଷ୍ଟମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଏହି ତାରିଖରେ ବୈଠକ ଅନୁଷ୍ଠିତ ହେବାପାଇଁ ସମୟ ସ୍ଥିର କରାଯାଇଥିବା ବେଳେ କୌଣଷି କାରଣ ବଶତଃ ଉକ୍ତ ବୈଠକରେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ ଯୋଗ ଦେଇପାରି ନଥିଲେ। ଅନ୍ୟପଟେ ବ୍ଲକ୍ ବିଡିଓ ମଧ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ଏହି ବୈଠକରେ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଯାହାକୁନେଇ ପଞ୍ଚାୟତ ଗୁଡ଼ିକର ଜନ ପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ବ୍ଲକ୍‌ର ଏବିଡିଓ ଦିନେଶ କୁମାର ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପଞ୍ଚାୟତ ସମିତି ଅଧକ୍ଷା ତୃଷ୍ଣା ଲେଙ୍କା, ତହସିଲଦାର ଅକ୍ଷୟ କୁମାର ବଡ଼ୁ, ସାଂସଦଙ୍କ ପ୍ରତିନିଧି ଲଲାଟେନ୍ଦୁ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ବ୍ଲକ୍‌ର ୧୬ଟି ଯାକ ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ପଞ୍ଚାୟତ ଗୁଡିକରେ ଅର୍ଥ ଥାଇ ମଧ୍ୟ ବିକାଶମୂଳକ କାର୍ଯ୍ୟ ଗୁଡିକ ବନ୍ଦ ହୋଇ ପଡ଼ିରହିଛି। ଯାହାର କାର୍ଯ୍ୟାଦେଶ ପ୍ରଦାନ କରାଯାଇ କାର୍ଯ୍ୟ ଗୁଡିକୁ ତୁରନ୍ତ ଆରମ୍ଭ କରିବା ପାଇଁ ସମିତିସଭ୍ୟ ଓ ସରପଞ୍ଚମାନେ ଦାବି କରିଥିଲେ। ଏହି ବୈଠକରେ ବ୍ଲକ୍‌ର ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ସହିତ ପ୍ରତି ପଞ୍ଚାୟତର ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଆଇନଜୀବୀଙ୍କ ବିୟୋଗରେ ଶୋକସଭା



**ପାରାଦୀପ,୧୨।୯/ଏନ୍ଏନ୍ଏସ୍:** ପାରାଦୀପ ବାର୍ ଆସୋସିଏସନ୍‌ର ସଦସ୍ୟ ତଥା ଆଇନଜୀବୀ ପ୍ରଦୀପ୍ତ ମହାପାତ୍ରଙ୍କ ବିୟୋଗରେ ଏକ ଶୋକସଭା ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପାରାଦୀପ ପୋର୍ଟ କ୍ଲବ୍ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଆସୋସିଏସନ୍‌ର ସଭାପତି ତଥା ଓଡ଼ିଶା ହାଇକୋର୍ଟର ଏଜିଏ ତପନ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସମ୍ପାଦକ ହେମନ୍ତ କୁମାର ସାହୁ, ବରିଷ୍ଠ ସଦସ୍ୟ ଦୁର୍ଯ୍ୟୋଧନ ରଣା, ଉପସଭାପତି କୈଳାସ ଚନ୍ଦ୍ର ସାହୁ, ରବିନ୍ଦ୍ର କୁମାର ଜେନା, ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପ୍ରଦୀପ୍ତ ମହାପାତ୍ରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ସଭାରେ ଗୋପୀନାଥ ମଲ୍ଲ, ବରିଷ୍ଠ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ କୁମାର ମିଶ୍ର, ପ୍ରମୋଦ କୁମାର ମିଶ୍ର, ରବିନ୍ଦ୍ର ନାଥ ସ୍ୱାଇଁ, ସଞ୍ଜୀବ ଦେ, ପ୍ରିୟବ୍ରତ ଲେଙ୍କା, ଡ଼ମ୍ବରୁଧର ବିଶ୍ୱାଳ, ସଦାନନ୍ଦ ମଲ୍ଲିକ ପ୍ରମୁଖ ଯୋଗଦେଇ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

ଛତାରେ ହେବ ବସ୍‌ଷ୍ଟାଣ୍ଡ

## ଜମି ଯୋଗାଇଦେଲେ ଡେରାବିଶ ତହସିଲଦାର୍

**ଚାନ୍ଦୋଲ,୧୨।୯/ଏନ୍ଏନ୍ଏସ୍:** ସରକାରଙ୍କ ପକ୍ଷରୁ ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥର ଡେରାବିଶ ବ୍ଲକ ଅଞ୍ଚଳରେ ଏକ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବା ପାଇଁ ନିର୍ଦ୍ଦେଶ ଆସିଥିଲା। ଏହି ଖବର ପାଇବା ପରେ କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଡେରାବିଶ ବ୍ଲକ୍‌ର ପ୍ରମୁଖ ସ୍ଥାନ ତଥା ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥର କଡ଼ରେ ଥିବା ଚାଟରାଚକଡ଼ା ପଞ୍ଚାୟତର ଛତାଠାରେ ନିର୍ମାଣ କରିବାକୁ ଦାବି କରିଥିଲେ। ହେଲେ ଏଥିରେ କିଛି ଅଧିକାରୀ ଛତା ଠାରେ ସ୍ଥାନ ଅଭାବ ଦର୍ଶାଇ ଏହାକୁ ଅନ୍ୟ ଆଡ଼େ ପ୍ରତିଷ୍ଠା କରିବା ପାଇଁ ମସୁଧା ଚଳାଇଥିଲେ। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ଜାଣିବା ପରେ ଡେରାବିଶ ବ୍ଲକ୍‌ର ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଚାଟରାଚକଡ଼ା ପଞ୍ଚାୟତର ଛତାରେ ଅବସ୍ଥିତ ହୋଇଥିବାରୁ ଦୈନିକ ଏଠାକୁ ହଜାର ହଜାର ଜନସାଧାରଣ ବିଭିନ୍ନ କାର୍ଯ୍ୟରେ ଆସୁଥିବାରୁ ଏଠାରେ ନିର୍ମାଣ କରିବା ପାଇଁ ଦାବି କରିବା ସହିତ ତହସିଲ ପ୍ରଶାସନ, ବ୍ଲକ୍ ପ୍ରଶାସନ, ଜିଲ୍ଲା ପ୍ରଶାସନ, ରାଜସ୍ୱ ସଚିବ ଓ ରାଜସ୍ୱମନ୍ତ୍ରୀଙ୍କୁ ଅବଗତ କରିଥିଲେ। ଏହି ସ୍ଥାନରେ ବସ୍‌ଷ୍ଟାଣ୍ଡ ପାଇଁ ଆବଶ୍ୟକ ହେଉଥିବା ସରକାରୀ ଜମି ରହିଥିବା ବେଳେ ଯଦି ବସ୍‌ଷ୍ଟାଣ୍ଡ ଏଠାରେ କରାନଯାଇ ଅନ୍ୟସ୍ଥାନରେ କରାଯାଏ ତେବେ ଚାଷୀ ଶ୍ରମିକ ସଂଘର ସଦସ୍ୟମାନେ ଆସନ୍ତା ୧୫ ତାରିଖ ଦିନ ଅନଶନ ଧର୍ମଘଟ କରିବେ ବୋଲି ଚେତାବନୀଦେଇଥିଲେ। ଏହି ଘଟଣାରେ ତୁରନ୍ତ ତହସିଲ ପ୍ରଶାସନ ଚାଷୀ ଶ୍ରମିକ ସଂଘର ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ରଙ୍କୁ ଡକାଇ ଅନଶନରୁ ବିରତ ରହିବା ପାଇଁ କହିବା ସହ ଏକ ବୈଠକର ଆୟୋଜନ କରିଥିଲେ। ଗତ ୮ ତାରିଖରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ତହସିଲଦାର ଚିଠି ନଂ ୬୨୧୯୫/ ତା ୮.୯.୨୫ ଅନୁଯାୟୀ ଛତା ନିକଟସ୍ଥ ଚାଟରାଚକଡ଼ା ପଞ୍ଚାୟତରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ ହୋଇଛି ବୋଲି କହିଥିଲେ । ତହସିଲଦାର ସରୋଜକାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସଡ଼କ ପରିବହନ ନିଗମର ଅଧିକାରୀ, ଅତିରିକ୍ତ ତହସିଲଦାର, ସଂଘର ସଭାପତି ଶ୍ରୀ ମିଶ୍ର, ସମ୍ପାଦକ କୃତିବାସ ଦାସ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଫଳରେ ଚାଷୀ ଶ୍ରମିକ ସଂଘର ଦାବି ପୁରଣ ହୋଇଥିବାରୁ ଆସନ୍ତା ୧୫ ତାରିଖରେ ତହସିଲ ସମ୍ମୁଖରେ ଛତାଠାରେ ବସ୍‌ଷ୍ଟାଣ୍ଡ ପାଇଁ ହେବାକୁଥିବା ଅନଶନ ଧର୍ମଘଟକୁ ସ୍ଥଗିତ ରଖାଯାଇଥିବା ସଭାପତି ଶ୍ରୀ ମିଶ୍ର ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଘଟଣା

## ଥାନାଧିକାରୀଙ୍କ ବିରୋଧରେ ଅଭିଯୋଗ

**କେନ୍ଦ୍ରାପଡ଼ା,୧୨।୯/ଏନ୍ଏନ୍ଏସ୍:** ବିଜେପି ନେତ୍ରୀ ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓ ପ୍ରାକ୍ତନ ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ସୁଜାତା ବାରିକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲକଜ କରିଥିବା ରାଜକନିକା ଥାନାଧିକାରୀ ସଞ୍ଜୟ ମଲ୍ଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜକନିକା ଅଞ୍ଚଳର କେତେକ ମହିଳା ଶୁକ୍ରବାର ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଥାନାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ସେମାନେ ଏସ୍‌ପିଙ୍କ ଅଫିସ୍ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ପେଗରପଡା ଗ୍ରାମର ସନ୍ଧ୍ୟାରାଣୀ ପଲାଇ ଓ ଝରଣା ମଲ୍ଲିକ ଅଭିଯୋଗରେ ଦର୍ଶାଇଛନ୍ତି ଯେ ଜଣେ ଅନୁସୂଚିତ ଜାତିର ମହିଳାଙ୍କୁ ଏହି ଅଞ୍ଚଳର କେତେକ ଲୋକ ହଇରାଣ ହରକତ କଲେ। ମହିଳା ଜଣକ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ମହିଳାଙ୍କ ସପକ୍ଷରେ ଜଣେ ଯୁବକ ସାକ୍ଷ୍ୟ ଦେଇଥିଲେ। ଅଭିଯୁକ୍ତମାନେ ସେହି ଯୁବକଙ୍କ ମୁଣ୍ଡ ଫଟାଇଦେଲେ। ତେଣୁ ମହିଳା ଜଣକ ବାଧହୋଇ ବିଜେପି ନେତ୍ରୀ ସୁଜାତା ବାରିକଙ୍କୁ ଜଣାଇଥିଲେ। ଏ ନେଇ ଶ୍ରୀମତୀ ବାରିକ ରାଜକନିକା ଥାନାଧିକାରୀଙ୍କୁ ପଚାରିବାରୁ ଥାନାଧିକାରୀ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଫଳରେ ଶ୍ରୀମତୀ ବାରିକ ଏ ନେଇ ଗୃହ ବିଭାଗ ସଚିବଙ୍କ ନିକଟରେ ଅଭିଯୋଗ କରିଥିଲେ। ବିଜେପିନେତ୍ରୀ ଶ୍ରୀମତୀ ବାରିକ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଥିଲେ ଯେ ରାଜକନିକା ଥାନା ଅନ୍ତର୍ଗତ ପେଗରପଡା ଗ୍ରାମର ସ୍ୱର୍ଗତ ରଷି ମଳିକଙ୍କ ପତ୍ନୀ ମଲ୍ଲି ମଳିକ ଜୁଲାଇମାସ ୨୫ତାରିଖ ମଧ୍ୟାହ୍ନ ୧୨ଟାରେ ତାଙ୍କ ଦୋକାନରୁ ଚୋରି ହୋଇଥିବା ନେଇ ରାଜକନିକା ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ବେଳେ ଥାନାଧିକାରୀ ତାଙ୍କ ଠାରୁ ଅଭିଯୋଗ ରଖିନଥିଲେ। ଅଭିଯୋଗ ଉପରେ ଆରକ୍ଷୀ ଅଧୀକ୍ଷକ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ ଅଭିଯୋଗକାରୀ ପେଗରପଡା ଗ୍ରାମର ପୀଡିତା ମହିଳା ଝରଣା ମଲ୍ଲିକ ଓ ସନ୍ଧ୍ୟାରାଣୀ ପଲାଇ ଶୁକ୍ରବାର ଆରକ୍ଷୀ ଅଧୀକ୍ଷକଙ୍କୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରି ଜଣାଇଛନ୍ତି ଯେ ସେମାନଙ୍କୁ ଉପଯୁକ୍ତ ନ୍ୟାୟ ନମିଳିବାରୁ ସେମାନେ ବାଧହୋଇ ଆସନ୍ତା ୧୮ତାରିଖରେ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ। ଏସମ୍ପର୍କରେ ଆରକ୍ଷୀ ଅଧୀକ୍ଷକ ଶ୍ରୀ କଟ୍ଟାରିଆଙ୍କୁ ପଚାରିବାରେ ସେ କହିଥିଲେ ଯେ ଏହି ଘଟଣା ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି।

## ପରିବହନ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



**ବଡଚଣା,ଚଣ୍ଡିଖୋଲ,୧୨।୯/ଏନ୍ଏନ୍ଏସ୍:** ଚଣ୍ଡିଖୋଲ ନିକଟସ୍ଥ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକସଂଘ କାର୍ଯ୍ୟାଳୟ ପରିସରର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିନୋଦ କୁମାର ପରିଡ଼ାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ କେବଳ ଗାଡି ମାଲିକମାନଙ୍କ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରୁଛି ତାହା ନୁହେଁ ସଡ଼କ ସୁରକ୍ଷା, ପରିବେଶ ସୁରକ୍ଷା, ବୃକ୍ଷରୋପଣ, ସହିତ ସାମାଜିକ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସଙ୍ଘ ଭିତର ଶାନ୍ତି ଶୃଙ୍ଖଳା,ଏକତା, ଭାଇଚାରା ରହିଲେ ସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି କହିବା ସହିତ ସଙ୍ଘର ଯେଉଁ ସବୁ ସମସ୍ୟା ରହିଛି ତାହାର ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ସଭାପତି ଅଜାମ୍ବର ସାହୁ କଣ୍ଟିଗଡିଆ ନିକଟରେ ଥିବା ଶ୍ରୀରାମପୁର ଟୋଲ ପ୍ଲାଜା ଗାଡି ମାଲିକମାନଙ୍କ ଠାରୁ ବେଆଇନି ଭାବେ ଟୋଲ ଫି ନେଇ ଗାଡ଼ି ମାଲିକମାନଙ୍କୁ ଆର୍ଥିକ ଶୋଷଣ କରୁଥିବା ନେଇ ଅଭିଯୋଗ କରିବା ସହିତ ଏହାର ସମାଧାନ ପାଇଁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଙ୍ଘର ଉପଦେଷ୍ଟା ଚନ୍ଦନ କୁମାର ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂପାଦକ ଅମିତ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ହିମାଂଶୁ ଶେଖର ସାହୁ ନବ ନିର୍ବାଚିତ ସଭାପତି ଅଜାମ୍ବର ସାହୁ, ଉପସଭାପତି ସରୋଜ କୁମାର ରାଉତ, ସଂପାଦକ ଅମିତ କୁମାର ସାହୁ, ସହ ସମ୍ପାଦକ ଅଶୋକ କୁମାର ପରିଡ଼ା, ଯୁଗ୍ମ ସଂପାଦକ ମହେନ୍ଦ୍ର କୁମାର ଦାଶ ଓ କୋଷାଧ୍ୟକ୍ଷ ଭାବେ ରଜନୀ କାନ୍ତ କରଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ଚଣ୍ଡିଖୋଲ ପ୍ରେସ୍ କ୍ଲବ୍,ଧର୍ମଶାଳା ପ୍ରେସ୍, ବରିଷ୍ଠ ନାଗରିକ ମଞ୍ଚ, ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ସମେତ ଓଡ଼ିଶାର ବିଭିନ୍ନ ଟ୍ରକ ମାଲିକ ସଂଘ ସଭାପତି ଓ ସଂପାଦକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉଦୀୟମାନ କଳା ପରିଷଦର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ, ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ରଜନୀକାନ୍ତ କର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଭାତ କୁମାର ରାଉତ, ପ୍ରଦୀପ କୁମାର ବେହେରା, ସୋନା ବାବୁ, ପ୍ରମୋଦ କୁମାର କବି, ମୁଜିବର ରହେମନ, ହିମାଂଶୁ କୁମାର ସାହୁ, ଅରୁଣ କୁମାର ମହାନ୍ତି, ସନ୍ତୋଷ କୁମାର ପୃଷ୍ଟି, ପ୍ରକାଶ ମହାପାତ୍ର, ଗଙ୍ଗାଧର ଓଝା ସମେତ ସଙ୍ଘର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

# ସହିଦ୍ ଯବାନଙ୍କ ପରିବାରକୁ ଭେଟିଲେ ସାଂସଦ



**ଢେଙ୍କାନାଳ,୧୨।୯/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ବାଙ୍ଗୁରସିଂହ ଗ୍ରାମରେ ଗଣେଶ୍ୱର ସାହୁଙ୍କ ପୁଅ ବୀର ଯବାନ ହାବିଲଦାର ସୁଶାନ୍ତ କୁମାର ସାହୁ ସହିଦ୍ ହୋଇଛନ୍ତି । ଏହି ଦୁଃଖଦ ଖବରପାଇ ସାଂସଦ ରୁଦ୍ର ନାରାୟଣ ପାଣି ଗଭୀର ଶୋକ ପ୍ରକାଶ କରିଛନ୍ତି । ବାଙ୍ଗୁରସିଂହ ସ୍ଥିତ ସହିଦଙ୍କ ନିବାସରେ ପହଞ୍ଚି ଶୋକାକୁଳ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହିତ ସହିଦ୍‌ଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା କରିଛନ୍ତି। ଏହି ଦୁଃଖଦ ସମୟରେ ମହାପ୍ରଭୁ ଜଗନ୍ନାଥ ପରିବାର ବର୍ଗଙ୍କୁ ଅସୀମ ଧର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ। ସହୀଦ ଯବାନ ଆସାମ ଗୌହାଟୀରେ କାର୍ଯ୍ୟରତ ଅବସ୍ଥାରେ ହଠାତ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ଆର୍ମି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ସେ ଚିକିତ୍ସିତ ଅବସ୍ଥାରେ ସେ ସହିଦ ହୋଇଥିଲେ। ତାଙ୍କର ମରଶରୀର ବିମାନ ଯୋଗେ ତାଙ୍କ ଜନ୍ମଭୂମି ବାଙ୍ଗୁରସିଂହ ଗ୍ରାମରେ ପହଞ୍ଚିଥିଲା। ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ଏବଂ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସହିଦଙ୍କ ମରଶରୀରକୁ ଅନ୍ତିମ ଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସହୀଦଙ୍କ ଅକାଳ ବିୟୋଗରେ ବାଙ୍ଗୁରସିଂହ ଗ୍ରାମ ତଥା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସହର ସମସ୍ୟା ସମ୍ପର୍କରେ କର୍ମୀଙ୍କ ସହ ସାଂସଦଙ୍କ ଆଲୋଚନା



**ଢେଙ୍କାନାଳ,୧୨।୯/ଏନ୍ଏନ୍ଏସ୍:** ସାଂସଦ ରୁଦ୍ରନାରାୟଣ ପାଣି ଦିଲ୍ଲୀ ଏମ୍ସରୁ ଚିକିତ୍ସା ହୋଇ ଢେଙ୍କାନାଳ ଫେରିବା ପରେ ଆଜି ଏକ ଦିନିକିଆ ଗସ୍ତରେ ଆସି ଢେଙ୍କାନାଳ ହନୁମାନ ବାଟିକା ଠାରେ ସହରର ସମସ୍ୟା ସମ୍ପର୍କରେ ବିଭିନ୍ନ କର୍ମୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ ।ସହରକୁ ବିକଶିତ କରି ଗଢିତୋଳିବା ପାଇଁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀ ପାଣି ଢେଙ୍କାନାଳର ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର, ନରେଶ ମହାପାତ୍ର, ରମେଶ ସାମଲ, ସନାତନ ବେହେରା, ରୁଦ୍ରନାରାୟଣ ତ୍ରିପାଠୀ, ମାତୃପ୍ରସାଦ ନନ୍ଦ, ପ୍ରଫେସର ଚଣ୍ଡୀପ୍ରସାଦ ନନ୍ଦ, କାଉନସିଲର ନିରୋଦ କୁମାର ସାହୁ, ଅଭୟ କୁମାର ଲେଙ୍କାଙ୍କ ସମେତ ବହୁ ବୁଦ୍ଧିଜୀବୀଙ୍କ ଗହଣରେ ଚା ପେ ଚର୍ଚ୍ଚାରେ ଏହି ଆଲୋଚନା କରିଥିଲେ ।

# ବିଦ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ

## ନିଯୁକ୍ତି ପ୍ରସଙ୍ଗ



**ମାର୍ଶାଘାଇ,୧୨।୯/ଏନ୍ଏନ୍ଏସ୍:** ନିଯୁକ୍ତି ପ୍ରସଙ୍ଗକୁ ନେଇ ମାର୍ଶାଘାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖରେ ଅରୁଣ କୁମାର ରଥ ନାମକ ଜୈନିକ କର୍ମଚାରୀ ଆଜି ଆତ୍ମାହୁତି ଦେବାପାଇଁ ପ୍ରସ୍ତୁତି ହେଉଥିବା ବେଳେ ପୂର୍ବରୁ ପ୍ରସ୍ତୁତ ଥିବା ପ୍ରଶାସନ ତାହାକୁ ପଣ୍ଡ କରିଛି। ଶ୍ରୀ ରଥ ପୂର୍ବରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜିଲ୍ଲା ପ୍ରଶାସନକୁ ଚଳିତ ମାସ ୧୦ ତାରିଖ ମଧ୍ୟରେ ଯଦି ତାଙ୍କ ଦାବି ପୂରଣ କରାନଯାଏ ସେ ୧୨ ତାରିଖ ଦିନ ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଥିଲେ। ଆଜି ଦିନ ପ୍ରାୟ ଗୋଟାଏ ସମୟରେ ଶ୍ରୀ ରଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ହାତରେ ଏକ ବୋତଲରେ ପେଟ୍ରୋଲ ଆଣି ପହଞ୍ଚିଥିଲେ। ମାତ୍ର ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା, ମାର୍ଶାଘାଇ ଥାନା ଆଇଆଇସି ତପନ ନାୟକ, ଅଗ୍ନିଶମ ବାହିନୀ ଡାକ୍ତରୀ ଦଳ ତାଙ୍କୁ ସେଥିରୁ ନିବୃତ କରି ବୁଝାସୁଝା କରିଥିଲେ। ଏ ସମ୍ପର୍କରେ ସେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବେ ବୋଲି ତହସିଲଦାର ତାଙ୍କୁ କହିଥିଲେ। ଶ୍ରୀ ରଥଙ୍କ ଅଭିଯୋଗ ଅନୁଯାୟୀ ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆରମ୍ଭ ଦିନରୁ ସେ ସେଠାରେ ଜୁନିୟର କ୍ଲର୍କ ଭାବେ କାମ କରୁଥିବା ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷ ଚଞ୍ଚକତା କରି ଅନ୍ୟ ଜଣଙ୍କୁ ନିଯୁକ୍ତି ଦେଇଛନ୍ତି। ଏବଂ କାଗଜପତ୍ର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପଠାଯାଉ ନାହିଁ। ଆଜକୁ ଠିକ ଏକବର୍ଷ ପୂର୍ବେ ସମାନ ଅଭିଯୋଗ ନେଇ ସେ ଆମରଣ ଅନଶନରେ ବସିଥିଲେ। ସେତେବେଳେ ତାଙ୍କୁ ବୁଝାସୁଝା କରି ଅନଶନ ପ୍ରତ୍ୟାହୃତ କରାଇଥିଲେ। ଇତି ମଧ୍ୟରେ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ତାଙ୍କୁ ନ୍ୟାୟ ମିଳି ନ ଥିବା ଯୋଗୁ ସେ ଆତ୍ମାହୁତି ଦେବାପାଇଁ ନିଷ୍ପତ୍ତି ନେଇଥିଲେ ବୋଲି କହିଛନ୍ତି।

# କୋଇଲା ଖଣିରୁ ଯନ୍ତ୍ରାଂଶ ଚୋରି, ୪ ଗିରଫ

**ତାଳଚେର,୧୨।୯/ଏନ୍ଏନ୍ଏସ୍:** ତାଳଚେର ଥାନା ଅନ୍ତର୍ଗତ ଲିଙ୍ଗରାଜ କୋଇଲା ଖଣି ପରିକ୍ଷାଗାରରୁ ବହୁମୂଲ୍ୟବାନ୍ ଯନ୍ତ୍ରାଂଶ ଚୋରି କରିବା ଅଭିଯୋଗରେ ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ପୁଲିସ ଗିରଫ କରିଛି। ଏହି ଅଭିଯୁକ୍ତମାନେ ହେଲେ ରାଜେଶ ସାହୁ (୩୪) ୱାର୍ଡ଼ ନଂ- ୧୨ ରେମୁଁଆ, ସୁମନ୍ତ ସାମଲ (୩୪) ଓ ତୋଫାନ ଓରଫ ସୁନିଲ ବରାହ (୨୮) ବାଘୁଆବୋଲି ଏମଡ଼ି ଅଫସକ (୪୭)ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଲିଙ୍ଗରାଜ ପରୀକ୍ଷାଗାର ଦାୟିତ୍ୱରେ ଥିବା ମାଙ୍ଗିରାମ ଚୌଧୁରୀ ୧୦ଟି କ୍ରସର ମଟର, ଗୋଟିଏ ପଲଭରାଇଜର୍, ଗୋଟିଏ ମଟର, କ୍ରସରମଟର ସେଟ୍, କ୍ରସର ମାଉଥ କଭର, ଗୋଟିଏ ୟୁପିଏସ୍, ଦୁଇଟି ପିଓଇ ଚୋରି ହୋଇଥିବା ଜାଣିବାପରେ ସେ ତାଳଚେର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୁଲିସ୍ ଘଟଣାର ତଦନ୍ତକରି ଉକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଚୋରି ହୋଇଥିବା ସାମଗ୍ରୀ ଜବତ କରିଥିବା ପୁଲିସ୍ ସୂତ୍ରରୁ ଜଣାପଡ଼ିଛି।


O-766

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**
E-Mail - sencrwangul@yahoo.co.in ☎ 06764 - 236404

No.2669 Dt.11.09.2025

**2nd Corrigendum to Bid Identification No. Building Online-AGL-11/2025-26**

Due to some technical error in website of wamis, the last date of Online for bidding and opening of the date has been modified as follows in respect of tender for the work "Construction of 02 Nos. Twin 'F' type Staff Quarters of R.W. Division Boudh for the year 2024-25" invited vide Tender Call Notice Bid Identification No. Building Online-AGL- 11/2025-26 by the Procurement officer Chief Construction Engineer, Rural Works Circle, Angul.

| Availability of Tender on-line for bidding | | Date & Time of opening Technical Bid |
|---|---|---|
| From | To | |
| 26.08.2025 at 10.00 A.M | 20.09.2025 upto 5.00 PM | 22.09.2025 at 09.00 AM |

All other terms and conditions remain unchanged. Sd/- Chief Construction Engineer, Rural Works Circle, Angul

OIPR-25180/11/0071/2526


# ବ୍ରାଉନ୍‌ସୁଗର୍ ଜବତ, ବ୍ୟବସାୟୀ ଗିରଫ




**ଜଗତ୍‌ସିଂହପୁର,୧୨।୯/ଏନ୍ଏନ୍ଏସ୍:** ଜଗତସିଂହପୁର ସଦର ପୁଲିସ, ନିକଟସ୍ଥ ଓଡିଶ ହାଟ ଛକ ଠାରେ ଅଚାନକ ଚଢଉ କରି ୩୬.୬୦ ଗ୍ରାମ ଓଜନର ବ୍ରାଉନ୍‌ସୁଗର୍ ଜବତ କରିବା ସହିତ ଜଟିଆ ନାମକ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛନ୍ତି। ଜବତ ହୋଇଥିବା ବ୍ରାଉନ୍‌ସୁଗର୍‌ର ଆନୁମାନିକ ମୂଲ୍ୟ ୪ଲକ୍ଷ ହେବ ବୋଲି ଶୁକ୍ରବାର ଅପରାହ୍ନରେ ସଦର ଥାନା ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଅଙ୍କିତ କୁମାର ବର୍ମା ସୂଚନା ଦେଇଛନ୍ତି। ଏଥି ସହିତ ଗିରଫ ବ୍ୟବସାୟୀ ଜଣଙ୍କ ଓଡିଶୋ ପଞ୍ଚାୟତ ଅଭିଦାନନ୍ଦପୁର ଗ୍ରାମର କୂଳମଣି ପ୍ରଧାନଙ୍କ ପୁଅ ଜଟିଆ ଓରଫ୍ ଦେବିପ୍ରସାଦ ପ୍ରଧାନ(୪୬)। ସେ ଏହା ପୂର୍ବରୁ ୩ଟି ଅବକାରୀ ଓ ଏକ ଆର୍ମସ ଆକ୍ଟ ମୋଟ ୪ଟି ମାମଲାରେ ଜଡିତ ଥିବା ଏସ୍‌ପି ଶ୍ରୀ ବର୍ମା ସୂଚନା ପ୍ରଦାନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ଏସ୍‌ଡିପିଓ ଆଜିଙ୍କ୍ୟ ବି ମାନେ ଓ ସଦର ଥାନା ଆଇଆଇସି ସରୋଜକାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, ଅପରେସନ ପ୍ରହାରରେ ଜଗତସିଂହପୁର ଏସ୍‌ଡିପିଓ ଶ୍ରୀ ମାନେଙ୍କ ନିର୍ଦ୍ଦେଶରେ ସଦର ଆଇଆଇସି ଶ୍ରୀ ସାମଲଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ମିତ୍ରଭାନୁ ଓଝା ଓ ସ୍ୱତନ୍ତ୍ର ପୁଲିସ ଟିମ୍ ଶୁକ୍ରବାର ପୂର୍ବାହ୍ନ ସମୟରେ ଓଡିଶୋ ହାଟ ଛକରେ ବ୍ରାଉନ୍‌ସୁଗର୍ ବ୍ୟବସାୟ ହେଉଥିବା କୌଣସି ପ୍ରକାର ସୂଚନା ପାଇ ଚଢଉ କରିଥିଲେ। ଚଢଉରେ ବ୍ରାଉନ୍‌ସୁଗର୍ ବ୍ୟବସାୟୀ ଜଟିଆକୁ ରଙ୍ଗେ ହାତରେ ଗିରଫ କରିବା ସହିତ ତା ଠାରୁ ୩୬.୬୦ଗ୍ରାମ ଓଜନର ବ୍ରାଉନ୍‌ସୁଗର୍ ଜବତ କରିଥିଲେ। ଏସ୍‌ଆଇ ଶ୍ରୀ ଓଝାଙ୍କ ଓଭିଯୋଗ ମୁତାବକ ପୁଲିସ ଜଟିଆ ବିରୋଧରେ ଦଫା ୧୧୧(୨)(ବି) ଏନ୍‌ଡିଏସ୍ ପିଡବ୍ଲୁଏସ୍୨୧(ବି)/୨୯(୧) ଏନ୍‌ଡିପିଏସ୍ ରେ ମାମଲା ନଂ. ୭୨୨/୨୦୨୫ ରୁଜୁ କରାଯାଇ ଅପରାହ୍ନରେ କୋର୍ଟଚାଲଣ କରା ଯାଇଥିବା ଜଣାପଡ଼ିଛି।

# ପୋଖରୀରେ ବୁଡ଼ି ଧର୍ମପରାୟଣ ବ୍ୟକ୍ତିଙ୍କ ମୃତ୍ୟୁ

**ହିନ୍ଦୋଳ,୧୨।୯/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ୍ଏସିର ଧର୍ମପରାୟଣ ବ୍ୟକ୍ତିଙ୍କ ବିୟୋଗରେ ଶୋକପ୍ରକାଶ କରିଛନ୍ତି ପୂର୍ବତନ ସାଂସଦ ମହେଶ ସାହୁ। ପ୍ରକାଶ, ହିନ୍ଦୋଳ ଏନ୍ଏସି ୱାର୍ଡ ନଂ ୬ ଗୋବିନ୍ଦବେରେଣୀ ସାହିର ବିନୟ କୁମାର ପତି(୬୮) ଆଜି ସକାଳ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଗୋଡ଼ଖସି ଯିବାରୁ ଗଭୀରପାଣିରେ ବୁଡି ଯାଇଥିଲେ ।ତେବେ ଗ୍ରାମବାସୀ ଉଦ୍ଧାର କରି ହିନ୍ଦୋଳ ଡାକ୍ତରଖାନାକୁ ନେଇଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବବ୍ୟବଚ୍ଛେଦ ପରେ ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ଶେଷ ହୋଇଥିଲା। ସ୍ୱର୍ଗତ ବିନୟ ପତି ଜଣେ ରାଜନୈତିକ ବ୍ୟକ୍ତିତ୍ୱ ସହ ପରୋପକାରୀ, ମେଳାପୀ ସହ ସମାଜସେବୀ ଥିଲେ। ତାଙ୍କ ବିୟୋଗ ଖବରପାଇ ପୂର୍ବତନ ଢେଙ୍କାନାଳ ସାଂସଦ ଗଭୀର ଶୋକପ୍ରକାଶ କରିବାସହ କ୍ଷତିପୂରଣ ନିମନ୍ତେ ସରକାରଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କାଉନସିଲର ବିଜେଡି ନେତା ପ୍ରଦ୍ୟୁମ୍ନ ବେହେରା, ରମେଶ ସାହୁ,ବିଜେପି ନଗରସଭାପତି କୁବେର ବେହେରା, ବିଜେପି କାର୍ଯ୍ୟକର୍ତ୍ତା ସନ୍ତୋଷ ବେହେରା,ପ୍ରମୋଦ ଶଙ୍କର ବେହେରା, ସୁମନ ଦାସ, ରମେଶ ମିଶ୍ର, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସର ପ୍ରମୁଖ ଶେଷଦର୍ଶନ କରିଥିଲେ। ସ୍ୱର୍ଗତ ପତିଙ୍କ ବିୟୋଗ ଖବର ପ୍ରଚାର ହେବାମାତ୍ରେ ହିନ୍ଦୋଳ ଏନ୍ଏସି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ମ୍ୟୁନିସିପାଲିଟିକୁ ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ପୁରସ୍କାର



**ଅନୁଗୁଳ,୧୨।୯/ଏନ୍ଏନ୍ଏସ୍:** ଅନୁଗୁଳ ମ୍ୟୁନିସିପାଲିଟିକୁ ମିଳିଲା ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ପୁରସ୍କାର-୨୦୨୫ । କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଗଙ୍ଗା ଅବବାହିକାରେ ଆୟୋଜିତ ଏକ ସମାରୋହରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୁପିନ୍ଦର ଯାଦବ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ମ୍ୟୁନିସିପାଲିଟି ଚେୟାରମ୍ୟାନ ଅକ୍ଷୟ ସାମନ୍ତ ଏବଂ ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ଉପସ୍ଥିତ ରହି ଏହି ପୁରସ୍କାର ଗ୍ରହଣ କରିଛନ୍ତି। କେନ୍ଦ୍ର ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ସାରା ଦେଶର ୩ ଲକ୍ଷ ଜନସଂଖ୍ୟା, ୩ ଲକ୍ଷରୁ ୧୦ଲକ୍ଷ ଜନସଂଖ୍ୟା ଏବଂ ୧୦ଲକ୍ଷରୁ ଅଧିକ ଜନ ସଂଖ୍ୟା ଥିବା ୧୩୦ଟି ପୌରାଞ୍ଚଳକୁ ନେଇ ସର୍ଭେ କରାଯାଇଥିଲା। ୩ଲକ୍ଷ ଜନସଂଖ୍ୟା ଥିବା ପୌରାଞ୍ଚଳ ମଧ୍ୟରେ ସାରା ଦେଶରେ ଅନୁଗୁଳ ୨୦୦ରୁ ୧୯୭ ପଏଣ୍ଟ ପାଇ ୩ୟ ସ୍ଥାନ ଅଧିକାର କରିଛି। ଶିଳ୍ପ ଓ ଖଣି ବହୁଳ ଅନୁଗୁଳ ପାଇଁ ଏହା ଆସ୍ୱସ୍ତି ଆଣିଦେଇଛି ବୋଲି ଅନୁଗୁଳ ବିଧାୟକ ଓ ମ୍ୟୁନିସ୍‌ପାଲ୍‌ଟି ଚେୟାରମ୍ୟାନ କହିଛନ୍ତି।


**AFFIDAVIT**

By virtue of an affidavit sworn before the Executive Magistrate Hatadihi NJS-no 11dated 25/8/2025. I undersigned Dali Mallik D/o- Basudev Mallik, at Talagarh, Po- Nuaguan, Ps-Korei Dist- Jajpur, Pin-755019 Orissa declared that I have changed my name Dali Jena (old name) to Dali Mallik (new name). Henceforth, he shall be known as **Dali Mallik** for all purpose.

**AFFIDAVIT**

By virtue of an affidavit sworn before **Executive Magistrate, Notary Public, Khordha, dt. 11.09.2025**, I, Basanta Manjari Hota of Vill - Budhibagicha, Khordha, Po/Ps/Dist - Khordha, Pin- 752055, Odisha, declare that I have changed my name from **Basant Manjari Hota**, to **Basanta Manjari Hota**. Henceforth, I shall be known as **Basanta Manjari Hota** for all purposes.

**Basanta Manjari Hota**

**AFFIDAVIT**

By virtue of an affidavit sworn before the Executive Magistrate, Kanika; I Manika Dei D/o Dayanidhi Das resident of Vill- Burudia, P.O.- Taras, P.S.- Rajkanika, Dist.- Kendrapara hereby declare that my actual name is Manika Malik W/o- Balaram Malik of Vill- Burudia, P.O.- Taras, P.S.- Rajkanika, Dist.- Kendrapara. But in my Aadhaar Card bearing No.- 453206154928, my name has wrongly been initiated as Manik Malik instead of Manika Malik. Prior to issue of Aadhaar Card id in my ICICI Prudential Life Insurance Policy No.- 18384704 my name has been recorded as Manika Dei. So Manika Dei alias Manik Malik alias Manika Malik D/o Dayanidhi Das & W/o- Balaram Malik of above address is one and same person.

**AFFIDAVIT**

By virtue of an affidavit sworn before the Executive Magistrate, Astarang, I, Barenya Kumar Nayak, aged about 18 years, S/o- Sanjib Nayak of Vill - Badagola, Po- Sisua, Ps- Astarang, Dist- Puri do hereby declare that my actual name is Barenya Kumar Nayak & Date of birth 14.03.2006 but my Aadhaar card name has been wrongly mention as Baranya Nayak & Date of birth 01.01.2004. Henceforth, I shall be known as **Barenya Kumar Nayak**, Date of birth **14.03.2006** is one and same person.



**HDFC BANK**
We understand your world

**Registered Office:** HDFC Bank House, Senapati Bapat Marg, Lower Parel (West), Mumbai - 400 013 and having one of its office as Retail Portfolio Management at HDFC Bank Ltd, 1st Floor, I-Think Techno Campus, Kanjurmarg (East),Mumbai – 400042.

**ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ନିକଟରେ ବନ୍ଧକ ଥିବା ସମ୍ପତ୍ତି (ପ୍ରତିବନ୍ଧ ସିକ୍ୟୁରିଟିଜ୍) ବିକ୍ରୟ ପାଇଁ ବିକ୍ରୟ ସୂଚନା ଏବଂ ସାର୍ବଜନୀନ ନୋଟିସ୍**

ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ଲିମିଟେଡ୍ ('ବ୍ୟାଙ୍କ')ର ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ୍‌କୁ ପ୍ରତିବନ୍ଧ ସିକ୍ୟୁରିଟି ବିକ୍ରୟ ବିଷୟରେ ସୂଚୀତ କରାଯାଉଅଛି, ଯାହାଦ୍ୱାରା ସିକ୍ୟୁରିଟିଜ୍ ବିରୁଦ୍ଧରେ ଋଣ/ଓଭରଡ୍ରାଫ୍ଟ ପ୍ରକାରର କ୍ରେଡିଟ୍ ସୁବିଧା ଉପଲବ୍ଧ ହେବ।
ସହମତ ଋଣ ସର୍ତ୍ତାବଳୀ ଅନୁଯାୟୀ ଋଣଗ୍ରହୀତାଙ୍କ ଦ୍ୱାରା ବାରମ୍ବାର ବକେୟା ଦେୟ ପରିଶୋଧ କରିବାରେ ଖିଲାପ ହେଉଥିବା ସ୍ଥଳେ, ନିମ୍ନଲିଖିତ ଋଣ ଆକାଉଣ୍ଟଗୁଡ଼ିକ ଅଚଳ ଅବସ୍ଥାରେ ଅଛି। ବ୍ୟାଙ୍କ୍ ଏହି ଋଣଗ୍ରହୀତାମାନଙ୍କୁ ଏହାପୂର୍ବରୁ ଏକାଧିକ ଥର ନୋଟିସ୍ ଜାରି କରିଅଛି, ଯେଉଁଥିରେ ନିମ୍ନଲିଖିତ ତାରିଖରେ ବୃତ୍ତାନ୍ତ ବିକ୍ରୟ ନୋଟିସ୍ ଅନ୍ତର୍ଭୁକ୍ତ କରାଯାଇଥିଲା। ଏଥିରେ ବ୍ୟାଙ୍କ ପ୍ରତିବଦ୍ଧତା ଆବେଦନ ମଧ୍ୟ କରିଥିଲା ଏବଂ ନିମ୍ନଲିଖିତ ଆକାଉଣ୍ଟଗୁଡ଼ିକରେ ସମ୍ପୂର୍ଣ୍ଣ ବକେୟା ଦେୟ ପରିଶୋଧ କରିବା ପାଇଁ ଋଣଗ୍ରହୀତାଙ୍କୁ ୭ ଦିନର ସମୟ ପ୍ରଦାନ କରିଥିଲା ଏବଂ ସ୍ପଷ୍ଟ କରିଥିଲା ଯେ, ଋଣ ପରିଶୋଧରେ ପରବର୍ତ୍ତୀ ବିଫଳତା କ୍ଷେତ୍ରରେ ବ୍ୟାଙ୍କ୍ ଏହି ସମ୍ପର୍କରେ ଆଉ କୌଣସି ନୋଟିସ୍ ଜାରି ନକରି ପ୍ରତିବନ୍ଧ ସିକ୍ୟୁରିଟି ବିକ୍ରୟ କରିବାକୁ ସମ୍ପୂର୍ଣ୍ଣ ସ୍ୱାଧୀନ ଅଧିକାର ହାସଲ କରିବ।
ଋଣଗ୍ରହୀତାମାନେ ଅବହେଳା କରିଛନ୍ତି ଏବଂ ପରିଶୋଧ କରିବାରେ ବିଫଳ ହୋଇଛନ୍ତି, ତେଣୁ, ଋଣ ଚୁକ୍ତିନାମା ଅନୁଯାୟୀ ବ୍ୟାଙ୍କ୍ ଏକ ପ୍ରତିବନ୍ଧକ ଭାବରେ ନିଜର ଅଧିକାର ବ୍ୟବହାର କରି ଋଣଗ୍ରହୀତାମାନଙ୍କ ଦ୍ୱାରା ବ୍ୟାଙ୍କକୁ ଦିଆଯାଇଥିବା ପ୍ରାପ୍ୟ ଆଦାୟ ପାଇଁ **୨୦ ସେପ୍ଟେମ୍ବର ୨୦୨୫**ରେ କିମ୍ବା ତା'ପରେ ସିକ୍ୟୁରିଟିଗୁଡ଼ିକୁ ବିକ୍ରୟ/ବିନିଯୋଗ କରିବାକୁ ନିଷ୍ପତ୍ତି ନେଇଛି। ଋଣଗ୍ରହୀତାମାନଙ୍କୁ ଏହା ମଧ୍ୟ ସୂଚୀତ କରାଯାଇଛି ଯେ, ଯଦି ଯେକୌଣସି ସମୟରେ, ଷ୍ଟକ୍ ବଜାରରେ ଅସ୍ଥିରତା ଯୋଗୁଁ ପ୍ରତିବନ୍ଧ ସିକ୍ୟୁରିଟିର ମୂଲ୍ୟ ଆହୁରି ହ୍ରାସ ପାଏ ଯାହା ମାର୍ଜିନ୍ ଆବଶ୍ୟକତାରେ ଆହୁରି ଅଭାବ ସୃଷ୍ଟି କରେ, ତେବେ ବ୍ୟାଙ୍କ ନିଜ ବିବେଚନା ଅନୁଯାୟୀ ଏହି ସମ୍ପର୍କରେ କୌଣସି ସୂଚନା ବିନା ଗୋଟିଏ (୧) କ୍ୟାଲେଣ୍ଡର ଦିନ ମଧ୍ୟରେ ପ୍ରତିବନ୍ଧ ସିକ୍ୟୁରିଟି ବିକ୍ରୟ କରିବ। ଋଣଗ୍ରହୀତା(ମାନେ) ପ୍ରତିବନ୍ଧ ସିକ୍ୟୁରିଟି ବିକ୍ରୟରୁ ପ୍ରାପ୍ତ ଆୟର ସମାୟୋଜନ ପରେ, ଯେକୌଣସି ବାକି ଥିବା ବକେୟା ପରିମାଣର ପରିଶୋଧ ପାଇଁ ବ୍ୟାଙ୍କ ନିକଟରେ ଦାୟୀ ରହିବେ।

| କ୍ର. ନଂ | ଋଣ ଆକାଉଣ୍ଟ ନଂ | ଋଣଗ୍ରହୀତାଙ୍କ ନାମ | ୧୦ ସେପ୍ଟେମ୍ବର ୨୦୨୫ ସୁଦ୍ଧା ମୋଟ୍ ବକେୟା ରାଶି | ବିକ୍ରୟ ନୋଟିସ୍ ତାରିଖ |
|---|---|---|---|---|
| 1 | XXXXXXXXXX3892 | PRAVAT CHANDRA SAHOO | 7,02,149.56 | 11-09-2025 |
| 2 | XXXXXXXXXX2028 | MURARI PRASAD BEHERA | 2,11,513.71 | 11-09-2025 |
| 3 | XXXXXXXXXX8500 | RANJAN KUMAR MOHANTY | 2,89,689.82 | 11-09-2025 |
| 4 | XXXXXXXXXX5627 | JAYANARAYAN PADHEE | 1,26,055.13 | 11-09-2025 |
| 5 | XXXXXXXXXX2660 | SEKH IJAJUL KALAPAHAD | 69,582.81 | 11-09-2025 |
| 6 | XXXXXXXXXX7078 | PARESH CHANDRA GIRI | 8,29,569.45 | 11-09-2025 |
| 7 | XXXXXXXXXX4051 | PAWAN KUMAR VATTIPALLI | 8,89,529.81 | 11-09-2025 |
| 8 | XXXXXXXXXX7148 | MADHULITA SENAPATI | 1,92,047.95 | 11-09-2025 |
| 9 | XXXXXXXXXX8412 | CHAMBRU PALEYA | 2,40,507.01 | 11-09-2025 |
| 10 | XXXXXXXXXX5823 | DIBYASHREE NAYAK | 57,342.00 | 11-09-2025 |
| 11 | XXXXXXXXXX7029 | PRASANTA KUMAR PRADHAN | 4,30,961.11 | 11-09-2025 |
| 12 | XXXXXXXXXX1979 | BHOLANATH MAJHI | 63,876.31 | 11-09-2025 |
| 13 | XXXXXXXXXX6566 | SUSMITA DAS | 4,27,774.59 | 11-09-2025 |
| 14 | XXXXXXXXXX5910 | SHUVASMITA PRATIHARI | 4,31,920.82 | 11-09-2025 |
| 15 | XXXXXXXXXX8020 | SRIKUMAR KHANDAI | 96,073.92 | 11-09-2025 |
| 16 | XXXXXXXXXX5780 | SANGEETA AGRAWAL | 77,326.00 | 11-09-2025 |
| 17 | XXXXXXXXXX2090 | GURNAM SINGH | 2,15,525.00 | 11-09-2025 |
| 18 | XXXXXXXXXX3291 | SANJIB SAHU | 4,08,874.82 | 11-09-2025 |
| 19 | XXXXXXXXXX6010 | MAHAMMAD GUFRAN KHAN | 10,06,529.82 | 11-09-2025 |
| 20 | XXXXXXXXXX7492 | ANURAG TRIPATHI | 1,33,189.82 | 11-09-2025 |
| 21 | XXXXXXXXXX0920 | PRASHANTA KU NAYAK | 73,476.82 | 11-09-2025 |
| 22 | XXXXXXXXXX4336 | ASISH KUMAR PUJARI | 38,350.00 | 11-09-2025 |

ତାରିଖ: ୧୩.୦୯.୨୦୨୫ । ସ୍ଥାନ: ଓଡ଼ିଶା ସ୍ୱାକ୍ଷର/-ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ଲିମିଟେଡ୍



**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୧୭୬୯୫/ଭୁ.ଉ.କ.,ଭୁବନେଶ୍ୱର ତା.୧୦.୦୯.୨୦୨୫ରିଖ
KNL-432/93

**ସୂଚନା**

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗ ନଗର ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ମୌଜା-ଶୁବୁଦ୍ଧିପୁର, ଭୁବନେଶ୍ୱର ଅନ୍ତର୍ଗତ LIG ପ୍ଲଟ୍ ନଂ-K-4-1489 କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା - ୭୧୦୦/ଏ.ଲ୍.ତା-୨୧.୦୭.୧୯୯୮ ରିଖ ଅନୁଯାୟୀ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ରବିନାରାୟଣ ମହାନ୍ତି, ପିତା-ସ୍ୱର୍ଗତ ଯୋଗେନ୍ଦ୍ର ନାଥ ମହାନ୍ତି, ଗ୍ରାମ-ବସନ୍ତପୁର, ପୋଷ୍ଟ-ନରଦା, ଥାନା-ପାଟକୁରା, ଜିଲ୍ଲା-କେନ୍ଦ୍ରାପଡ଼ା, ରାଜ୍ୟ-ଓଡ଼ିଶାଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା।

ଆବଣ୍ଟନଗ୍ରାହୀ ରବିନାରାୟଣ ମହାନ୍ତି ଗତ ତା.୧୨.୧୧.୨୦୧୨ ରିଖରେ ମୃତ୍ୟୁ ବରଣ କରିଅଛନ୍ତି। (Death certificate Registration No. 26965 dated 18.12.2012) ରବିନାରାୟଣ ମହାନ୍ତିଙ୍କ ସ୍ତ୍ରୀ-ନର୍ମଦା ମହାନ୍ତି ମଧ୍ୟ ତା.୩୧.୦୭.୨୦୧୭ରିଖରେ ମୃତ୍ୟୁ ବରଣ କରିଅଛନ୍ତି। (Death certificate Registration No. 4695/2017 dated 31.08.2017)

Legal heir certificate Misc. Case No. E-LHC/2024/116317 dated 04.07.2024 ଅନୁଯାୟୀ ରବିନାରାୟଣ ମହାନ୍ତିଙ୍କର ଉତ୍ତରାଧିକାରୀ (୧) କସ୍ତୁରୀକା ମହାନ୍ତି (ବିବାହିତା କନ୍ୟା), (୨) ନିହାରୀକା ମହାନ୍ତି (ବିବାହିତ କନ୍ୟା), (୩) ରୁଧିସୁନ୍ଦର ମହାନ୍ତି (ପୁତ୍ର) ଓ (୪) ରଣଜିତ୍ କୁମାର ମହାନ୍ତି (ପୁତ୍ର) ଅଟନ୍ତି।

ବର୍ତ୍ତମାନ ରଣଜିତ୍ କୁମାର ମହାନ୍ତି, ନିହାରୀକା ମହାନ୍ତି ଓ ରୁଧିସୁନ୍ଦର ମହାନ୍ତି ପଞ୍ଜିକୃତ ନାଦାବି ପତ୍ର (Registered deed of Relinquishment - Document No. 11082407811 dated 14.08.2024) ମାଧ୍ୟମରେ ଉକ୍ତ ପ୍ଲଟ୍‌ରେ ଥିବା ନିଜର ଅଧିକାର/ଅଂଶକୁ କସ୍ତୁରୀକା ମହାନ୍ତିଙ୍କୁ ହସ୍ତାନ୍ତର କରିଅଛନ୍ତି।

ରବିନାରାୟଣ ମହାନ୍ତିଙ୍କର ଉତ୍ତରାଧିକାରୀମାନେ କସ୍ତୁରୀକା ମହାନ୍ତିଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ପ୍ଲଟର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ସତ୍ୱ କସ୍ତୁରୀକା ମହାନ୍ତିଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ୍ ଅନୁଯାୟୀ ସଂପାଦନ କରାଯିବ।

ସ୍ୱା/-ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0377/2526 CAD-1751



**କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ** V-22

**ଘୋଷଣା**

ନଥି ସଂ. IX(C) - 20/2025-253 ତା: 13.06.2025

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ, ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୯(୧) ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨ (୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା-ବଡବିଲ,** ୟୁନିଟ ନଂ.୭, ଥାନା-ବଡବିଲ, ତହସିଲ-ବଡବିଲ, ଜିଲ୍ଲା-କେନ୍ଦୁଝର ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା - ବଡଜାମଦା ଓ ବଡବିଲ ଷ୍ଟେସନ ମଧ୍ୟରେ ରେଲୱେ ଓଭରବ୍ରିଜ୍ (ଏଲ୍.ସି.ସଂ-ଆର୍.ବି.କେ.୬୧) ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଛନ୍ତି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୫୯ ତା.୧୩.୦୬.୨୦୨୪ରିଖ ରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ **ମୌଜା-ବଡବିଲ,** ୟୁନିଟ ନଂ.୭, ଥାନା-ବଡବିଲ, ତହସିଲ-ବଡବିଲ, ଜିଲ୍ଲା-କେନ୍ଦୁଝର ରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.kendujhar.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ www.revenueodisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଜିଲ୍ଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା ସ୍ଥିତ ମୟୁରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ - "କ"**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
ଜିଲ୍ଲା : କେନ୍ଦୁଝର ତହସିଲ : ବଡବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ମୌଜା-ବଡବିଲ ୟୁନିଟ୍ ନଂ.୭** | ସହରାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ଏ୦.୮୭୬ | ଏ୦.୨୭୪ | ସଂଲଗ୍ନ |

**ତଫସିଲ - "ଖ"**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
ଜିଲ୍ଲା : କେନ୍ଦୁଝର ତହସିଲ : ବଡବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ : ୧୩.୦୬.୨୦୨୪** ରାଜ୍ୟପାଳଙ୍କ ଆଦେଶକ୍ରମେ ଜିଲ୍ଲାପାଳ, କେନ୍ଦୁଝର

**ଭୂମି ଅନୁସୂଚୀ**

**ପ୍ରକଳ୍ପର ନାମ :- ବଡଜାମଦା-ବଡବିଲ ଷ୍ଟେସନ ମଧ୍ୟରେ ରେଲୱେ ଓଭରବ୍ରିଜ୍ (ଏଲ.ସି.ନଂ - ଆର.ବି.କେ ୬୧) ନିର୍ମାଣ**
**ମୌଜା : ବଡବିଲ, ୟୁ.ନଂ.୭, ଥାନା : ବଡବିଲ, ତହସିଲ: ବଡବିଲ, ଜିଲ୍ଲା-କେନ୍ଦୁଝର**

| କ୍ରମିକ ନଂ | ଖତିୟାନ ନଂ. | ପ୍ରଜାର ନାମ ଓ ଠିକଣା | ପ୍ଲଟ ନଂ. | କିସମ | ମୋଟ ରକବା (ଏକର) | ଅର୍ଜନ ରକବା |
|---|---|---|---|---|---|---|
| ୧ | ୧୭୨ | ଦେବୀ ପ୍ରସାଦ ଭଟାଚାର୍ଯ୍ୟ, ସୁକୁମାର ଭଟ୍ଟାଚାର୍ଯ୍ୟ, ବାଦଲ କୁମାର ଭଟାଚାର୍ଯ୍ୟ, ଗିତାରାଣୀ ଭଟାଚାର୍ଯ୍ୟ, ବାସସ୍ଥାନ- ନିଉ ବାରିକପୁର, ସବିତା ମୁଖାର୍ଜୀ, ବାସସ୍ଥାନ- ବାଲଇଗଞ୍ଜ, ନମିତାରାଣୀ ଚାଟାର୍ଜୀ, ବାସସ୍ଥାନ - ଚକୁଲ ପୁକୁରୁ, କଲିକତା, ଭାରତୀରାଣୀ ପାକଲାସୀ, ବାସସ୍ଥାନ- ବୈଦ୍ୟବାଟି, ହୁଗୁଳି, ରିତା ଭଟାଚାର୍ଯ୍ୟ, ପିତା-ସିଦ୍ଧେଶ୍ୱର ଭଟାଚାର୍ଯ୍ୟ, ପିତା-ସିଦ୍ଧେଶ୍ୱର ଭଟାଚାର୍ଯ୍ୟ, ଲିଳାବତୀ ଭଟାଚାର୍ଯ୍ୟ, ସ୍ୱାମୀ-ସିଦ୍ଧେଶ୍ୱର ଭଟାଚାର୍ଯ୍ୟ, ଜାତି-ବ୍ରାହ୍ମଣ, ବାସସ୍ଥାନ-ନିଜଗାଁ | ୬୦୪ | ଘରବାରି ଏକ | ୦.୦୩ | ୦.୦୦୬ |
| ୨ | ୪୫୮/ ୧୫୪୫ | ମାଙ୍ଗିଲାଲ ରୁଙ୍ଗଟା, ପି:ହରକରଣ ଦାସ ରୁଙ୍ଗଟା, ଜା: ଅଗ୍ରବାଲା, ବା: ଚାଇଁବସା, ଜିଲ୍ଲା-ସିଂହଭୂମି ବିହାର | ୬୧୩ | ଘରବାରି ଏକ | ୦.୨୧୮ | ୦.୦୪୯ |
| ୩ | ୪୫୮/ ୧୦୦୦ | ଗୁରୁଦୟାଲ ସିଂହ, ପି: ବଚନ ସିଂହ, ଜା: ଶିଖ, ବା: ବଡବିଲ | ୬୦୫ | ଘରବାରି ଏକ | ୦.୦୩୦ | ୦.୦୩୦ |
| ୪ | ୪୫୮/ ୧୦୦୨ | ମହମ୍ମଦ ଆଲାମ, ପି: ମଲ୍ଲିକ ଅବଦୁଲ ରହମାନ, ଜା: ମୁସଲମାନ, ବା: ନିଜଗାଁ | ୬୦୬ | ଘରବାରି ଏକ | ୦.୦୪୦ | ୦.୦୪୦ |
| ୪ | ୪୫୮/ ୧୦୦୨ | ମହମ୍ମଦ ଆଲାମ, ପି: ମଲ୍ଲିକ ଅବଦୁଲ ରହମାନ, ଜା: ମୁସଲମାନ, ବା: ନିଜଗାଁ | ୬୦୬ | ଘରବାରି ଏକ | ୦.୦୪୦ | ୦.୦୪୦ |
| ୫ | ୪୮୩ | ଭାରତ ପ୍ରୋସେସ ଏଣ୍ଡ ମେକାନିକାଲ, ଇଞ୍ଜିନିୟରସ, ଲିମିଟେଡ୍ ଡାକୁରାଣୀ | ୬୧୪ | ଘରବାରି ଏକ | ୦.୧୧୩ | ୦.୦୦୯ |
| | | | ୬୧୨/ ୨୦୫୭ | ଘରବାରି ଏକ | ୦.୦୯୭ | ୦.୦୪୬ |
| | | | ୬୧୧ | ଘରବାରି ଏକ | ୦.୩୩୩ | ୦.୦୮୨ |
| | | | ୬୧୦ | ଘରବାରି ଏକ | ୦.୦୦୫ | ୦.୦୦୫ |
| | | | ୬୦୯ | ଘରବାରି ଏକ | ୦.୦୧୦ | ୦.୦୦୭ |
| | | | ମୋଟ- | | ୦.୮୭୬ | ୦.୨୭୪ |

AMIN
L.A. (Gen.) Section
Collectorate, Keonjhar

Land Acquisition Inspector
L.A. (Gen.) Section
Collectorate, Keonjhar

ଭୂ-ଅର୍ଜନ ଅଧିକାରୀ
ଜିଲ୍ଲାପାଳ କାର୍ଯ୍ୟାଳୟ
କେନ୍ଦୁଝର

OIPR-24045/14/0041/2526

# ଜାଳିଦେଲେ ବ୍ଲକ୍ ଚେୟାରମ୍ୟାନ୍‌ଙ୍କ ଗାଡ଼ି



**ନୟାଗଡ଼,୧୨।୯/ଏନ୍‌ଏନ୍‌ଏସ୍:** ନୟାଗଡ଼ ବ୍ଲକର ଚେୟାରମ୍ୟାନ୍‌ଙ୍କ ଗାଡ଼ିକୁ କେହି ଦୁର୍ବୃତ୍ତ ଜାଳି ଦେଇଥିବା ନୟାଗଡ଼ ଟାଉନ ଥାନାରେ ଅଭିଯୋଗ ହୋଇଛି । ନୟାଗଡ଼ ବ୍ଲକ ଅନ୍ତର୍ଗତ ଚେୟାରମ୍ୟାନଙ୍କ ଗାଁ ଭାଟସାହି ପଞ୍ଚାୟତ କାର୍ଯ୍ୟାଳୟଠାରେ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କ ବୋଲେରୋ ଗାଡ଼ିଟି ଭାଟସାହି ପଞ୍ଚାୟତ କାର୍ଯ୍ୟାଳୟଠାରେ ରଖାଯାଇଥିଲା । ଚେୟାରମ୍ୟାନ୍‌ଙ୍କ ପତ୍ନୀ ଭାଟସାହି ପଞ୍ଚାୟତର ସରପଞ୍ଚ ରହିଥିବାରୁ ସେ ତାଙ୍କ ଗାଡ଼ିଟିକୁ ନେଇ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ । ପରେ ସେ ଗାଡ଼ିଟିକୁ ପଞ୍ଚାୟତ କାର୍ଯ୍ୟାଳୟଠାରେ ରଖିଥିଲେ । ଗତକାଲି ମଧ୍ୟରାତ୍ରିରେ ତାଙ୍କ ଗାଡ଼ିଟି ନିଆଁରେ ଜଳୁଥିବା କେହି ସରପଞ୍ଚଙ୍କୁ ଖବର ଦେଇଥିଲେ । ସରପଞ୍ଚ ଆସି ଦେଖିଲାବେଳକୁ ଗାଡ଼ିର ସମ୍ମୁଖ ଭାଗ ଅଧାରୁ ଅଧିକ ପୋଡ଼ିଯାଇଥିଲା । ଏହାକୁ ନେଇ ସେ ନୟାଗଡ଼ ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିବା ବେଳେ ଏହାର ଅନୁସନ୍ଧାନ ଚଳାଇଛି ।

ପ୍ରଥମ ପୃଷ୍ଠାରୁ

## ଆଜି ମଣିପୁର ଆସୁଛନ୍ତି ...

ପ୍ରଧାନମନ୍ତ୍ରୀ ବୈରାବି-ସାଇରାଙ୍ଗ ନୂତନ ରେଳ ଲାଇନ୍‌ର ଉଦ୍‌ଘାଟନ କରିବେ, ଯାହା ପ୍ରଥମ ଥର ପାଇଁ ମିଜୋରାମକୁ ଭାରତୀୟ ରେଳ ନେଟ୍‌ୱାର୍କ ସହିତ ସଂଯୋଗ କରିବ ।

ପିଏମ୍‌ଓ ଅନୁସାରେ ମଣିପୁର ପରେ ପ୍ରଧାନମନ୍ତ୍ରୀ ମୋଦୀ ଆସାମ ଗସ୍ତ କରିବେ । ଆସାମର ଗୌହାଟୀରେ ଭାରତ ରତ୍ନ ଡ. ଭୂପେନ ହଜାରିକାଙ୍କ ୧୦୦ତମ ଜନ୍ମବାର୍ଷିକୀ ପାଳନରେ ଯୋଗଦେବେ । ସେ ଆସାମରେ ୧୮,୩୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନେକ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିବେ । ଆସାମ ପରେ ପ୍ରଧାନମନ୍ତ୍ରୀ ମୋଦୀ କୋଲକାତା ଏବଂ ବିହାର ଯାଇ ଅନେକ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବେ ବୋଲି ଜଣାପଡ଼ିଛି ।

## ଭିଜିଲାନ୍ସ ଜାଲରେ ଶ୍ରମ ...

ମାଗିଥିଲେ । ଏହିପରି ୨୨ଟି ଶ୍ରମ କାର୍ଡ କରିବା ପାଇଁ ସେ ୬ ହଜାର ୬୦୦ ଟଙ୍କା ଦାବି କରିଥିଲେ । ସେ ଆଜି ୨୧ଟି କାର୍ଡ କରାଇଦେବା ପାଇଁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଧରିଥିଲା ନୟାଗଡ଼ ଭିଜିଲାନ୍ସ ଟିମ୍ । ପରେ ତାଙ୍କର ବିଭିନ୍ନ ସ୍ଥାନରେ ଥିବା ଘର ଉପରେ ଚଢ଼ଉ ଚାଲିଛି ।

## କ୍ୟାପିଟାଲ୍ ହସ୍ପିଟାଲ୍‌ରେ ...

୨୦ରୁ ୩୦ଟି ଆଇସିୟୁ ବେଡ୍ ରହିଛି । କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଥିବା ଟ୍ରମା କେୟାର୍ ୟୁନିଟ୍ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ ହୋଇରହିଛି । ରାଜ୍ୟରେ କ୍ୟାପିଟାଲ୍ ହସ୍ପିଟାଲ୍ ଟ୍ରମା ସେଣ୍ଟର୍ ପ୍ରଥମ ସ୍ଥାନରେ ରହିଛି । କ୍ୟାପିଟାଲ୍ ହସ୍ପିଟାଲ୍‌ରେ ସୋମବାର ଠାରୁ ଗୁରୁବାର ମଧ୍ୟରେ ୫ ହଜାର ରୋଗୀଙ୍କ ନାମ ପଞ୍ଜିକରଣ କରାଯାଉଛି । ହେଲେ ଶୁକ୍ରବାର, ଶନିବାର ଓ ରବିବାର ଦିନଗୁଡ଼ିକରେ ଦୈନିକ ପାଖାପାଖି ୪ ହଜାର ରୋଗୀଙ୍କ ନାମ ପଞ୍ଜିକରଣ ହେଉଛି । ତେବେ ଦୈନିକ ପାଖାପାଖି ୪ରୁ ୫ ହଜାର ରୋଗୀ ହସ୍ପିଟାଲ୍‌କୁ ଆସୁଥିବା ଜଣାପଡ଼ିଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, 'ଟ୍ରମା କେୟାର୍ ସେଣ୍ଟର୍ ଲୋକମାନଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ । ଯାହା ଦ୍ୱାରା ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ । ଓଡ଼ିଶାରେ ସରକାରୀ ଭାବରେ ୮୯ଟି ଟ୍ରମା କେୟାର୍ ସେଣ୍ଟର୍ ରହିଛି । ଏଗୁଡ଼ିକ ସମସ୍ତ ଜିଲ୍ଲାରେ ରହିଛି । ତେବେ ବର୍ତ୍ତମାନ ସମୟରେ କିଭଳି ଭାବରେ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଚିକିତ୍ସା ଯୋଗାଇ ଦିଆଯିବ ସେନେଇ ଏପରି ପଦକ୍ଷେପ ନିଆଯାଇଛି । 'ଚିକିତ୍ସାଳୟକୁ ଦୁର୍ଘଟଣା ଜନିତ ୫୦ ପ୍ରତିଶତ ମାମଲା ଆସୁଛି । ଏପରିକି ଏହି ଚିକିତ୍ସାଳୟ ଜାତୀୟ ରାଜପଥ ନିକଟରେ ରହିଛି । ପ୍ରତି ୫୦ କିଲୋମିଟର ଦୂରତା ମଧ୍ୟରେ ୫୫ଟି ଟ୍ରମା କେୟାର୍ ସେଣ୍ଟର୍ ରହିଛି । ୧୭ଟି ଘରୋଇ ହସ୍ପିଟାଲ୍‌ରେ ମଧ୍ୟ ଏପରି ବ୍ୟବସ୍ଥା କରାଯାଇଛି । ଏଭଳି ୧୦୬ଟି ହସ୍ପିଟାଲ୍ କାର୍ଯ୍ୟକ୍ଷମ ରହିଛି ।

## ପୁଣି ଲଘୁଚାପ, ୧୫ ଯାଏ ...

ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସାରା ରାଜ୍ୟରେ ବିଜୁଳି ଘଡ଼ଘଡ଼ି ସହ ଝଟକା ପବନ ଘଣ୍ଟାପ୍ରତି ୩୦-୪୦ କିମି ବେଗରେ ବହିବାର ସମ୍ଭାବନା ରହିଛି । ସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୧୪ ତାରିଖରେ ମଧ୍ୟମ ଧରଣର ବର୍ଷା ସହ ପ୍ରବଳ ବଜ୍ରପାତ ଓ ୩୦-୪୦ କିମି ବେଗରେ ଝଟକା ପବନ ପାଇଁ ଗଞ୍ଜାମ, ଗଜପତି, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କଟକ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ।

## ଅଭିଯାନରେ ସାମିଲ ...

ହେବାକୁ ଥିବା ଏହି ଅଭିଯାନରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ମୋହନ ଓଡ଼ିଶା ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଚଳିତ ବର୍ଷ ମୋଦିଜୀ ଜନ୍ମଦିବସକୁ ସ୍ମରଣୀୟ କରାଯିବ । ତାଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ମା' ପାଇଁ ଗଛଟିଏ' ଅଭିଯାନକୁ ବ୍ୟାପକ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ସେପ୍ଟେମ୍ବର ୧୭ରେ ମୋଦିଜୀଙ୍କ ୭୫ ତମ ଜନ୍ମଦିନରେ ୭୫ ଲକ୍ଷ ବୃକ୍ଷ ଚାରାରୋପଣ କରାଯିବ ।

## ଶପଥ ନେଲେ ସୁଶୀଳା ...

ରାମଚନ୍ଦ୍ର ପାଉଡେଲ ତାଙ୍କୁ ଶପଥ ପାଠ କରାଇଛନ୍ତି । ତେବେ ବର୍ତ୍ତମାନ ସମୟ ପାଇଁ ଅନ୍ୟ କାହାକୁ ମନ୍ତ୍ରୀ କରାଯାଇନାହିଁ । ନେପାଳରେ ଯୁବଗୋଷ୍ଠୀଙ୍କ ସରକାର ବିରୋଧୀ ହିଂସକ ବିକ୍ଷୋଭ ପ୍ରଦର୍ଶନ ପରେ କ୍ଷମତା ପରିବର୍ତ୍ତନ ହୋଇଥିଲା । ପରେ ସୁଶୀଳା କାର୍କିଙ୍କ ସହ ଆଉ କିଛି ନେତାଙ୍କ ନାମ ପ୍ରଧାନମନ୍ତ୍ରୀ ପଦ ପାଇଁ ଚର୍ଚ୍ଚାକୁ ଆସିଥିଲେ ମଧ୍ୟ ଶେଷରେ ସୁଶୀଳାଙ୍କ ନାମରେ ମୋହର ବାଜିଥିଲା । ନେପାଳର ଯୁବପିଢ଼ି (ଜେନ୍-ଜେଡ୍), ସେନାବାହିନୀ, ରାଷ୍ଟ୍ରପତିଙ୍କ ମିଳିତ ବୈଠକରେ ସୁଶୀଳାଙ୍କୁ ପ୍ରଧାନମନ୍ତ୍ରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ମିଳିତ ସମର୍ଥନ ସହକାରେ ସୁଶୀଳା କାର୍କି ଆଜି ଶପଥ ଗ୍ରହଣ କରିଛନ୍ତି ।

ସୁଶୀଳା କାର୍କି ନେପାଳର ପ୍ରଥମ ମହିଳା ମୁଖ୍ୟ ବିଚାରପତି ଭାବେ ଦୀର୍ଘ ସମୟ ଧରି ଦାୟିତ୍ୱ ନିର୍ବାହ କରିଆସିଛନ୍ତି । ସେ ଜଣେ ଭ୍ରଷ୍ଟାଚାର ତଥା ଦୁର୍ନୀତି ବିରୋଧୀ ବ୍ୟକ୍ତିତ୍ୱ ଭାବେ ପରିଚିତ । ଏଥିସହ ତାଙ୍କର ଭାରତ ପ୍ରତି ଆଭିମୁଖ୍ୟ ମଧ୍ୟ ଅନେକମାତ୍ରାରେ ସକାରାତ୍ମକ ରହିଛି । ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ)ରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି । ଏସବୁ ମଧ୍ୟରେ ରାଷ୍ଟ୍ରପତି ପାଉଡେଲ୍ ଘୋଷଣା କରିଛନ୍ତି ଯେ ସୁଶୀଳାଙ୍କ ନେତୃତ୍ୱରେ ଏବେ ନେପାଳର ସରକାର ଚାଲିବ । ଆଗାମୀ ୬ ମାସ ମଧ୍ୟରେ ସଂସଦର ନୂତନ ନିର୍ବାଚନ ଅନୁଷ୍ଠିତ ହେବ । ଅନ୍ୟପକ୍ଷେ ଜେନ୍-ଜେଡ୍ ନେତାମାନେ ଏହି ସରକାରରେ ଯୋଗ ଦେବାକୁ ମନା କରିଦେଇଛନ୍ତି । ସେମାନେ କହିଛନ୍ତି ଯେ ସେମାନେ ସରକାରରେ ଯୋଗଦେବେ ନାହିଁ, କିନ୍ତୁ ସରକାରଙ୍କ କାର୍ଯ୍ୟଧାରା ଉପରେ ନଜର ରଖିବେ ।

**୬ ମାସରେ ମଧ୍ୟରେ ଅନୁଷ୍ଠିତ ହେବ ନିର୍ବାଚନ: ରାଷ୍ଟ୍ରପତି**

ପ୍ରକାଶ, ନେପାଳରେ ଗତ ୯ ତାରିଖରେ ଜେନ୍-ଜେଡ୍ ଆନ୍ଦୋଳନକାରୀମାନଙ୍କ ବିକ୍ଷୋଭ ଯୋଗୁଁ ସେଠାକାର ସରକାର ଇସ୍ତଫା ଦେଇଥିଲେ । ଆନ୍ଦୋଳନକାରୀମାନେ ସଂସଦ, ରାଷ୍ଟ୍ରପତି ଭବନ ଏବଂ ବିଦାୟୀ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ବ୍ୟକ୍ତିଗତ ବାସଗୃହକୁ ନିଆଁ ଲଗାଇ ଦେଇଥିଲେ । ଏହି ହିଂସାରେ ଏପର୍ଯ୍ୟନ୍ତ ୫୧ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦୦୦ରୁ ଅଧିକ ଲୋକ ଆହତ ହୋଇଥିବା କୁହାଯାଉଛି ।

## ଅର୍ଚ୍ଚନା ନାଗଙ୍କ ଘର ...

କାର୍ଯ୍ୟକଳାପ ଓ କଳାଟଙ୍କା ପ୍ରସଙ୍ଗ ସମ୍ମୁଖକୁ ଆସିବା ପରେ ଇଡି ଘଟଣାର ତଦନ୍ତ କରିଥିଲା । ୨୦୨୨, ଡିସେମ୍ବର ୧୩ରେ ଇଡି ଅର୍ଚ୍ଚନାଙ୍କୁ ଗିରଫ କରିଥିଲା । ଗିରଫ ହେବାର ୧୪ ମାସ ପରେ ୨୦୨୩ ଡିସେମ୍ବର ୧୨ ତାରିଖରେ ଅର୍ଚ୍ଚନା ନାଗ ଝାରପଡ଼ା ଜେଲରୁ ବାହାରି ଥିଲେ ।

# ୪ କେନ୍ଦ୍ରରେ ହୋଇଛି ହବିଷ୍ୟାଳୀଙ୍କ ରହଣି ବ୍ୟବସ୍ଥା

**ପୁରୀ,୧୨।୯/ଏନ୍‌ଏନ୍‌ଏସ୍:** ଚଳିତ ବର୍ଷର ହବିଷ ବ୍ରତ ଅକ୍ଟୋବର ୭ ତାରିଖରୁ ଆରମ୍ଭ ହୋଇ ଏକ ମାସ ପର୍ଯ୍ୟନ୍ତ ଚାଲିବ । ତେବେ ଏହା କେବଳ ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜୀକରଣ କରାଯିବ । ହବିଷ୍ୟାଳୀମାନଙ୍କୁ ୪ଟି ରହଣି କେନ୍ଦ୍ର ଯଥା ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ ମଣ୍ଡପ ଓ ରେଳବାଇ ଆଶ୍ରୟସ୍ଥଳରେ ରଖାଯିବ ବୋଲି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇଛନ୍ତି ।

ଆଜି ପୂର୍ବାହ୍ନରେ ସର୍କିଟ୍ ହାଉସ୍‌ଠାରେ ହବିଷ ବ୍ରତ ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ପରିଡ଼ା ହବିଷ୍ୟାଳୀମାନଙ୍କର ସେବାକୁ ନିଷ୍ଠା ଓ ଧର୍ମର କାର୍ଯ୍ୟ ବୋଲି ବିବେଚନା କରି ପ୍ରତ୍ୟେକ ଦାୟିତ୍ୱ ନିର୍ବାହ ପାଇଁ ଆହ୍ୱାନ ଦେଇଥିଲେ । ହବିଷ୍ୟାଳୀ କେନ୍ଦ୍ରଗୁଡ଼ିକ ହବିଷ ବ୍ରତ ଆରମ୍ଭ ପୂର୍ବରୁ ପ୍ରସ୍ତୁତ ରଖିବା, ଉତ୍ତମ ରହଣି ବ୍ୟବସ୍ଥା, ପାନୀୟ ଜଳ, ଶୌଚାଳୟ, ଆଲୋକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ଇତ୍ୟାଦିକୁ ସୁନିଶ୍ଚିତ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ ସମସ୍ତଙ୍କୁ ସ୍ୱାଗତ କରି କହିଥିଲେ ଯେ ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ ମଣ୍ଡପ ଓ ରେଳବାଇ ଆଶ୍ରୟ ସ୍ଥଳଠାରେ ହବିଷ୍ୟାଳୀମାନଙ୍କର ରହଣି ବ୍ୟବସ୍ଥା କରାଯାଉଛି । ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶକ୍ରମେ ବରିଷ୍ଠ ଅଧିକାରୀମାନେ ଏହାକୁ ଅନୁଧ୍ୟାନ କରିଛନ୍ତି ବୋଲି କହିଥିଲେ । ହବିଷ୍ୟାଳୀ ଯୋଜନା ଆଧାରରେ ବୟସ୍କା ମା'ମାନେ ଏହି ବ୍ରତରେ ସାମିଲ ହେଉଛନ୍ତି । ତେଣୁ ସରକାରଙ୍କ ପରାମର୍ଶକ୍ରମେ ଜିଲ୍ଲା ପ୍ରଶାସନ ସମସ୍ତ ସୁବିଧା ସେମାନଙ୍କୁ ଯୋଗାଇବାକୁ ବ୍ୟବସ୍ଥା କରୁଛି । ସେମାନଙ୍କର ସୁରକ୍ଷିତ ରହଣି, ସୁରକ୍ଷା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ପ୍ରବଚନ, ଭଜନ, ପାଲା ଇତ୍ୟାଦି ବ୍ୟବସ୍ଥା, ଚିକିତ୍ସା, ପରିମଳ, ପାନୀୟ ଜଳ, ସ୍ୱେଚ୍ଛାସେବୀ ସହଯୋଗ ଇତ୍ୟାଦି ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗଗୁଡ଼ିକୁ ପରାମର୍ଶ ଦେଇଥିଲେ । ଏହାକୁ ସୁନିୟନ୍ତ୍ରିତ କରିବାକୁ ନୋଡାଲ ଅଧିକାରୀ, ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯିବ । ହବିଷ୍ୟାଳୀମାନଙ୍କୁ ଠାକୁର ଦର୍ଶନ ସମୟରେ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ଆରକ୍ଷୀ ବିଭାଗ ଓ ସ୍ୱେଚ୍ଛାସେବୀମାନେ ସମନ୍ୱୟ ରଖି କାର୍ଯ୍ୟ କରିବେ । ଏହି କାର୍ଯ୍ୟ ଏକ ବ୍ୟାପକ ଓ ଏକ ମାସ ଧରି ଚାଲିବାକୁ ଥିବାରୁ ବିଭାଗ, ବିଭାଗର କର୍ମଚାରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯିବ । ତେଣୁ ଏହି କାର୍ଯ୍ୟକୁ ପାରସ୍ପରିକ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ. ଶରତ ଚନ୍ଦ୍ର ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଡିଆଇବି ଅତିରିକ୍ତ ଏସ୍‌ପି ଦେବୀ ପ୍ରସାଦ ପ୍ରତାପ, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟ ରଞ୍ଜନ ଦ୍ୱିବେଦୀ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ ।



## ୧୪ରେ କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖାର ବୈଠକ

**କଣ୍ଟିଲୋ,୧୨।୯/ଏନ୍‌ଏନ୍‌ଏସ୍:** ଆସନ୍ତା ୧୪ ତାରିଖରେ କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖାର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି । କେତେକ ସମସ୍ୟାକୁ ନେଇ କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖାର ବାର୍ଷିକ ମହାସଭା ଗତ ୨୦୨୦ ମସିହାଠାରୁ ହୋଇ ପାରୁ ନଥିଲା । କଲ୍ୟାଣ ସଦନ ଗୃହକୁ ପରିଚାଳନା କରିବା ପାଇଁ କଣ୍ଟିଲୋର କେତେକ ନିରପେକ୍ଷ ଯୁବକଙ୍କୁ ଅସ୍ଥାୟୀ ଭାବେ ଦାୟିତ୍ୱ ଦିଆ ଯାଇଥିଲା । ସେହି ଅନୁସାରେ କଲ୍ୟାଣ ସଦନର ଅସ୍ଥାୟୀ ସଭାପତି ବହୁ ପରିଶ୍ରମ କରି ଗତ ଜୁନ ୮ ତାରିଖରେ ୪୫ ଥାନର ଥାନପତି, ପୂର୍ବତନ କର୍ମକର୍ତ୍ତା, କିଛି ଥାନ ଗୋସାଇଁମାନଙ୍କ ଉପସ୍ଥିତିରେ ବୈଠକ କରି ସର୍ବସମ୍ମତ ସହମତି ଭିତ୍ତିରେ ଆପୋଷ ଭାବେ ଗୋଟିଏ ମାସ ମଧ୍ୟରେ ମହାସଭା କରିବା ପାଇଁ 'ଖ' ବ୍ଲକ କର୍ମକର୍ତ୍ତା ବେଲପଡ଼ାଙ୍କୁ ଦାୟିତ୍ୱ ଦିଆ ଯାଇଥିଲା । କିନ୍ତୁ ବୈଠକ କୌଣସି କାରଣରୁ ହୋଇ ନପାରି ବାରୁ ପୁନର୍ବାର କଲ୍ୟାଣ ସଦନ ଅସ୍ଥାୟୀ ସଭାପତି ପବିତ୍ର କୁମାର ମହାରଣା ଆସନ୍ତା ୧୪ ତାରିଖ ପୂର୍ବାହ୍ନ ୧୦ଟାରେ ଦ୍ୱିତୀୟ ଥର ପାଇଁ ଆଉ ଏକ ବୈଠକ କଂସାରି ସମାଜ କଲ୍ୟାଣ ସଦନ ଗୃହରେ ବାପୁଜୀ ନଗରଠାରେ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ସମସ୍ତେ ଏକଜୁଟ ହୋଇ ମିଳିମିଶି ଜାତିର ଗୌରବ ବଜାୟ ରଖିବା ପାଇଁ ଅନୁରୋଧ କରାଯାଇଛି ।

## ଦାସିଆ ଅଜା ତିରୋଧାନ ଦିବସ


**ନୟାଗଡ଼,୧୨।୯/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲା ଶରଣକୁଳ ନିକଟବର୍ତ୍ତୀ ପଞ୍ଚିରିଡା ମାନପୁରସ୍ଥ ଲୋକ ନୋଡାଲ ବିଦ୍ୟାପୀଠରେ ଦାସିଆ ଅଜା ତିରୋଧାନ ଦିବସ ପାଳିତ ହୋଇଯାଇଛି । ଏହି ଦିବସ ଅବସରରେ ଆୟୋଜିତ ଏକ ଆଡ଼ମ୍ବରପୂର୍ଣ୍ଣ ଉତ୍ସବରେ ଆୟୋଜିତ ସଭାରେ ପ୍ରଥମେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ମହାପ୍ରଭୁ ଜଗନ୍ନାଥ ଓ ଦାସିଆ ଅଜାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ ।

ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଦ୍ୱୈତ ନାରାୟଣ ରଣସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଦାସିଆ ଅଜା ତିରୋଧାନ ଦିବସ ପାଳନ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଶିକ୍ଷକ ହରିହର ସାହୁ ଯୋଗ ଦେଇ 'ଦାସିଆ ଅଜା'ଙ୍କର ଜୀବନର ବିଶେଷତା କଥା ଛଳରେ ବର୍ଣ୍ଣନା କରିଥିଲେ । ସମ୍ମାନିତ ଅତିଥି ଭାବେ ଏହି ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବୈକୁଣ୍ଠ ନାଥ ପ୍ରଧାନ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ନିଷ୍ଠାର ସହିତ ସମସ୍ତ କାର୍ଯ୍ୟ କରିବାକୁ ପ୍ରରୋଚିତ କରିଥିଲେ । ଦାସିଆ ଅଜା ପୁସ୍ତକର ଲେଖକ ତଥା ଏହି ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଡ଼. ସୁରେଶ ଚନ୍ଦ୍ର ବରାଡ଼ ପାଠାଗାର ଆନ୍ଦୋଳନର ବିନ୍ଧାଣି ଦାସିଆ ଅଜାଙ୍କର ଅସୀମ ଧୈର୍ଯ୍ୟ ଓ ନିଷ୍ଠାର କାହାଣୀ ବର୍ଣ୍ଣନା କରିଥିଲେ । ବିଦ୍ୟାଳୟର ଶିକ୍ଷକ ସ୍ମୃତି ରଞ୍ଜନ ରାଉତ, ମାନସ ରଞ୍ଜନ ସାହୁ, ରମେଶ ଚନ୍ଦ୍ର ମହାନ୍ତି, କୃପାସିନ୍ଧୁ ମିଶ୍ର, ଶିକ୍ଷୟିତ୍ରୀ ସୋନାଲିନ୍ ନାୟକ ଭରପୁର ସହଯୋଗ କରିଥିଲେ । ସେହିପରି ଭାବେ ନୟାଗଡ଼ର ଦଶପଲ୍ଲା ଛକଠାରେ ଅବସ୍ଥିତ ଦାଶିଆ ଅଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ।

## ନାବାଳିକା ଅପହରଣ ମାମଲାରେ ଜଣେ ଗିରଫ

**ବାରଙ୍ଗ,୧୨।୯/ଏନ୍‌ଏନ୍‌ଏସ୍:** ନାବାଳିକା ଅପହରଣ ମାମଲାରେ ବାରଙ୍ଗ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣକ ହେଲେ ଗଞ୍ଜାମ ବଡ଼ଗଡ଼ ଥାନା ଅନ୍ତର୍ଗତ ବାହାରପୁର ଗ୍ରାମର ଅନୀଲ ନାୟକ ଓରଫ ରାହୁଲ (୨୩) । ବାରଙ୍ଗ ଅଞ୍ଚଳରୁ ଜଣେ ନାବାଳିକାକୁ ଅପହରଣ କରାଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ପରେ ପୁଲିସ ଏକ ମାମଲା ରୁଜୁ କରିବା ସହ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଅଭିଯୁକ୍ତ ଜଣକୁ ଗିରଫ କରିବାରେ ସଫଳ ହୋଇଛି । ନାବାଳିକାର ଡାକ୍ତରୀ ମାଇନା କରାଯାଇଥିବା ବେଳେ ଆଜି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନାଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି ।

## ବାଣପୁର ବସ୍‌ଷ୍ଟାଣ୍ଡ ନାମକରଣକୁ ନେଇ ମିଶ୍ର ପ୍ରତିକ୍ରିୟା




**ଚିଲିକା,୧୨।୯/ଏନ୍‌ଏନ୍‌ଏସ୍:** ୧୬ ନମ୍ବର ଜାତୀୟ ରାଜପଥ ଉପରେ ନାଚୁଣୀ ଥାନା ପାର୍ଶ୍ୱ ଜଗତି ପାହାଡ଼ ପାଦଦେଶରେ ରାଜ୍ୟ ପରିବହନ ନିଗମ ପକ୍ଷରୁ ନିର୍ମାଣାଧୀନ ଏକ ବସ୍‌ଷ୍ଟାଣ୍ଡର ନାମକରଣକୁ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ବାଣପୁର ବ୍ଲକର ନାଚୁଣୀ ପଞ୍ଚାୟତ ଅଧୀନ ସୁନାଖଳା ଏବଂ ବଡ଼ପଦର ରାଜସ୍ୱ ମୌଜାର ମଧ୍ୟରେ ନିର୍ମିତ ଏହି ବସ୍‌ଷ୍ଟାଣ୍ଡର ନାମକରଣ ବାଣପୁର ବସ୍‌ଷ୍ଟାଣ୍ଡ ବୋଲି ବୋର୍ଡ ମରାଯିବାକୁ ନେଇ ଅଞ୍ଚଳରେ ଜନ ସାଧାରଣଙ୍କ ମନରେ ଦ୍ୱିଧା ମନୋଭାବ ପ୍ରକାଶ ପାଇଛି ।

ବାଣପୁର ବ୍ଲକ ହେଡ୍‌କ୍ୱାର୍ଟରରୁ ଏହିଠାରୁ ୧୭ କିଲୋମିଟର ଦୂରରେ ଅବସ୍ଥିତ । କେହି କେହି ବ୍ଲକ୍ ଅନ୍ତର୍ଗତ ଏହି ବସ୍‌ଷ୍ଟାଣ୍ଡର ନାମକରଣ ବ୍ଲକ ନାମ ଅନୁସାରେ ବାଣପୁର ବସ୍‌ଷ୍ଟାଣ୍ଡ ବୋଲି କରାଯାଇପାରିଥାଏ ବୋଲି ମତ ପୋଷଣ କରୁଥିବା ବେଳେ କେତେକ ଏହି ନାମକରଣକୁ ଅଯଥାର୍ଥ ବୋଲି ଦାବି କରୁଛନ୍ତି । ତେବେ ରାଜ୍ୟର ରାଜଧାନୀ ଭୁବନେଶ୍ୱର ବ୍ୟତୀତ ବ୍ରହ୍ମପୁର ପୂର୍ବରୁ ୨୦୦ କିଲୋମିଟର ଜାତୀୟ ରାଜପଥ ଉପରେ ଏଭଳି ମଧ୍ୟବର୍ତ୍ତୀ ବସ୍ ରହଣି ଏବଂ ଯାତ୍ରୀମାନଙ୍କର ବିଶ୍ରାମ ପାଇଁ ବସ୍‌ଷ୍ଟାଣ୍ଡର ଆବଶ୍ୟକତା ଅନୁଭୂତ ହେଉଥିଲା । ଅତୀତରେ ରାଜଧାନୀରୁ ଆସୁଥିବା ପ୍ରଶାସନିକ ଅଧିକାରୀ ଏବଂ ରାଜନେତାଙ୍କର ସ୍ୱଳ୍ପ ସମୟ ରହଣି ପାଇଁ ସୁନାଖଳା ପୂର୍ତ୍ତ ଡ଼ାକ ବଙ୍ଗଳା ବ୍ୟତୀତ ଆଉ କିଛି ସୁବିଧା ନ ଥିଲା । ତେବେ ଏହି ସ୍ଥାନରେ ନିର୍ମାଣାଧୀନ ବାଲୁଗାଁ ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କ କାର୍ଯ୍ୟାଳୟ ମଧ୍ୟ ବାଲୁଗାଁଠାରେ ସ୍ଥାନାଭାବରୁ ଏବଂ ପ୍ରଶାସନିକ ସୁବିଧା ଦୃଷ୍ଟିରୁ ଏଠାକୁ ସ୍ଥାନାନ୍ତରିତ ହେବା କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି । ଅପରପକ୍ଷରେ ବାଣପୁର ରାଜସ୍ୱ ଉପଖଣ୍ଡ ଦାବି କରି ଆସୁଥିବା ଆନ୍ଦୋଳନକାରୀମାନେ ଏହାକୁ ଭିନ୍ନ ଦୃଷ୍ଟି ରେ ଦେଖୁଛନ୍ତି । ତେବେ ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ପ୍ରଶାସନ ଏହି ନାମକରଣକୁ ନେଇ ସ୍ୱଷ୍ଟୀକରଣ ଦେବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଉଛି ।

## ଟାଙ୍ଗୀ ଅଞ୍ଚଳରେ ବଢ଼ୁଛି ମଦ କାରବାର

**ଟାଙ୍ଗୀ,୧୨।୯/ଏନ୍‌ଏନ୍‌ଏସ୍:** ସରକାରଙ୍କ ଦ୍ୱାରା ପଞ୍ଜୀକୃତ ମଦ ଦୋକାନ ବ୍ୟତୀତ ଟାଙ୍ଗୀ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ମଦ କାରବାର ରୋକିବା ପାଇଁ ସ୍ଥାନୀୟ ବରିଷ୍ଠ ବିଜେପି ନେତା ହିମାଂଶୁ ମହାନ୍ତି ଏକ୍ସାଇଜ୍ ଡିପାର୍ଟମେଣ୍ଟ ପ୍ରିନ୍ସିପାଲ ସେକ୍ରେଟାରୀ ଭାସ୍କର ଜ୍ୟୋତି ଶର୍ମାଙ୍କ ଭେଟି ଆଲୋଚନା କରିଛନ୍ତି । ଟାଙ୍ଗୀ ଅଞ୍ଚଳରେ ଦିନକୁ ଦିନ ଚୋରା ମଦ ବିକ୍ରୟ ବୃଦ୍ଧି ପାଉଥିବାରୁ ମଦ୍ୟପାନ ଯୋଗୁ ଅନେକ ଲୋକଙ୍କ ମୃତ୍ୟୁ ଆଶଙ୍କା ରହୁଛି । ଏଥିପାଇଁ ପରିବାରରେ ହିଂସାକାଣ୍ଡ ଦେଖାଯାଉଛି । ଅନେକ ପାରିବାରଙ୍କ ଆର୍ଥିକ ମେରୁଦଣ୍ଡ ଭୁଶୁଡ଼ିବା ନଜିର ରହିବା ସହ ସମାଜରେ ବିଶୃଙ୍ଖଳା ସୃଷ୍ଟି ହେଉଛି । ଏଭଳି ବେଆଇନ ମଦ କାରବାର ରୋକିବା ପାଇଁ ପୁଲିସ ପ୍ରଶାସନ ଓ ଅବକାରୀ ବିଭାଗ ତତ୍ପରତା ଦେଖାଇବାକୁ ନିର୍ଦ୍ଦେଶ ଦେବା ପାଇଁ ମହାନ୍ତି ବିଶେଷ କରି ଆଲୋଚନା କରିଥିଲେ ବୋଲି ଗଣମାଧ୍ୟମରେ ସୂଚନା ଦେଇଛନ୍ତି । ଆଲୋଚନା ସମୟରେ ପ୍ରଶାନ୍ତ ସ୍ୱାଇଁ, ମୁରଲୀଧର ମଲିକ, ଶଶିକାନ୍ତ ମହାନ୍ତି, ମନୋଜ ବିଶ୍ୱାଳ, ବଂଶୀଧର ସ୍ୱାଇଁ ଓ ଅମିତ୍ ସିଙ୍କୁ ପ୍ରମୁଖ ଉପସ୍ଥିତ ଥିଲେ ।

**ମା' ମଙ୍ଗଳଙ୍କ ପାର୍ବଣ ପୂଜା ପାଇଁ ପ୍ରସ୍ତୁତି ଶେଷ**

## ୧୪ରୁ ଷୋଡ଼ଶ ଉପଚାର ପୂଜା ଆରମ୍ଭ



**କାକଟପୁର,୧୨।୯/ଏନ୍‌ଏନ୍‌ଏସ୍:** କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କର ଶାରଦୀୟ ପାର୍ବଣ ପୂଜା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି । ପ୍ରଶାସନିକ ଅଧିକାରୀ, ସ୍ଥାନୀୟ ତହସିଲଦାର ତଥା ମନ୍ଦିର ଟ୍ରଷ୍ଟି ଅଙ୍କିତା ଅନିନ୍ଦିତାଙ୍କ ପୌରୋହିତ୍ୟରେ ଟ୍ରଷ୍ଟ ସଦସ୍ୟ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ, କାକଟପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତ, ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ, ମନ୍ଦିର ପୁରୋହିତ ସୁରେଶ ଚନ୍ଦ୍ର ତ୍ରିପାଠୀ, ସେବାୟତ ନିଯୋଗ ସଭାପତି ମନୋରଞ୍ଜନ ପଣ୍ଡା, ଉପଦେଷ୍ଟା କମିଟି ସଦସ୍ୟ କମଳ ଲୋଚନ ଦୀକ୍ଷିତ, ତୁଷାର ରଞ୍ଜନ ଦୀକ୍ଷିତ, ହିମାଂଶୁ ଭୂଷଣ ଦୀକ୍ଷିତ, ଷୋଡ଼ଶ ଉପଚାର ପୂଜାପଣ୍ଡା ପ୍ରକାଶ ଚନ୍ଦ୍ର ପଣ୍ଡା, ଷୋଳ ଦିନର ପାଳିଆ ସେବକ ପ୍ରମୁଖ ଯୋଗଦେଇ ଆସନ୍ତା ୧୪ ତାରିଖ ମୂଳାଷ୍ଟମୀ ଦିନଠାରୁ ମା'ଙ୍କର ଷୋଡ଼ଦିନାତ୍ମକ ପୂଜାନୀତି କିଭଳି ଭାବରେ ପାଳନ କରାଯିବ ସେଥିପ୍ରତି କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଛି ।

ମୂଳାଷ୍ଟମୀ ଦିନ ମା'ଙ୍କର ସହସ୍ର କୁମ୍ଭାଭିଷେକ ନୀତି ଆରମ୍ଭ ହେବା ସହିତ ୨୨ ତାରିଖ ଠାରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ମା'ଙ୍କର ନବଦିନାତ୍ମକ ପୂଜାନୀତି ପାଳନ କରାଯିବ । ୨୬ ତାରିଖ ପଞ୍ଚମୀ ଦିନ ତୀରକମାଣ ବେଶ, ଷଷ୍ଠୀ ଦିନ କାତିଖର୍ପର ବେଶ, ସପ୍ତମୀ ଦିନ ସିଂହବାହିନୀ ବେଶ, ଅଷ୍ଟମୀ ଦିନ ମହିଷାମର୍ଦ୍ଦିନୀ ବେଶ ଅନୁଷ୍ଠିତ ହେବା ସହିତ ନବମୀ ତିଥିରେ ଶାନ୍ତି ବେଶ ଅନୁଷ୍ଠିତ ହୋଇ ଦଶମୀ ଦିନ ହରଦୁର୍ଗା ଭେଟ କରାଯାଇ ଶାରଦୀୟ ପାର୍ବଣ ପୂଜାର ପରିସମାପ୍ତି ଘଟିବ । ଏହି ପାର୍ବଣ ପୂଜା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ମାତୃଭକ୍ତମାନେ ମା'ଙ୍କର ସାନିଧ୍ୟ ଲାଭ କରିବା ପାଇଁ ଆସିବାକୁ ଥିବାବେଳେ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ଶିଶୁ ଯତ୍ନ ଅନୁଷ୍ଠାନରେ ଶିଶୁ ମହୋତ୍ସବ 'ଉତ୍ସାହ'



**ଖୋର୍ଦ୍ଧା,୧୨।୯/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଶିଶୁଯତ୍ନ ଅନୁଷ୍ଠାନ (ସିସିଆଇ)ରେ ରହୁଥିବା ଅନ୍ତେବାସୀଙ୍କୁ ନେଇ କ୍ରୀଡ଼ା ପ୍ରତିଯୋଗିତା ଏକ ଶିଶୁ ମହୋତ୍ସବ 'ଉତ୍ସାହ' ଶୁକ୍ରବାର ଉଦ୍‌ଘାଟିତ ହୋଇଛି । ଏହି ମହୋତ୍ସବରେ ପ୍ରାୟ ଦେଢ଼ ଶହରୁ ଊର୍ଦ୍ଧ୍ୱ ଶିଶୁ ଯୋଗଦେଇ ବିଭିନ୍ନ କ୍ରୀଡ଼ାରେ ନିଜର ପ୍ରତିଭା ଦେଖାଇଥିଲେ ।

ପୂର୍ବାହ୍ନରେ ସ୍ଥାନୀୟ ଷ୍ଟାଡିୟମ୍ ପରିସରରେ ପିଲାମାନଙ୍କ ମଧ୍ୟରେ ବରିଷ୍ଠ ଓ କନିଷ୍ଠ ବର୍ଗରେ ବିଭିନ୍ନ ପ୍ରତିଯୋଗିତା ଯଥା ୧୦୦ ମିଟର ଦୌଡ଼, ୨୦୦ ମିଟର ଦୌଡ଼ ଉଚ୍ଚ ଡିଆଁ, ଲମ୍ବଡିଆଁ, ଚେସ୍ ଏବଂ କ୍ୟାରମ ଆଦି ପ୍ରତିଯୋଗିତା ହୋଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଅତିରିକ୍ତ ସାମାଜିକ ସୁରକ୍ଷା ଅଧିକାରୀ, ସଦସ୍ୟ କିଶୋର ନ୍ୟାୟ ବୋର୍ଡ ଓ ଅତିରିକ୍ତ କିଶୋର ନ୍ୟାୟ ବୋର୍ଡ ଏବଂ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ଅତିଥି ଭାବେ ଯୋଗ ଦେଇଥିଲେ । ପିଲାମାନେ କିପରି ଆଗାମୀ ଦିନରେ ଭଲ ମଣିଷ ହୋଇ ସମାଜରେ ନିଜକୁ ପ୍ରତିଷ୍ଠିତ କରିପାରିବେ ଏହା ଶିଶୁଯତ୍ନ ଅନୁଷ୍ଠାନର ଦାୟିତ୍ୱ ବୋଲି କହିଥିଲେ । ଏହି ମହୋତ୍ସବରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଶିଶୁମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ଉପରେ ଗୁରୁତ୍ୱାରୋପ କରି ଏହି ପ୍ରତିଭାକୁ କିପରି ଭାବେ ଲୋକଲୋଚନକୁ ଆଣିହେବ ଏବଂ ସମାଜର ମୁଖ୍ୟସ୍ରୋତରେ ସାମିଲ କରିହେବ ସେହି ବିଷୟରେ ଅଲୋକପାତ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆନୁଷ୍ଠାନିକ ସୁରକ୍ଷା ଅଧିକାରୀ ସଚିନ୍ଦ୍ର ନାଥ ସାହୁ, ପ୍ରୋବେଶନ ଅଧିକାରୀ ସୌମେନ୍ଦ୍ର ନାୟକ, ଅଣଆନୁଷ୍ଠାନିକ ଅଧିକାରୀ ଅଶୋକ ସେଠୀ, ସାମାଜିକ କର୍ମୀ ରଞ୍ଜନ କୁମାର ଗୋଛାୟତ, ରୀତାଞ୍ଜଳି ମହାନ୍ତି, ଅରୁଣ ଏନ୍‌ଜିୟର କନ୍ସଲ୍ଟ, ନିରାଳି ପ୍ରଧାନ, ଅର୍ଚ୍ଚନା ରାୟ, ସୁକାନ୍ତ କୁମାର ପୃଷ୍ଟି, ଶିବାଶିଷ ମହାନ୍ତି, ସତ୍ୟ ସାମନ୍ତରା, ସଚିଦାନନ୍ଦ ସେଠୀ, ପ୍ରସୁନ ଶୁକ୍ଲ ପ୍ଲାନ ଇଣ୍ଡିଆର ପ୍ରମୁଖ କର୍ମଚାରୀ ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପରାମର୍ଶଦାତ୍ରୀ ମାନସ୍ୱିନୀ ମହାପାତ୍ର ଧନ୍ୟବାଦ୍ ଦେଇଥିଲେ ।

ଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ନିଶାମଣୀ ଦାଶ
ଜଗନ୍ନାଥପୁର, ପିପିଲି


ପୂଜନୀୟ ବୋଉ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇଦେଇ ଆରପାରିକୁ ଚାଲିଗଲ । ଆପଣଙ୍କ ସ୍ନେହ ଶ୍ରଦ୍ଧା ଆଶୀର୍ବାଦ ପରୋପକାରୀତା କର୍ତ୍ତବ୍ୟପରାୟଣତା ଆମ୍ଭମାନଙ୍କ ମାର୍ଗଦର୍ଶନ ହେଉ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା ।

ପୁତ୍ର-କୁନା, ନାତି-ଗୁଲୁ, ମିକୁ, ଶୋକସନ୍ତପ୍ତ ପରିବାର ଓ ବନ୍ଧୁ ବର୍ଗ

150

ନିରନ୍ତର ବିକାଶ ଜୀବନର ଏକ ନିୟମ। ଯେଉଁ ବ୍ୟକ୍ତି ନିଜକୁ ସଠିକ୍ ବୋଲି ପ୍ରମାଣିତ କରି ନିଜର ରୁଢ଼ିବାଦିତାକୁ ବଜାୟ ରଖିବାକୁ ଚେଷ୍ଟା କରେ, ସେ ନିଜକୁ ଭୁଲ୍ ସ୍ଥିତିରେ ପହଞ୍ଚାଇ ଦିଏ।

- ଗାନ୍ଧୀ ବାଣୀ



## କାଶତଣ୍ଡୀ



ଶରତ କୁମାର ଦାସ

ଅଶିଣ ଆକାଶେ ଧୋବଲା ବଉଦ
ଝୁଲିଝୁଲି ପରା ଖେଳୁଛି ଦୋଳି
ଧରଣୀ ବୁକୁରେ ଖୁସିର ମହକ
କାହିଁ କିଏ ଆଣି ଦେଉଛି ବୋଳି।
ସବୁଜ ଘାସର ଗାଲିଚା ଉପରେ
ଧୋବ ଫରଫର ଚାଦର ଢାଙ୍କି
କିଏ ସେ ଯତନେ ମୋହୁଛି ମନକୁ
ସ୍ନେହ-ଶରଧାର ରଙ୍ଗକୁ ମାଖି।
କାଶତଣ୍ଡୀ ଫୁଲ ପସରାକୁ ମେଲି
ଶରତ ସାଥିରେ ଆସିଛି ଧାଇଁ,
ପରଶେ ତାହାର ହସୁଛି ମରତ
ତା ପରି ଆଉ ତ କିଏ ବା କାହିଁ।
ଭରିଛି ତା ଦେହେ ସରଗ ସୁଷମା
କାହୁଁ ପାଇଲା ସେ ନାହିଁଟି ଜଣା
ଧଳା ଓଢ଼ଣିରେ ଦିଶେ କି ସୁନ୍ଦର
ସଭିଏ ହୁଅନ୍ତି ତା ପାଇଁ ବଣା।
ଭାରି ମନଲୋଭା ତା ରୂପର ଶୋଭା
ଭାବିଲେ ଥରେଟି ଚକିତ ଲାଗେ
କୋଉ କାରିଗର କୋଉ କଳା ବଳେ
ଗଢ଼ିଛି ତାହାକୁ ଏମିତି ବାଗେ।
ବିଲମାଳ ହେଉ ଅବା ନଈପଠା
ଅପନ୍ତରା ଜାଗା ଅଛିଟି ଯହିଁ
ମନ ହରଷରେ ଗାଉଥାଏ ଗୀତ
ହସିହସି ନାଚୁଥାଏଟି ତହିଁ।
ପାରବଣ ଋତୁ ପାଦ ବଢ଼ାଇଲେ
ଚୁପିଚୁପି ଆସି କାନରେ କହେ
ଶୁଭବେଳା ଆସି ଛୁଇଁଲାଣି ମାଟି
ଆଶିଷର ସୁଅ ସରଗୁ ବହେ।

**ଅଧ୍ୟାପକ,
ବଡ଼ବିଲ ମହାବିଦ୍ୟାଳୟ, କେନ୍ଦୁଝର
ମୋ: ୮୨୪୯୧୩୭୦୯୧**

## ଚଷାପୁଅ ମୁଁ କରୁଛି ଚାଷ



ଜୟକୃଷ୍ଣ ସାହୁ

ଚଷା ପୁଅ ମୁଁ କରୁଛି ଚାଷ
ମୋ ପାଇଁ ଗରବ କରଇ ଦେଶ
ଦିନ ରାତି ଖଟୁଥାଏ
ମୁଁ ନ ଖଟିଲେ ତୁମ ସମସ୍ତଙ୍କୁ
ଆହାର ଦେବରେ କିଏ ?
ସକାଳ ପହରୁ ଲଙ୍ଗଳ ଧରେ
ଲଙ୍ଗଳରେ ବିଲ ଚାଷ ମୁଁ କରେ
ଅମଳ କରଇ ଶସ୍ୟ
ନିଜେ ବଞ୍ଚି ମୁଁ ତୁମକୁ ବଞ୍ଚାଏ
ମୁଖରେ ଫୁଟାଇ ହସ।
କ୍ଷେତରେ ପରିବା ଚାଷ ମୁଁ କରେ
ତାକୁ ବିକିବାକି ପଇସା ଧରେ
ଖୁସିରେ ଚଳାଏ ଘର,
ହାତ ପତେଇବା ଜୀବନେ ଶିଖିନି
କରିନି ଉଧାରଧାର।
ପ୍ରିୟ ଖାଦ୍ୟ ମୋର ପଖାଳ ଭାତ
ଦେହ ପାଇଁ ପରା ବହୁତ ହିତ
ବେଳାଏ ପଖାଳ ଖାଇ,
ହଳ ବେଉଷଣ ଧାନ ରୁଆ ରୋଇ
ଖୁସିରେ କରଇ ଯାଇ।
ମୋ ସୁନା କ୍ଷେତରେ ପାଚିଲେ ଧାନ
ଖୁସିରେ କୁରୁଳି ଉଠଇ ମନ
ଖଳାରେ ସାଇତେ ଆଣି,
ଯତନରେ ଖଳା ଲିପି ଦେଇଥାଏ
ସକାଳୁ ଘରଣୀ ରାଣୀ।

**କପିଳ ପ୍ରସାଦ, ଭୁବନେଶ୍ୱର-୨
ମୋ: ୯୯୩୭୦୯୨୩୯୭**

## ଦୁଇଟି ଚିହ୍ନର ଦୁଇଟି କଥା

### ନାଗ ଫଣାରେ କଠଉ



ନନ୍ଦକିଶୋର ସିଂହ



ଆମେ ନାଗସାପ ଫଣାରେ କଠଉ ଚିହ୍ନ ଦେଖନ୍ତି। ଏ ଚିହ୍ନ ଜଣାଇ ଦିଏ ଦ୍ୱାପର ଯୁଗର ନନ୍ଦ ସୁତ କଳା କହ୍ନେଇ କଥା।

ଗୋପପୁର ନାଗ ଯୋଗୁଁ କାଳିନ୍ଦୀ ହ୍ରଦର ଜଳ ଖୁବ୍ ବିଶାକ୍ତ ହୋଇ ପଡ଼ିଥାଏ। କାରଣ ଏହି ହ୍ରଦରେ କାଳୀୟ ନାଗ ତା ପରିବାର ସହ ବାସ କରିଥାଏ।

କୃଷ୍ଣ ଏହି କାଳିନ୍ଦୀ ହ୍ରଦୁ ଡେଇଁ ପଡ଼ି ପହଁରିବାକୁ ଲାଗିଲେ। ଏ ଖବର କାଳୀୟ ନାଗ ପାଖରେ ପହଞ୍ଚଗଲା। ସେ ତାର ସାତଟା ଫଣା ଟେକି ହ୍ରଦ ଉପରକୁ ମୁଣ୍ଡ ଉଠେଇଲା। କୃଷ୍ଣଙ୍କୁ ତା ବିଷ ଫୁତ୍କାରରେ ଜାଳି ଦେବାକୁ ବସିଲା। କୃଷ୍ଣ ତ ଡରିବା ପିଲା ନୁହେଁ। କଂସ ପଠାଇଥିବା କେତେ ବଡ଼ ବଡ଼ ରାକ୍ଷସଙ୍କୁ ସାବାଡ଼ କରି ଦେଇଛି।

ଏଣୁ କୃଷ୍ଣ କାଳୀୟ ନାଗ ଫଣା ଉପରକୁ ଉଠି ନାଚିବାକୁ ଲାଗିଲେ। ପାଦରେ କଠଉ ଥୋଇ ବି କୃଷ୍ଣ ନାଚିନାଚି ନାଗଟାକୁ ଆତରା କାତରା କରିଦେଲେ। ଶେଷରେ ନାଗ କୃଷ୍ଣଙ୍କ ପାଖରେ ଶରଣ ପଶିଲା। କୃଷ୍ଣଙ୍କ କଥାମାନି ସେ କାଳିନ୍ଦୀ ହ୍ରଦ ଛାଡ଼ି ଦେଇ ଏକ ଅଜଣା ଦ୍ୱୀପକୁ ଚାଲିଗଲା।

ସେଇ ଦିନୁ ନାଗ ବଂଶର ଫଣାରେ କଠଉ ଚିହ୍ନ ରହି ଆସିଛି ଆଉ ଦ୍ୱାପର ଯୁଗର କଥା ମନେପକାଇ ଦେଉଛି।



### ଗୁଣ୍ଡୁଚି ପିଠିରେ ତିନି ଗାର

ଇଏ ତ୍ରେତୟା ଯୁଗର କଥା। ବାପାଙ୍କ ସତ୍ୟରକ୍ଷା କରିବା ପାଇଁ ପୁଅ ବଣକୁ ଗଲା। ସାଙ୍ଗରେ ସାନ ଭାଇ ଲକ୍ଷ୍ମଣ ଆଉ ସ୍ତ୍ରୀ ସୀତା। ଚଉଦ ବର୍ଷ ବଣରେ ରହିବା ପରେ କପଟୀ ରାବଣ ସୀତାକୁ ପଞ୍ଚବଟୀ କୁଡ଼ିଆରୁ ଜୋର ଜବରଦସ୍ତ ନେଇଗଲା। ଦୁଇ ଭାଇ ବଣରେ ବୁଲୁବୁଲୁ ସୁଗ୍ରୀବ ସାଙ୍ଗରେ ବନ୍ଧୁତା ହେଲା। ଭାଲୁ ମାଙ୍କଡ଼ ସେନା ବଳରେ ରାବଣକୁ ବଧ କରିବା ପାଇଁ ସାହସ ବାନ୍ଧିଲେ। ସାଗର ସୁତା ସହାନୁଭୂତି ଦେଖାଇ ତା ପିଠିରେ ସେତୁବନ୍ଧ ତିଆରି କରିବାକୁ ଅନୁମତି ଦେଲେ। ଭାଲୁ ମାଙ୍କଡ଼ ମିଳିମିଶି ବନ୍ଧ ତିଆରିରେ ଲାଗି ପଡ଼ିଲେ। ରାମ ଲକ୍ଷ୍ମଣ ଦୁଇ ଭାଇ ସେସବୁ ଦେଖୁଥାନ୍ତି। ହଠାତ୍ ରାମଙ୍କ ଆଖି ପଡ଼ିଲା ଗୋଟେ ଗୁଣ୍ଡୁଚି ମୂଷା ଉପରେ। ସେ ଦରିଆ ପାଣିରେ ବୁଡ଼ିଯାଉଥାଏ ପୁଣି ଉଠି ଆସି ବାଲିରେ ଗଡ଼ି ଯାଉଥାଏ। ତାପରେ ବନ୍ଧ ଉପରକୁ ଯାଇ ଝାଡ଼ି ହୋଇ ବାଲିତକ ପକାଇ ଦେଉଥାଏ ବନ୍ଧ ଉପରେ।

ରାମଚନ୍ଦ୍ର ଏହି ଛୋଟିଆ ଜୀବଟିର ସାହାଯ୍ୟ ମନୋବୃତ୍ତି ଦେଖି ଖୁବ୍ ଖୁସି ହେଲେ। ତାକୁ ପାଖକୁ ଡାକି ଆଦରରେ ତା ପିଠିକୁ ଆଉଁସି ଦେଲେ। ଆଉ ସେଇ ଦିନଠୁ ଗୁଣ୍ଡୁଚି ମୂଷା ବଂଶରେ ପିଠିରେ ତିନିଟି ଗାର ଶୋଭା ପାଉଛି।

**କୋରେଇ, ଯାଜପୁର-୨୨, ମୋ: ୯୮୬୧୪୩୫୨୯୯**


## ମୋ ଗାଆଁ



ଦେବେନ୍ଦ୍ରନାଥ ମହାଲିକ

ମନ୍ତେଇ ନଈ ଯାଉଛି ବହି
ତା କୂଳେ ଆମ ଗାଆଁ
ଭୂଗୋଳ ପୋଥି ପତରେ ପରା
ନ ଥାଉ ତା'ର ନାଆଁ।
ଘରଟି ଆମ ନଡ଼ାଛପର
ଆହା କି ଶାନ୍ତିଦିଏ
ମାଆ ହାତରୁ ବାସୀ ତୋରାଣି
ସୁଧାଠୁଁ ବଳି ଯାଏ।
ସକାଳ ହେଲେ ସୁରୁଜ ଉଏଁ
କୋଇଲି ଗୀତ ଗାଏ
ନଈ କୂଳିଆ ଶୀତଳ ବାଆ
ଦେହକୁ ଛୁଇଁ ଯାଏ।
ନଈ କୂଳରେ ବଗିଚା ଆମ
ଫୁଟିଛି ନାନା ଫୁଲ
ପରଜାପତି ହରଷ ମନେ
ଫୁଲକୁ କରେ ଗେଲ।
ସେନେହ ବୋଳା ପଣତ ତା'ର
ଘୋଡ଼େଇ ଅଛି ମୋତେ
ଆମ ଗାଆଁ ପରି ଗାଁଟେ ନାହିଁ
ପୀରତି କରେ କେତେ।
ସଂଜ ନଇଁଲେ ଆମ ଗାଁ ହସେ
ଜହ୍ନ ଜୋଛନା ପାଇ
ବୋହୁ ବୋହୁ କା ଖେଳ ଖେଳନ୍ତି
ପିଲାଏ ମେଳ ହୋଇ।
ସାଙ୍ଗ ସାଥିରେ ଖେଳିଛି କେତେ
ଦେହରେ ବୋଳି ମାଟି
ତା ପାଣି ପିଇ ମଣିଷ ଆଜି
ପଡ଼ିନି କେବେ ଝୁଣ୍ଟି।
ଗାଆଁ ମୁଣ୍ଡରେ ମାଆ ମଙ୍ଗଳା
ସଦା ସବୁରି ସାହା
ତାଙ୍କ କରୁଣା ଜଗତେ ଥାଉ
ଜୀବନେ ଭରି ରହା।

**ମଙ୍ଗଳପୁର, ପୀରହାଟ, ଭଦ୍ରକ
ମୋ: ୬୩୮୦୭୦୬୦୭୯**



## ମାଆ ହୁଅ ବାରେ ସାହାଗୋ



ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ

କଇଁ ଫୁଟିଲାଣି ପୋଖରୀ ପାଣିରେ
ଧଳାବଉଦର ମେଲଣ
ବାଡ଼ ଦେହେ ଥାଇ ଅପରାଜିତାଟି
ଆରମ୍ଭ କଲାଣି ଝୁଲଣ।
କାଶତଣ୍ଡୀ ଫୁଲ ନଈପଠା ପରେ
ମୁହଁକୁ ଦେଲାଣି ଦେଖେଇ
ନିରିମଳ ପାଣି ମାଠିଆରେ ଭରି
ଆଣୁଛି ଟୁକୁନି କାଖେଇ।
ସକାଳୁ ସକାଳୁ ଝରିପଡ଼ୁ ଅଛି
ଗଛ ମୂଳେ କେତେ ଶେଫାଳି
ଶରତ ଆସିଛି ଧରାପରେ ପରା
ଜଣାଏ ବିହଗ କାକଳି।
ଯୁଦ୍ଧ ଘନଘଟା ତୁଟିଯାଇ ନାହିଁ
ଏବେ ବି ଚାଲିଛି ଲଢ଼େଇ
ନିରୀହ ଶିଶୁଏ ମରି ଶୋଉଛନ୍ତି
ଯାଉନାହିଁ ତାଙ୍କ ବଢ଼େଇ।
ଆସ ଅବତରି ଏଇ ଧରାଧାମେ
ମାଆ ହୁଅ ବାରେ ସାହାଗୋ
ଆଶିଷ ବରଷ ଅଧମଜନରେ
କହିଦିଅ ଥରେ ଆହାଗୋ।
ଦୂର ହୋଇ ଯାଉ ଅଭାବ କଷଣ
ଶାନ୍ତିର ପତାକା ଉଡ଼ାଇ
ଆଜିର ମଣିଷ ଛାଡ଼ିଦେଉ ତା'ର
ତୁଚ୍ଛା ଗର୍ବଧମ୍ବ ବଢ଼ାଇ।

**କ୍ୱାର୍ଟର ନମ୍ବର ଆଇ ଭି ୫୦/୧
ୟୁନିଟ-୩, ଖାରବେଳନଗର
ଭୁବନେଶ୍ୱର-୭୫୧୦୦୧
ମୋ: ୬୩୭୨୯୧୫୪୧୮**

## ପରଜାପତି



ଲକ୍ଷ୍ମୀକାନ୍ତ ଦଳେଇ

ପରଜାପତି ତରକା ଅତି
କୋଉଠି ତା'ର ଘର
ରାତିଟା ସାରା କୋଉଠି ଥାଏ
ଲାଗେନା ତାକୁ ଡର ?
ସକାଳ ହେଲେ କାଇଁକି ସିଏ
ବଗିଚା ସାରା ବୁଲେ
ଖୁସି କି ସିଏ ହୁଅଇ, ଯେବେ
ଫୁଲରେ ବସି ଝୁଲେ ?
ଡେଣାରେ ତା'ର ଆଙ୍କିଚି କିଏ
ଛବି ଭଳିକି ଭଳି
ସେଥିରେ ପୁଣି ଭରିଚି ରଙ୍ଗ
ଏକୁ ଆରେକ ବଳି।
କାଇଁକି ମତେ ପରଜାପତି
ଦିଏନି ମତେ ଧରା
ପାଖକୁ ତା'ର ଯେବେ ମୁଁ ଯାଏ
ଉଡ଼ି ସେ ଯାଏ ପରା।
କିଏ କହିବ, କହିବ କିଏ
କହିବ ମତେ କିଏ
ଉତ୍ତର ସବୁ ଯିଏ କହିବ
ମିତ ମୋ ହେବ ସିଏ।

**ଶଶାଙ୍କ ନିବାସ, ବାଲିଘାଟ, ପୁରୀ-୨
ମୋ: ୯୦୪୦୫୧୦୧୦୪**




## ଜୀବଜଗତ

### ଉତ୍ତର ଆମେରିକୀୟ ଝିଙ୍କ

ଝିଙ୍କର ଦେହ ସାରା ଲମ୍ବା କଣ୍ଟା ଭଳି ମୁନିଆ ଖାଡ଼ି ରହିଥାଏ ଏବଂ ଦେହର ଚମଡ଼ା ମଧ୍ୟ ବେଶ୍ ବହଳ। ମୋଟ ୧୨ ଜାତିର ଝିଙ୍କ ଦେଖାଯାନ୍ତି। ସେମାନଙ୍କ ମଧ୍ୟରୁ ଗୋଟିଏ ହେଉଛି ଉତ୍ତର ଆମେରିକୀୟ ଝିଙ୍କ। ଏହାର ମୁଣ୍ଡ ପାଖାପାଖି ଥିବା କଣ୍ଟା ଅଧିକ ଲମ୍ବା।

କାନାଡ଼ା ଏବଂ ଆମେରିକାର ଆଲାସ୍କା, ନ୍ୟୁମେକ୍ସିକୋ ଆଦି ଅଞ୍ଚଳ ଏମାନଙ୍କ ବାସସ୍ଥଳୀ। ଜଙ୍ଗଲରେ ହିଁ ଏମାନଙ୍କୁ ଦେଖିବାକୁ ମିଳେ। ଏମାନେ ସାଧାରଣତଃ ରାତ୍ରୀଚର। ଦେହର ଲମ୍ବ ୪୬ରୁ ୫୬ ସେଣ୍ଟିମିଟ ଏବଂ ଲାଞ୍ଜର ଲମ୍ବ ୧୮ରୁ ୨୩ ସେଣ୍ଟିମିଟର। ଗଛର କଅଁଳ ପତ୍ର, ମୁକୁଳ ଓ ନରମ ଛାଲି ଉତ୍ତର ଆମେରିକୀୟ ଝିଙ୍କଙ୍କ ପ୍ରଧାନଖାଦ୍ୟ। ଏହା ଛଡ଼ା ଏମାନ କେତେକ ଗଛର ମୂଳ ଓ ଶସ୍ୟ ମଧ୍ୟ ଖାଇଥାନ୍ତି। ୭ ମାସ ମା' ପେଟରେ ରହିବା ପରେ ଛୁଆ ଜନ୍ମ ନେଇଥାଏ। ମା' ଝିଙ୍କଠାରୁ ଥରକେ ସାଧାରଣତଃ ଗୋଟିଏ ଛୁଆ ଜନ୍ମ ହୋଇଥାଏ। ସବୁଠୁ ମଜା କଥା ହେଉଛି ଜନ୍ମ ହେବାର ମାତ୍ର କେତେ ଘଣ୍ଟା ପରେ ହିଁ ଛୁଆଟି ଗଛ ଚଢ଼ିବା ସହ କଠିନ ଖାଦ୍ୟ ଖାଇବା ଆରମ୍ଭ କରି ଦେଇଥାଏ।



## ରେକର୍ଡ଼


### ସୁଖ ସମୃଦ୍ଧିର ରାଜ୍ୟ

ନିକଟରେ ସୁଖ ସମୃଦ୍ଧିରେ ଭରା ଦେଶର ୧୦ଟି ଶ୍ରେଷ୍ଠ ରାଜ୍ୟର ତାଲିକା ପ୍ରକାଶ ପାଇଛି। ଏଥିରେ ପ୍ରଥମ ସ୍ଥାନରେ ହିମାଚଳ ପ୍ରଦେଶ ରହିଥିବା ବେଳେ ମିଜୋରାମ ଦ୍ୱିତୀୟ ଓ ସିକିମ ତୃତୀୟ ସ୍ଥାନରେ ରହିଛି। ଏମାନଙ୍କ ପଛକୁ ୪ରୁ୧୦ ପର୍ଯ୍ୟନ୍ତ କ୍ରମାନ୍ୱୟରେ ତଳକୁ ତଳ ରହିଛନ୍ତି ଗୋଆ, କେରଳ, ତାମିଲନାଡୁ, ପଞ୍ଜାବ, ଉତ୍ତରାଖଣ୍ଡ, ରାଜସ୍ଥାନ ଓ ମହାରାଷ୍ଟ୍ର। ସମୃଦ୍ଧ ପ୍ରାକୃତିକ ସଂପଦ, ଉତ୍ତମ ପରିବେଶ, ସ୍ୱାସ୍ଥ୍ୟ, ନିରାପତ୍ତା, ଶିକ୍ଷା, ସଂପ୍ରଦାୟିକ ସଦ୍‌ଭାବ ଆଦି ମାନଦଣ୍ଡକୁ ବିଚାରକୁ ନିଆଯାଇ ଏହି ତାଲିକା ପ୍ରକାଶ କରାଯାଇଛି।




## ଜାଣିଛ ତ କହ ?






୧- କନ୍ୟାକୁମାରୀ କେଉଁ ରାଜ୍ୟରେ ଅବସ୍ଥିତ ?
୨- ଦେଶର କେଉଁ ସ୍ଥାନରେ ରହିଛି ପ୍ରସିଦ୍ଧ ପଦ୍ମନାଭସ୍ୱାମୀ ମନ୍ଦିର ?
୩- ପ୍ରସିଦ୍ଧ ଦ୍ୱାରକା ନଗର କେଉଁ ନଦୀକୂଳରେ ଅବସ୍ଥିତ ?
୪- ବଦ୍ରିନାଥ ମନ୍ଦିରରେ କେଉଁ ଦେବତା ପୂଜା ପାଆନ୍ତି ?
୫- ଧଉଳି ପାଦ ଦେଶରେ କେଉଁ ନଦୀ ବହିଯାଇଛି ?
୬- କେଉଁ ସ୍ଥାନରେ ପ୍ରସିଦ୍ଧ ମହାକାଳେଶ୍ୱର ଜ୍ୟୋତିର୍ଲିଙ୍ଗ ପୂଜା ପାଆନ୍ତି ?
୭- ଇଣ୍ଡିଆ ଗେଟ୍ କେଉଁ ନଗରୀର ଗୁରୁତ୍ୱପୂର୍ଣ୍ଣ ଆକର୍ଷଣ ସ୍ଥଳୀ ?

ଉତ୍ତର: ୧- ତାମିଲନାଡୁ, ୨- ଥିରୁବନନ୍ତପୁରମ, ୩- ଗୋମତୀ, ୪- ବିଷ୍ଣୁ, ୫- ଦୟାନଦୀ, ୬- ମଧ୍ୟପ୍ରଦେଶର ଉଜ୍ଜୟିନୀ, ୭- ଦିଲ୍ଲୀ


## ତୁମ ପାଇଁ ବହି




**ଆମ ସମ୍ବିଧାନର ପ୍ରଣେତା ଡ. ଆମ୍ବେଦକର**
**ଲେଖକ: ଡ. ଅରୁଣ କୁମାର ପଣ୍ଡା**
**ପ୍ରକାଶକ: ନବଦିଗନ୍ତ, ବିନୋଦ ବିହାରୀ, କଟକ-୨**
**ମୂଲ୍ୟ:୯୦ ଟଙ୍କା**

ଏହା ହେଉଛି ବାବା ସାହେବ ଭୀମ ରାଓ ରାମଜୀ ଆମ୍ବେଦକରଙ୍କ ଜୀବନୀ ପୁସ୍ତକ। ଏଥିରେ ତାଙ୍କ ଘଟଣାବହୁଳ ଜୀବନର ସଂଘର୍ଷଭରା କାହାଣୀ ସ୍ଥାନ ପାଇଛି। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ଘଟଣା ସରଳ ଭାଷାରେ ଆଲୋଚିତ ହୋଇଛି। ପିଲାମାନେ ଏହାକୁ ପାଠ କରି ବାବା ସାହେବଙ୍କ ଜୀବନୀ ଜାଣିବା ସହିତ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବେ।

## କୁନାକୁନିଙ୍କ ଚିତ୍ର






ପ୍ରିୟାଲ ଶା
କ୍ଲାସ୍-୧,
ଡିଏଭି ପବ୍ଲିକ୍ ସ୍କୁଲ,
ଦେଓଗଡ଼, ଝାରଖଣ୍ଡ



ଓମ୍‌ପ୍ରକାଶ ବାରିକ
କ୍ଲାସ୍-୧୧,
ଶିଦ୍ଧି ବିନାୟକ କଲେଜ୍,
ଅନୁଗୁଳ



'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

# ଚକ୍ଷୁଦାନ କରି ଅମର ହୋଇଗଲେ ହୋମ୍‌ଗାର୍ଡ



**ସୋର,୧୨।୯/ଏନ୍‌ଏନ୍‌ଏସ୍‌:** ଜଣେ ହୋମଗାର୍ଡ ଚକ୍ଷୁଦାନ କରି ସୋର ଥାନାର ମାନ ରଖିବା ସହିତ ଅମର ହୋଇଯାଇଛନ୍ତି। ବାଗୁଡ଼ି ଗ୍ରାମର କୈଳାସ ବେହେରା ସୋର ଥାନାରେ ଗୃହରକ୍ଷୀ ଭାବେ କାର୍ଯ୍ୟ କରନ୍ତି। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଗୁରୁବାର କୈଳାସ ବାଲେଶ୍ୱରରେ ହେଉଥିବା ଓଡ୍ରାଫ୍ ଟ୍ରେନିଂ ପାଇଁ ସୋର ଥାନାରେ କାର୍ଯ୍ୟରତ ଅନ୍ୟ ଗୃହରକ୍ଷୀଙ୍କ ସହିତ ଯାଇଥିଲେ। କିନ୍ତୁ ଅପରାହ୍ନରେ ସେଠାରୁ ଟ୍ରେନିଂ ସାରି ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଖନ୍ତାପଡ଼ା ଥାନା ବେଗୁନିଆ ଛକ ନିକଟରେ ଏକ ଅଜଣା ଗାଡ଼ି ତାଙ୍କ ବାଇକ୍‌କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ଫଳରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବାହାନଗା ଏବଂ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ସକାଳେ କୈଳାସଙ୍କ ପରିବାର ତାଙ୍କ ଆଖି ୨ଟିକୁ ଦାନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏ ବାବଦରେ ସମସ୍ତ କାଗଜପତ୍ର ପ୍ରସ୍ତୁତି ସରିବା ପରେ ତାଙ୍କ ଆଖିକୁ ସୁରକ୍ଷିତ କଢ଼ା ଯାଇଥିଲା। ପୁଲିସ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପରେ ପରିବାର ଲୋକେ, ଗ୍ରାମବାସୀ ଓ ସୋର ଥାନାରେ କାର୍ଯ୍ୟରତ ଗୃହରକ୍ଷୀମାନେ ତାଙ୍କ ମରଶରୀରକୁ ସୋର ଥାନାକୁ ଆଣିଥିଲେ। ସେଠାରେ ଥାନାରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନେ ଶ୍ରଦ୍ଧାଞ୍ଜଳି ଦେବା ପରେ ବାଗୁଡ଼ି ଅଭିମୁଖେ ତାଙ୍କ ମରଶରୀରକୁ ନିଆଯାଇଥିଲା। ଗ୍ରାମରେ ଶବ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଥିଲା।

ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

# ଡିଜେ ବଜାଇବାକୁ ପ୍ରୟାସ କଲେ ଜରିମାନା ସହ ମୋକଦ୍ଦମା



**ଭଦ୍ରକ,୧୨।୯/ଏନ୍‌ଏନ୍‌ଏସ୍‌:** ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଦୁର୍ଗାପୂଜା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଭଦ୍ରକର ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ ଓ ଡେପୁଟି କଲେକ୍ଟର୍ (ବିଚାର) କାର୍ତ୍ତିକ ନାଥ ମଣ୍ଡଳ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପୂଜା ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ସେମାନଙ୍କ ପୂଜା ଓ ଭସାଣି ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। ଡେପୁଟି କଲେକ୍ଟର୍ କାର୍ତ୍ତିକ ନାଥ ମଣ୍ଡଳ ଶାନ୍ତି କମିଟିର ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିବା ସହ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସମସ୍ତ ଦୁର୍ଗାପୂଜା ଅନୁଷ୍ଠାନ ନିଜ ନିଜର କାର୍ଯ୍ୟସୂଚୀ ସହିତ ଆବଶ୍ୟକୀୟ କାର୍ଯ୍ୟ ଯଥା ରାସ୍ତା ମରାମତି, ଆଲୋକୀକରଣ, ନାଳ ନର୍ଦ୍ଦମାର ସଫେଇ, ପର୍ଯ୍ୟାପ୍ତ ସୁରକ୍ଷା କର୍ମୀ ନିୟୋଜନ, ନିଶାଖୋରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ, ଟ୍ରାଫିକ୍‌ର ସୁବନ୍ଦୋବସ୍ତ, ଘାଟ ଗୁଡ଼ିକର ମରାମତି ଓ ନାଳକୁ ଆବଦ୍ଧ କରିବାକୁ ସୁବ୍ୟବସ୍ଥା କରିବା ପାଇଁ ଅନୁରୋଧ କରିଥିଲେ। ଶାନ୍ତି କମିଟିର ସଦସ୍ୟ ବିଦ୍ୟାଧର ସାହୁ, ଅତିସ କୁମାର ବେହେରା, ସୁଧାକର ରାଉତ, ଗୌରାଙ୍ଗ ପଣ୍ଡା ଓ ଉମର ଅଲ୍ଲୀ ଆଲୋଚନାରେ ଭାଗନେଇ ବାସି ଖାଦ୍ୟ ପ୍ରଦାନ କରୁଥିବା ବିଭିନ୍ନ ହୋଟେଲ୍ ଓ ରେଷ୍ଟୋରାଁକୁ ସ୍ୱାସ୍ଥ୍ୟ ବିଭାଗ ଏବଂ ପୁଲିସ ମିଳିତ ଚଢ଼ଉ କରିବା ସହିତ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅନୁରୋଧ କରିଥିଲେ।

ଏହି ପରିପ୍ରେକ୍ଷୀରେ ଆରକ୍ଷୀ ଅଧୀକ୍ଷକ କହିଥିଲେ ଯେ ଯେଉଁମାନେ ଆଦେଶକୁ ନମାନି ପୁଣି ଡିଜେ ବଜାଇବା ପାଇଁ ପ୍ରୟାସ କରିବେ ସେମାନଙ୍କ ବିରୋଧରେ ଆର୍ଥିକ ଜରିମାନା ସହିତ ମୋକଦ୍ଦମା ରୁଜୁ କରାଯିବ। ସେହିପରି ସମସ୍ତ ଦୁର୍ଗାପୂଜା କମିଟି ଅଗ୍ନିଶମ ବିଭାଗରୁ ଫାୟାର ସେଫ୍ଟି ସାର୍ଟିଫିକେଟ୍ ଓ ବିଦ୍ୟୁତ୍ ବିଭାଗରୁ ତଦନ୍ତ ରିପୋର୍ଟ ସଂଗ୍ରହ କରିବେ। ଏଥିରେ ବିଚ୍ୟୁତି ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସତର୍କ କରିଥିଲେ। ସମସ୍ତ ପୂଜା ମଣ୍ଡପକୁ ଆବଶ୍ୟକତା ଅନୁଯାୟୀ ପୁଲିସ ସୁରକ୍ଷା କର୍ମୀ ମୁତୟନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ଦୁର୍ଗାପୂଜା କିପରି ଶାନ୍ତି ଶୃଙ୍ଖଳା ଏବଂ ଭାଇଚାରାର ସହିତ ଭଦ୍ରକ ସହର ସମେତ ଜିଲ୍ଲାରେ ପାଳନ କରାଯିବ ସେଥିପାଇଁ ଜିଲ୍ଲାପାଳ ଶ୍ରୀ ରାଉତରାଏ ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗ କାମନା କରିଥିଲେ। ପୂଜା କମିଟିଙ୍କ ଦାବି ଗୁଡ଼ିକ ଉପରେ ସଂପୃକ୍ତ ବିଭାଗ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତାଗିଦ୍ କରିଥିଲେ। ସେହିପରି ପର୍ବ ସମୟରେ ଭଦ୍ରକ ସହରରେ ନିରବଚ୍ଛିନ ବିଦ୍ୟୁତ୍ ଯୋଗାଣ ପାଇଁ ଟିପିଏନ୍‌ଓଡିଏଲ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ଅଞ୍ଚଳରେ ପାଇପ୍ ଜଳ ନିୟମିତ ଭାବେ ଆସୁନଥିବାରୁ ଅଭିଯୋଗ ପାଇଲା ପରେ ଜିଲ୍ଲାପାଳ ପିଏଚ୍‌ଡିର କର୍ମକର୍ତ୍ତାଙ୍କୁ ଏହାକୁ ଅବିଳମ୍ବେ ସମାଧାନ କରିବାକୁ ଆଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଡାକ୍ତରୀ ସେବା ଯୋଗାଇବା ସହିତ ଆମ୍ବୁଲାନ୍ସ ଓ ମେଡିକାଲ୍ ଟିମ୍‌ର ବ୍ୟବସ୍ଥା ଉପରେ ବିଭିନ୍ନ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ସେହିପରି ରାସ୍ତାକୁ ଆର୍‌ପାର୍ କରି କୌଣସି ତୋରଣ କରାଯିବନି ଓ ଲାଉଡ୍ ସ୍ପିକର୍ ପାଇଁ ଭଦ୍ରକ ଉପଜିଲ୍ଲାପାଳ ଓ ମାର୍ଗ ଅନୁମତି ପାଇଁ ସଂପୃକ୍ତ ଥାନାଧିକାରୀଙ୍କ ପାଖରୁ ଅନୁମତି ନେବେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ।

## ବାର୍ଦ୍ଧକ୍ୟ ଭତ୍ତା ହଡ଼ପ୍ ଅଭିଯୋଗରେ ପିଇଓ ଗିରଫ

**ବାରିପଦା,୧୨।୯/ଏନ୍‌ଏନ୍‌ଏସ୍‌:** ବରିଷ୍ଠ ନାଗରିକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ହଡ଼ପ ଅଭିଯୋଗରେ ମୟୁରଭଞ୍ଜ ଜିଲ୍ଲା ବିଜାତଳା ବ୍ଲକ୍ ଲୁହାଶୀଳା ପଞ୍ଚାୟତର ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ପୁଷ୍ପିତା ମହାକୁଡ଼ଙ୍କୁ ଭିଜିଲାନ୍ସ ଗିରଫ କରିଛି। ସେ ବରିଷ୍ଠ ନାଗରିକଙ୍କୁ ବଣ୍ଟନ ପାଇଁ ଉଦ୍ଦିଷ୍ଟ ୫,୬୮,୯୫୦ ଟଙ୍କା ହଡ଼ପ କରିଥିବା ଜଣାପଡ଼ିଛି। ଏନେଇ ବାଲେଶ୍ୱର ଭିଜିଲାନ୍ସ ଥାନା ମାମଲା ରୁଜୁ କରି ବାରିପଦା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରିଛି। ଭିଜିଲାନ୍ସ ପକ୍ଷରୁ ମାମଲାର ଅଧିକ ତଦନ୍ତ ଜାରି ରହିଥିବା କୁହାଯାଇଛି।

## କଲେଜ ଛକର ବିଭିନ୍ନ ମେସ୍‌ରେ ତଦନ୍ତ

**ସୋର,୧୨।୯/ଏନ୍‌ଏନ୍‌ଏସ୍‌:** ସୋର ପୌରପାଳିକା ଅନ୍ତର୍ଗତ କଲେଜ ଛକରେ ଥିବା ବିଭିନ୍ନ ମେସ୍‌ରେ ଗତ ୧୦ ତାରିଖରେ ଅଂଶୁଘାତର ଶିକାର ହୋଇ ଛାତ୍ରଛାତ୍ରୀମାନେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଉକ୍ତ ଘଟଣାରେ ଶୁକ୍ରବାର ଅପରାହ୍ନରେ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇଛି। ଘଟଣାରୁ ପ୍ରକାଶ, ଅସହ୍ୟ ଗୁଳୁଗୁଳି କାରଣରୁ ଅଂଶୁଘାତର ଶିକାର ହୋଇ ସୋର କଲେଜ ଛକରେ ଥିବା ବିଭିନ୍ନ ମେସ୍‌ର ୨୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅସୁସ୍ଥ ହୋଇ ସୋର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ପ୍ରଶାସନ ଆକ୍ସନ୍ ମୋଡ୍‌କୁ ଆସିଛି। ସୋର ତହସିଲଦାର୍ ଦୈତାରୀ ମଲ୍ଲିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଜ୍ୟୋତ୍ସ୍ନା ମହାନ୍ତି, ସିଡିପିଓ ହାରାମଣି ନାଇକ, ସୋର ଥାନା ଏସ୍‌ଆଇ ପ୍ରଭାକର ସାହୁ କଲେଜ ଛକରେ ଥିବା ୪ଟି ମେସ୍ ଓ ମାଟିଆପଲା ଛକରେ ଥିବା ଗୋଟିଏ ମେସ୍‌ରେ ତଦନ୍ତ କରିଥିଲେ। ଏହି ସମୟରେ କିଛି ମେସ୍‌ରେ ପିଲାମାନେ ଅସ୍ୱାସ୍ଥ୍ୟକର ପରିବେଶରେ ରହୁଥିବା ଏହି ଟିମ୍ ଅନୁଭବ କରିଛି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବାସହ ଘର ମାଲିକଙ୍କୁ ନୋଟିସ୍ କରାଯିବ ବୋଲି ତହସିଲଦାର୍ ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି। ଏହାସହ ଆଗାମୀ ଦିନରେ ସୋରରେ ଥିବା ସମସ୍ତ ମେସ୍ ଗୁଡ଼ିକରେ ଜୋରଦାର୍ ଚଢ଼ଉ କରାଯିବ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି।

ଦିଲ୍ଲୀରେ ସାଧାରଣତନ୍ତ୍ର ଦିବସ ପରେଡ୍

# ଏଫ୍‌ଏମ୍‌ୟୁ ଛାତ୍ରଛାତ୍ରୀଙ୍କ ଚୟନ ଶିବିର




**ବାଲେଶ୍ୱର,୧୨।୯/ଏନ୍‌ଏନ୍‌ଏସ୍‌:** ଭାରତର ଗୌରବମୟ ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀ ରାଜପଥରେ ପରେଡ୍ ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟ ଏନ୍‌ଏନ୍‌ଏସ୍ ବିଭାଗ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଏକ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର୍ ସନ୍ତୋଷ କୁମାର ତ୍ରିପାଠୀ ନିଜେ ଏହି ପ୍ରକ୍ରିୟାରେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି କହିଥିଲେ ଯେ ଏହା କେବଳ ପରେଡ୍‌ରେ ଅଂଶଗ୍ରହଣ କରିବାର ଏକ ସୁଯୋଗ ନୁହେଁ, ବରଂ ନିଜକୁ ଶ୍ରେଷ୍ଠ ବୋଲି ପ୍ରମାଣିତ କରିବାର ସମୟ। ପିଇଓ ସଂଗ୍ରାମ ବିଶୋଇ ଓ ସେନା ବିଭାଗର ଅବସରପ୍ରାପ୍ତ କର୍ମଚାରୀ ହରିହର ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଶାରୀରିକ କ୍ଷମତା ପରିକ୍ଷା କରାଯାଇ ଓ ତାଲିମ୍ ଦିଆଯାଇଥିଲା। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେବା ପାଇଁ ବିଶେଷ ପ୍ରତିଯୋଗିତା ମାଧ୍ୟମରେ ପ୍ରତିଭା ପରିକ୍ଷା କରାଯାଇଥିଲା। ପ୍ରକାଶଥାଉକି ବିଶ୍ୱବିଦ୍ୟାଳୟସ୍ତରରୁ ଆରମ୍ଭ ହୋଇ ଜୋନାଲ୍ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତା କରାଯିବ। ଶ୍ରେଷ୍ଠ ଛାତ୍ରଛାତ୍ରୀମାନେ ଶେଷରେ ଜାତୀୟସ୍ତରରେ ପହଞ୍ଚି ୨୬ ଜାନୁୟାରୀ ୨୦୨୬ ପରେଡ୍‌ରେ ଯୋଗଦେବାର ସୁଯୋଗ ପାଇବେ। ଏହି ଅବସରରେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ୍ ଅଫିସର୍ ଡ. ପ୍ରତିମା ପ୍ରଧାନ, ସଂଯୋଜକ ଡ. ଅମୂଲ୍ୟ କୁମାର ଆଚାର୍ଯ୍ୟ ଓ ବାଲେଶ୍ୱର ଜିଲ୍ଲା ଏନ୍‌ଏସ୍‌ଏସ୍ ଡିପିଓ ଗୌରାଙ୍ଗ ପଣ୍ଡା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ଉଦ୍‌ବୋଧନ ଦେଇଥିଲେ। ଏଭଳି କାର୍ଯ୍ୟକ୍ରମ କେବଳ ଚୟନ ପ୍ରକ୍ରିୟା ନୁହେଁ ଏହା ଛାତ୍ରଛାତ୍ରୀଙ୍କ ପାଇଁ ଏକ ସ୍ୱପ୍ନ, ପ୍ରେରଣା ଓ ଗର୍ବର ଯାତ୍ରା ବୋଲି ଉପସ୍ଥିତ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ୍ ଅଫିସର୍‌ମାନେ ମତପ୍ରକାଶ କରିଥିଲେ।

ମା' ତାରିଣୀ କ୍ଲବ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ଉପମୁଖ୍ୟମନ୍ତ୍ରୀଙ୍କ ଯୋଗଦାନ

# ପ୍ରତି ବ୍ଲକ୍‌ରେ ଭବ୍ୟ ଷ୍ଟାଡିୟମ୍ ଓ ପ୍ରତି ପଞ୍ଚାୟତରେ ମିନି ଷ୍ଟାଡିୟମ୍ ନିର୍ମାଣ କରାଯିବ




**କେନ୍ଦୁଝର,୧୨।୯/ଏନ୍‌ଏନ୍‌ଏସ୍‌:** କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ କରଞ୍ଜିଆପଡ଼ାରେ ମା' ତାରିଣୀ କ୍ଲବ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶୁକ୍ରବାର କେନ୍ଦୁଝର ଗସ୍ତ ଅବସରରେ ପ୍ରଥମେ ଘଟଗାଁ ମା' ତାରିଣୀଙ୍କ ଦର୍ଶନ ସହ ମା' ତାରିଣୀ କ୍ଲବ୍ ଫୁଟବଲ ଟର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଖେଳରେ ଉପମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିଲେ। ରାଜ୍ୟ ସରକାର କ୍ରୀଡ଼ା ଏବଂ ତତସଂଲଗ୍ନ ବିଭିନ୍ନ ବିଷୟରେ ବକ୍ତବ୍ୟ ପ୍ରଦାନ କରି ପ୍ରତ୍ୟେକ ବ୍ଲକ୍‌ରେ ଏକ ଭବ୍ୟ ଷ୍ଟାଡିୟମ୍ ନିର୍ମାଣ ସହିତ ପ୍ରତ୍ୟେକ ପଞ୍ଚାୟତରେ ମଧ୍ୟ ମିନି ଷ୍ଟାଡିୟମ୍ ନିର୍ମାଣ କରାଯିବ। ଏହାସହ ଆଗାମୀ ଅଲମ୍ପିକ୍ କ୍ରୀଡ଼ାରେ କିପରି ଓଡ଼ିଶାର ଖେଳାଳି ଭାରତର ନେତୃତ୍ୱ ନେବେ ସେନେଇ ଉଚ୍ଚମାନର ପ୍ରଶିକ୍ଷଣ ଦିଆଯିବାକୁ ବ୍ୟବସ୍ଥା କରାଯାଉଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଉଦ୍‌ଯାପନୀ ଖେଳରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା. ଫକୀରମୋହନ ନାଏକ, ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ସାଂସଦ ପ୍ରତିନିଧି ନୀଳମଣି ମହାନ୍ତ, ବିଜେପି ଜିଲ୍ଲା ଉପସଭାପତି ଗଣେଶ୍ୱର ମହାନ୍ତ, ସଦର ନିର୍ବାଚନମଣ୍ଡଳୀ ସଂଯୋଜକ ବିବେକାନନ୍ଦ ମହାନ୍ତ ଏବଂ ମା' ତାରିଣୀ କ୍ଲବ୍‌ର ସଭାପତି ବଳଭଦ୍ର ମହାନ୍ତ ମଞ୍ଚାସୀନ ହୋଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଜୟୀ ଦଳ ତ୍ରିଶୂଳ ଏକ୍ସଆଇ ଠାକୁରାଣୀକୁ ୧ ଲକ୍ଷ ୫୦ ହଜାର ଟଙ୍କାର ଚେକ୍ ଉପମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ। ସେହିପରି ରନର୍ସଅପ୍ ଦଳ ବିଜୟ ଇଲେଭେନ୍ ଝାରଖଣ୍ଡକୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ୪୮ଟି ଦଳ ଏହି ଖେଳରେ ଭଗ ନେଇଥିଲେ। ମା' ତାରିଣୀ କ୍ଲବ୍‌ର ସମ୍ପାଦକ କେଶବ ଚନ୍ଦ୍ର ମହାନ୍ତ, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ମହାନ୍ତ, ସଦସ୍ୟ ରବିନାରାୟଣ ମହାନ୍ତ, ସୁରେନ୍ଦ୍ର ମହାନ୍ତ, ନରହରି ମହାନ୍ତ, ନିରାକାର ମହାନ୍ତ, ହେମନ୍ତ ମହାନ୍ତ ଓ ସୁନୀଲ ରାଉତଙ୍କ ସମେତ କ୍ଲବ୍‌ର ସମସ୍ତ ସଦସ୍ୟ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।

# ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



**ବାଲେଶ୍ୱର,୧୨।୯/ଏନ୍‌ଏନ୍‌ଏସ୍‌:** ରାଜ୍ୟ ଏବଂ ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସଂଗଠନର ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଡ. ବସନ୍ତ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଚନ୍ଦ୍ରକାନ୍ତ ଘଡ଼ାଇ କ୍ରୀଡ଼ା ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣିମା ଦାଶ ଓ ଖ୍ରୀଷ୍ଟିଆନ୍ ହାଇସ୍କୁଲ୍‌ର ପ୍ରଧାନଶିକ୍ଷକ ନାରାୟଣ ପୃଷ୍ଟି ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ରତିକାନ୍ତ ବେହେରା ସଂଯୋଜନା କରିଥିଲେ। ମଣିନାଗେଶ୍ୱର ହାଇସ୍କୁଲ୍‌ର ପ୍ରଧାନଶିକ୍ଷକ ଗୋପାଳଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ପ୍ରକାଶଥାଉକି ୧୭ ଓ ୧୪ ବର୍ଷରୁ କମ୍ ବାଳକ ତଥା ବାଳିକା ବିଭାଗରେ ଫୁଟବଲ୍, କବାଡ଼ି, ଖୋଖୋ, ରଗବୀ ଫୁଟବଲ୍, ବ୍ୟାଡମିଣ୍ଟନ୍, ଚେସ୍, ହକି ଓ ଯୋଗ ପ୍ରତିଯୋଗିତା ପାଇଁ ୧୨ଟି ବ୍ଲକ୍‌ରୁ ୧୪୫୨ ଜଣ ପ୍ରତିଯୋଗୀ, କ୍ରୀଡ଼ା ପରିଚାଳକ ଓ କ୍ରୀଡ଼ା ଶିକ୍ଷକ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଜିଲ୍ଲାସ୍ତରରେ ଉନ୍ନତ କ୍ରୀଡ଼ା ପ୍ରଦର୍ଶନକୁ ନେଇ ପ୍ରାୟ ୩୫୦ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହେବେ। ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି।

## ନାବାଳିକା ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

**ଧାମନଗର,୧୨।୯/ଏନ୍‌ଏନ୍‌ଏସ୍‌:** ଧାମନଗର ବ୍ଲକ୍ ଧୁଷୁରୀ ଥାନା ହସନାବାଦ ପଞ୍ଚାୟତ ବନବାଗ ଗ୍ରାମର ଜଣେ ୧୬ ବର୍ଷୀୟ ନାବାଳିକାକୁ କେନ୍ଦ୍ରାପଡ଼ାର ଅଖି ନାମକ ଯୁବକ ଅପହରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଝିଅର ବାପାଙ୍କ ଅଭିଯୋଗ ଅନୁଯାୟୀ ସୋମବାର ନାବାଳିକା ଜଣଙ୍କ ଷ୍ଟାଇପେଣ୍ଡ ଟଙ୍କା ଉଠାଇବା ପାଇଁ ଧୁଷୁରୀ ବଜାରର ଏକ ବ୍ୟାଙ୍କକୁ ଯାଇଥିଲେ। ମାତ୍ର ସନ୍ଧ୍ୟା ପର୍ଯ୍ୟନ୍ତ ଆଉ ଘରକୁ ଫେରିନଥିଲେ। ଏନେଇ ପରିବାର ଲୋକେ ସାହି ପଡ଼ିଶା ଓ ବନ୍ଧୁବାନ୍ଧବଙ୍କ ଘରେ ଖୋଜାଖୋଜି କରିଥିଲେ ବି ଝିଅର କୌଣସି ଖବର ମିଳିନଥିଲା। ଦୀର୍ଘ ୪ ଦିନ ପରେ ଅର୍ଥାତ୍ ଶୁକ୍ରବାର ନାବାଳିକାର ବାପା ଓ ମାମୁଁ ଧୁଷୁରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶଥାଉକି ଅଖି ହାଇଦ୍ରାବାଦର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ନାବାଳିକା ଜଣଙ୍କ ମାଟ୍ରିକ୍ ପରୀକ୍ଷା ଦେଇ ନିଜ ସମ୍ପର୍କୀୟଙ୍କ ସହିତ ହାଇଦ୍ରାବାଦ୍ ବୁଲିବାକୁ ଯାଇଥିଲେ। ସେଠାରେ ଉଭୟଙ୍କ ଭେଟ୍‌ଘାଟ୍ ହୋଇଥିଲା। ଏଥିରେ ଅଖି ନାବାଳିକାକୁ ପ୍ରେମ୍ ଜାଲରେ ଫସାଇ ଫୋନ୍ ନମ୍ବର୍ ଆଦାନପ୍ରଦାନ କରିଥିଲେ। କିଛିଦିନ ରହିବା ପରେ ନାବାଳିକା ଜଣଙ୍କ ଘରକୁ ଆସିଥିଲେ। ୨ରୁ ୩ଥର ଅଖି ହସନାବାଦରେ ପହଞ୍ଚି ନାବାଳିକାକୁ ଦେଖା କରିଥିଲେ।

# ମଞ୍ଜି ମାଟିଗୁଳା ତାଲିମ୍

**କେନ୍ଦୁଝର,୧୨।୯/ଏନ୍‌ଏନ୍‌ଏସ୍‌:** ମଇଦାନକେଲ ପଞ୍ଚାୟତର ହରିହରପୁରରେ ମଞ୍ଜି ମାଟିଗୁଳା(ସିଡବଲ୍)ର ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଡେଭଲପ୍‌ମେଣ୍ଟ ଟ୍ରଷ୍ଟ ଓ ଦରବାର ସାହିତ୍ୟ ସଂସଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି ଶିବିରରେ ହରିହରପୁର, ତାଳପଦା, ବାସୁଦେବପୁର, ମଇଦାନକେଲର ଜଙ୍ଗଲ ଅଧିକାର ସୁରକ୍ଷା କମିଟିର ୩୮ ଜଣ ମହିଳା ଓ ପୁରୁଷ ଅଂଶଗ୍ରହଣ କରିଥିଲେ। ଏଥିରେ ମାଟିରେ ଗୋବର ମିଶାଇ ମାଟି ଚକଟି ଗୁଳା କରିବାର କୌଶଳ ତାଲିମ୍ ପ୍ରଦାନ କରାଯାଇଥିଲା। ଗୋଟିଏ ଗୋଟିଏ ମଞ୍ଜି ପ୍ରତ୍ୟେକ ଗୁଳାରେ ଭର୍ତ୍ତି କରାଯାଇ ଛାଇ ଜାଗାରେ ଶୁଖାଇବାକୁ ପରାମର୍ଶ ଦିଆଯାଇଥିଲା। ପ୍ରଗତୀ ଫାଉଣ୍ଡେସନ୍ ଟ୍ରଷ୍ଟର ଯୁବ ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଆଗାମୀ ସପ୍ତାହରେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ, ଚାରା ବଣ୍ଟନ ଓ ବୃକ୍ଷରୋପଣ କରାଯିବ ବୋଲି ଟ୍ରଷ୍ଟ ଅଧ୍ୟକ୍ଷା ଅଧିବକ୍ତା ଜଗଜିତା ଦାସ ଓ କାର୍ଯ୍ୟକ୍ରମ ପରାମର୍ଶଦାତା ଡକ୍ଟର ବିମ୍ବାଧର ବେହେରା ଜଣାଇଛନ୍ତି।

# ସ୍ୱଚ୍ଛତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**ବାରିପଦା,୧୨।୯/ଏନ୍‌ଏନ୍‌ଏସ୍‌:** ସ୍ଥାନୀୟ ଭଞ୍ଜପୁର ସରକାରୀ ଉଚ୍ଚବିଦ୍ୟାଳୟରେ ଅମରଜ୍ୟୋତି ଫାଉଣ୍ଡେସନ୍ ଓ ରେକିଟ୍ ଇଣ୍ଡିଆର ମିଳିତ ଉଦ୍ୟମରେ ଏକ ସ୍ୱଚ୍ଛତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାରିପଦା ମ୍ୟୁନିସିପାଲିଟି ଏବଂ ବ୍ଲକ୍ ଅନ୍ତର୍ଗତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫୦ ଜଣ ଲେଖାଏଁ ଶିକ୍ଷକ ଶିକ୍ଷୟିତ୍ରୀ ପର୍ଯ୍ୟାୟକ୍ରମେ ପ୍ରଶିକ୍ଷଣ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ପରିମଳ, ବିଶୁଦ୍ଧ ପାନୀୟଜଳ ଓ ମାସିକ ସ୍ୱଚ୍ଛତା ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମାନସୀ ସିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଡିଆଇଇଟି ପ୍ରମୋଦ କୁମାର ଡାକୁଆ, ମୁଖ୍ୟବକ୍ତା ଭାବେ ବାରିପଦା ଗୋଷ୍ଠୀ ଶିକ୍ଷାଧିକାରୀ ଡଃ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥିଭାବେ ଶିକ୍ଷକ ପ୍ରଶିକ୍ଷକ ଭବେଶ ଚନ୍ଦ୍ର ଦେହୁରୀ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତପସ୍ୱିନୀ ଦାଶ ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଫାଉଣ୍ଡେସନ୍‌ର ଜୋନାଲ୍ ସଂଯୋଜିକା ରୀନା ପ୍ରଧାନ, ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଦାସମତ ସୋରେନ ଓ ବାରିପଦା ବ୍ଲକ୍ କାର୍ଯ୍ୟକ୍ରମ ସଂଯୋଜିକା ନିହାରିକା ବାରିକ ପରିଚାଳନା କରିଥିଲେ। ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ମିଳିଲା ଅନୁକମ୍ପା ରାଶି

'ଏକ ପେଡ୍ ମା' କେ ନାମ' ସଚେତନତା ରଥ ଆରମ୍ଭ



**ତେଲକୋଇ,୧୨।୯/ଏନ୍‌ଏନ୍‌ଏସ୍‌:** କେନ୍ଦୁଝର ବନଖଣ୍ଡରେ ହାତୀଙ୍କ ଉପଦ୍ରବ ଦିନକୁଦିନ ବଢ଼ିବାରେ ଲାଗିଛି। ଫଳରେ ହାତୀ ଆକ୍ରମଣରେ ତେଲକୋଇ ବନାଞ୍ଚଳରେ ଲୋକଙ୍କ ମୃତ୍ୟୁ ଅଧିକ ହେଉଛି। ଏହାକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ମଧ୍ୟ ଅନେକ ଯୋଜନା ହାତକୁ ନିଆଯାଉଛି। ମଣିଷଙ୍କ ସହିତ ହାତୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଛି। ହାତୀଙ୍କ ଦ୍ୱାରା ଫସଲ ନଷ୍ଟ ତଥା ଆକ୍ରମଣରେ ମୃତକଙ୍କ ପରିବାରକୁ ଦିଆଯାଉଥିବା ଅନୁକମ୍ପା ରାଶିକୁ ସରକାର ଏବେ ବୃଦ୍ଧି କରିଛନ୍ତି। ଏହି ଅବସରରେ କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ପକ୍ଷରୁ 'ଏକ ପେଡ୍ ମା' କେ ନାମ' ରଥର ଶୁଭାରମ୍ଭ ସହ ହାତୀ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ କରାଯାଇଛି। ତେଲକୋଇ ବନାଞ୍ଚଳରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଡ଼ାକ୍ତର ଫକୀରମୋହନ ନାଏକ ଯୋଗଦେଇ ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ସରକାରୀ ଅନୁକମ୍ପା ରାଶିର ଚେକ୍ ପ୍ରଦାନ କରିଥିଲେ।

ଗତ କିଛିମାସ ପୂର୍ବେ ତେଲକୋଇ ବନାଞ୍ଚଳ ଉଦୟଗିରି ଗ୍ରାମର ଯୁବକ ଅଶୋକ କୁମାର ମହାନ୍ତଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିଲା। ସେହିପରି ନୂଆଗଡ଼ ଗ୍ରାମର ରାଧା ରଞ୍ଜିତ ନାମକ ମହିଳା ଶୌଚ ହେବାକୁ ଯାଇ ହାତୀ ଆକ୍ରମଣର ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ଉଭୟଙ୍କ ପରିବାରଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରାଯାଇଥିଲା। ଏହାସହ ହାତୀଙ୍କ କବଳରୁ ଶସ୍ୟକୁ ସୁରକ୍ଷା ଦେବା ପାଇଁ ୬ ଜଣଙ୍କୁ ଶସ୍ୟ ରଖିବା ବାକ୍ସ ଓ ହାତୀଙ୍କୁ ନିରୀକ୍ଷଣ କରିବାକୁ ମଧୁପୁର ଓ ଶିଂକୁଳାବାହାଳ ବନ ସୁରକ୍ଷା ସମିତିକୁ ଟର୍ଚ୍ଚ ଲାଇଟ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଧାୟକ ଶ୍ରୀ ନାୟକ କହିଥିଲେ ଯେ ସମସ୍ତେ ଟିକିଏ ସଚେତନ ହେଲେ ହାତୀ ମଣିଷଙ୍କ ସହାବସ୍ଥାନ ମଧୁର ହୋଇପାରିବ। ଏହି କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ ଶିବାଜୀ ମୋହନ ରାଓ ଅଧ୍ୟକ୍ଷତା କରିଥିବା ବେଳେ ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଏସିଆ କପ୍‌ରେ ପାକିସ୍ତାନର ଧମାକାଦାର ଆରମ୍ଭ

**ଦୁବାଇ,୧୨।୯/ଏଜେନ୍ସି:** ଚଳିତ ଏସିଆ କପ୍‌ରେ ପାକିସ୍ତାନ ଟିମ୍ ଧମାକାଦାର ଆରମ୍ଭ କରିଛି। ଶୁକ୍ରବାର ଦୁବାଇ ଇଣ୍ଟରନାସନାଲ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଓମାନ୍‌କୁ ୯୩ ରନ୍‌ରେ ହରାଇ ପାକିସ୍ତାନ ଟୁର୍ଣ୍ଣାମେଣ୍ଟରେ ଧମାକାଦାର ଆରମ୍ଭ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ପାକିସ୍ତାନ ମହମ୍ମଦ ହାରିସ୍‌ଙ୍କ ଅର୍ଦ୍ଧଶତକୀୟ ଇନିଂସ୍ ବଳରେ ନିର୍ଦ୍ଧାରିତ ଓଭର୍‌ରେ ୭ ୱିକେଟ୍ ହରାଇ ୧୬୦ ରନ୍ କରିଥିଲା। ଜବାବରେ ଓମାନ୍ ଖେଳାଳି ପାକ୍ ସ୍ପିନ୍ ଆକ୍ରମଣର ସମ୍ମୁଖୀନ ହୋଇନପାରି ୧୬.୪ ଓଭର୍‌ରେ ମାତ୍ର ୬୭ ରନ୍‌ରେ ଅଲ୍‌ଆଉଟ୍ ହୋଇଛି।



୧୬୧ ରନ୍ ଲକ୍ଷ୍ୟର ପିଛା କରୁଥିବା ଓମାନ୍ ଆରମ୍ଭରୁ ହିଁ ୱିକେଟ୍ ହରାଇ ୧୬.୪ ଓଭର୍‌ରେ ମାତ୍ର ୬୭ ରନ୍ ମଧ୍ୟରେ ସୀମିତ ହୋଇଯାଇଥିଲା। କ୍ୟାପ୍ଟେନ୍ ଜତିନ୍ଦର ସିଂହ (୧) ଏବଂ ଓପ୍ନର୍ ଆମିର କଲୀମ୍ (୧୩ ରନ୍)ଙ୍କୁ ପାର୍ଟଟାଇମ୍ ସ୍ପିନର୍ ସଇମ୍ ଅୟୁବ୍ ପ୍ୟାଭିଲିୟନ୍ ଫେରାଇଥିଲେ। ସେହିପରି ମହମ୍ମଦ ନଦୀମ୍ (୩ ରନ୍) ଓ ହମ୍ମାଦ ମିର୍ଜା (୨୭ ରନ୍)ଙ୍କୁ ଚାଇନାମ୍ୟାନ୍ ବୋଲର୍ ସୁଫିୟାନ୍ ମୁକିମ୍ ଆଉଟ୍ କରିଥିଲେ। ସୁଫିୟାନ୍ ମହମୁଦ୍‌ଙ୍କୁ ବାମହାତୀ ସ୍ପିନର୍ ମହମ୍ମଦ ନୱାଜ୍ ପ୍ୟାଭିଲିୟନ୍ ରାସ୍ତା ଦେଖାଇଥିବା ବେଳେ ବିନାୟକ ଶୁକ୍ଳା ୨ ରନ୍‌ରେ ଆଉଟ୍ ହୋଇଥିଲେ। ଜିକ୍ରିଆ ଇସ୍‌ଲାମ୍ ଖାତା ଖୋଲିପାରି ନଥିବା ବେଳେ ଶାହ ଫେସଲ୍ ୧ ରନ୍ କରି ଶାହିଦ୍ ଆଫ୍ରିଦିଙ୍କ ଶିକାର ହୋଇଥିଲେ। ହସ୍‌ନୈନ୍ ଶାହ ୧ ରନ୍ କରି ଫାହିମ୍ ଅଶ୍‌ରଫ୍‌ଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଶକିଲ୍ ଅହମଦ ୧୦ ରନ୍‌ରେ ଅବ୍ରାର୍ ଅହମଦଙ୍କ ଶିକାର ହୋଇଥିବା ବେଳେ ସମୟ ଶ୍ରୀବାସ୍ତବ ୫ ରନ୍‌ରେ ଅପରାଜିତ ରହିଥିଲେ। ପାକିସ୍ତାନ ପକ୍ଷରୁ ସଇମ୍ ଅୟୁବ୍, ସୁଫିୟାନ୍ ମୁକିମ୍ ଏବଂ ଫହିମ୍ ଅଶରଫ୍ ୩-୩ ୱିକେଟ୍ ନେଇଥିବା ବେଳେ ଶାହିନ୍ ଆଫ୍ରିଦି, ଅବ୍ରାର୍ ଅହମଦ ଏବଂ ମହମ୍ମଦ ନୱାଜ୍‌ଙ୍କୁ ଗୋଟିଏ ଲେଖାଏଁ ସଫଳତା ମିଳିଥିଲା।

ଅନ୍ତର୍ଜାତୀୟ ମ୍ୟାଚ୍‌ରେ ପ୍ରଥମ ଥର ଓମାନ୍‌କୁ ଭେଟିଥିବା ପାକିସ୍ତାନ ଟସ୍ ଜିତି ବ୍ୟାଟିଂ ନେଇଥିଲା। ତେବେ ଟିମ୍‌ର ଆରମ୍ଭ ଭଲ ନଥିଲା ଏବଂ ପ୍ରଥମ ଓଭର୍‌ରେ ହିଁ ସଇମ୍ ଅୟୁବ୍‌ଙ୍କ ୱିକେଟ୍ ହରାଇଥିଲା। ଅୟୁବ୍ ଖାତା ଖୋଲିବା ପୂର୍ବରୁ ଫୈସଲ୍ ଶାହଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ୪ ରନ୍‌ର ସ୍କୋର୍‌ରେ ପ୍ରଥମ ୱିକେଟ୍ ହରାଇବା ପରେ ସାହିବଜାଦା ଫରହାନ୍ ଓ ୱିକେଟ୍‌କିପର୍ ବ୍ୟାଟର୍ ମହମ୍ମଦ ହାରିସ୍‌ଙ୍କ ମଧ୍ୟରେ ଦ୍ୱିତୀୟ ୱିକେଟ୍ ପାଇଁ ୮୫ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ଏହି ଅବସରରେ ହାରିସ୍ ୩୨ ବଲ୍‌ରେ ନିଜ ଅର୍ଦ୍ଧଶତକ ପୂରଣ କରିଥିଲେ। ଅନ୍ୟପଟେ ଫରହାନ୍ ମଧ୍ୟ କେତେକ ଉନ୍ନତ ଶଟ୍ ଖେଳିଥିଲେ। ତେବେ ଫରହାନ୍ (୨୯)ଙ୍କୁ କଟ୍ ଆଣ୍ଡ ବୋଲ୍ଡ କରି ଆମୀର କଲୀମ୍ ଏହି ପାର୍ଟନରଶିପ୍‌ରେ ବ୍ରେକ୍ ଲଗାଇଥିଲେ। ଏହାପରେ ଆମୀର କଲୀମ୍ ଲଗାତାର ବଲ୍‌ରେ ମହମ୍ମଦ ହାରିସ୍ ଏବଂ କ୍ୟାପ୍ଟେନ୍ ସଲ୍‌ମାନ୍ ଅଲୀ ଆଗାଙ୍କୁ ଆଉଟ୍ କରିଥିଲେ। ହାରିସ୍ ୪୩ ବଲ୍‌ରେ ସାତ ଚୌକା ଓ ତିନି ଛକା ସହାୟତାରେ ୬୬ ରନ୍ କରିଥିବା ବେଳେ ସଲ୍‌ମାନ୍ ଆଗା ଖାତା ମଧ୍ୟ ଖୋଲିପାରି ନଥିଲେ। ହସନ୍ ନୱାଜ୍ ମଧ୍ୟ ୯ ରନ୍ କରି ଆଉଟ୍ ହୋଇଥିଲେ। ଫଳରେ ପାକିସ୍ତାନର ସ୍କୋର୍ ୧୨୦/୫ ହୋଇଯାଇଥିଲା। ଏହାପରେ ମହମ୍ମଦ ନୱାଜ୍ (୧୯ ରନ୍) ଓ ଫଖର ଜମାନ୍ ଅପରାଜିତ ୨୩ ରନ୍‌ର ଉପଯୋଗୀ ଇନିଂସ୍ ଖେଳି ପାକିସ୍ତାନକୁ ୧୬୦ ରନ୍‌ର ସମ୍ମାନଜନକ ସ୍କୋର୍‌ରେ ପହଞ୍ଚାଇଥିଲେ। ଓମାନ୍ ପକ୍ଷରୁ ଫୈସଲ୍ ଶାହ ଓ ଆମୀର କଲୀନ୍ ୩-୩ ୱିକେଟ୍ ନେଇଥିବା ବେଳେ ମହମ୍ମଦ ନଦୀମ୍‌ଙ୍କୁ ଗୋଟିଏ ସଫଳତା ମିଳିଥିଲା।

### ଦୁଲୀପ୍ ଟ୍ରଫି ଫାଇନାଲ୍: ପାଟିଦାର ଓ ଯଶ୍ ରାଠୋରଙ୍କ ଶତକ

## ଦ୍ୱିତୀୟ ଦିନ ସେଣ୍ଟ୍ରାଲ୍ ଜୋନ୍ ୩୮୪/୫

**ବେଙ୍ଗାଲୁରୁ,୧୨।୯/ଏଜେନ୍ସି:** ସ୍ଥାନୀୟ ବିସିସିଆଇ ସେଣ୍ଟର୍ ଅଫ୍ ଏକ୍ସେଲେନ୍ସ ଗ୍ରାଉଣ୍ଡ୍‌ରେ ଖେଳାଯାଉଥିବା ଦୁଲୀପ୍ ଟ୍ରଫିର ଫାଇନାଲ୍ ମ୍ୟାଚ୍‌ରେ ସାଉଥ୍ ଜୋନ୍ ବିପକ୍ଷରେ ସେଣ୍ଟ୍ରାଲ୍ ଜୋନ୍ ନିଜ ସ୍ଥିତି ସୁଦୃଢ଼ କରିଛି। ମ୍ୟାଚ୍‌ର ଦ୍ୱିତୀୟ ଦିନ ଖେଳ ଶେଷ ବେଳକୁ ସେଣ୍ଟ୍ରାଲ୍ ଜୋନ୍ ପ୍ରଥମ ଇନିଂସ୍‌ରେ ୫ ୱିକେଟ୍ ବିନିମୟରେ ୩୮୪ ରନ୍ କରିଛି। ଏହା ସହିତ ଟିମ୍ ସାଉଥ୍ ଜୋନ୍ ବିପକ୍ଷରେ ୨୩୫ ରନ୍‌ରେ ଆଗୁଆ ରହିଛି। ଶୁକ୍ରବାର ସେଣ୍ଟ୍ରାଲ୍ ଜୋନ୍ ଅସମାପ୍ତ ପ୍ରଥମ ଇନିଂସ୍ ୫୦/୦ ସ୍କୋର୍‌ରୁ ଆଗକୁ ଖେଳିଥିଲା। କ୍ୟାପ୍ଟେନ୍ ରଜତ ପାଟିଦାର ୧୦୧ ରନ୍ କରି ଆଉଟ୍ ହୋଇଥିଲେ। ଷ୍ଟମ୍ପ ବେଳକୁ ଯଶ୍ ରାଠୋର ୧୩୭ ଏବଂ ସାରାଂଶ ଜୈନ୍ ୪୭ ରନ୍ କରି ଅପରାଜିତ ରହିଛନ୍ତି। ଏହା ବ୍ୟତୀତ ଦାନିଶ ମାଲେୱାର ୫୩, ଅକ୍ଷୟ ୱାଡ଼କର ୨୨, ଶୁଭମ୍ ଶର୍ମା ୬ ଏବଂ ଉପେନ୍ଦ୍ର ଯାଦବ ୫ ରନ୍ କରି ଆଉଟ୍ ହୋଇଥିଲେ। ଏହା ପୂର୍ବରୁ ଗୁରୁବାର ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସାଉଥ୍ ଜୋନ୍ ପ୍ରଥମ ଇନିଂସ୍‌ରେ ୧୪୯ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଟିମ୍ ପକ୍ଷରୁ ତନ୍ମୟ ଅଗ୍ରୱାଲ୍ ସର୍ବାଧିକ ୩୧ ରନ୍ କରିଥିଲେ। ତାଙ୍କ ବ୍ୟତୀତ ସଲ୍‌ମାନ୍ ନିଜାର ୨୪, ଅଙ୍କିତ ଶର୍ମା ୨୦, ରିକି ଭୁଇ ୧୫ ଏବଂ ଏମ୍‌ଡି ନିଧେଶ ୧୨ ରନ୍ କରିଥିଲେ। ସେଣ୍ଟ୍ରାଲ୍ ଜୋନ୍ ପକ୍ଷରୁ ସାରାଂଶ ଜୈନ୍ ୫ ଏବଂ କୁମାର କାର୍ତ୍ତିକେୟ ୪ ୱିକେଟ୍ ଅକ୍ତିଆର କରିଥିଲେ।



ସାଉଥ୍ ଜୋନ୍ ୧୪୯ ରନ୍‌ରେ ଅଲ୍‌ଆଉଟ୍

### ବିଶ୍ୱ ତୀରନ୍ଦାଜୀ: ରିକର୍ଭରେ ଭାରତର ହାତ ଖାଲି

## ଗାଥା ଖଡ଼କେ ବି ହାରିଲେ

**ନୂଆଦିଲ୍ଲୀ,୧୧।୯/ଏଜେନ୍ସି:** ବିଶ୍ୱ ଚାମ୍ପିଅନ୍‌ଶିପ୍‌ର ରିକର୍ଭ ତୀରନ୍ଦାଜୀରେ ଭାରତର ପଦକ ବିଜୟ ଅପେକ୍ଷା ଆହୁରି ବଢ଼ିଯାଇଛି। ଦେଶର ଶେଷ ଆଶା ଥିବା ୧୫ ବର୍ଷୀୟା ଗାଥା ଖଡ଼କେ ଶୁକ୍ରବାର ପ୍ରି-କ୍ୱାର୍ଟର୍ ଫାଇନାଲ୍‌ରେ ବିଶ୍ୱର ନମ୍ବର ଏକ ଲିମ୍ ସି-ହିୟୋନ୍‌ଙ୍କଠାରୁ ପରାଜିତ ହୋଇଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସର ଟ୍ରିବଲ୍ ପଦକ ବିଜେତା କୋରିଆ ତୀରନ୍ଦାଜ ଘରୋଇ ଦର୍ଶକଙ୍କ ଆଗରେ ବିନା କୌଣସି କଷ୍ଟରେ ମ୍ୟାଚ୍ ୬-୦ ନିଜ ନାମରେ କରିଛନ୍ତି। ଭାରତ ଶେଷଥର ପାଇଁ ୨୦୧୯ରେ ବିଶ୍ୱ ଚାମ୍ପିଅନ୍‌ଶିପ୍‌ରେ ରିକର୍ଭ ବର୍ଗରେ ପଦକ ଜିତିଥିଲା। ଡେନ୍ ବାଶ୍‌ରେ ତରୁଣଦୀପ୍ ରାୟ, ଅତନୁ ଦାସ ଏବଂ ପ୍ରବୀଣ ଯାଧଭଙ୍କ ପୁରୁଷ ଟିମ୍ ରୌପ୍ୟ ପଦକ ଜିତିଥିଲା।



ଦ୍ୱିତୀୟ ଥର କୌଣସି ସିନିୟର ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ଗାଥା କୋରିଆ ଖେଳାଳିଙ୍କ ସାମ୍ନାରେ ତିଷ୍ଠିପାରି ନଥିଲେ। ଲିମ୍ ତିନି ପରଫେକ୍ଟ ୧୦ ସହିତ ଆରମ୍ଭ କରିଥିଲେ। ଜବାବରେ ଗାଥା କେବଳ ଦୁଇଟି ୯ ଏବଂ ଗୋଟିଏ ୮ ସହିତ ଜବାବ ଦେଇଥିଲେ। ଫଳରେ ଗାଥାଙ୍କୁ ପ୍ରଥମ ସେଟ୍ ୨୬-୩୦ରେ ହାରିବାକୁ ପଡ଼ିଥିଲା। ଏହାପରେ ମଧ୍ୟ ଗାଥା ଉପେକ୍ଷିତ ପ୍ରଦର୍ଶନ କରିପାରି ନଥିଲେ ଏବଂ ଭାରତୀୟ ରିକର୍ଭ ତୀରନ୍ଦାଜ ଲଗାତାର ତୃତୀୟ ଥର ବିଶ୍ୱ ଚାମ୍ପିଅନ୍‌ଶିପ୍‌ରୁ ଖାଲି ହାତରେ ଫେରିଛନ୍ତି। ଭାରତକୁ କେବଳ କମ୍ପାଉଣ୍ଡ ବର୍ଗରେ ପଦକ ମିଳିଛି। ଋଷଭ ଯାଦବ, ପ୍ରଥମେଶ ଫୁଗେ ଏବଂ ଅମନ ସୈନୀ ଟିମ୍ ଇଭେଣ୍ଟରେ ଜିତିଥିବା ଐତିହାସିକ ସ୍ୱର୍ଣ୍ଣ ପଦକ ମଧ୍ୟ ସାମିଲ। ଯାଦବ ଏହା ବ୍ୟତୀତ ଜ୍ୟୋତି ସୁରେଖା ଭେନ୍ନମ୍‌ଙ୍କ ସହ ମିକ୍ସଡ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ମଧ୍ୟ ଜିତିଥିଲେ।

### ମହିଳା ଦିନିକିଆ ବିଶ୍ୱକପ୍ ୨୦୨୫

## ପ୍ରଥମ ଥର ସମସ୍ତ ଅଫିସିଆଲ୍ ମହିଳା

**ଦୁବାଇ,୧୨।୯/ଏଜେନ୍ସି:** ଚଳିତ ମାସ ୩୦ ତାରିଖରୁ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ମହିଳା ଦିନିକିଆ ବିଶ୍ୱକପ୍ ପାଇଁ ଆଇସିସି ଗୁରୁବାର ୧୮ ଜଣିଆ ମ୍ୟାଚ୍ ଅଫିସିଆଲ୍ (୧୪ ଅମ୍ପାୟାର୍, ୪ ରେଫରୀ) ନିଯୁକ୍ତ କରିଛି। ଟୁର୍ଣ୍ଣାମେଣ୍ଟର ୫୨ ବର୍ଷର ଇତିହାସରେ ପ୍ରଥମ ଥର ସମସ୍ତ ମ୍ୟାଚ୍ ଅଫିସିଆଲ୍ ଏବଂ ଅମ୍ପାୟାର୍ ମହିଳା ହେବେ। ଏହା ପୂର୍ବରୁ ଗତ ଦୁଇଟି ଟି-୨୦ ବିଶ୍ୱକପ୍ ଏବଂ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସମସ୍ତ ମ୍ୟାଚ୍ ଅଫିସିଆଲ୍ ମହିଳା ହିଁ ଥିଲେ। ଅମ୍ପାୟାରିଂ ପ୍ୟାନଲ୍‌ରେ ପୂର୍ବତନ ଭାରତୀୟ ଖେଳାଳି ବୃନ୍ଦା ରାଠୀ, ଏନ୍ ଜନନୀ ଏବଂ ଗାୟତ୍ରୀ ବେଣୁଗୋପାଳନ୍‌ଙ୍କୁ ମଧ୍ୟ ସ୍ଥାନ ମିଳିଛି। ପୂର୍ବତନ ଭାରତୀୟ କ୍ରିକେଟର୍ ଏବଂ ପ୍ରଥମ ମହିଳା ମ୍ୟାଚ୍ ରେଫରି ଜିଏସ୍ ଲକ୍ଷ୍ମୀ ଚାରିଜଣିଆ ମ୍ୟାଚ୍ ରେଫରି ପ୍ୟାନେଲ୍‌ର ସଦସ୍ୟ ହେବେ। ଆଇସିସି ଅଧ୍ୟକ୍ଷ ଜୟ ଶାହ କହିଛନ୍ତି, ମ୍ୟାଚ୍ ଅଫିସିଆଲ୍ ପ୍ୟାନେଲ୍‌ର ସମସ୍ତ ସଦସ୍ୟ ମହିଳା ହେବା ମହିଳା କ୍ରିକେଟ୍‌ରେ ଏକ ଐତିହାସିକ ପଦକ୍ଷେପ ଏବଂ ଏହା ଫଳରେ ସଫଳତାର ଏକ ନୂଆ ଡାଇମେନ୍‌ସନ୍ ଦେଖାଯାଇପାରେ। ସେ ଆହୁରି କହିଛନ୍ତି, ଏହା କେବଳ ଏକ ଉପଲବ୍ଧି ନୁହେଁ, ବରଂ ଆଇସିସି କ୍ରିକେଟ୍‌ରେ ସମାନତା ଅଧିକାରକୁ କିପରି ପ୍ରୋତ୍ସାହିତ କରୁଛି ତାହା ମଧ୍ୟ ଦେଖିବାକୁ ମିଳିଛି।



ପ୍ୟାନେଲ୍‌ରେ ୪ ଭାରତୀୟ ସାମିଲ

**ଅମ୍ପାୟାର୍:** ଲରେନ୍ ଏଜେନ୍‌ବ୍ୟାଗ୍, କାଣ୍ଡେସ୍ ଲା ବୋର୍ଡେ, କିମ୍ କଟନ୍, ସାରା ଦେବନେଭାନା, ଶତିରା ଜାକିର ଜେସି, ରେରିନ୍ କ୍ଲାଷ୍ଟେ, ଏନ୍ ଜନନୀ, ନିମାଲୀ ପରେରା, କ୍ଲେୟର୍ ପୋଲୋସେକ୍, ବୃନ୍ଦା ରାଠୀ, ସୁ ରେଡ୍‌ଫର୍ନ, ଏଲୋଇସ୍ ଶେରିଡନ୍, ଗାୟତ୍ରୀ ବେଣୁଗୋପାଳନ୍, ଜ୍ୟାକ୍‌ଲିନ୍ ୱିଲିୟମ୍ସ।

**ମ୍ୟାଚ୍ ରେଫରି :** ଟ୍ରୁଡି ଆଣ୍ଡରସନ୍, ଶାଣ୍ଡ୍ରେ ଫ୍ରିଟ୍‌ଜ, ଜିଏସ୍ ଲକ୍ଷ୍ମୀ, ମିଶେଲ୍ ପରେରା।

### ହଂକଂ ଓପନ୍: କ୍ୱାର୍ଟର୍‌ରେ ଲକ୍ଷ୍ୟ

## ସେମିଫାଇନାଲ୍‌ରେ ସାତ୍ତ୍ୱିକ୍-ଚିରାଗ ଯୋଡ଼ି

**ହଂକଂ,୧୨।୯/ଏଜେନ୍ସି:** ସାତ୍ତ୍ୱିକସାଇରାଜ ରାଙ୍କୀରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କ ଶୀର୍ଷ ପୁରୁଷ ଯୋଡ଼ି ହଂକଂ ଓପନ୍ ସୁପର୍ ୫୦୦ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍‌ରେ ପ୍ରବେଶ କରିଛି। ସେହିପରି ଯୁବ ଶଟ୍‌ଲର୍ ଲକ୍ଷ୍ୟ ସେନ୍ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର୍ ଫାଇନାଲ୍‌ରେ ସ୍ଥାନ ପକ୍କା କରିଛନ୍ତି। ପୁରୁଷ ଡବଲ୍ସର ରୋମାଞ୍ଚକର ତିନି ଗେମ୍ ବିଶିଷ୍ଟ କ୍ୱାର୍ଟର୍ ଫାଇନାଲ୍‌ରେ ଭାରତୀୟ ଯୋଡ଼ି ମାଲେସିଆର ଜୁନୈଦି ଆରିଫ୍ ଏବଂ ରୟ କିଙ୍ଗ୍ ୟାପ୍‌ଙ୍କୁ ୨୧-୧୪, ୨୦-୨୨, ୨୧-୧୬ରେ ହରାଇ ଦେଇଛି। ଏହା ପୂର୍ବରୁ ଗୁରୁବାର ସାତ୍ତ୍ୱିକ୍-ଚିରାଗ ଥାଇଲାଣ୍ଡର ପୀରାଟଚାଇ ସୁକଫୁନ୍ ଓ ପକ୍କାପୋନ୍ ଟିରାରତସାକୁଲ୍‌ଙ୍କୁ ହରାଇ କ୍ୱାର୍ଟର୍ ଫାଇନାଲ୍‌ରେ ନିଜ ସ୍ଥାନ ପକ୍କା କରିଥିଲେ। ସାତ୍ତ୍ୱିକ୍-ଚିରାଗ ଏକ ଘଣ୍ଟା ୩ ମିନିଟ୍‌ର ମ୍ୟାଚ୍‌ରେ ଗୋଟିଏ ଗେମ୍‌ରେ ପଛୁଆ ରହିବା ପରେ ୧୮-୨୧, ୨୧-୧୫, ୨୧-୧୧ରେ ବିଜୟୀ ହୋଇ ଅନ୍ତିମ-୮ରେ ପ୍ରବେଶ କରିଥିଲେ।

ସେହିପରି ବିଶ୍ୱ ନଂ.୨୦ ଲକ୍ଷ୍ୟ ସେନ୍ ପୁରୁଷ ସିଙ୍ଗଲ୍ସରେ ଚମତ୍କାର ପ୍ରଦର୍ଶନ କରି କ୍ୱାର୍ଟର୍ ଫାଇନାଲ୍‌ରେ ସ୍ଥାନ ହାସଲ କରିଛନ୍ତି। ସେ ନିଜ ଦେଶର ଏଚ୍‌ଏସ୍ ପ୍ରଣୟ (ବିଶ୍ୱ ନଂ.୩୪)ଙ୍କୁ ୧୫-୨୧, ୨୧-୧୮, ୨୧-୧୦ରେ ମାତ୍ ଦେଇଥିଲେ।

### ବିଶ୍ୱ ବକ୍ସିଂ ଚାମ୍ପିଅନ୍‌ଶିପ୍: ଭାରତର ଚତୁର୍ଥ ପଦକ ପକ୍କା

## ସେମିଫାଇନାଲ୍‌ରେ ମୀନାକ୍ଷୀ ହୁଡ୍ଡା

**ଲିଭରପୁଲ୍,୧୨।୯/ଏଜେନ୍ସି:** ଭାରତୀୟ ବକ୍ସର୍ ମୀନାକ୍ଷୀ ହୁଡ୍ଡା ଏଠାରେ ଚାଲିଥିବା ବିଶ୍ୱ ବକ୍ସିଂ ଚାମ୍ପିଅନ୍‌ଶିପ୍‌ର ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଏହା ସହିତ ଚାମ୍ପିଅନ୍‌ଶିପ୍‌ରେ ଭାରତର ଚତୁର୍ଥ ପଦକ ପକ୍କା ହୋଇଛି। ଶୁକ୍ରବାର ମହିଳା ୪୮ କେଜି ବର୍ଗର କ୍ୱାର୍ଟର୍ ଫାଇନାଲ୍‌ରେ ମୀନାକ୍ଷୀ ଇଂଲଣ୍ଡର ଏଲିସ୍ ପମ୍ଫ୍ରେଙ୍କୁ ୫-୦ରେ ହରାଇଛନ୍ତି। ବ୍ୟାକ୍ ଫୁଟ୍‌ରେ ରହି ମୀନାକ୍ଷୀ ନିଜ ଲମ୍ବା ହାତର ଫାଇଦା ଉଠାଇ ପ୍ରତିଦ୍ୱନ୍ଦ୍ୱୀଙ୍କ ଉପରେ ସିଧା ପଞ୍ଚ୍ ଜମାଇଥିଲେ। ଏହି ବିଜୟ ଫଳରେ ମୀନାକ୍ଷୀ ଅତିକମ୍‌ରେ ଏକ ବ୍ରୋଞ୍ଜ୍ ପଦକ ପକ୍କା କରିଛନ୍ତି।



ସେମିଫାଇନାଲ୍‌ରେ ମୀନାକ୍ଷୀଙ୍କ ସାମ୍ନା ଦୁଇଥରର ବିଶ୍ୱ ଯୁଥ୍ ଚାମ୍ପିଅନ୍‌ଶିପ୍ ବିଜେତା ମଙ୍ଗୋଲିଆର ଲୁସାଇଖାନ୍‌ଙ୍କ ସହ ହେବ। ଚାମ୍ପିଅନ୍‌ଶିପ୍‌ରେ ମୀନାକ୍ଷୀଙ୍କ ପୂର୍ବରୁ ଜାସ୍ମିନ୍ ଲାମ୍ବୋରିଆ (୫୭ କେଜି), ନୂପୁର ଶ୍ୟୋରଣ (+୮୦ କେଜି) ଏବଂ ପୂଜା ରାଣୀ (୮୦ କେଜି) ନିଜ ନିଜ ଓଜନ ବର୍ଗର ସେମିଫାଇନାଲ୍‌ରେ ପ୍ରବେଶ କରିସାରିଛନ୍ତି।

### ଓଡ଼ିଶା ପ୍ରୋ ଟି୨୦ ଲିଗ୍ ୨୦୨୫

## ୬ ଟିମ୍‌ର କ୍ୟାପ୍ଟେନ୍ ଓ କୋଚ୍‌ଙ୍କ ନାମ ଘୋଷଣା




**କଟକ,୧୨।୯/ଏନ୍‌ଏନ୍‌ଏସ୍:** ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ପକ୍ଷରୁ ବାରବାଟୀ ଷ୍ଟାଡିୟମ୍‌ରେ ହେବାକୁ ଥିବା ଓଡ଼ିଶା ପ୍ରୋ ଟି୨୦ ଲିଗ୍ (ଓପିଟିଏଲ୍)ର ଉଦ୍‌ଘାଟନୀ ସଂସ୍କରଣ ପାଇଁ ୬ ଟିମ୍‌ର କ୍ୟାପ୍ଟେନ୍ ଓ କୋଚ୍‌ଙ୍କ ନାମ ଘୋଷଣା କରାଯାଇଛି। ଗୁରୁବାର ଓସିଏ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଲିଗ୍‌ର ସମସ୍ତ ଫ୍ରାଞ୍ଚାଇଜିଙ୍କ ଦ୍ୱାରା ଗଠିତ ଟିମ୍‌ର ନାମ ମଧ୍ୟ ଆନୁଷ୍ଠାନିକ ଭାବେ ପ୍ରକାଶ କରାଯାଇଛି। ଏହି ଅନୁସାରେ ସ୍ୱସ୍ତିକ ସାମଲ କଟକ ପାନ୍ଥର୍ସ ଟିମ୍‌ର କ୍ୟାପ୍ଟେନ୍ ଏବଂ ପ୍ରଭଞ୍ଜନ ମଲ୍ଲିକ ମୁଖ୍ୟ କୋଚ୍ ଅଛନ୍ତି। ସମ୍ବଲପୁର ୱାରିୟର୍ସର ଶୁଭ୍ରାଂଶୁ ସେନାପତି କ୍ୟାପ୍ଟେନ୍ ଏବଂ ରଶ୍ମିରଞ୍ଜନ ଦାସ କୋଚ୍; ପୁରୀ ଟାଇଟନ୍ସର ସନ୍ଦୀପ ପଟ୍ଟନାୟକ କ୍ୟାପ୍ଟେନ୍ ଏବଂ ସୌରଭ ସେହଗଲ୍ ମୁଖ୍ୟ କୋଚ୍; ଭୁବନେଶ୍ୱର ଟାଇଗର୍ସର ସୂର୍ଯ୍ୟକାନ୍ତ ପ୍ରଧାନ କ୍ୟାପ୍ଟେନ୍ ଏବଂ ପ୍ରୀତମଜିତ୍ ଦାସ ମୁଖ୍ୟ କୋଚ୍; କେନ୍ଦୁଝର ମାଇନର୍ସର ଗୋବିନ୍ଦ ପୋଦ୍ଦାର କ୍ୟାପ୍ଟେନ୍ ଏବଂ ସଞ୍ଜୟ ଶତପଥୀ ମୁଖ୍ୟ କୋଚ୍; ରାଉରକେଲା ଷ୍ଟିଲର୍ସର ଆଶୀର୍ବାଦ ସ୍ୱାଇଁ କ୍ୟାପ୍ଟେନ୍ ଥିବାବେଳେ ସୁଜିତ୍ ବିଶ୍ୱାଳ ମୁଖ୍ୟ କୋଚ୍ ଅଛନ୍ତି। ଅନ୍ୟପକ୍ଷରେ ୧୫ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ଲିଗ୍‌କୁ ଦୁଇଦିନ ଘୁଞ୍ଚାଇ ଦିଆଯାଇଛି। କାର୍ଯ୍ୟକ୍ରମରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ସଞ୍ଜୟ ଭୋଳ, ଓସିଏ ସଦସ୍ୟ ଧୀରେନ ପଲାଇ, ଡ. ଅଞ୍ଜନ କୁମାର ଖୁଣ୍ଟିଆ, ସନ୍ତୋଷ ଦାସ, ଶିବବ୍ରତ ମଲ୍ଲିକ ଏବଂ ଅମିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତ-ପାକିସ୍ତାନ ମ୍ୟାଚ୍‌କୁ ନେଇ ଦେଶରେ ଭିନ୍ନ ମତ

- ଆମକୁ ଖେଳିବାକୁ ପଡ଼ିବ: ଆଇପିଏଲ୍ ଅଧ୍ୟକ୍ଷ ଧୂମଲ୍
- ପୋଷ୍ଟ୍‌ରୁ ପାକିସ୍ତାନୀ ପତାକା ହଟାଇଲା ପଞ୍ଜାବ କିଙ୍ଗ୍‌ସ

**ନୂଆଦିଲ୍ଲୀ,୧୨।୯/ଏଜେନ୍ସି:** ଚଳିତ ଏସିଆ କପ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ ସେପ୍ଟେମ୍ବର ୧୪ ତାରିଖରେ ମ୍ୟାଚ୍ ଅନୁଷ୍ଠିତ ହେବ। ଦୁବାଇ ଇଣ୍ଟରନାସନାଲ୍ ଷ୍ଟାଡିୟମ୍‌ରେ ହେବାକୁ ଥିବା ଏହି ମ୍ୟାଚ୍‌କୁ ନେଇ ଭାରତରେ ଭିନ୍ନ ଭିନ୍ନ ରାୟ ଦେଖିବାକୁ ମିଳିଛି। ପହଲଗାମ ଆତଙ୍କୀ ଆକ୍ରମଣ ଏବଂ ଅପରେସନ୍ ସିନ୍ଦୂର ପରେ ଭାରତ ଓ ପାକିସ୍ତାନ କ୍ରିକେଟ୍ ଟିମ୍ ମଧ୍ୟରେ ଏହା ପ୍ରଥମ ମ୍ୟାଚ୍ ହେବ। କେତେକ ପୂର୍ବତନ କ୍ରିକେଟର୍, ରାଜନୈତିକ ଦଳ ଏବଂ ପ୍ରଶଂସକ ଏହାର ବିରୋଧ କରୁଛନ୍ତି। ଅନ୍ୟପକ୍ଷରେ ବିସିସିଆଇର କେତେକ ଅଧିକାରୀ ଏବଂ ପ୍ରଶଂସକଙ୍କ ଏକ ବର୍ଗ ଏହି ମ୍ୟାଚ୍ ସପକ୍ଷରେ ମତ ରଖିଛନ୍ତି।



ମ୍ୟାଚ୍‌ର ଦୁଇଦିନ ପୂର୍ବରୁ ଶୁକ୍ରବାର ଆଇପିଏଲ୍ ଅଧ୍ୟକ୍ଷ ଅରୁଣ ଧୂମଲ୍ କହିଛନ୍ତି- ପାକିସ୍ତାନ ସହିତ ଖେଳ ସମ୍ବନ୍ଧକୁ ନେଇ ସରକାର ସ୍ଥିତି ସ୍ପଷ୍ଟ କରିଦେଇଛନ୍ତି। ଏସିସି ଏବଂ ଆଇସିସି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ସହିତ ଖେଳିବାକୁ ହେବ। ଅନ୍ୟପକ୍ଷରେ ଶିବସେନା (ଉଦ୍ଧବ ଗୋଷ୍ଠୀ) ବିଧାୟକ ଆଦିତ୍ୟ ଠାକ୍‌ରେ କହିଛନ୍ତି, ଯେଉଁ ପାକିସ୍ତାନ ଆମ ଉପରେ ମିସାଇଲ୍ ମାଡ଼ କରିଛି। ଆମ ଦେଶରେ ଆତଙ୍କବାଦ ବଢ଼ାଉଛି ଏବଂ ପହଲଗାମରେ ନିର୍ଦ୍ଦୋଷ ଲୋକଙ୍କୁ ମାରିଛି ବିସିସିଆଇ ସେହି ପାକିସ୍ତାନ ବିପକ୍ଷରେ ଖେଳିବାକୁ ଏତେ ଉତ୍ସାହିତ କାହିଁକି ? ଦିନକ ପୂର୍ବରୁ ପୂର୍ବତନ କ୍ରିକେଟର୍ ହରଭଜନ ସିଂହ କହିଥିଲେ ଯେ ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ବନ୍ଧ ଉନ୍ନତ ନହେବା ପର୍ଯ୍ୟନ୍ତ ପାରସ୍ପରିକ କ୍ରିକେଟ୍ କିମ୍ବା ବ୍ୟାପାର ହେବା ଉଚିତ ନୁହେଁ। ଏହା ପୂର୍ବରୁ ହରଭଜନ ସିଂହଙ୍କ ଟିମ୍ ଇଣ୍ଡିଆ ଚାମ୍ପିଅନ୍ସ ଜୁଲାଇରେ ଇଂଲଣ୍ଡରେ ଆୟୋଜିତ ୱାର୍ଲ୍ଡ ଲିଜେଣ୍ଡସ ଚାମ୍ପିଅନ୍‌ଶିପ୍‌ରେ ପାକିସ୍ତାନ ବିପକ୍ଷରେ ସେମିଫାଇନାଲ୍ ମ୍ୟାଚ୍ ଖେଳିନଥିଲା।

ସେହିପରି ଦିନକୁ ପୂର୍ବରୁ ଆଇପିଏଲ୍ ଟିମ୍ ପଞ୍ଜାବ କିଙ୍ଗ୍‌ସ ଭାରତ-ପାକିସ୍ତାନ ମ୍ୟାଚ୍‌କୁ ନେଇ ସୋସିଆଲ୍ ମିଡିଆରେ ଏକ ପୋଷ୍ଟ କରିଥିଲା। ଏହି ପୋଷ୍ଟରେ ମ୍ୟାଚ୍‌ର ତାରିଖ, ଭେନ୍ୟୁ ଏବଂ ସମୟ ସବୁ ଦର୍ଶାଯାଇଥିବା ବେଳେ ପାକିସ୍ତାନ ପତାକା ଗାଏବ ଥିଲା। ପତାକା ସ୍ଥାନ ଖାଲି ଛଡ଼ାଯାଇଥିଲା। ଏହା ଉପରେ ପ୍ରଶଂସକ ଅଲଗା ଅଲଗା ପ୍ରତିକ୍ରିୟା ଦେଇଛନ୍ତି।

ଏହା ବ୍ୟତୀତ ଗୁରୁବାର ଭାରତ-ପାକିସ୍ତାନ ଏସିଆ କପ୍ ମ୍ୟାଚ୍ ରଦ୍ଦ କରିବା ନିମନ୍ତେ ସୁପ୍ରିମ୍‌କୋର୍ଟରେ ଏକ ପିଆଇଏଲ୍ ଦାୟର ହୋଇଥିଲା। ମାତ୍ର ଜଷ୍ଟିସ୍ ଜେକେ ମାହେଶ୍ୱରୀ ଏବଂ ଜଷ୍ଟିସ୍ ବିଜୟ ବିଷ୍ଣୋଇଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବାକୁ ମନା କରିଦେଇଥିଲେ। ଖଣ୍ଡପୀଠ କହିଥିଲେ ଏହା କେବଳ ଏକ ମ୍ୟାଚ୍। ଖଣ୍ଡପୀଠ ଆହୁରି ମଧ୍ୟ କହିଥିଲେ, ମ୍ୟାଚ୍ ପରି ଆୟୋଜନକୁ ରୋକିବା କୋର୍ଟଙ୍କ ଅଧିକାର କ୍ଷେତ୍ରରେ ଆସୁନାହିଁ, ବିଶେଷକରି ସୀମିତ ସମୟ ମଧ୍ୟରେ।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra